# ଘରୁଡଷୋଢ଼ିଣ ଡଦଦ

ଊଡ

# ପୁରୁଷୋତ୍ତମ ଦେବ

( ନାଟକ )

ସ୍ୱର୍ଗତ ପଣ୍ଡିତ ଗୋଦାବରୀଶ ମିଶ୍ର

କଟକ-ଷ୍ଟୁଡେଣ୍ଟସ୍-ଷ୍ଟୋର

ପ୍ରକାଶକ
ଶ୍ରୀ ଅନନ୍ତ ମିଶ୍ର
କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର
ବାଲୁବଜାର, କଟକ—୨

ପ୍ରଚ୍ଛଦ
ଶ୍ରୀ ଅସିତ କୁମାର ମୁଖାର୍ଜି

ମୁଦ୍ରାକର
ଓଡ଼ିଶା ପ୍ରେସ୍
କଟକ—୨

ପ୍ରଥମ ସଂସ୍କରଣ
୨୬ ଜାନୁୟାରୀ, ୧୯୭୧

ମୂଲ୍ୟ—
ବନ୍ଧା ଟ୪.୫୦
ଅବନ୍ଧା ଟ୩.୫୦

# Purusottam Dev

*(Historical Drama)*

Late *Pandit* Godavarish Misra

Publisher

**Sri Anant Misra**

*Cuttack* Students' Store
Cuttack—2

First Edition
26, January 1971

Price

Bound Rs. 4.50
Un-bound Rs. 3.50

# ପୁରୁଷୋତ୍ତମ ଦେବ

( ଐତିହାସିକ ନାଟକ )

# ନାଟ୍ୟୋଲ୍ଲିଖିତ ବ୍ୟକ୍ତିଗଣ

## ପୁରୁଷ—

ଓଡ଼ିଶାର ରାଜା — ପୁରୁଷୋତ୍ତମ ଦେବ

ଓଡ଼ିଶା ରାଜାଙ୍କ ମନ୍ତ୍ରୀ

ଓଡ଼ିଶାର ସେନାପତି — ବସନ୍ତ ରାଉତ

ଓଡ଼ିଶାର ବନ୍ଦୀଦ୍ୱୟ — ଅର୍ଜୁନ ସିଂହ, ବିଶ୍ୱନାଥ

ଓଡ଼ିଶା ରାଜାଙ୍କର ବୈମାତ୍ରେୟ ଭ୍ରାତମାନେ — ହମ୍ବୀର ଦେବ, ରାମଚନ୍ଦ୍ର ଦେବ, ନରସିଂହ ଦେବ

ହମ୍ବୀର ଦେବଙ୍କ ପ୍ରହରୀ — ଗୋବିନ୍ଦ ପ୍ରଧାନ

କାଞ୍ଚୀର ରାଜା — କନେବରେଶ୍ୱର

କାଞ୍ଚୀର ଯୁବରାଜ — ସୁମନ୍ତ ରାୟ

କାଞ୍ଚୀ ରାଜାଙ୍କ ମନ୍ତ୍ରୀ

ପ୍ରହରୀ, ଦୂତ, ପଥିକ, ବୃଦ୍ଧ, ଭୃତ୍ୟ, ଭିକ୍ଷୁକ, ବନବାସୀଦ୍ୱୟ, ନାଗରିକଗଣ ଓ ସୈନିକଗଣ ।

## ସ୍ତ୍ରୀ—

ଓଡ଼ିଶା ରାଜାଙ୍କ ମାତା — ରତ୍ନମଣି

" ଭଗିନୀ — ବାସନ୍ତୀ

" ପରିଚାରିକା — ମାଧବୀ

କାଞ୍ଚୀର ରାଣୀ — ସତ୍ୟବତୀ

କାଞ୍ଚୀରାଜାଙ୍କ କନ୍ୟା — ପଦ୍ମାବତୀ

ପଦ୍ମାବତୀଙ୍କ ସହଚରୀ — କନକଲତା

ଓଡ଼ିଶା ରାଜାଙ୍କ ମନ୍ତ୍ରୀଙ୍କର କନ୍ୟା — ଶାରଦା

ନର୍ତ୍ତକୀଗଣ

# ପ୍ରଥମ ଅଙ୍କ

## —ପ୍ରଥମ ଦୃଶ୍ୟ—

ସ୍ଥାନ—କୃଷ୍ଣାନଦୀକୂଳ ଶିବିର

[ପୁରୁଷୋତ୍ତମ ଦେବ ଓ ବସନ୍ତ ରାଉତ ସେନାପତି ଉପସ୍ଥିତ]

ସେନା—ମହାରାଜ, ଭୂଷଣ ଦେବ ଆତ୍ମସମର୍ପଣ କରିଅଛନ୍ତି ।

ରାଜା—କେବଳ ସେହି ଏକା ?

ସେନା—ନା, ତାଙ୍କ ସଙ୍ଗରେ ନରସିଂହ ଦେବ, ଗୋବିନ୍ଦ ଦେବ, ଚନ୍ଦ୍ର ଦେବ ଆଉ ଗୋପାଳକିଶୋର ଦେବ ମଧ୍ୟ ଅଛନ୍ତି ।

ରାଜା—ସେନାପତି ଏତେଦିନ ଯୁଦ୍ଧ କରି ଆସିଲି, ଏଥିର ଆଉ ତାତ୍ପର୍ଯ୍ୟ ନାହିଁ ।

ସେନା—ସେ କଣ, ମହାରାଜ ?

ରାଜା—ନା, ଦେଖ ସେନାପତି, ସୈନ୍ୟସାମନ୍ତ ନାହାନ୍ତି, ଆଉ ଇଚ୍ଛା ମଧ୍ୟ ନାହିଁ ।

ସେନା—ତାର କାରଣ ମହାରାଜ ?

ରାଜା—କାରଣ !···କାରଣ, ଏଇ ଯେ ଉତ୍କଳ ସାମ୍ରାଜ୍ୟ ଗୁଡ଼ାକ ଏ ସୁଖୀ ରାଜାମାନଙ୍କର ଆଦି ଧ୍ୱଂସକାରୀଙ୍କୁ ବଳିଲା । ସ୍ନେହରେ, ପ୍ରୀତିରେ, ଆଦରରେ ଯେ ରାଜ୍ୟ ସୃଷ୍ଟି, ତାହାର ଆଜି ଧ୍ୱଂସର ଦାରୁଣ ଲକ୍ଷଣ ଦେଖା ଯାଉଅଛି ସେନାପତି ! ଭଗବାନଙ୍କର ସ୍ଥାନରେ ଆସ୍ଥା ନାହିଁ, ଶୁଦ୍ଧ ସୌଭାଗ୍ୟରେ ଭରସା ନାହିଁ । ସୁତରାଂ, ସ୍ୱାମୀର ଉଚ୍ଛେଦରେ ଆପଣାର କୋମଳ ପ୍ରାଣ ଭୁକ୍ତ

କରିଅଛି; ତୃଷା, କଟକ ହମ୍ପାଏ, କୋଟିଏ ସାମନ୍ତ-ରାଜାଙ୍କୁ ସହିତ ଅଦୈଶ ବଶୀ କରିଅଛି। ଶାସ୍ତ୍ରବାସନା ବ୍ରହ୍ମଚର୍ଯ୍ୟ ଧ୍ୱଂସ ମହାଭୂମିରେ ଜୈନ ବିରାଜିଅଛି। ଗାମନାଦ ଆଜ ନୂତନ, ନରେଶ କର୍ଜ୍ଜନ ଅବନ୍ତୀଙ୍କୁ ନୀଚ ରାଜଲକ୍ଷ୍ମୀ ରାଜ୍ୟରୁ ପୁଣି ଯାଉଅଛନ୍ତି। ଏ ଦିନ ଆସନ୍ତି ଅନିର୍ଦ୍ଦିଷ୍ଟ ସମୟରେ ଆଉ କଣ ସମ୍ଭବ? ଏଥିରେ ସନ୍ଦେହ ନାହିଁ, ସେନାପତି! କପିଳେନ୍ଦ୍ର ଦେବ ତାଙ୍କର ବିପୁଳ ସାମ୍ରାଜ୍ୟ ମୋ ହସ୍ତରେ ଅର୍ପଣ କରିଥିଲେ, ମୁଁ ତାହାର ସୁଶାସନ କରିବି ବୋଲି। ତା ହେଲନାହିଁ। ଆଉ କି ପ୍ରୟୋଜନ? ଯୁଦ୍ଧରେ ଆଉ କି ଲାଭ? ଯୁଦ୍ଧ କରୁଥିଲି ଦେଶର ମଙ୍ଗଳ ପାଇଁ। ଏବେ ଯୁଦ୍ଧ ହେଲା ଦେଶର ଦୁର୍ଭାଗ୍ୟର ଏକମାତ୍ର କାରଣ। ବସ କର, ସେନାପତି! ବସ କର!!

ସେନା—ମହାରାଜ!

ରାଜା—କଣ, ସେନାପତି? କାହାପାଇଁ ଏ ସିଂହାସନ ଲଢ଼େଇକର। ଚିନ୍ତା ମୋ ପ୍ରତି ବଡ଼ଭାଇ ଅନୁରକ୍ତ ଥିଲେ—ସମ୍ଭବତଃ ତାହାହିଁ କାରଣ। କିଏ ଉତ୍କଳର ସମ୍ରାଟ୍।

ସେନା—କିନ୍ତୁ ବର୍ତ୍ତମାନ ସମ୍ରାଟ୍ ମହାରାଜ ପୁରୁଷୋତ୍ତମ ଦେବ। ସମ୍ରାଟଙ୍କ କର୍ତ୍ତବ୍ୟ ସାମ୍ରାଜ୍ୟକୁ ନିଷ୍କଣ୍ଟକ, ଶତ୍ରୁଙ୍କ କବଳରୁ ରକ୍ଷା କରିବା।

ରାଜା—ଶତ୍ରୁ କିଏ, ସେନାପତି? କିଏ ବନ୍ଧୁ?

ସେନା—ଯେ, କୌଣସି ପ୍ରକାରର ବ ଥାଉ ଲକ୍ଷ୍ୟରେ ସହାୟୀ ହୁଏ।

ରାଜା—ତାହାହେଲେ ଶତ୍ରୁ ମୁଁ, ଉତ୍କଳର ସିଂହାସନର ବନ୍ଧୁ ତୁମେ, ସେନାପତି! ଆଜି ତୁମର ସମ୍ରାଟ୍ ପୁରୁଷୋତ୍ତମ ଦେବ।

[ ଅର୍ଜ୍ଜୁନ ସିଂହଙ୍କର ପ୍ରବେଶ ]

କିଏ, ଅର୍ଜ୍ଜୁନ ସିଂହ, କଣ ସମ୍ବାଦ?

ଅର୍ଜ୍ଜୁନ—ଦକ୍ଷିଣ ଅଭିରାମ ସାମନ୍ତ ଯୁଦ୍ଧରେ ପ୍ରାଣ ହରାଇଛନ୍ତି।

ରାଜା—ଅଭିରାମ! ସୈନିକବର ଅଭିରାମ ଯୁଦ୍ଧରେ ପ୍ରାଣ ହରାଇ-ଅଛନ୍ତି! ହା ବିଧାତ! ଉତ୍କଳ ରାଜାଙ୍କର ଗୋଟିଏ ବାହୁ ଆଜି ଛିଣ୍ଡି ଗଲା। ଆଉ କି ଆଶା?

ଅର୍ଜ୍ଜୁନ—ଆଜ୍ଞା ରାଜ ମାର୍ଗ ସସୈନ୍ୟ ସଜ୍ଜିତ ହୋଇଅଛନ୍ତି । ଅଗଣିତ ସୈନ୍ୟ ସ୍ଥିର ଅଛି । ସୁବର୍ଣ୍ଣ ଦେବ ପ୍ରଭୃତିଙ୍କ ଜଣୁ । ସେ କାମଣ୍ଡାର ସିଂହାସନ ଅଧିକାର କରିଅଛନ୍ତି ।

ରାଜା—ଧନ୍ୟବାଦ । କାମଣ୍ଡାର ସିଂହାସନ ଅଧୀନ ସାମନ୍ତଙ୍କର ଦୃଷ୍ଟି କି ମହାରାଜ ପୁରୁଷୋତ୍ତମ ଦେବଙ୍କର ଭୂମି । ସେଥିରେ ବସିବାର ଉପଯୁକ୍ତ ସୁବର୍ଣ୍ଣ ଦେବ । ବେଶ୍ ।

ଅର୍ଜ୍ଜୁନ—ଆଜ୍ଞା ଶୁଣାଯାଏ, ଧରହର ଦେବ ଶୀଘ୍ର ସୈନ୍ୟସହ ଆକ୍ରମଣ କରିବେ ।

ରାଜା—ସେ ତ କରିବେ । ଆଶ୍ଚର୍ଯ୍ୟ କଥା, ଅର୍ଜ୍ଜୁନ ସିଂହ ! ଏଥିପାଇଁ ଏତେ ବ୍ୟାକୁଳ କାହିଁକି ?

ସେନା—କାହିଁକି ମହାରାଜ ! ମହାରାଜଙ୍କର ସାମ୍ରାଜ୍ୟକୁ ଏହିପରି କ୍ଷୁଦ୍ରରୁ ଯେମାନେ ଆକ୍ରମଣ କରିବେ ?

ରାଜା କାହିଁକି, ସମ୍ରାଟ୍ ବୋଲିବେ ।

ସେନା ସମ୍ରାଟ ମହାରାଜ, ସତ୍ୟ; ସେ ଭୂମି । ଓଡ଼ିଶାର ସିଂହାସନରେ ବସିବାର ଅଧିକାରୀ ମହାରାଜ ପୁରୁଷୋତ୍ତମ ଦେବ; ଓଡ଼ିଶାର ରାଜମୁକୁଟ ପିନ୍ଧିବାର ଉପଯୁକ୍ତ ଏ ଉନ୍ନତ ଶିରଟି । କପିଳେନ୍ଦ୍ର ଦେବ କି ଇଚ୍ଛାରେ ସମ୍ରାଟଙ୍କ ହସ୍ତରେ ରାଜ୍ୟ ଅର୍ପଣ କରିଥିଲେ, ସେ ରାଜ୍ୟ ବର୍ତ୍ତମାନ ପୂର୍ଣ୍ଣ ରକ୍ଷା ନ ହେଲେ ପିତାଙ୍କର ଉଚ୍ଚ କାମନାରେ କଳଙ୍କ ଲାଗିବ, ମହାରାଜ !

ରାଜା—କିନ୍ତୁ ନିଜର ସ୍ୱଜନମାନଙ୍କ ସଙ୍ଗେ ଏପରି ସାମାନ୍ୟ ରାଜ୍ୟଲୋଭ ପାଇଁ ଯୁଦ୍ଧ କରିବାକୁ ଆଉ ଇଚ୍ଛା ହେଉନାହିଁ; ଶୋଣିତସ୍ରୋତ ଦେଖି ଭୁଲିଛି, ସେନାପତି !

ସେନା—ସମ୍ରାଟ ସହିଷ୍ଣୁ, ସହିଷ୍ଣୁର ଧର୍ମ ଦୁଷ୍ଟର ଦମନ, ରାଜ୍ୟର ରକ୍ଷା ।

ରାଜା—ତା ସତ୍ୟ, ସେନାପତି ! କିନ୍ତୁ ସେ ଦୁଷ୍ଟ କିଏ ? ହମ୍ମୀର ଦେବ, ନରସିଂହ ଦେବ, କୋଦଣ୍ଡ ଦେବ, ରାମଚନ୍ଦ୍ର ଦେବ—ଏମାନେ ମୋର ପିତାଙ୍କ ପୁତ୍ର । ଯେଉଁ ଅସ୍ଥି ମାଂସରେ ତାଙ୍କର ଅବୟବ ଗଢ଼ିତ, ସେହି ଅସ୍ଥି ମାଂସରେ ମଧ୍ୟ ମୋର

ଏ ଦେଶର ଶତ୍ରୁ କେଡ଼େ ! ନାହିଁ ଭକ୍ତି ତାଙ୍କ ଧର୍ମାଚାର ଦୁର୍ବାସନା, ତା'ର ଚୋଟିଏ ସୀମାନ୍ତ ପଥ ଦେଇ ଏଣ୍ଡ ଓର୍ମି ଆକ୍ରମଣ କଲେ ବଢ଼ୁଅଛନ୍ତି । ଏ ଦେଖ, ସେନାପତି, ଶତ୍ରୁ ଶକ୍ତିର ଲୁଚିହିଁ । ଏ ଦଳ ସାମନ୍ତ ଦଳର ଯୁଦ୍ଧ, ରକ୍ତ ସଙ୍ଗେ ରକ୍ତର, ମାଂସ ସଙ୍ଗରେ ମାଂସର, ଶିର ସଙ୍ଗରେ ଶିରର ଯୁଦ୍ଧ । ଜୟ କର, ସେନାପତି, ଜୟ କର ! ଜୟ କର, ବୃଦ୍ଧ ଅର୍ଜୁନ ସିଂହ !

ସେନା—ତା ହେବ, ମହାରାଜ !

ଅର୍ଜୁନ—ତା ହେବ, ମହାରାଜ !

ସେନା—ସମ୍ରାଟ୍ କପିଳେନ୍ଦ୍ର ଦେବଙ୍କର ଇଚ୍ଛା ପୂର୍ଣ୍ଣ କରିବାକୁ ଆମ୍ଭେମାନେ ପ୍ରାଣ ସମର୍ପଣ କରିଛୁ । ଯହିଁ ସୁଦ୍ଧ ପ୍ରତିଜ୍ଞା କରିବା ଦିନରୁ, ତାର ପାଳନରେ । ଆମ୍ଭେମାନେ ପ୍ରାଣ ଦେବୁ, ମହାରାଜ !

ରାଜା—ସେନାପତି, ଦେଖୁଛି ତୁମ୍ଭେ ଯୁଦ୍ଧ କରିବ ।

ସେନା—ନିଶ୍ଚୟ, ମହାରାଜ, ଯୁଦ୍ଧ କରିବୁ । ଜୀବନ ଥାଉ ଥାଉ ଏ ଉତ୍କଳ ସାମ୍ରାଜ୍ୟର ପୁଣ୍ୟପବିତ୍ର ଭୂମି ଅନ୍ୟ କାହାକୁ ଦେବୁ ନାହିଁ ।

ଅର୍ଜୁନ—ଯୁଦ୍ଧ କରିବୁ, ମହାରାଜ !

ସେନା—ଅର୍ଜୁନ ସିଂହ, ଏ ତରବାରି ଦେଖୁଛ, ଏ ସ୍ୱୟଂ ସମ୍ରାଟ କପିଳେନ୍ଦ୍ର ଦେବଙ୍କର ତରବାରି । ତାଙ୍କ ନିଜ ହସ୍ତରେ ଏହାକୁ ମୋତେ ଉପହାର ଦେଇଥିଲେ । ନେଇ ଯାଅ —ଧର୍ମ ନାମରେ, ମହାରାଜାଙ୍କର ଜୟଗାନ କରି ପୁନର୍ବାର ଯୁଦ୍ଧରେ ପ୍ରବୃତ୍ତ ହୁଅ । ସୈନ୍ୟ ସଜ୍ଜିତ କର, ସୁବର୍ଣ୍ଣ ଦେବଙ୍କୁ ଯୁଦ୍ଧର ଘୋଷଣା ଦିଅ । ଯାଅ ଅର୍ଜୁନ ସିଂହ ଯାଅ !

[ ଅର୍ଜୁନ ସିଂହଙ୍କର ପ୍ରସ୍ଥାନ ]

ରାଜା—ପୁନର୍ବାର ଯୁଦ୍ଧ କରିବାକୁ ହେଲା, ସେନାପତି ! ଚତୁର୍ଦ୍ଦିଗରେ ଶତ୍ରୁ । ସୁବର୍ଣ୍ଣ ବାମଣ୍ଡା ଅଧିକାର କଲେ । ଦକ୍ଷିଣ ଦେଶଗୁଡ଼ି ଆକ୍ରମଣ କରିବାକୁ ଉଦ୍ୟତ । ବିଶ୍ୱମ୍ଭର ସୁଖୀ ରାଜାର ଉତ୍ତର ସୀମାନ୍ତ ପ୍ରଦେଶରେ ଭ୍ରମଣ କରୁଅଛନ୍ତି । ସେ ତ ସେହିଦିନ

କାଞ୍ଚୀପୁରରେ ବାଦ୍ୟାଦ୍ୟ କରୁଥିଲେ । ବେଜନ୍ତୀ କଣ ଅଛି ଭଣ୍ଡାରେ ? ତମ୍ବୁରେ ପୁଣି ରାଜନଙ୍କର ଏ ଆଦେଶ ।

ସେନା—ଓଡ଼ିଶାର ଇତିହାସରେ କେବେ ଅମଙ୍ଗଳ ନ ଥିଲା, ମହାରାଜ !

ରାଣୀ—ଆଜି ମଙ୍ଗଳ କାହାଙ୍କୁ କହନ୍ତି, ସେନାପତି ? କୁଳ ଗଡ଼ରେ ଖେଳର ଯୁଦ୍ଧ, ଅମଙ୍ଗଳ ନୁହେଁ ?

ସେନା—ମହାରାଜ, ଏ ଅମଙ୍ଗଳ ନୁହେଁ; ଏହା ରାଜାଙ୍କର ଭୂଷଣ, କ୍ଷତ୍ରିୟର ନୈତିକ ଧର୍ମ । ଅନାଦିକାଳ, ନିଷ୍କଳଙ୍କ ଗୌରବ ବଂଶ ଶାସନ କରିବା ସୂଚନାର ହୋଇଆସିଛି; କିନ୍ତୁ ତାହା ଯାଇଛି ନୁହେଁ । ଏ ରାଜା ଶତ୍ରୁର ସମସ୍ତ ନିକଟରେ ବିଜୟ ଶକ୍ତି, ଶତ୍ରୁନଗରୀରେ ବାଦ୍ୟାଦି ସମସ୍ତରେ ନିଜର ଗାମ୍ଭୀର୍ଯ୍ୟ ଉପଲବ୍ଧି କରି ନାହାନ୍ତି—ଏହି ରାଜା ନୁହନ୍ତି, ମହାରାଜ ! ରାଜ୍ୟ ବୈଭବ ଦୀନତାର ପ୍ରତିମୂର୍ତ୍ତି ସତ୍ୟ; କିନ୍ତୁ କେଉଁଠି ବଞ୍ଚିନ୍ତି ନେତ୍ରରେ ବେଣୁର ପ୍ରୀତିର କିଛି ହିଁ ଅର୍ଥ ନାହିଁ । ତାହା ଏକ ଦୁର୍ବଳତା ମାତ୍ର । ସାମ୍ରାଜ୍ୟର ଚତୁର୍ଦ୍ଦିଗରେ ଏ ବାଦ୍ୟାଦି ଅମଙ୍ଗଳ ନୁହେଁ । ଏହା ରାଜା ମନଙ୍କର ସୂଚନା କରୁଅଛି, ମହାରାଜ ! ମହାରାଜ କେମନ୍ତ ଶତ୍ରୁର କବଳରେ ଅସି ଧାରଣ ନ କରିଲେ ଏ ଉପାଳ ସାମ୍ରାଜ୍ୟର ବିନାଶ ଘଟିବ, ମହାରାଜଙ୍କର ଗୌରବରେ କଳଙ୍କ ଲାଗିବ । ଲୋକେ କହିବେ, ସମ୍ରାଟ ପୁରୁଷୋତ୍ତମଦେବ ନିଜର ବଂଶ ପାଇଁ ଦେଶକୁ ଶତ୍ରୁର କବଳରେ ଅର୍ପଣ କରିଦେଲେ ! ତା ହେବନାହିଁ, ମହାରାଜ ! ଯୁଦ୍ଧ, ଯୁଦ୍ଧ କରିବାକୁ ହେବ !

ରାଜା—ଅଚ୍ଛା, ସେନାପତି, ମୁଁ ଯୁଦ୍ଧ କରିବି । ଭଗବାନ ଦକ୍ଷିଣ ପ୍ରଦେଶ ଆକ୍ରମଣ କରୁଅଛୁ । ସୈନ୍ୟ ସଜ୍ଜିତ କର ! ଯାଅ ସେନାପତି, ଶୀଘ୍ର ସୈନ୍ୟ ସଜ୍ଜିତ କର ।

ସେନା—ମହାରାଜାଙ୍କର ଜୟ । [ ପ୍ରସ୍ଥାନ ]

ରାଜା—ମହାରାଜାଙ୍କର ଜୟ ! ମହାରାଜା ତ ମୁଁ । ପିତା ମୋ ହସ୍ତରେ ଏ ରାଜ୍ୟ ଅର୍ପଣ କରିଅଛନ୍ତି । ଏ ପିତାଙ୍କର ରାଜ୍ୟ; ମୋର ନୁହେଁ ଯେ ମୁଁ ଶତ୍ରୁଙ୍କୁ ଦାନ କରିବି । ମୁଁ ରକ୍ଷକ ମାତ୍ର ।

ରାଜ୍ୟ ଉଦ୍ଧାରକରିବା ମୋର କର୍ତ୍ତବ୍ୟ । ଆହା ! ପିତା ଯେତେବେଳେ ପ୍ରାଣତ୍ୟାଗ କଲେ, ଏ ଶୋକ ସାମ୍ରାଜ୍ୟ କି ଅନ୍ଧ ସମୁଦ୍ରରେ ବୁଡ଼ି ରହିଥିଲା ! ଆଜି କି ଦୁରବସ୍ଥା ! ମୋର ଶୈଥିଲ୍ୟହେତୁ, ମୋର ଏ ଦୁର୍ବଳତା ଯୋଗୁଁ ମାତ୍ର ! ମୁଁ ଉତ୍କଳ ଥାଉ ଥାଉ ରାଜ୍ୟ ଏପରି ଛିନ୍ନଭିନ୍ନ ହୋଇଯିବ, ଏହା କହିବା କଥା ! ବସନ୍ତ, କି ଦୁର୍ଭାଗ୍ୟରେ ତୁମର ଏ ବିଦ୍ରୋହ ସଙ୍ଗତ ? କପିଳେନ୍ଦ୍ର ଦେବଙ୍କର ତୁମ୍ଭେ ଦୋଅଜ ପୁଅ, ମୁଁ ପାଟ ମହିଷୀର ପୁଅ । ବୟସରେ ମୁଁ ଜ୍ୟେଷ୍ଠ, ତୁମ୍ଭେ କନିଷ୍ଠ । ପୁଣି ପିତା ମୋ ହସ୍ତରେ ଏ ରାଜ୍ୟ ଅର୍ପଣ କରିଅଛନ୍ତି । ଧର୍ମତଃ ମୁଁ ଏହାର ଶାସକ, ତୁମ୍ଭେ ରାଜଦ୍ରୋହୀ, ବସନ୍ତ ! ଜ୍ୟେଷ୍ଠାସନରେ ବସିବ ଚିନ୍ତା ନାହିଁ, ରାଜ୍ୟ ପ୍ରତି ପ୍ରଜାର କର୍ତ୍ତବ୍ୟ ଭ୍ରାତୃଦ୍ୱନ୍ଦ୍ୱରେ ବିଲୁପ୍ତ ହେବା ଘୋର ଅନ୍ୟାୟ । ତୁମେ ମୋର ହିତ ସାଧନ କରୁଥିଲେ ମୁଁ ସଦା ହୃଦୟ—ସ୍ନେହରେ ଆଲିଙ୍ଗନ କରନ୍ତି, କିନ୍ତୁ ତୁମ୍ଭେ ଯେତେବେଳେ ପିତାଙ୍କ ଆଦେଶ ପଥରେ ପ୍ରତିବନ୍ଧକ, ରାଜ୍ୟର ସୁଖଶାନ୍ତିର ବିନାଶକର୍ତ୍ତା, ଯେତେବେଳେ ବ୍ୟକ୍ତିଗତ ସମ୍ପର୍କରେ ଉଦାସୀନ ହୋଇ କର୍ତ୍ତବ୍ୟରୁ ଉଦ୍‌ବେଳିତ ହେବା ଘୋର କଳଙ୍କର କଥା । କଳଙ୍କ ମୋର ନୁହେଁ, ଏ ପିତାଙ୍କର କଳଙ୍କ, ପବିତ୍ର ବଂଶର କଳଙ୍କ । ଆସ ବସନ୍ତ, ଆସ ନରସିଂହ, ଆସ ଗୋବିନ୍ଦ, ଆସ ସମସ୍ତେ ଆସ । ତୁମ୍ଭେ ଅନେକ ଜଣ, ମୁଁ ଏକା, କିନ୍ତୁ ମୋର ଭ୍ରୂକ୍ଷେପ ନାହିଁ । ମୋ ପଛରେ ରହିଛି ପିତାଙ୍କର ଆଦେଶ, କୁଳର ଗୌରବ, ଧର୍ମର ପ୍ରେରଣା । ଆସ, କେବଳ ଆଜିଠାରୁ ତୁମ୍ଭକୁ ରାଜ୍ୟର ଦୃଷ୍ଟାନ୍ତ ଶତ୍ରୁମିତ୍ର ଭୂମି ଦେଖିବାପାଇଁ । ଶକ୍ତିମାନ୍ ବୋଲି ପିତା ରାଜ୍ୟ ଦେଇଥିଲେ । ଯୁଦ୍ଧରେ ଯାହାର ଶକ୍ତି ଅଧିକ ହେବ, ସେ ସମ୍ରାଟ୍ । ଆସ ।

[ ପ୍ରସ୍ଥାନ ]

## — ଦ୍ୱିତୀୟ ଦୃଶ୍ୟ —

ସ୍ଥାନ — କୃଷ୍ଣାନଦୀ ତୀର ରଣପ୍ରାନ୍ତ ।

[ କାଞ୍ଚୀରାଜା ନରେନ୍ଦ୍ରଦେବ ଓ ତାଙ୍କ କନ୍ୟା ପଦ୍ମାବତୀ ଦଣ୍ଡାୟମାନ ]

ନରେନ — ନା, ଏଠାରେ ଆଉ ବେଶିଦିନ ରହିବ, ପଦ୍ମ !

ପଦ୍ମ — କେବେ ବାପା, ଏଠାକୁ ଆସିଥିଲ କାହିଁକି ?

ନରେନ — ରାଜ୍ୟ ରକ୍ଷା କରିବାକୁ !

ପଦ୍ମ — ରକ୍ଷା କରିବାକୁ ? କାହିଁ, ବାପା ?

ନରେନ — ବର୍ତ୍ତମାନ ଉତ୍କଳରେ ଭୀଷଣ ଅନ୍ତର୍ବିବାଦ ଲାଗିଅଛି । ଏକ ପକ୍ଷରେ ପୁରୁଷୋତ୍ତମ ଦେବ ଓ ଅନ୍ୟ ପକ୍ଷରେ ହମ୍ବୀର ଦେବ । ଯେପରି ଦେଖାଯାଉଛି — ହମ୍ବୀର ଦେବ ଶୀଘ୍ର ଜୟଲାଭ କରିବେ । ପୁରୁଷୋତ୍ତମ ଅନେକ ସ୍ଥାନରେ ପରାସ୍ତ ହେଲେଣି, ସୈନ୍ୟ ସାମନ୍ତ ମଧ୍ୟ ଆଉ ନାହାନ୍ତି । ଯୁଦ୍ଧ ଶୀଘ୍ର ଶେଷ ହେବ । ମୋର ଭୟ ଥିଲା, ତାଙ୍କ ଯୁଦ୍ଧର ଲୋକମାନଙ୍କର କାଞ୍ଚୀର କିଛି କ୍ଷତି ହୋଇପାରେ । ସେଥିପାଇଁ ସସୈନ୍ୟରେ ଏ ସୀମାନ୍ତ ପ୍ରଦେଶରେ ଅବସ୍ଥାନ କରୁଥିଲି । ଯୁଦ୍ଧ ଶେଷ ହେଲେ କାଞ୍ଚୀକୁ ଫେରିଯିବା ।

ପଦ୍ମ — ଯୁଦ୍ଧ ଯେପରି ଶୀଘ୍ର ଶେଷ ହେବ ବୋଲି ଆପଣ ଅନୁମାନ କରନ୍ତି, ବାପା, ସେପରି ଶୀଘ୍ର ହେଉନାହିଁ । ପୁରୁଷୋତ୍ତମ ଦେବ ଅତି ପ୍ରତାପଶାଳୀ ନରପତି । ଏପରି ଯୁଦ୍ଧରେ ପରାସ୍ତ ହେବାର କାରଣ ଯୁଦ୍ଧ କରିବାକୁ ତାଙ୍କର ଅନିଚ୍ଛା, ଭ୍ରାତୃବିବାଦ ଶୋଭନୀୟ ନୁହେଁ ବୋଲି ସେ ବିବେଚନା କରୁଅଛନ୍ତି । ବର୍ତ୍ତମାନ ଶୁଣାଯାଏ, ତାଙ୍କର ମନ ପରିବର୍ତ୍ତିତ ହୋଇଅଛି । ସେ ନିଜେ ଶୀଘ୍ର ଏ ଅଞ୍ଚଳକୁ ଯୁଦ୍ଧକୁ ଆସୁଅଛନ୍ତି ।

ନରେନ — ହମ୍ବୀରଦେବ ଜୟୀ ହୁଅନ୍ତୁ ବା ପୁରୁଷୋତ୍ତମ ଦେବ ଜୟୀ ହୁଅନ୍ତୁ, ସେଥିରେ ଆମର ବିଶେଷ ଲାଭ ବା କ୍ଷତି ନାହିଁ । ଯାହା ହେବାର ଶୀଘ୍ର ହୋଇଗଲେ ହେଲା । ଏଠାରେ ଆଉ ବେଶିଦିନ ରହିବାକୁ ଭଲ ଲାଗୁନାହିଁ, ପଦ୍ମ !

ପଦ୍ମ — କାହିଁକି ବାପା ? ମାତ ତ ଏ ସ୍ଥାନ ବଡ଼ ରମଣୀୟ ବୋଧ ହେଉଅଛି, ଏ ବେତ୍ରକୁଞ୍ଜ ଅପେକ୍ଷା ଘନ କଣ୍ଟକାର୍ ଉପରେ ପଥ ଅଧିକାର କରି ରହିଅଛି, ଯୋଉଠିକି ପଡ଼ ଯୋଉଠିଏ ଦେଖିଲେ ସୋପାନ୍ତୁଏ ଯେତେକ କୌଣସି ନଦ ତୀର ଦେଶରେ ସୋପାନମାଳା ସଜ୍ଜିତ ଘାଟକୁ ଲମ୍ବି ପଡ଼ିଅଛି ଲତାକୁଞ୍ଜର କୋମଳ ଶ୍ୟାମଳତା ଗିରିବନର ଶୋଭା ଆଉରି ଅଧିକ ବଢ଼ାଉଅଛି । ଦୂରଦେଶରୁ ଯେତେବେଳେ ଅସ୍ତଗାମୀ ସୂର୍ଯ୍ୟର ରକ୍ତିମ ରଶ୍ମି ଦେବତାର ଶିଖର ଅଟ୍ଟାଳିକାରେ ଆସିଣ ଉତ୍ତମ ଶୋଭା ଝଲସଇ, ସେ ଦୃଶ୍ୟ ଅତି ମନୋହର, ପୁଣି ଯେତେବେଳେ ଉଷାର ସୁପ୍ରଭାତ ସମୀରଣରେ ପୁଷ୍ପ ମଞ୍ଜରୀଧାରୀ ବୃକ୍ଷମାନଙ୍କର ତରଙ୍ଗାୟମାନ ପତ୍ର ସବୁ ମୃଦୁମନ୍ଦ ତାଳରେ ନାଚି ଉଠି ଆନନ୍ଦରେ ମୁଗ୍ଧ କରେ ଯେତେବେଳେ ପଲ୍ଲବମାନ ହୃଦୟ ନାଚେ କହନ୍ତି, ବନପୁଷ୍ପ ହସନ୍ତି, ଆଉ ବନପ୍ରାନ୍ତବାସୀ ପକ୍ଷୀମାନେ ମଧୁର ସ୍ୱରେ ଗାନ୍ତି । ପୁଣି ନିକଟରେ ଦୂରରେ ଆଶାର ସ୍ୱର୍ଣ୍ଣ ରେଖା ପରି ଏହି କୃଷ୍ଣାନଦୀ ଅତି ମୃଦୁ କଳକଳ ନାଦରେ ଯାଉଅଛି,—ସେହି ଜଳର କୁଳୁକୁଳୁ ରବ ଶୁଣ ବାପା ।

ରାଜା — ହଁ, ପଦ୍ମ, ଆଜିକାଲି ଦେଶରେ ଏହି କୃଷ୍ଣାନଦୀ ଖୁବ୍ ଭଲ ଏହାର ମାହାତ୍ମ୍ୟ ଖୁବ୍ ଅଧିକ । ତେବେ ଗୋଟାକେତେ ଜାଗା ରହି ନଦୀତଟକୁ ସଙ୍କଟମୟ କରି ପକାଇ ଅଛନ୍ତି । ଯାହା ସହିଲ ନାହିଁ ଦେଖ । ଦେଖ, ହରିଣ ଟିକେ ଅନନ୍ତ କିନାରେ ଯିବାକୁ ଯାଉଥିଲା । ମୁଁ ଦେଖୁ, ମାରି ଆଣିଛି । ଦେଖ ... ବଡ଼ ... ।

ପଦ୍ମ — ମନୁଷ୍ୟର ଏ ଜଘନ୍ୟ ପ୍ରବୃତ୍ତି ବଡ଼ ଜଘନ୍ୟ । ମନୁଷ୍ୟ ଯେଉଁ ଜିନିଷ ଦେଖନ୍ତି, ତାକୁ ବିନାଶ କରି ... କେବଳ ...

ଏଣୁ ଖାଦକମାଂସ! କି କଦର୍ଯ୍ୟ, କି କୁତ୍ସିତ; ତୁମମାନେ ସୃଷ୍ଟିର ମାନବ ଜାତିର କି ଘୋର ଲଜ୍ଜା !

[ ସାଦକନାମକ ଜଣେ ଭୃତ୍ୟର ପ୍ରବେଶ ]

କିଏ ? ସାଦକ !

ଦକ—ଜୁହାର, ଜେମାମଣି !

ଦ୍ମା—କୁଆଡ଼େ ଯିବ ?

ଦକ—ଚନ୍ଦ୍ରସିଂହ ସାହେବ ଆଜି ଶିକାରକୁ ଯାଇଥିଲେ, ଗୋଟାଏ ବଡ଼ ସମ୍ବର ମାରି ଆଣିଥିଲେ । ମତେ କହିଲେ, "ଜେମା ଦେଖିବେ, ଡାକିଆଣ । ଚାଲ, ଚାଲ, ଜେମାମଣି !

ଦ୍ମା—ମୁଁ ଯିବି ନାହିଁ ସାଦକ ! ତୁମେ ଯାଅ ତାଙ୍କୁ କହିଦେବ, ଯାଅ ।

[ ରାଣୀ ସତ୍ୟବତୀଙ୍କର ପ୍ରବେଶ ]

ଏଇ ତ ମା । ଯାଅ ସାଦକ, ଯାଅ, କହିଦେବ, ମୁଁ ଯିବି ନାହିଁ !

ସାଦକ—ଜୁହାର, ଜେମାମଣି ! [ ପ୍ରସ୍ଥାନ ]

ପଦ୍ମ—ମା, ଅନନ୍ତ ଭାଇ ପ୍ରତିଦିନ ଏ ବନ ମଧ୍ୟରୁ ଅନେକ ଜୀବଜନ୍ତୁ ମାରି ଆଣୁଛନ୍ତି । ଆଜି ଗୋଟାଏ ବଡ଼ ସମ୍ବର ମାରି ମୋତେ ଦେଖିବାକୁ ଡାକ ପଠାଇଥିଲେ । ତାଙ୍କୁ ତୁମେ ମନା କର ନାହିଁ ? ମୁଁ କେତେଥର କହିଲିଣି । ତୁମେ ଭାଇଙ୍କି ମନା କରିଦିଅ !

ସତ୍ୟ—ଏଇ କଥାକୁ ତୋର ଏତେ ଦୁଃଖ, ପଦ୍ମ ? ମୃଗୟା କ୍ଷତ୍ରିୟର ଧର୍ମ । ରକ୍ତରେ ରଞ୍ଜିତ ନ ହେଲେ କ୍ଷତ୍ରିୟର ହସ୍ତ ଶୋଭା ପାଏ ନାହିଁ । ପୁଣି ସମ୍ବର, ବାଘ, ଭାଲୁ ତ ପଶୁ । ପଣ୍ଡିତମାନେ କହନ୍ତି, ମନୁଷ୍ୟ ପରି ପଶୁର ଜ୍ଞାନ ନାହିଁ । ତା ପରେ କେତେଗୁଡ଼ିଏ ପଶୁଙ୍କୁ ମନୁଷ୍ୟ ତାର ଭୋଜ୍ୟ କରିଅଛି ! ମାରିଲେ ଅନେକ କ୍ଷତି ବା କଣ ? ପଶୁହତ୍ୟା ମନୁଷ୍ୟ ହତ୍ୟାଠାରୁ କେତେ ଅଧିକ ନୃଶଂସ ନୁହେଁ । ଏଇ କୁଞ୍ଜବନ ; ତାର ସେ ପାଖରେ ଯେଉଁ ବନ ସ୍ଥାନ ଦେଖୁଛୁ, ପଦ୍ମ ! କାଲି ସେଠାରେ ଘୋର ଯୁଦ୍ଧ ହେବ, କାରଣ ଶ୍ରୀକ୍ଷେତ୍ରର

ରାଜା ପୁରୁଷୋତ୍ତମ ଦେବଙ୍କ ଦେଶରେ ବିଦ୍ରୋହ ଘଟିଅଛି କେଉଁଠି ଶୁଣିଲ, ଆଦି, ବସନ୍ତର ମୃଦୁ ସମୀର ଓର ସ୍ପର୍ଶ ଅନୁଭବ । ଏହାଠାରୁ ବଳି ଆଉ କରୁଣ ଦୁଃଖ କଣ ଅଛି, ପଦ୍ମ ? ଆଜ ଯେଉଁ ସୁନ୍ଦର କାନନର କୋମଳ ଦୂର୍ବାଦଳ ଶ୍ୟାମଳ, କାଲି ସେଠାରେ ନରର ରକ୍ତଧାରା ପ୍ରବାହିତ ହେବ । କୁସୁମର ଶୀତଳ ପଲ୍ଲବ ଆଜ ଯେଉଁ ପ୍ରାନ୍ତରକୁ ମଧୁର ସୌରଭରେ ସିକ୍ତ କରୁଅଛି, କାଲି ତାହା ଶତଶତ ଶ୍ମଶାନରେ ପରିଣତ ହେବ, ଶାନ୍ତଶ୍ରୀର ଦୁର୍ଗନ୍ଧ ମଧ୍ୟରେ ଶୃଗାଳ କୁକ୍କୁର ଭୀଷଣ ଚିତ୍କାର କରୁଥିବେ, ପଦ୍ମ ! ଏହାଠାରୁ ବଳି ଦାରୁଣ ଦୁଃଖ କଣ ଆଉ ଜଗତରେ ?

ପଦ୍ମ—ମୁଁ ଶୁଣିଥିଲି ଯୁଦ୍ଧ ହେବ ବୋଲି । ଏତେ ଶୀଘ୍ର, ମା ପୁରୁଷୋତ୍ତମ ଦେବ ଯୁଦ୍ଧକୁ ସ୍ୱୟଂ ଯାଉଅଛନ୍ତି । ସେ କେବେ ଆସିଲେଣି ?

ନେପଥ୍ୟ—ପଦ୍ମ ?

ସତ୍ୟ—ମୁଁ ଜାଣେ ନାହିଁ । କେବଳ ଏତିକି ଜାଣେ ଯେ କାଲି ଯୁଦ୍ଧ ହେବ, ଆଉ ସେ ଯୁଦ୍ଧରେ ପୁରୁଷୋତ୍ତମ ଦେବ ଉପସ୍ଥିତ ଥିବାର କଥା ।

[ କନକର ପ୍ରବେଶ ]

ଏଇ ତ କନକ ଆସିଲାଣି । ମୁଁ ଯାଏ, ପଦ୍ମ ! ବେଳ ବହୁତ ହେଲାଣି ।  [ ପ୍ରସ୍ଥାନ ]

ପଦ୍ମ—କନକ !

କନକ—କଣ, ପଦ୍ମ ?

ପଦ୍ମ—କଣ ହେବ ? କନକ !

କନକ—କଣ ହେବ ଅର୍ଥ ? କଣ ହେଲା, ମୁଁ ଜାଣେ । ହେବ ମନୁଷ୍ୟଙ୍କୁ ଅଗୋଚର । ହେବ ଯେତେଦିନ ପର୍ଯ୍ୟନ୍ତ ହେଉ ନାହିଁ, ତା ବିଷୟରେ ଚିନ୍ତା କରିବା ମୂର୍ଖତା ମାତ୍ର । ହେଲା ବିଷୟରେ ସୁଖର ସମ୍ବାଦ କହିବାରେ—ଏଠାରେ ଯେଉଁ ଦେବାଳୀ ବସାଇଥିଲେ, ତହିଁରେ ପାଞ୍ଚୋଟି ବାଳିକା ପ୍ରବେଶ

ଜାଣିଛି ! ସୁଖର ସମ୍ବାଦ ଶୁଣିବ, ପଦ୍ମ ? କିଛି ଅଛି ନାହିଁ ସେ ?

ପଦ୍ମ—ହଁ, ଦୁଃଖର ସମ୍ବାଦ ଶୁଣିବି, କନକ ! ସଂସାରରେ ଠିକ୍ କେବଳ କାହାର ପ୍ରାଣରେ ସୁଖ ନ ହୁଏ ? କିନ୍ତୁ—ଭଗବାନଙ୍କ ଇଚ୍ଛା ମନୁଷ୍ୟର ଥିଲେ ସେ କେତେ ସୁଖୀ ହୋଇ ନ ଥାନ୍ତା, କନକ !

କନକ—ଦୁଃଖୀ ମଧ୍ୟ ହୋଇ ପାରନ୍ତା କେତେକେ । ପ୍ରେମର ପ୍ରତିମା ରାଜକନ୍ୟାଙ୍କର—ଅବଶ୍ୟ ନାଁ ଶୁଣିବାରୁ ଜାଣୁଛି, ପଦ୍ମ, ଆଜି ତାଙ୍କ ହୃଦୟରେ ସନ୍ଦେହ ମଧ୍ୟରେ ଲହଡ଼ି ଖେଳି ଯାଉଛି, ସେହି ନାୟିକାମାନଙ୍କ ଗହଣରେ—ପ୍ରେମର ପ୍ରତିମା ରାଜକନ୍ୟାଙ୍କର ଆଗମନ କଥା ଆଗରୁ ଜାଣି ପାରିଲେ ଅବଶ୍ୟ ସୁଖ ଅଛି । ତେବେ କେତେବେଳେ ଦେଖ, ଦୁଃଖ, ଭଗବାନଙ୍କ ଇଚ୍ଛାରେ କି ସୁଖ, ପଦ୍ମ ? ସଂସାରରେ ଅବିମିଶ୍ର ସୁଖ କିଛି ନାହିଁ । ସୁଖ ପରେ ଦୁଃଖ ମଧ୍ୟ ଆସିବାର କଥା ।

ପଦ୍ମ—ତୋର ସେ ଭାବନା ଦେଖୁଛି, କନକ,—ମୋର ଉପରେ ଛାଡ଼ିଦେ—ସେଠାରେ କାଲି ସବୁ ହେବ । ସେଦିନ ମା'ଙ୍କଠାରୁ ମହାରାଜ ପୁରୁଷୋତ୍ତମ ଦେବଙ୍କ ଶୌର୍ଯ୍ୟ, ପରାକ୍ରମ, ଆଉ ଶାସନର ପରିଚୟରେ ଶତ ସହସ୍ର ଭାବ ଉଦାରତା ବିଷୟରେ କେତେକଥା ଶୁଣିଥିଲି । ସେହି ପୁରୁଷୋତ୍ତମ ସ୍ୱୟଂ ଏଠାକୁ ଆସିଅଛନ୍ତି । ତାଙ୍କର ଭଲ ଦର୍ଶନ ହେବ ବୋଲି ଆଶା । ବିଦ୍ୟାନଗର କନ୍ୟା ମହାରାଜା ଏଠାରେ ଉପସ୍ଥିତ । ମୁଁ ଖୁବ୍ ଦେଖିନାହିଁ । ତୁ ମଧ୍ୟ ଦେଖିନାହୁଁ କନକ ! ଆମ୍ଭେମାନେ କାଲି ସେ ପ୍ରାନ୍ତରକୁ ଯିବା, କନକ ! ନା, ପ୍ରୟୋଜନ ନାହିଁ, ଖୁବ୍ ଦେଖିବା ନାହିଁ ଧର୍ମ ନୁହେଁ । ସେଥିରେ ସୁଖ ହେଉ କି, ଦୁଃଖ ମଧ୍ୟ ପାଉ କି । ଏହା ସମ୍ଭବ ହୁଏ । ନା, କନକ ପ୍ରୟୋଜନ ନାହିଁ । ନା, ନସ୍ୱ—ଦୁଃଖରେ ଜନ୍ମ ହୁଏ ।

କନକ—କେବଳ ତ, ନସ୍ୱ ହେଲେ ଏଣିକି ହେବ ନାହିଁ ।

ପଦ୍ମ—ନା, ଜଣ, କନକ !

କନକ—ନା ଦେଶକୁ—ବୁଝିପାରୁ ନାହିଁ ?

ଚନ୍ଦ୍ର—ବୁଝୁଛି, କନକ—କହ ।

କନକ—ନା, ଦେଶ—କ ଆଉ ଖ ମଧ୍ୟରେ ଯୁଦ୍ଧ ହେଲା ! ଏଥର କ ଜୟଲାଭ କଲା । ତେବେ ଖ'ର ତ ପରାଜୟ । ବୁଝିଲୁ ?

ଚନ୍ଦ୍ର—ବୁଝିଲି, ଖ'ର ତ ପୁଣି ଜୟ ! ଦେଖୁ ନା ! ଜୟ, କନକ, ଜୟ !

କନକ— ଅଚ୍ଛା, ଯୁଦ୍ଧରେ ତ ଅନେକ ମନୁଷ୍ୟ ମରିବେ ?

ଚନ୍ଦ୍ର—ହଁ ନିଶ୍ଚେ, ସେ କଥା ମା ଏବେ କହୁଥିଲେ, କନକ ! ମରିବେ ।

କନକ—ଆମ୍ଭେମାନେ ସେଠାକୁ ଗଲେ କିଛି ସାହାଯ୍ୟ କରି ପାରିବା ନାହିଁ, ଚନ୍ଦ୍ର ?

ଚନ୍ଦ୍ର—ମୃତ ଲୋକ ଆଉ ପୁଣି କି ସାହାଯ୍ୟ ? ସେଠାରେ ବହୁ ଦୁଃଖମୟ କନକ ! ବହୁ ଦୁଃଖମୟ !

କନକ—ସାହାଯ୍ୟ ମୃତ ପାଇଁ ନୁହେଁ, ଚନ୍ଦ୍ର—ମୁମୂର୍ଷୁ ବ୍ୟକ୍ତିର ସାହାଯ୍ୟ ।

ଚନ୍ଦ୍ର—ମୁମୂର୍ଷୁ ! ମୁମୂର୍ଷୁ ପ୍ରାଣରେ କି ଦୁଃଖ । ହଁ ଆମ୍ଭେମାନେ ଯିବା, କନକ ! ମୁମୂର୍ଷୁର ମୃତ୍ୟୁଶଯ୍ୟାର ପାର୍ଶ୍ୱରେ ଟିକିଏ ସାହାଯ୍ୟ କରିବା, ଆଶ୍ୱାସନା ଦେବା । ଆହା, କି ଦୁଃଖ ! ମୁଁ ଶୁଣିଅଛି, ବିଜୟ ନଗରର ରାଜକନ୍ୟା କମଳାବତୀ ଯୁଦ୍ଧକ୍ଷେତ୍ରକୁ ଯାଇ ଏହିପରି ସେବା କରୁଥିଲେ । ଆମେ ଯିବା, କନକ !

କନକ—ହଁ, ଚନ୍ଦ୍ର, କାଲି ସକାଳେ ଯିବା ।

ଚନ୍ଦ୍ର—କନକ, ସଂସାରଟା ଦେଖ ! ମନୁଷ୍ୟ ଯେତେବେଳେ ଜନ୍ମ ହୁଏ, ସେ ଗୋଟିଏ ପୁଷ୍ପକଳିକା ସଦୃଶ । ଜୀବନ ତାର ଅନନ୍ତ ଆଶାରେ ଭରା, ଅକଳ୍ପିତ ସମ୍ଭାବନାରାଶିରେ ପୂର୍ଣ୍ଣ । କିନ୍ତୁ ଯେତେବେଳେ ସ୍ୱପ୍ନରୁ ସତ୍ୟକୁ ଆସିବାକୁ ହୁଏ, ସେତେବେଳେ, ସବୁ ଅନ୍ୟପ୍ରକାର । ଜୀବନର ମଧୁମୟୀ ଦିନେ ଦୁର୍ଦ୍ଦିନ ଦେଖାଦିଏ ମାତ୍ର । ଅଳ୍ପ ମଧୁର କୂଜନରେ ଦିନେ ଦୁର୍ଦ୍ଦିନ ବିହାର କରେ । ତତ୍ପରେ କି ପରିଣାମ ! ମରେ

ଆଜ କାହିଁକି ଅବସାଦ ଲାଗୁଛି, ତୁ ଯୋଉଟିଏ ଗୀତ ଗା ଦେଖି, କନକ, ଗା !

କନକ—କି ଗୀତ ଗାଇବି ? ତୋର ସେଇ "ଯଉବନ ସରଣୀ ଭୂଇଁ ?" ତୋହର ତ ସବୁ ଗୀତ ବଡ଼ ଚମତ୍କାର । ନା, ଗାଇବି "ମିଳନର ସୁଖର ଦିନ" ?

ଚନ୍ଦ୍ର—ତା' ଯାହା ତୋର ଇଚ୍ଛା । ତୋ କଣ୍ଠରେ ସବୁ ମଧୁର, କନକ, ଗା !

କନକ—ଆଚ୍ଛା ଗାଉଛି ତେବେ "ଯଉବନ ସରଣୀ ଭୂଇଁ ।"

ଯଉବନ ସରଣୀ ଭୂଇଁ,
କାହିଁରେ କୋକିଳ ଡାକୁ ଅବିରଳ
କାହା ଆଶିଷର ପାଇଁ ? ଘୋଷା ।

ଯା ଲାଗି ତୁ ଏତେ ଗାଉଛୁ ଗୀତି
ଭରେ ପବନ ଶୀତ ସୁବାସ ଭୂମି,
ଏ ସବୁ ସେ ତୋର ଜାଣୁ କି କୋକିଳ
ତୁ ଖୋଜୁଛି କି ଅବା ନାହିଁ ?
ତାଙ୍କୁ ଡାକେ କେତେ ଦେଖୁ ତୁ ଭୂରି,
କମ୍ପନ ଧ୍ୱନି ଚେତନ ହୃଦ୍;
କେଉଁ କବିତା ବାଣୀରେ ତୋ କଥା ଗାଥାରେ
ଜଣାଇବ ପ୍ରୀତି ଯାଚି ?
ଘଟନ ପୁଷ୍ପିତ ଜୀବନର ନିତି
ଅର୍ପିତ ବୃନ୍ତ ଚାରୁତାରେ,
ଲୁଣ୍ଠିତ ଯୌବନ ସରସାର ସକଳ
ପାଇଛି ସେ ଦୂରର ନାହିଁ !
ସକଳ ଅଗାଧ ଜୀବନେ ଦେଲେ,
ପ୍ରାଣ ପିପାସା ମେଣ୍ଟେ କି ଭଲେ ?
ଅନ୍ତିମ ଜୀବନର ସୁଖ ଦୁଃଖ ଶେଷେ
ରହିବ ଦେବ ସମେ ତହିଁ ।

[ ଉତ୍କଳଶେଷ ]

## — ତୃତୀୟ ଦୃଶ୍ୟ —

ସ୍ଥାନ—କୃଷ୍ଣାନଦୀତଟ—ଯୁଦ୍ଧ ପ୍ରାନ୍ତରର ଏକ ସ୍ଥଳ

[ପୁରୁଷୋତ୍ତମ ଦେବ ଓ ବନ୍ଦୀ ବିଶ୍ୱନାଥଙ୍କ ପ୍ରବେଶ]

ରାଜା—ଆଉ ଶତ୍ରୁ ସୈନ୍ୟ କେତେ ?

ବିଶ୍ୱ—ଅଳ୍ପ ଦୁଇଜଣ ସେନାପତି ଅଛନ୍ତି— ଅହମ୍ମଦ୍ ଖାନ୍, ତାଙ୍କ ଭଗିନୀପତି ମୁସ୍ତାଫା ଖାନ୍ ।

ରାଜା—ସେମାନେ କେଉଁଠାରେ, ବିଶ୍ୱନାଥ ?

ବିଶ୍ୱ—ମୁଁ ତାଙ୍କୁ ନେଇଯାଇ ଶିବିରରେ ରଖି ଆସିଲି । ବନ୍ଦୀ ଅଛନ୍ତି ।

ରାଜା—ଉତ୍ତମ କଲ, ବିଶ୍ୱନାଥ. ଅଉର ଏ ଯୁଦ୍ଧର ଶେଷ ଆଶା ନାହିଁ ?

ବିଶ୍ୱ—କିଛି କହି ହେବ ନାହିଁ, ମହାରାଜ ! ତେବେ ବନ୍ଦୀ ହମ୍ବୀର ସିଂହ ଦୁର୍ଗା ଦେବଙ୍କୁ ନେଇ ଯାଇ କାଞ୍ଚୀର ସିଂହାସନ ଅଧିକାର କରି ସେଠି ଅଛି ଏବଂ ସୈନ୍ୟ ସାମନ୍ତ ଯୁଦ୍ଧରେ ସ୍ଥାପନ କରୁଅଛନ୍ତି । ଏ ଯୁଦ୍ଧ ବସୁଧାରେ ମଧ୍ୟ ବିଜୟନଗରର ଯୁଦ୍ଧଭୂମିର ଦଣ୍ଡାଧୀଶମାନ । ସନ୍ଧ୍ୟା ପୂର୍ବରୁ ଅନ୍ତତଃ ଯୁଦ୍ଧ ଶେଷ ହେବ ନାହିଁ । ବିଜୟନଗରଙ୍କ ସୈନ୍ୟମାନେ ସଂଖ୍ୟାରେ ଖୁବ୍ ବେଶୀ ସତ, କିନ୍ତୁ ଅଧିକାଂଶ ଅଶିକ୍ଷିତ । ତେବେ ସେମାନେ ଯୁଦ୍ଧକ୍ଷେତ୍ରରେ ପଛ ଘୁଞ୍ଚା କରୁ ନ ଥିବାରୁ ଆମ୍ଭମାନଙ୍କୁ ଟିକିଏ ଘଉଡ଼ି ହେବାକୁ ପଡ଼ୁଅଛି । ଶୁଣିଲି, ଅବିଳମ୍ବ ଆକ୍ରମଣ କରିବାକୁ ବିଜୟ ଦେବ ସବୁ ସୈନ୍ୟମାନଙ୍କୁ ଆଦେଶ ଦେଇ ଅଛନ୍ତି । ଆମ୍ଭମାନଙ୍କର କେତେଜଣ ଗୁପ୍ତଚର ପାଇ ସେନା ଯୁଦ୍ଧଭୂମିକୁ ଯାଉଥିଲେ । ବିଜୟ ଦେବଙ୍କ ସୈନ୍ୟମାନେ ତାଙ୍କୁ ବଧ କରି ଘରଗୁଡ଼ିକ ଦେଖି ପାଇଅଛନ୍ତି । ସେମାନେ ମଧ୍ୟ ଶେଷ ଭାଗ ନିହତ ହୋଇଅଛନ୍ତି ।

ନେପଥ୍ୟ—କେଉଁଠାରେ ସେ ବେଶ ? ଧର୍ମଦ୍ରୋହୀ, ରାଜ୍ୟଦସ୍ୟୁ, ଦେଶର କେଉଁଠାରେ ?

ରାଜା—କି ଏ, ବିଶ୍ୱନାଥ ?

ନେପଥ୍ୟେ—ଶୁଣନ୍ତୁ ମହାରାଜା, ସେଇ ଶବ୍ଦ ଆସୁଛି।
ରାଜା—କି ଶବ୍ଦ, ବିଶ୍ୱନାଥ? ତୁମେ ନିକଟରେ ଶୁଣୁଛ କି।
ନେପଥ୍ୟେ—ଏଇ ଯେ, ମହାରାଜା, ସେ ଦ୍ୱାରରେ।
ବିଶ୍ୱ—ଏ ତ ମଦନ ଦେବ।
ରାଜା—ମଦନ କଣ ପୁରରେ ଜନ୍ମି, ବିଶ୍ୱନାଥ?

[ ମଦନ ଓ ତାଙ୍କ ସହିତ ସୈନିକର ପ୍ରବେଶ ]

ମଦନ—ଆଜି କେଉଁ ସ୍ଥାନରେ ପାଇଛୁ, ପୁରୁଷୋତ୍ତମ!
ରାଜା—ଜଗତର ସକଳ ସ୍ଥାନ ସମାନ ମଦନ ଦେବ! ତୁମେ ଏଠାରେ କାହିଁକି?
ମଦନ—କାହିଁକି ଜାଣିବୁ। ଆକ୍ରମଣ କର, ସୈନିକ!
ରାଜା—ମଦନ, ଶାନ୍ତ ହୁଅ ଭାଇ, ଏ ଯୁଦ୍ଧ ସୁନ୍ଦର ହେବନାହିଁ!
ମଦନ—ରାଜତ୍ୱର ସଙ୍ଗେ ଯୁଦ୍ଧ କେବେ ଅସୁନ୍ଦର ନୁହେଁ। କର ଆକ୍ରମଣ, ସୈନିକ!

[ ବିଶ୍ୱନାଥଙ୍କୁ ସୈନିକ ଓ ପୁରୁଷୋତ୍ତମଙ୍କୁ ମଦନ ଆକ୍ରମଣ କଲେ। ସୈନିକ ମୃତ, ବିଶ୍ୱନାଥ ଓ ମଦନ ଆହତ ହୋଇ ଭୂମିରେ ନିପତିତ। ]

ରାଜା—ଉଠ ମଦନ, ନଶାଇ ନାହିଁ, ଯାଅ, ଉଠ!
ନେପଥ୍ୟେ—କେଉଁ ଆଡ଼େ?
ନେପଥ୍ୟେ—ସେଇ ଶବ୍ଦ ଆସୁଛି।
ରାଜା—ଦୁଃଖ କଣ, ବିଶ୍ୱନାଥ?

[ ବିଶ୍ୱନାଥ ଉଠି ଛିଡ଼ା ହେଲେ ]

ବିଶ୍ୱ—ମହାରାଜ!

[ କତିପୟ ସୈନିକଙ୍କର ପ୍ରବେଶ ]

ପ୍ର. ସୈ—ମହାରାଜା ଯେ ଆହତ।
ଦ୍ୱି. ସୈ—ହତ୍ୟାକାରୀ କିଏ?
ତୃ. ସୈ—ଏଇ କାପୁରୁଷହିଁ। ଆଉ କିଏ ହୋଇପାରେ?
ଚ. ସୈ—ବଧ କର!
ପ. ସୈ—କର ଆକ୍ରମଣ!

ସମସ୍ତେ – ଜୟ ଆଜ୍ଞାମଣି ।

[ ବିଶ୍ୱନାଥ ଓ ପୁରୁଷୋତ୍ତମ ସମସ୍ତ ଦେବ ନିଷ୍କ୍ରାନ୍ତ । ପୁରୁଜଣ
ସୈନିକ ନିହତ । ]

ପୁ. ଦେ—ଓଃ, କି ଯୁଦ୍ଧ !

ବି. ଦେ—ରଘୁନାଥ, ତୋପର ପୁତ୍ରଜଣେ ଯାହା ଯେ ଅସ୍ତ୍ର ହୋଇଗଲେ !

ପୁ. ଦେ—ବିଶ୍ୱନାଥ ପୁରୁଷୋତ୍ତମ ଦେହେ—ମୁମୂର୍ଷୁ ନିହତପ୍ରାୟ । ଚାଲ, ଆମ୍ଭେମାନେ ପଳାୟନ କରିବା । ଏ ସ୍ଥାନ ନିଷ୍କଣ୍ଟ ନୁହଁ ।

ବି. ଦେ—ଚାଲ, ମହାରାଜାଙ୍କୁ ଯେମିତି ଶୀଘ୍ର ଶିବିରକୁ ନିଆ ।

[ ପ୍ରସ୍ଥାନ ]

ରାଜା—ବଡ଼ କଷ୍ଟ, ବିଶ୍ୱନାଥ ! [ ବିଶ୍ୱନାଥ ଛୁଟି ଦେଲେ ]

ବିଶ୍ୱ—ମହାରାଜ ! [ କମ୍ପିତ, ମୂକ ]

ରାଜା—ବିଶ୍ୱନାଥ, ଟିକିଏ ପାଣି ଦିଅ ବଡ଼ କଷ୍ଟ—ବଡ଼ କଷ୍ଟ ! ପ୍ରାଣ—ଉଡ଼ି—ଯାଉ—ଅଛି । ମଧ୍ୟ କଣ ଏତେ ଦୂର ? ବିଶ୍ୱନାଥ—ବଡ଼—କଷ୍ଟ । ଓଃ—କି ତିଆସ । ଶେଷ ନାହିଁ ? ବିଶ୍ୱ—ନାଥ—ପ୍ରାଣ—ଉଡ଼ି—ଯାଉ—ଅଛି । ତିଆସ—ବଡ଼—କଷ୍ଟ—ଦିଅ—ପାଣି ?

ନେପଥ୍ୟେ—କି ଦେବ, କାହିଁକି ? କି କରୁଣ ସ୍ୱର ?

ନେପଥ୍ୟେ—ଏ କାହାର ମୁମୂର୍ଷୁ ବାଣୀ । ଚାଲ, ଚନ୍ଦ୍ର ! ସେଇଆଡ଼େ ଚାଲ !

ରାଜା—ବିଶ୍ୱନାଥ—ଆଉ—ନାହିଁ । ଆଉ—ଓଃ—କି ତିଆସ—କି କଷ୍ଟ । କେହି ନାହିଁ । ପାଣି—ପାଣି—ବିଶ୍ୱ—ନାଥ !

[ ଚନ୍ଦ୍ର ଓ କନକର ପ୍ରବେଶ ]

ଚନ୍ଦ୍ର—ରେ ବାପ, ଓଃ କି କରୁଣ ଦୃଶ୍ୟ ! [ଜଳଦାନ]

ରାଜା—ଦିଅ—ବିଶ୍ୱନାଥ ! ଆଉ ଦିଅ ! ବଡ଼ କଷ୍ଟ, ବିଶ୍ୱନାଥ !

ଚନ୍ଦ୍ର—ଭଗିନୀ ମୁଁ, ଅଳ୍ପ ଏ ବୃଦ୍ଧଙ୍କ ମୁଁ କି ସେବନ ଆଚାର !

[ଜଳଦାନ]

କନକ—ଯୁବକ, ପଦ୍ମ ! ଯେ ଚନ୍ଦ୍ରମୁଖୀଙ୍କୁ ଯିବା । ଘୋଡ଼ାରୁ ମଧ୍ୟ
କଏ ପଡ଼ି ଯାଇଛନ୍ତି, ଦେଖିଛୁ ?

ପଦ୍ମ—ଯୁବକ । [ ପ୍ରସ୍ଥାନ ]

ରାଜା—ବିଶ୍ୱନାଥ କାହାନ୍ତି ? କଏ ତୁମେ ନାଥ ! ଦେଖ ନା ମାନବା ! କଏ ତୁମେ ? ବିଶ୍ୱନାଥ ! ( ପଣ୍ଡୁପ୍ରମାଣ ଦେଖାଇ ) କଏ ତୁମେ ଶୁଣିଥିଲ ? ଆହା—ବିଶ୍ୱନାଥ, ଏ କଣ ? କ୍ଷେତ୍ରୀୟ ବୀରମୁକୁଟରୁ ଏ ବହୁମୂଲ୍ୟ ମଣିଟି ଆଜ ଖସିଗଲା ! ଆଉ ନାହିଁ । ସେହି ଶୀତଳ, ଅଗ୍ନି ତୁଳିଣୀ ଜଳ, ନାହାରୁ ଗଙ୍ଗାଜଳ ଶିଖା ଥାଇଛି ମଧ୍ୟ ନାହିଁ, ଦେଖ ! ଉତ୍କଳର କେଶରୀ ନରସିଂହଙ୍କର ସମୁଜ୍ଜ୍ୱଳ ରତ୍ନ ଆଜି ଧୂଳିରେ ଏଣ୍ଟୁଛି, ଏ ମାଟିଝଣ୍ଡ ଉପରେ ଶବଦେହ ଅଗ୍ନିମ ନିଦ୍ରା ! ଦୋଷ ଅଣକଟରେ ଦେଖି ସେତେବେଳେ, ବିଶ୍ୱନାଥ, ତୁମର ଏ ପୁରୁଷୋତ୍ତମ ଦେବ ଥାଉ, ଶକ୍ତି ହରାଇବ; ସକଳ ଆଶା ପରିତ୍ୟାଗ କରି କର୍ତ୍ତବ୍ୟଜ୍ଞାନଶୂନ୍ୟ ହେବ, ସେତେବେଳେ କଏ ପୁଣି ଆମର ବାଣୀରେ, ସାହସର ମନ୍ତ୍ରରେ ଅନୁପ୍ରାଣିତ କରିବ ? ବିପଦରେ କଏ ଆଉ ବକ୍ଷ ଦେଇ ରଣ୍ଡୁପ୍ରମାଣ ଦେବ, ଉତ୍କଳରେ କଏ ଅଂଶୀ ହେବ, ବିଶ୍ୱନାଥ ? ଉତ୍କଳର ସୌଭାଗ୍ୟଗଗନର ପ୍ରାଚୀନ ଜ୍ୟୋତି ଆଜି ତୁମ୍ଭର, ଆଜି ଅସ୍ତମିତ । ଯାଅ, ବିଶ୍ୱନାଥ ! ତୁମେ କିଏ ଶାନ୍ତିରେ ବାହାର ପ୍ରାଣରେ ବନ୍ଧୁ ଆମ୍ଭ ଶୋଷିଣୀ କରି ଏ ପ୍ରାନ୍ତରମଧ୍ୟ ବଢ଼ଇଣି କରିଥିଲ । ଏବେ ମୁଁ ଏକା ଶିବିରକୁ ଫେରିଯିବି । ଯାଅ, ସୌନିକବର ! କ ପ୍ରକାର ଏ ଶରୀରର ସଜ୍ଜା କରିବ ? କେଉଁ ଥାନ୍ତି । ପ୍ରିୟ ବିଶ୍ୱନାଥ, ଯାଅ ! ତୁମର ଏ ମୃତଦେହ (ଦେଖ) ସମ୍ଭବିଳ ଯାଉଥାଇଥିବ । କେତେ ଉତ୍ସାହ ! ଆହା, ବିଶ୍ୱନାଥ !

[ ଦୃଶ୍ୟ ପତନ ]

## ଦ୍ୱିତୀୟ ପରିଚ୍ଛେଦ

ସ୍ଥାନ—କୃଷ୍ଣାନଗର, ପୁରୀ ଯାତ୍ରାର ଉଚିତ ସ୍ଥାନ।

[ଦେବଙ୍କ ଓ କନକଙ୍କ ପ୍ରବେଶ]

କନକ—ଏହି ସେ ଆମ୍ଭ ଜଗତ ମନୁଷ୍ୟ ପୂଜକ ଦେବ, ସେ ନରସିଂହଦେବ। ଭଲ କିଏ ଫାଶୀ ଦେବା ନା ଜୁଣ୍ଡିରେ। କିଏ ତୁମେ କି କଷ୍ଟ?

(ଜଣେ ପ୍ରହରୀର ପ୍ରବେଶ)

ପ୍ରହରୀ—କିଏ ତୁମେ ଦୁଇଜଣ ? ଏ ରାତ୍ରି ଭୂମିରେ ଏତେ ଭିଡ଼ ? କି ଉଦ୍ଦେଶ୍ୟ ତୁମର ? ଏହି ଭୂମିରେ ସ୍ତ୍ରୀଲୋକଙ୍କୁ ଆସିବାକୁ ମନା ! ତୁମେ ଜାଣ ନାହିଁ ? ମୁଁ ଏଠାରେ ବନ୍ଦୀ କରିବି ତୁମକୁ ! ଅଚିହ୍ନା ଲୋକଙ୍କୁ ଏ ଭୂମିରେ ପୂରାଇବା ମନା ଅଛି। ତୁମେମାନେ ଶତ୍ରୁପକ୍ଷର ଚର ହୋଇ ଥାଇପାର, କିଏ ଜାଣେ ? କେବଳ ମହାରାଜାଙ୍କର ହୁକୁମ ସେ ସ୍ତ୍ରୀଲୋକଙ୍କୁ ପ୍ରବେଶ କରିବା ମନା। ସ୍ତ୍ରୀମାନଙ୍କ ଭଳି ଦେଖିବା କୌଣସି ପ୍ରକାର ଅନେକ ନ ହୁଏ, ମନ୍ତ୍ରୀଙ୍କ ଆଜ୍ଞା, ମୁଁ ଏ କଥା ଦେଖିବି। ତେବେ କହ ତୁମେ କିଏ ? କି ଉଦ୍ଦେଶ୍ୟରେ ଏଠାକୁ ଆସିଛ ?

କନକ—ଆମ୍ଭେମାନେ ବିଜୟପୁରର ଯାତ୍ରୀ।

ପ୍ରହରୀ—ବିଜୟପୁର ଘର ! ଏଠାକୁ ଆସିବାର ଉଦ୍ଦେଶ୍ୟ ?

କନକ—ପୁରୁଷୋତ୍ତମର ମୂର୍ତ୍ତି ଦର୍ଶନ ନିମନ୍ତେ ଆସିଥିଲୁ। ଶୁଣୁଛନ୍ତି ଦେଖି ନିକଏ ନିକଏ ଫାଶୀ ଦେଉଛନ୍ତି।

ପ୍ରହରୀ—ତା କହି ପାରେ; କିନ୍ତୁ ଦେଖ, ସ୍ତ୍ରୀଲୋକମାନଙ୍କୁ ଭେଟିବି ନ ଯାଅ। ମହାରାଜା ଜାଣି ପାରିଲେ ଆମମାନଙ୍କୁ ଦଣ୍ଡ ଦେବେ। ପ୍ରହରୀର କାର୍ଯ୍ୟ କୌଣସି ଲୋକଙ୍କୁ ପୁରୁଷଭୂମିକୁ ନ ଛାଡ଼ିବା।

ଦେବ—କିଏ ତୁମର ମହାରାଜା, ବୁଝ ?

ପ୍ରହରୀ—ମହାରାଜା ? କାହିଁକି, ଓଡ଼ିଶାର ମହାରାଜା ପୁରୁଷୋତ୍ତମ ଦେବ।

ଦେବ—ସେ କଣ ଏ ସ୍ତ୍ରୀଦେଶକୁ ଆସିଛନ୍ତି ?

ପ୍ରହରୀ—ହଁ, ମହାରାଜା ଆସିଛନ୍ତି।

ପଦ୍ମ—ତେବେ ସେ ଜଣେ ଶକ୍ତିମାନ ପୁରୁଷଶ୍ରେଷ୍ଠ ?

ପ୍ରହରୀ—ହଁ, ମହାରାଜା ଏ ଯୁଦ୍ଧ ଖେଳନ୍ତି; କିନ୍ତୁ ସେ ଏବେଠାରୁ ଅସ୍ତ୍ର ଧରୁ ନାହାନ୍ତି । ସେନାପତି ବୀରକେଶରୀ ଭାର ପାଇଛନ୍ତି ରାଜଧାନୀକୁ । ସେଠାରେ କଠିନ ଯୁଦ୍ଧ ହେବ, ସେଥିପାଇଁ ସେନାପତି ରାଜଧାନୀରେ ରହିବେ । ଏବେ ଅର୍ଜୁନ ସିଂହ ସେନାପତି, ତାଙ୍କ କଥାରେ ବର୍ତ୍ତମାନ ଯୁଦ୍ଧ ଚାଲିଛି । ହାଏଁ, ବାଳକ ବାଳିକେ ! କିନ୍ତୁ ସାବଧାନ, ଯୁଦ୍ଧଭୂମିକୁ ଯେପରି ନ ଯାଅ ! ସାବଧାନ ! ( ପ୍ରସ୍ଥାନ )

ପଦ୍ମ—କନକ ! ମହାରାଜା ପୁରୁଷୋତ୍ତମ ଦେବ ଏ ଯୁଦ୍ଧକୁ ଆସିଛନ୍ତି ?

କନକ—ଆସିବାର ତ କଥା ଥିଲା, ଆସିଥିବେ । ଚାଲ ପଦ୍ମ, ଏ ଯୁବକଟିକୁ ଟିକିଏ ପାଣି ଦେବା । ତାର ବହୁତ କଷ୍ଟ ହେଉଛି । ଆହା ବିଚରା !

ପଦ୍ମ—ଚାଲ । ଦେଖ କନକ, ସେ ଯୁବକଟିକୁ ଯେ ସେ ରକ୍ତମୁଣ୍ଡ ଛୁଡ଼ି ଆସିଲା, ତାଙ୍କର ଘୋର ଯନ୍ତ୍ରଣା ହେଉଥିଲା । ଚାଲ, ସେଠାକୁ ଟିକିଏ ଯିବା ।

କନକ—ତାର ଆଉ ସେ ଯନ୍ତ୍ରଣା ନ ଥିବ । ଚାଲ ଏବଣି ଯିବା । ଏ ଯୁବକଟି ଏଠାରେ ପଡ଼ିଛି । ଆଉ ମଧ୍ୟ ନୂତନ ସ୍ଥାନରେ ଖୋଜିବା !

ପଦ୍ମ - ନା, କନକ, ସେଠାକୁ ଟିକିଏ ଚାଲ । ଯୁବକ, ଆଉ ନ କାନ୍ଦ !

କନକ—ଏଇ ଦେଖ ସେ ଯୁବକ ଆଉ ଜଣକୁ ଦେଖି ଅଶ୍ରୁପୂର୍ଣ୍ଣକର ଫେରାଇଲା । ଦେଖୁ ଦୁଃଖ, ସଜନି । ଏଣେ ଆସ, ପଦ୍ମ !

ପଦ୍ମ—ଚାଲ, କନକ ! [ ପ୍ରସ୍ଥାନ ]

## —ଚତୁର୍ଥ ଦୃଶ୍ୟ—

ସ୍ଥାନ—ବୃନ୍ଦାବନଘାଟ ଶିବିର ।

[ ପୁରୁଷୋତ୍ତମ ଦେବ ଓ ଅର୍ଜ୍ଜୁନ ସିଂହ ଦଣ୍ଡାୟମାନ ]

ରାଜା—ତେବେ, କେତେ ସୈନ୍ୟ ଯାଉଛନ୍ତି, ଅର୍ଜ୍ଜୁନ ସିଂହ ?

ଅର୍ଜ୍ଜୁନ—ସେ କଣ, ମହାରାଜ ! କେତେ ସୈନ୍ୟ ଯାଉଛନ୍ତି ? ମହାରାଜାଙ୍କର ନାମ ମାତ୍ର ଶୁଣିଲେ ଓଡ଼ିଶାର ଅବଳା ମଧ୍ୟ ଅସ୍ତ୍ର ଧରି ଉଠିବେ । ସୈନ୍ୟ ଯାଉଛନ୍ତି ? ମୁଁ ଅଶୀ ସହସ୍ର ସୈନ୍ୟ ସଜ୍ଜିତ କରି ରଖିଅଛି । ତେଣୁଁ ସେନାପତିଃ ବାମଦେବ, ଓ ଚନ୍ଦ୍ରନାଥ, କାଞ୍ଚୀପୁରରେ ପ୍ରାୟ ଏକ ଲକ୍ଷ ସୈନ୍ୟ ଅବସ୍ଥାନ କରୁଅଛନ୍ତି । ଏହା ଛଡ଼ା ଏକ ଲକ୍ଷ ସୈନ୍ୟ ରାଜଧାନୀରେ ରକ୍ଷିତ ଅଛନ୍ତି । ସେମାନଙ୍କ ପ୍ରତ୍ୟେକଙ୍କ ଜୀବନ ମହାରାଜାଙ୍କ ନିମନ୍ତେ ଉତ୍ସୃଷ୍ଟ । ସେମାନଙ୍କ ବାହୁବଳରେ ଶତ୍ରୁନାଶ, ହୃଦୟରେ ବଶୀଭୂତ ଉତ୍ସାହ, ମହାରାଜାଙ୍କ ଜୟଗାନ, ମୁଖରେ ମଙ୍ଗଳ କାମନାରେ, ପ୍ରାଣ ଦେବାକୁ ପ୍ରସ୍ତୁତ । ଅଧିକ କହିବେ କାହିଁ, ମହାରାଜ, ସୈନ୍ୟ ବହୁତ ।

ରାଜା—କେତେ ଦିନରେ ଅଭିଯାନଙ୍କ ସ୍ଥାନ କିଏ ପୂର୍ଣ୍ଣ କରିବ ? ଶତ୍ରୁଗଣ ପୁଣି ଜାଳି ଧାଉଁଅଛନ୍ତି । ଉଃ, କି ଦୃଶ୍ୟ ସେ ଯୁଦ୍ଧକ୍ଷେତ୍ରର କାଳି ! ରଣରେ ସୈନିକମାନଙ୍କ ଆକ୍ରମଣରେ ଆହତ ହୋଇ ମୁଁ ଚିତାପାରରେ ଜାଗିଲି । ସେତେବେଳେ ସ୍ୱର୍ଗର ଦେବୀତୁଲ୍ୟ କିଏ ଆସି ମୋର ମୁମୂର୍ଷୁ କଣ୍ଠରେ ଅମୃତ ଢାଳି ଦେଇଥିଲେ ।

ଅର୍ଜ୍ଜୁନ—ସେ ତ କାଞ୍ଚୀରାଜାଙ୍କ କନ୍ୟା, ମହାରାଜ ! ଯୁଦ୍ଧକ୍ଷେତ୍ରରେ ଜଳଦାନ କରି ବୁଲୁଥିଲେ । ବଡ଼ ସୁନ୍ଦରୀ ସେ ରାଜକନ୍ୟା ।

ରାଜା—କାଞ୍ଚୀରାଜଙ୍କ କନ୍ୟା ପଦ୍ମାବତୀ—ତାହାଙ୍କ ଶାନ୍ତି, ଛବି, ନୟନମୁକୁରରେ ସ୍ପଷ୍ଟ ଉଠିଅଛି । ଉଃ କି ଦୟା ତାଙ୍କର ! କରୁଣାର ମୂର୍ତ୍ତି । ଏ ଜୀବନ ଆଜି ଯେ ଦେଖୁଛ, ସେ କେବଳ, ଏ ତାଙ୍କରି କୃପା । ନୋହିଥିଲେ ମୁଁ କାଳି ଯୁଦ୍ଧକ୍ଷେତ୍ରରୁ ଫେରି ନ ଥାନ୍ତି ।

ଅର୍ଜ୍ଜୁନ—ଏତେ କଷ୍ଟ, ମହାରାଜ ? ଆଜି ଯୁଦ୍ଧକୁ ଯିବେ ?

ରାଜା—ଯିବ । ପୁରୁଷୋତ୍ତମଙ୍କୁ ନ ଯିବ ? ସେ ଇଚ୍ଛା ନାହିଁ । ମୁଁ ପ୍ରଥମେ କହିଥିଲି ଯୁଦ୍ଧ ବନ୍ଦ କରିବାକୁ, ଭକ୍ତବତ୍ସଳ ଗୋପାଳଙ୍କୁ ଭୁଲିଲି ବୋଲି ; କିନ୍ତୁ ଯୁଦ୍ଧ ଥରେ ଆରମ୍ଭ କଲା ମଧ୍ୟରେ ଏ ଦୁର୍ବଳତା ମଧ୍ୟ ଗୋପାଳଙ୍କୁ ଭୁଲିବ, ଅର୍ଜୁନ ସିଂହ ! ଆଜି ମୁଁ ଯୁଦ୍ଧକୁ ଯିବି । ଭୁଲିଲି ଏଣୁ, ତୁମି ଏ ଯୁଦ୍ଧ ବନ୍ଦ କର । ମୁଁ ଯିବି ।

ଅର୍ଜୁନ—ଯୁଦ୍ଧ ବନ୍ଦ ହେଉ ମହାରାଜ ! କିନ୍ତୁ ଅର୍ଜୁନ ସିଂହ ଏ ଜୀବନରେ ଅସମର୍ଥ ହୁଏ । ଆବାଲ୍ୟରୁ ଯୁଦ୍ଧ କରି କରି ଏ ଶରୀର ହାଡ଼ଗୁଡ଼ା କଠିନ ହୋଇଅଛି । ଏ ପ୍ରାଣ ଦେହରୁ ଟାଣି ହୋଇଅଛି । କିନ୍ତୁ ତାହା ନାହିଁ ମହାରାଜ ! ଜାଣିଥିବେ ଅର୍ଜୁନ ସିଂହର ଧମନୀରେ ଏକ ବିନ୍ଦୁ ରକ୍ତ ପ୍ରବାହିତ ହେଉଥିବା ଯାଏ ସେ ବିନ୍ଦୁଟି ମହାରାଜଙ୍କର । ଅର୍ଜୁନ ସିଂହର ଏ ତରବାରି ଚିରକାଳ ଶତ୍ରୁ ରକ୍ତରେ ବର୍ଦ୍ଧିତ ହୋଇଅଛି । ଓଡ଼ିଶାର ଗଜପତିଙ୍କର ଏପରି ଯୁଦ୍ଧ ହୋଇନାହିଁ, ଯହିଁରେ ଏ ତ୍ରିଭୁବନ ଶ୍ରେଷ୍ଠ ମୋର ଶତ୍ରୁର ରକ୍ତକୁ ପାନ ନ କରିଛି । ଯୁଦ୍ଧ ଅର୍ଜୁନ ସିଂହ ଜୀବିତ ଥାଉଁ ଥାଉଁ ମହାରାଜାଙ୍କର କୌଣସି ଚିନ୍ତା ନାହିଁ ।

ରାଜା—ବନ୍ଧୁ, ବିଜୟ ଦେବ ତ କାଲି ପରାସ୍ତ ହୋଇ ଆଜି ପୁନଶ୍ଚ ଯୁଦ୍ଧ କରିବାକୁ ଉଦ୍ୟତ । ଆଜି ପରାସ୍ତ ହେଲେ କାଲି ପୁଣି କେଜାଣି ଯୁଦ୍ଧ କରିବେ । ଏପରି କେତେଦିନ ଚାଲିଥିବ ?

ଅର୍ଜୁନ—ଆଉ ବେଶିଦିନ ନୁହେଁ, ମହାରାଜ ! ବିଜୟ ଦେବ ପ୍ରଥମ ସହସ୍ର ମାତ୍ର ସୈନ୍ୟ ଘେନି ଯୁଦ୍ଧ ଆରମ୍ଭ କରିଥିଲେ । ସେ ସୈନ୍ୟମାନେ ପୁଣି ଅଧିକାଂଶ ଅଶିକ୍ଷିତ । ସେଥିରୁ ପ୍ରାୟ ଅର୍ଦ୍ଧ ସହସ୍ର କାଲି ନିହତ ହୋଇ ଅଛନ୍ତି । ନୂତନ ସୈନ୍ୟ ମଧ୍ୟ ଦୁଷ୍ପ୍ରାପ୍ୟ । ଆଉ କେତେ ଦିନ ଏପରି ଚଳାଇବେ ? ଖୁବ୍ ବେଶି ତିନି ଦିନ । ତହିଁରୁ ଅଧିକ ନୁହେଁ, ମହାରାଜ !

ଅସ୍ମମାନଙ୍କର ଏହି କୋଡ଼ିଏ ସହସ୍ର ସୈନିକଙ୍କୁ ଦେଖି ଯୁଦ୍ଧ ଭୂମିକୁ ଛାଡ଼ିବାକୁ ଇଚ୍ଛିବ ନାହିଁ ।

ରାଜା—ସୈନିକବର, ଯୁଦ୍ଧକୁ ଯିବା—ପୂର୍ବେ ଧନ ଆହେ ! ଦେଖ, କି ସୁନ୍ଦର ଏ ସମୁଦ୍ର । ଏହାର ଫେନପୁଞ୍ଜର କଣିକାମାନଙ୍କର ଦେହାସ୍ତ ଉତ୍ତାପ ଦେଇ ଚତୁର୍ଦ୍ଦିଗରେ ବିକରଣ କରି ଚାଲିଅଛି । ସାଗରର ତରୁଣ ତରଙ୍ଗ କି ନିବିଡ଼ ଉଚ୍ଛ୍ୱାସ ଆବେଗରେ ବହମାନ ! ଆଉ ଦେଖ, ଅର୍ଜ୍ଜୁନ ସିଂହ, ଆକାଶର ଏହି ନୀଳ ଫଳକ ଉପରେ ଉଦୀୟମାନ ତପନର ଉଜ୍ଜ୍ୱଳ ରଶ୍ମିରେଖା କି ସୁନ୍ଦର ସୌନ୍ଦର୍ଯ୍ୟରେ ଲେଖା ହୋଇ ଅଛି । କି ଶୋଭାପ୍ରଦ ରୂପରେ ଏହି ଦୂର ବନମାଳାର ଶ୍ୟାମଳ କୋମଳ ପତ୍ରପୁଞ୍ଜ ଉଷାର ସ୍ୱର୍ଣ୍ଣ ଅଞ୍ଚଳ ଚିହ୍ନ ବହନ କରୁଛି । ଆଉ ପୁଣି ବାଳ କୋକିଳଙ୍କର ସ୍ୱରମଧୁର ସ୍ୱରଲହରୀ ଉଚ୍ଛଳିତ ହୋଇ ଅନନ୍ତ ଅମ୍ବରକୁ ଭେଦି ଆସି ଏ ପ୍ରାନ୍ତରକୁ କମ୍ପିତ କରୁଛି ବନ୍ଧୁବର ! ପୁଣ୍ୟ ପ୍ରଭାତରେ ଶାନ୍ତି ଭରିଅଛି ! ଆହା, ଉଭୟ ପ୍ରକୃତିର ଏ କି ମଧୁର ମିଳନ, ଶ୍ୟାମଳ ଉଜ୍ଜ୍ୱଳର କି ଗଭୀର ଆଲିଙ୍ଗନ ! ଏ ମିଳନ କାଳରେ, ଚତୁର୍ଦ୍ଦିଗରେ ଉତ୍ସବର ଏ ପୁଣ୍ୟ ଆଲିଙ୍ଗନ ମଧ୍ୟରେ, ସୈନିକବର, ଆସ ବିଦାୟ ନେବାକୁ ହେବ । ଆଜି ଏ ଜନ୍ମର ବିଦାୟ । ଯଦି ପୁନର୍ବାର ସାକ୍ଷାତ୍ ହୁଏ, ଉତ୍ତମ । ନୋହେଲେ ସେଠି ଦେଖା ହେବ ସ୍ୱର୍ଗରେ । ପରସ୍ପରଙ୍କୁ ଆଲିଙ୍ଗନ କରିବା, ଜୀବନର ଦୁଃଖକାହାଣୀ ଭୁଲି ଯାଇ ସୁଖରେ କାଳଯାପନ କରିବା; ନୋହିଲେ ଏ ଶେଷ ଦେଖା, ବନ୍ଧୁବର ! ଯାଅ ଅର୍ଜ୍ଜୁନ ସିଂହ, ବିଦାୟ ଦିଅ । ଉତ୍କଳର ସ୍ୱାଧୀନତା ପାଇଁ ତୁମେ ପ୍ରାଣ ଦିଅ ! ବନ୍ଧୁ ନାହିଁ, ବନ୍ଧୁ ! ଏହି ଜୀବନରେ ଆଉ କହିବାକୁ ସମୟ ନ ମିଳେ ।

[ ହିକ ଏ ପୁରୁଷ ନେପଥ୍ୟ ବାଦ୍ୟରବ ]

ଏ କଣ, ବନ୍ଧୁ ! ଶତ୍ରୁ ନିକଟରେ, ଯାଅ ଆଉ ବିଳମ୍ବ ନାହିଁ, ସତ୍ତ୍ୱର ଯାଅ, ସୈନିକବର !

[ ଅର୍ଜ୍ଜୁନ ସିଂହଙ୍କ ପ୍ରସ୍ଥାନ ]

[ଢଳନ୍ତି ବୃଦ୍ଧ ଅର୍ଜ୍ଜୁନ ସିଂହ ବକ୍ଷରୁ ଅସିଗ୍ରହଣ ।]

ଯାଅ ବୃଦ୍ଧ ! ବୃଦ୍ଧ ହେଲେ ସୁଦ୍ଧା ସିଂହ । ସିଂହ, ଯାଅ !

[ ନେପଥ୍ୟ ନଗରରେ ବାଦ୍ୟ ଓ କୋଳାହଳ ]

କେଉଁ କଣ ଏମନ୍ତ ନିନାଦିତ ? କି ଉଦ୍ଦେଶ୍ୟ ? କାହିଁ ମୋର ତରବାରି ? ତୁମେ, ତରବାରି ଦିଅ । ( ପ୍ରହରୀ ତରବାରି ଦେଲା ) ଏହି ତରବାରି । ଦେଖ, ତରବାରି ! ତୋର ପବିତ୍ର ପାଣି ଉଷୁମ ଶତ୍ରୁର ରକ୍ତ । ତା ପରେ ତୁ ନ ଯାଅ, ତୋର ଉପାସକର ଏହି ବକ୍ଷରେ ତୋହର ଅନ୍ତିମ ଆଶ୍ରୟ ଖୋଜିବାକୁ ନେବ ।

[ ବିଜନଙ୍କର ପ୍ରବେଶ ]

ରାଜା—ବିଜନ ଦେବ, ଶତ୍ରୁ ଶିବିରରେ ଏକାକୀ ଏପରି କେ ?

ବିଜନ—କାଲିର ଘଟଣା ସ୍ମରଣ କର, ଦସ୍ୟୁ ! ଆଜି ପୁଣି ଘଟିବ ।

ରାଜା—ଆଜି ଘଟଣାର ଉଦ୍ଦେଶ୍ୟ, ବିଜନ ଦେବ ?

ବିଜନ—ମୃତ୍ୟୁ ।

ରାଜା—ଏକାକୀ ମୃତ୍ୟୁ ? କେଉଁ କାରଣ, ବିଜନ ?

ବିଜନ—ଆତ୍ମରକ୍ଷା କର, ବର୍ବର !

ରାଜା—ଶାନ୍ତ ହୁଅ, ବିଜନ ! ତୁମେ ବର୍ତ୍ତମାନ ମୋ ଶିବିରରେ ଏକାକୀ । ସନ୍ଧ୍ୟାନ୍ତର ଆକ୍ରମଣ କରିବାକୁ ଆସିଥିଲେ, ମୁଁ ଆତ୍ମରକ୍ଷା କରନ୍ତି । ତୁମେ ଏକ୍ଷଣି ଏ କୁଟୀରର ଅତିଥି । ମୁଁ ଆତ୍ମରକ୍ଷା କରିବି ନାହିଁ । ଏଇ ଅସ୍ତ୍ର ତ୍ୟାଗ କଲି । ତୁମର ଇଚ୍ଛା ମୋତେ ବଧ କରିବ, କର । ମୋର ଆତ୍ମରକ୍ଷାର ପ୍ରୟୋଜନ ନାହିଁ ।

ବିଜନ—ଧୂର୍ତ୍ତ, କାପୁରୁଷ, ଦସ୍ୟୁ । ପ୍ରାଣର ଯେବେ ଏତେ ମମତା, ମୃତ୍ୟୁକୁ ଯେବେ ଏତେ ଭୟ, ଯୁଦ୍ଧକ୍ଷେତ୍ରକୁ ଆସିଥିଲୁ କିମନ୍ତେ ? ଦେଖ, ଆତ୍ମ ରକ୍ଷାକର !

[ବିଜନ ପୁରୁଷୋତ୍ତମ ଦେବଙ୍କୁ ଆକ୍ରମଣ କରିବାକୁ ଉଦ୍ୟତ ହେଲନ୍ତି, ନିଶି ତରବାରି ଉଠାଇ ବିଜନଙ୍କୁ ବାଧା ଦେବା]

ଦୂର ହୁଅ, ଘାତକ ! ତୋର ବଧ ଏ ତରବାରିରେ ହେବ ।

ରାଜା—ଶାନ୍ତ ହୁଅ ପ୍ରହରି ! [ ପ୍ରହରୀ ଶାନ୍ତ ହେଲା ]

ଚମ୍ପକ—ପ୍ରଭୁ, ପ୍ରାଣ ପ୍ରତି ତାର ଏତେ ମମତା, ମାନେ ନାହିଁ ।

ରାଜା—ମମତା ଛାଡ଼, ଚମ୍ପକ ଦେବ ! ପୁରୁଷୋତ୍ତମ ଦେବ କେବେ ମରି ଜାଣେ । ମମତା କଲି ଛାଡ଼ି । ଏ ମୃତ୍ୟୁର ଭୟ ଛାଡ଼, ଚମ୍ପକ !

ଚମ୍ପକ - ପ୍ରଭୁ, କାପୁରୁଷର ଆଶ୍ରୟ, ବୀରଭୂର ଛଳନା, ଉଦାରଚରିତ୍ର ପ୍ରବଞ୍ଚନା ! ( ଚୋଟିଏ ଶିଟି ବଜାଇ ) ତୋର ହତ୍ୟା, କାପୁରୁଷ: ଶୂଳଦଣ୍ଡରେ ଛାଡ଼; ଏ ରାଜହସ୍ତରେ, ରାଜ ତରବାରିରେ ଛାଡ଼ ।

[ ସୈନିକମାନଙ୍କର ପ୍ରବେଶ ]

ସୈନ୍ୟଗଣ—ମହାରାଜାଙ୍କର ଜୟ ।

ଚମ୍ପକ—ଏହାକୁ ବନ୍ଦୀ କର; ସୈନିକଗଣ !

ପ୍ରହରୀ—ମହାରାଜ !

ରାଜା—ଶାନ୍ତ ହୁଅ ପ୍ରହରି !

[ ସୈନିକଗଣ ବନ୍ଦୀ କଲେ ]

ପ୍ରହରୀ—ମହାରାଜ !

ରାଜା—ପ୍ରହରି; କିଛି ଚିନ୍ତା ନାହିଁ ।

ଚମ୍ପକ—ତୋର ପୁରୁଷୋତ୍ତମ ନିଜେ ନିସ୍ତେଜ, ପ୍ରହରି ! ତୋର ଏତେ ଚିନ୍ତା କାହିଁକି ? ବନ୍ଦୀକୁ ନେଇଯାଅ, ସୈନିକଗଣ !

[ପ୍ରହରୀର ଅନୁଗମନ]

ରାଜା—ତୁମ୍ଭର ଅଭିବାଦ ପ୍ରୟୋଜନ ନାହିଁ । ତୁମ୍ଭେ ଶୀଘ୍ର ରକ୍ଷା କର, ପ୍ରହରି; ଆଉ ଦୁଇ ଅର୍ଜୁନ ସିଂହ ଫେରିଲେ ଏ ସମ୍ବାଦ ଦିଅ ।

ପ୍ରହରୀ—ଅବଶେଷରେ ମହାରାଜା ବନ୍ଦୀ । [ ପ୍ରସ୍ଥାନ ]

## —ପଞ୍ଚମ ଦୃଶ୍ୟ—

ସ୍ଥାନ—କୃଷ୍ଣାନଦୀ ନିକଟରେ ଗୋଟିଏ ଦୁର୍ଗ ।

[ ଭୀଷମ ଦେବ ଓ ରାମଚନ୍ଦ୍ର ଦେବ ଦଣ୍ଡାୟମାନ ]

ରାମ—ଏ ଦୁର୍ଗ ମୁଁ ପ୍ରଥମେ ଅଧିକାର କରିଛି ।

ଭୀଷମ—ମୁଁ ପ୍ରଥମେ ଅଧିକାର କରିଛି ।

ରାମ—ମୋର ସୈନ୍ୟମାନେ ପ୍ରଥମେ ଏଠାରେ ପ୍ରବେଶ କରିଥିଲେ ।

ଭୀଷମ—ନା, ମୋର ସୈନ୍ୟମାନେ ପ୍ରଥମେ ପ୍ରବେଶ କରିଥିଲେ ।

ରାମ—ମୁଁ ବର୍ତ୍ତମାନ ଏ ଦୁର୍ଗର ଅଧିକାରୀ ।

ଭୀଷମ—ନା, ଅଧିକାରୀ ମୁଁ ।

ରାମ—କିପରି ?

ଭୀଷମ—ଅଧିକାର ଥିବାରୁ ।

ରାମ—କି ଅଧିକାର ?

ଭୀଷମ—ରାଜାର ଯେ ଅଧିକାର ରାଜ୍ୟରେ ଥାଏ ।

ରାମ—କିଏ ରାଜା ?

ଭୀଷମ—ସମଗ୍ର ଓଡ଼ିଶାର ରାଜା ମୁଁ, କେବଳ ଏ ଦୁର୍ଗର ନୁହେ, ରାମଚନ୍ଦ୍ର !

ରାମ—ତୁମ୍ଭେ ସମଗ୍ର ପୃଥିବୀର ରାଜା ହୋଇପାର; କିନ୍ତୁ ଏ ଦୁର୍ଗର କଦାପି ନୁହ, ଭୀଷମ ଦେବ !

ଭୀଷମ—ନୁହେଁ ?

ରାମ—ନା, ନୁହଁ ।

ଭୀଷମ—ତେବେ ଦେଖାଯାଉ, କିଏ ଏ ଦୁର୍ଗର ରାଜା !

ରାମ—କିପରି ?

ଭୀଷମ—କିପରି ?

ରାଜା—ହଁ, କିପରି ଦେଖାଯିବ—କିଏ ଏ ଦୁର୍ଗର ରାଜା ?

ଭୀଷମ—ଯାହାର ଶକ୍ତି ଅଧିକ ।

ରାମ—କାହାର ଶକ୍ତି ଅଧିକ ?

ଭୀଷମ—ମୋର । ନା, ପରୀକ୍ଷା କରି ଦେଖିବା—କାହାର ଅଧିକ ।

ହମ—ଖୋଷା ?

ବିକ୍ରମ—ହଁ, ଖୋଷା, ଅମୃତଷା କର, ବର୍ବର !

ହମ—ଆମୃତଷା ?

ବିକ୍ରମ—ହିଁ ଆମୃତଷା, କାପୁରୁଷ !

[ ଜଣେ ସୈନିକର ପ୍ରବେଶ ]

ସୈନିକ—ମହାରାଜ, ସେନାପତି ଅର୍ଜୁନ ସିଂହ ଆକ୍ରମଣ କରୁଅଛି !

ବିକ୍ରମ—କରୁ, ଯାଅ ସୈନିକ ! ଆଗେ ନିଷ୍ପତ୍ତି ହେଉ କିଏ ଏ ଦୁର୍ଗରେ ରାଜା, ତାପରେ ଯୁଦ୍ଧରେ କି ଲାଭ ? [ସୈନିକର ପ୍ରସ୍ଥାନ]

ହମ—ତା ସତ୍ୟ, ବିକ୍ରମ ଦେବ ! ଯୁଦ୍ଧରେ କି ଲାଭ ? ଆଗେ ନିଷ୍ପତ୍ତି ହେଉ, କିଏ ଏ ଦୁର୍ଗର ରାଜା ।

ବିକ୍ରମ—ସେ ତ ନିଷ୍ପତ୍ତି ହୋଇଅଛି । ସମଗ୍ର ଉତ୍କଳ ଦେଶର ଯେ ରାଜା, ତା ନିକଟରେ ଏ ଦୁର୍ଗେଶ୍ୱର ହସ୍ତ ପୁଣି କାହିଁକି ?

ହମ—ଏ ଶରୀରରେ ବିନ୍ଦୁଏ ରକ୍ତ ଥିବାଯାଏ ଦୁର୍ଗ ତୁମର ନୁହେଁ, ବିକ୍ରମ ଦେବ !

[ ସୈନିକର ପୁନର୍ବାର ପ୍ରବେଶ ]

ସୈନିକ—ଅର୍ଜୁନ ସିଂହ ଦୁର୍ଗଦ୍ୱାରରେ, ମହାରାଜ !

ବିକ୍ରମ—ଯାଅ, ସୈନିକ, କଥା କହ ନାହିଁ ।

[ ସୈନିକ ପ୍ରସ୍ଥାନ ]

ଏ ଶରୀରରେ ବିନ୍ଦୁଏ ରକ୍ତ ଥିବାଯାଏ ଦୁର୍ଗ ମୋର ହମଦେବ, ଦେବ !

ହମ—ଆଚ୍ଛା ଦେଖାଯାଉ, ବିକ୍ରମ ଦେବ !

ବିକ୍ରମ—ଦେଖାଯାଉ ।

[ ଆକ୍ରମଣରେ ବିକ୍ରମ ନିପତିତ ହେଲେ ]

ହମ—କିଏ ହେଲା ଏ ଦୁର୍ଗର ରାଜା ବିକ୍ରମଦେବ ?

ବିକ୍ରମ—(ଉଠି) କିଏ ହେଲା ?

[ ଅର୍ଜୁନ ସିଂହଙ୍କ ପ୍ରବେଶ ]

ହମ—ଅର୍ଜୁନ ସିଂହ, ତୁମେ କଣ୍ଟକର କରିଅଛ ? ତୁମ ପୁରୁଷୋତ୍ତମଙ୍କର ପ୍ରଧାନ ଶତ୍ରୁ ଏଇ ବିକ୍ରମ ଦେବ । ବଡ଼ କାପୁରୁଷ, ବଡ଼ ଭୀରୁ, ବଡ଼ ଦୁର୍ବଳ । ବଧକର, ନଚେତ୍ ବନ୍ଦୀ କରି ନିଅ !

ଅର୍ଜୁନ—ଶତ୍ରୁର ଆବାସରେ ଶତ୍ରୁକୁ ବଧ ବା ବନ୍ଦୀ କରିବା କ୍ଷତ୍ରିୟତ ଜାଣେ ନାହିଁ, ରାମଚନ୍ଦ୍ର ଦେବ! ଇଚ୍ଛା ହେଲେ ଶତ୍ରୁଙ୍କୁ ବଧ କରନ୍ତି, ବନ୍ଦୀକରି ନିଅନ୍ତି। କିନ୍ତୁ ଯୁବକଦ୍ୱୟ, ସମ୍ରାଟ କପିଳେନ୍ଦ୍ର ଦେବଙ୍କ ଅନ୍ନ ଜଳରେ ଏ ଶରୀର ପୁଷ୍ଟ, ଏ ପ୍ରାଣ ପ୍ରତିପାଳିତ। ସେ ଇଚ୍ଛା ନାହିଁ। ଓଡ଼ିଶା ଗଜପତିଙ୍କ ବକ୍ସୀ ଅନ୍ୟାୟରେ କାହାର ପ୍ରାଣ ନିଏ ନାହିଁ। ପ୍ରାଣଦାନ କରିବା କ୍ଷତ୍ରିୟର ଧର୍ମ। ଯାଅ, ଯୁବକଦ୍ୱୟ—ଏ ଦୁର୍ଗରୁ ସତ୍ୱର ନିଷ୍କ୍ରାନ୍ତ ହୁଅ। (ରାମଚନ୍ଦ୍ର ଦେବଙ୍କ ପ୍ରସ୍ଥାନ) ଏ ମହାରାଜ ପୁରୁଷୋତ୍ତମ ଦେବଙ୍କ ଦୁର୍ଗ। ପଳାୟନ କର, ବିକ୍ରମ ଦେବ!

ବିକ୍ରମ—ପଳାୟନ? କି ନିମନ୍ତେ, ବୃଦ୍ଧ?

ଅର୍ଜୁନ—ସମ୍ମାନ ନିମନ୍ତେ ଯୁବକ, ଆଉ ଯେଉଁଥିରୁ ଅଧିକ ହେଲେ ଜୀବନ ନିମନ୍ତେ।

ବିକ୍ରମ—ବିକ୍ରମ ଦେବର ସମ୍ମାନ ହାନି କରିବ, କିଏ ଅଛି ଏପରି? ଦୂରର କଥାତ ଜୀବନ।

ଅର୍ଜୁନ—ଦୂରର କଥା ନିଶ୍ଚୟ, ଯୁବକ! ତା ନ ହେଲେ ଏ ପ୍ରକାର ଶୁଣୁ ନ ଥାନ୍ତି। ସତ୍ୱର ନିଷ୍କ୍ରାନ୍ତ ହୁଅ।

ବିକ୍ରମ—ନା, ଏ ଦୁର୍ଗ ମୋର। ରାମଚନ୍ଦ୍ର ଦେବଙ୍କୁ ପରାସ୍ତ କରି ଅଧିକାର କରିଛି—ଏ ମୋର ଦୁର୍ଗ।

ଅର୍ଜୁନ—ଦୁର୍ଗ କାହାର ସେ ପ୍ରଶ୍ନ ଏଠାରେ ହେଉନାହିଁ। ଶୀଘ୍ର ନିଷ୍କ୍ରାନ୍ତ ହୁଅ, ବିକ୍ରମ ଦେବ!

ବିକ୍ରମ— ଅର୍ଜୁନ ସିଂହ, ଶୀଘ୍ର ନିଷ୍କ୍ରାନ୍ତ ହୁଅ। ନଚେତ୍ ଏ ବୃଦ୍ଧ ମସ୍ତକ ତୁମ୍ଭର ଏହି ମୁହୂର୍ତ୍ତରେ ଛିନ୍ନ ହେବ।

ଅର୍ଜୁନ—ସେ ଭୟ ନାହିଁ, ଯୁବକ! ଅର୍ଜୁନ ସିଂହ ମୃତ୍ୟୁକୁ ଡରେ ନାହିଁ। ଜୀବନର ମମତା ରଖି କ୍ଷତ୍ରିୟ କେବେ ଯୁଦ୍ଧଭୂମିକୁ ଆସେ? ଭ୍ରାନ୍ତ ଯୁବକ!

ବିକ୍ରମ—ତେବେ ତ ବେଶ୍ ସାହସୀ ବୃଦ୍ଧ! ଏବେ ଆତ୍ମରକ୍ଷା କର।

ଅର୍ଜୁନ—ପ୍ରୟୋଜନ ନାହିଁ, ଯୁବକ! ଆତ୍ମରକ୍ଷାର ସ୍ଥାନ ଆନ୍ୟତ୍ର।

ବଜମ—ଅନ୍ୟାୟ ! ଏତେ ଆସ୍ପର୍ଦ୍ଧା, ମୂର୍ଖ ! ଦେଖ ଏହି ଖଡ୍ଗର ଶେଷ କାର୍ଯ୍ୟ ।

( ବଜମ ଆକ୍ରମଣ କରିବାକୁ ଉଦ୍ୟତ ହେଲକ୍ଷଣି ଅର୍ଜୁନ ସିଂହଙ୍କ ସୈନ୍ୟମାନେ ଖଡ୍ଗ ହାତରେ ଘେରିଗଲେ । )

ଅର୍ଜୁନ—କ୍ଷାନ୍ତ ହୁଅ, ସୈନିକଗଣ ! ଯୁବକକୁ ଯିବାର ପଥ ଦିଅ ।

[ ସୈନିକମାନେ ହଟିଗଲେ ]

ବଜମ ଦେବ, ପ୍ରାଣର ମୂଲ୍ୟ ଏତେ ଅଳ୍ପ ନୁହେଁ । ଶକ୍ତି ଅଛି ଯାଅ, ସମ୍ମୁଖସମରରେ; ଯୁଦ୍ଧକ୍ଷେତ୍ରରେ ପ୍ରାଣଦେବ । ଦୁର୍ଗର କକ୍ଷ ଶୟନଦାନର ସ୍ଥାନ ନୁହେ । ଯାଅ, ତୁମେ ମହାରାଜ କପିଳେନ୍ଦ୍ର ଦେବଙ୍କ ପୁତ୍ର । ତାର ଉପଯୁକ୍ତ କର ନିଜକୁ । ଯାଅ, ଯୁବକ ! [ ବଜମ ଦେବଙ୍କ ପ୍ରସ୍ଥାନ ]

ବର୍ତ୍ତମାନ ଦୁର୍ଗ ମହାରାଜାଙ୍କର । ଶତ୍ରୁ ଏବେ କ୍ଷୀଣ । ତରୁଣ ରକ୍ତର ଧାର ଚରଣରେ ଶ୍ୟାମଳସ୍ଥ ଭୂଷାରଶିକା ଏତାଳକ ହେଲା ପରି ବହ୍ନୋଜ୍ଜ୍ୱଳ ଶତକ ମଧ୍ୟରେ ବଳ ବୀର୍ଯ୍ୟ ହରଣ ଦେଖାଇଲେ । ଉଦ୍ଦେଶ୍ୟ ଉତ୍କଳ ମା' ଉତ୍କଳ ଭୂମିର । ଆସ, ସୈନିକଗଣ !

ସୈନିକ—ଜୟ, ମହାରାଜାଙ୍କର ଜୟ ! [ ପ୍ରସ୍ଥାନ ]

---

## —ଷଷ୍ଠ ଦୃଶ୍ୟ—

ସ୍ଥାନ—କୃଷ୍ଣାନଦୀକୂଳରେ ବଜମ ଦେବଙ୍କ ଶିବିର

( ପୁରୁଷୋତ୍ତମ ଦେବ, ବନ୍ଦୀ ଓ ପ୍ରହରୀ ଦଣ୍ଡାୟମାନ )

ରାଜା—ନା, ଏ ତ ଅନ୍ୟାୟ ।

ପ୍ରହରୀ—ଅନ୍ୟାୟ କଣ, ମହାରାଜ ?

ରାଜା—ଅନ୍ୟାୟ ନୁହେଁ, ପ୍ରହରୀ ? ଘୋର ଅନ୍ୟାୟ !

ପ୍ରହରୀ—ଅନ୍ୟାୟ ତ ମୋର, ମହାରାଜଙ୍କର କଣ ଅଛି ?

ରଜା—ତୁମ୍ଭର ଅନ୍ୟାୟରେ ମୋର ନିଷ୍କୃତି ଏକ ଅନ୍ୟାୟ । ପୁଣି ଆଜିର ଏକ ଅନ୍ୟାୟ—ତମର ଏପରି ଉଦାସୀନରେ କୋଣୁନ ! ପ୍ରହରି, ତୁମ୍ଭର ଏ ଦୟା ନିମନ୍ତେ ମୁଁ କୃତଜ୍ଞ । ମୋର ଜୀବନ ରକ୍ଷାପାଇଁ ତୁମ୍ଭେ ନିଜର ଜୀବନ ଦେବାକୁ ପ୍ରସ୍ତୁତ ଅଛ ଓଡ଼ିଆ ଏହା ପାରେ । କିନ୍ତୁ ଯେଉଁ ଓଡ଼ିଆର ପ୍ରାଣ ଏ ମହତ୍ତ୍ୱ ତ୍ୟାଗରେ ଗଠିତ, ସେ ପୁଣି କାତର ଏତେ ହୀନ, କାପୁରୁଷ ହେବ, ପ୍ରହରି ; କେବଳ ପ୍ରାଣ ରକ୍ଷିବାରେ, ଗୋପନରେ ଶତ୍ରୁର ଛାଉଣିରୁ ପଳାୟନ କରିବ ? ନା, ତା ହେବ ନାହିଁ । କିନ୍ତୁ ଏ ଦୁର୍ଦ୍ଦିନରେ ସ୍ୱଜନ ଦୁଃଖ ଶୋକ ମଧ୍ୟରେ ମୋ ପ୍ରାଣରେ ଏକ ଅପୂର୍ବ ଆହ୍ଲାଦ ହେଉଅଛି, ପ୍ରହରି ଯେ ଏ ଜାତି ଏତେ ପତିତ ହେଲେ ମଧ୍ୟ ଏପରି ମହତ୍ତ୍ୱ, ସାଧୁ ସାହସ, ଶକ୍ତି ରାଜପ୍ରାସାଦର ଉଚ ପାଷାଣସୌଧ ମଧ୍ୟରୁ ବିଲୁପ୍ତ ହୋଇଥିଲେ ମଧ୍ୟ କୁଟୀରେ କୁଟୀରେ ତାହାର ପୂର୍ଣ୍ଣ—ଗୌରବ ବିକଶିତ ହେଉଛି । ଏ ଦେଶରେ ପ୍ରକୃତ ପୁରୁଷୋତ୍ତମ ଦେବ ଓ ଚନ୍ଦନ ଦେବ ନ ଥିଲେ ମଧ୍ୟ ଗୋବିନ୍ଦ ପ୍ରଧାନ ଅଛନ୍ତି । ଜଗତ—ମରଣ ଭୟ କରିବେ—, ମୋର ଅନ୍ତରାତ୍ମା ଶୋଚେ ନାହିଁ, ମୁଁ ପ୍ରସ୍ତୁତ ଅଛି । ତୁମ୍ଭେ, ପ୍ରହରି ମରିବାକୁ ଜାଣ ? ଆଜି ଯେ ମୁଁ ସ୍ୱାଧୀନ ଓଡ଼ିଶା ରାଜ୍ୟର ଶାସକ, ପାଳକ, ନିୟାମକ ବୋଲି ଆପଣାକୁ ପରିଚିତ କରିବାର ଉପଯୁକ୍ତ ମଣେ, ସେହି ମୁଁ ମୃତ୍ୟୁକୁ ଏତେ ଭୟ କରିବି ? ନା, ତା ହେବ ନାହିଁ, ପ୍ରହରି ! ତୁମର ଜୀବନ ଅମୂଲ୍ୟ, ଦୁର୍ଲଭ ! ତୁମ୍ଭେ ବଞ୍ଚିଥାଅ । ମରିବାର ଦାସ ମୁଁ, ମରେ । ତୁମ୍ଭର ଦୟା ନିମନ୍ତେ ମୋର ପ୍ରତିଦାନ ଦେବାର କିଛି ନାହିଁ, ପ୍ରହରି ! ଅଛି କେବଳ ଏ ହୃଦୟ !

ପ୍ରହରୀ—ମହାରାଜ !

ରଜା—ଦୁଃଖ ନାହିଁ, ପ୍ରହରି !

ପ୍ରହରୀ—ମହାରାଜ, କ୍ଷୁଧା ହେଉଥିବ, କିଛି ସାମାନ୍ୟ ଖାଦ୍ୟ ଅଛି । ଅନୁମତି ହେଲେ ଦିଅନ୍ତି ।

ରଜା—ଯେତେବେଳେ ମୋର ବନ୍ଦିକର୍ତ୍ତା, ମୋର ଏ ଶତ୍ରୁକ୍ଷେତ୍ରର ଅଧିକାରୀ, ଖାନାହାର ନିଷେଧ କରିଛନ୍ତି—ଆଉ କି କ୍ଷୁଧା ? ଖାଇବାର ଇଚ୍ଛା ନାହିଁ, ପ୍ରହରୀ !

ପ୍ରହରୀ—ନାହିଁ ?

ରଜା—ନାହିଁ, କିଛି ଦରକାର ନାହିଁ, ପ୍ରହରୀ; ତୁମର ଦୟା ଅସୀମ; ମୁଁ ତାର ଖାତ ଲୁଚେ ।

ପ୍ରହରୀ—ମହାରଜ !

ରଜା—ପ୍ରହରୀ,—ପ୍ରହରୀ, ତୁମେ ନିଜ ସ୍ଥାନକୁ ଯାଅ ।

[ ପ୍ରହରୀର ଦୂରକୁ ପ୍ରସ୍ଥାନ ]

ନେପଥ୍ୟେ—କେବଳ ବଧ ନହେ । ଏତଟକ ସମୁଚିତ ଶିକ୍ଷାଦେବା ପ୍ରୟୋଜନ ।

ନେପଥ୍ୟେ—ମହାରାଜାଙ୍କର ଜୟ ?

[ ବିଜୟ ଓ ସୈନିକମାନଙ୍କ ପ୍ରବେଶ

ବିଜୟ—ମହାରଜାଙ୍କର ସମସ୍ତ କୁଶଳ ?

ରଜା—ଅକୁଶଳ କିଛି ନୁହେଁ, ବିଜୟ ଦେବ !

ବିଜୟ—ଯୁଦ୍ଧ ଶେଷ ହେଲା ?

ରଜା—ଶେଷ ? ହେଲା ତେବେ, ବିଜୟ !

ବିଜୟ—କିପରି ?

ରଜା—ଯେପରି ଦେଖୁଛ, ବିଜୟ ଦେବ !

ବିଜୟ—ଦେଖୁଛି ତୁମେ ମହାରଜା ପୁରୁଷୋତ୍ତମ ଦେବ । କିନ୍ତୁ ଦୁଃଖ ହେଉଛି—ବସିବାର ସିଂହାସନ ନାହିଁ, ପିନ୍ଧିବାର ମୁକୁଟ ନାହିଁ ।

ରଜା—ସବୁ ଅଛି, ବିଜୟ ଦେବ ! ବର୍ତ୍ତମାନ ମୁଁ ଯେଉଁ ସିଂହାସନରେ ଆସୀନ ଯେଉଁ ରାଜମୁକୁଟରେ ମୋର ମସ୍ତକ ମଣ୍ଡିତ, ତାହା ଅପହରଣ କରିବାର କ୍ଷମତା ତୁମର ନାହିଁ, ବନ୍ଦିକର୍ତ୍ତା !

ବିଜୟ—ଉତ୍କଳର ମହାରଜା ତ ବେଶ୍ କବି ଥିଲେ ବା ନାସ୍ତିକ ଥିଲେ ! ତା ନ ହେଲେ କି ଏପରି ?—ପ୍ରହରୀ, ମହାରଜାଙ୍କୁ ସିଂହାସନ ଦିଅ; ମୁକୁଟ ଦିଅ !

ପ୍ରହରୀ—ବିଜୟ ଦେବ !

ଭଜମ—କି ଆଶ୍ଚର୍ଯ୍ୟ, ପ୍ରହରୀ !

ପ୍ରହରୀ—ଆଶ୍ଚର୍ଯ୍ୟ ନୁହେଁ, ଭଜମ ଦେବ ! ଦେଖ, ବିବେଚନା କରି କାର୍ଯ୍ୟକର । ନଚେତ୍ ଅମଙ୍ଗଳ ଘଟିବ ।

ଭଜମ—ଭଜମ ଦେବ ତେବେ ତାଙ୍କର ପ୍ରହରୀଠାରୁ କର୍ତ୍ତବ୍ୟ ଶିକ୍ଷା କରିବେ ?

ପ୍ରହରୀ—କରି ପାରନ୍ତି ।

ଭଜମ—କରି ପାରନ୍ତି ?

ପ୍ରହରୀ—ହିଁ କରି ପାରନ୍ତି । ସେଥିରେ ଏତେ ଅସମ୍ଭବ କଣ, ଭଜମ ଦେବ ?

ଭଜମ—ଅସମ୍ଭବ କଣ ? ସୈନିକଗଣ, ପ୍ରହରୀକୁ ବନ୍ଦୀ କର ! ଆଜି ଏହି ସୂର୍ଯ୍ୟାସ୍ତ ପୂର୍ବରୁ ତାର ଶିରଚ୍ଛେଦ କରି ମୋତେ ଦେଖାଅ । ସାମାନ୍ୟ ପ୍ରହରୀ ତା'ର ଧୃଷ୍ଟି ଏତେ ଆଶ୍ଚର୍ଯ୍ୟ !

ପ୍ରହରୀ—ସେ ଭୟ ଦେଖାଅ ପ୍ରଧାନର ନାହିଁ, ଭଜମ ଦେବ ! ଶିରଚ୍ଛେଦ ସୂର୍ଯ୍ୟାସ୍ତ ପୂର୍ବରୁ କାହିଁକି ? ଏ ସାମାନ୍ୟ ପ୍ରହରୀର ଶିରରେ ଯଦି ଏତେ ମୂଲ୍ୟ ଥାଏ, ତେବେ ଏହିକ୍ଷଣି ।

( ଶିରଚ୍ଛେଦ କରିବାକୁ ଉଦ୍ୟତ ହେଲାରୁ ସୈନିକଗଣ ବାଧା ଦେଲେ )

ଭଜମ—ପ୍ରହରୀର ସାହାସ ତ ଦେଖ ! ଯାଅ ସୈନିକଗଣ, ଏହାକୁ ନେଇଯାଅ । କିନ୍ତୁ ଦେଖ ସୂର୍ଯ୍ୟାସ୍ତ ପୂର୍ବରୁ ଏହାର ଛିନ୍ନ ଶିର ସେଠାରୁ ମୁଁ ପାଏ । ( ସୈନିକଗଣ ପ୍ରହରୀକୁ ନେଇ ପ୍ରସ୍ଥାନ । କଣ ପୁରୁଷୋତ୍ତମ, ଆଜି କିଏ ଉତ୍କଳର ରାଜା—ରାଜପୁତ୍ର ଭଜମ ଦେବ, ନା ରାଜଦ୍ରୋହୀ ପୁରୁଷୋତ୍ତମ ? କିଏ ରାଜା ?

ରାଜା—ଭୃତ୍ୟ ପ୍ରତି ଅତ୍ୟାଚାର, ତସ୍କର ପୁଣି ବନ୍ଦୀ ପ୍ରତି ତିରସ୍କାର । ଏ କଳଙ୍କ ଭଜମ ତୁମ୍ଭର ନୁହେଁ—ଏ ମୋର କଳଙ୍କ; ପୁଣ୍ୟ ଜନ୍ମ-ଭୂମିର କଳଙ୍କ; ଅନଙ୍ଗ, ନରସିଂହ, କପିଳେନ୍ଦ୍ରଙ୍କ ଉନ୍ନତ କୀର୍ତ୍ତିରେ କଳଙ୍କ; ଶକ୍ତି ପୂର୍ଣ୍ଣ ଉଦାର, ଉତ୍କଳ ଧର୍ମରେ କଳଙ୍କ ।

ଭଜମ—ଦୁଃଖ ନେଉଛି, ପୁରୁଷୋତ୍ତମ ! ନା, ପୁରୁଷୋତ୍ତମ ମହାରାଜ !

ରାଜା—ନିଶ୍ଚୟ, ପୁରୁଷୋତ୍ତମ ମହାରାଜ । ସେ ଆଜି ବନ୍ଦୀ ହେଲେ ସେ ମହାରାଜ ନୁହନ୍ତି, ତାହା ନୁହେଁ । କିଅ ତୁମ୍ଭର ବଚନ, ଭଜମ

ଦେବ ! ( ବନ୍ଧନ ଛିନ୍ନ କରି ) ପୁରୁଷୋତ୍ତମ ଭୀମ ହସ୍ତରେ ବନ୍ଦୀ ହେବାର ପ୍ରାଣୀ ନୁହେ ।

ଭୀମ—ଏ ବର୍ବରକୁ ଏହି ମୁହୂର୍ତ୍ତରେ ହତ୍ୟା କର, ସୈନିକଗଣ !

[ ସୈନିକଗଣ ପଶ୍ଚାତ୍‌ପଦ ]

ଭୀମ ଦେବଙ୍କର ଆଦେଶ, ହତ୍ୟା କର ।

ସୈନିକ—ମହାରାଜ ! [ ପଶ୍ଚାତ୍‌ପଦ ]

ଭୀମ—ହତ୍ୟା କର, ମହାରାଜ ଭୀମ ଦେବଙ୍କ ଆଜ୍ଞା ।

ସୈନିକ—ମହାରାଜ ! [ ପଶ୍ଚାତ୍‌ପଦ ]

ଭୀମ—ଅନନ୍ତ ରାଉତ, ଲୋକନାଥ ରଣସିଂହ, ମୁକୁନ୍ଦ ବଣ୍ଟାଳ;—

[ ନେପଥ୍ୟେ ରଣ ବାଦ୍ୟର ଶବ୍ଦ ]

ଏ କଣ ? କି ଶବ୍ଦ ?

ସୈନିକ—ଶତ୍ରୁ, ମହାରାଜ, ଶତ୍ରୁ ।

ଭୀମ—ଶତ୍ରୁ ? ଆରେ ହତ୍ୟାକର ।

[ ଅର୍ଜୁନ ସିଂହର ପ୍ରବେଶ ]

ଅର୍ଜୁନ—ହତ୍ୟା—କାହାର ହତ୍ୟା, ଭୀମ ଦେବ ?

ଭୀମ—ହତ୍ୟା; ତୁମ ଅର୍ଜୁନ ସିଂହ ? ତୁମ୍ଭେ ଏଠାରେ ? କି ଉଦ୍ଦେଶ୍ୟ ?

ଅର୍ଜୁନ—ଆସିବାର ଉଦ୍ଦେଶ୍ୟ ?—କି ଉପାୟ, ଭୀମ ଦେବ, ନରସିଂହ ଦେବ, ଗୋପାଳକିଶୋର ଦେବ ? ତୁମ୍ଭେମାନେ ବର୍ତ୍ତମାନ ବନ୍ଦୀ ।

ନର—ବନ୍ଦୀ !

ଗୋପା—ବନ୍ଦୀ !

ଭୀମ—ବନ୍ଦୀ !

ଅର୍ଜୁନ—ବନ୍ଦୀ । ସୈନିକଗଣ, ଏମାନଙ୍କୁ ନେଇ ଯାଅ ।

( କେତେକ ସୈନିକ ବନ୍ଦୀଗଣଙ୍କୁ ନେଇ ପ୍ରସ୍ଥାନ ) ମହାରାଜାଙ୍କର ଜୟ ।

ରାଜା—ସୈନିକବର ଅର୍ଜୁନ ସିଂହ, ବଡ଼ ଶୁଭ ମୁହୂର୍ତ୍ତରେ ଏ ସାକ୍ଷାତ୍ । ସେ ଉପାୟ କେବଳ କଥା ହେଉଥାଏ । ତୁମେ ଯାଇଥିଲ, ସେତିକି ମାତ୍ର ଦେଖା । ହୋଇଥିଲା, ବିଶ୍ୱାସଘାତକର ହାତ ଦେଖ ହେଲା; ଉତ୍କଳର ରାଜସିଂହାସନକୁ କଳଙ୍କିତ କରୁ

ମୁଁ ଏଣ୍ଟାଆରେ ସ୍ୱଦାସ୍ ଦେବି । କିନ୍ତୁ ଏ କେମିତି ଘଟିଲ ଏକ ଅଦ୍ଭୁତ ନର୍ତ୍ତନ, ସଂସାର ଏକ ବିଚିତ୍ର କ୍ରୀଡ଼ା । ବଡ଼ ମଧୁର, ଏ ଶାଶ୍ୱତ ପୁନରାବୃତ୍ତି । ଶୁଭ ସମ୍ବାଦ କଣ ଜଣାଇବ, ଅର୍ଜ୍ଜୁନସିଂହ ?

ଅର୍ଜ୍ଜୁନ—ସମ୍ବାଦ ସମସ୍ତ ମଙ୍ଗଳ, ମହାରାଜ ! ମୁଁ ସେଠାରେ ସୁର ଜଣଙ୍କୁ ବନ୍ଦୀ କରି ଆଣିଅଛି । ଏମାନେ ତିନି ଜଣ ଏଠାରେ ବନ୍ଦୀ । ବୀରଭଦ୍ର ଦେବ କ୍ଷମା ଭିକ୍ଷା କରୁଅଛନ୍ତି । ବାକି ପଦ୍ମନାଭ ଦେବ, ବ୍ରଜକିଶୋର ଦେବ ଏପର୍ଯ୍ୟନ୍ତ ନିରୁଦ୍ଦିଷ୍ଟ । ତାଙ୍କର ସନ୍ଧାନ ନେବାକୁ ହେବ । ଆସନ୍ତୁ ମହାରାଜ ! ଯୁଦ୍ଧ ଆଜି ଶେଷ ! ବର୍ତ୍ତମାନ ତୋଫାନ ସ୍ଥିର ଆକାଶ ନିର୍ମଳ ! ସୌଭାଗ୍ୟରବି ପୁନର୍ବାର ଓଡ଼ିଶାର ବିଶାଳ ଆକାଶରେ ଉଜ୍ଜ୍ୱଳ କିରଣ ବର୍ଷଣ କରିବ । ଆଉ ଚିନ୍ତା ନାହିଁ, ମହାରାଜ ! ଜୟସ୍ତୁ ଧର୍ମର, ମହତ୍ତ୍ୱର, ଉଦାର ରାଜଶକ୍ତିର । ସୈନ୍ୟଗଣ, ଜୟଭେରୀ ବଜାଅ ।

ସୈନିକ—ଜୟ ମହାରାଜାଙ୍କର ଜୟ ।

ରାଜା—ଏ ଜୟ, ଅର୍ଜ୍ଜୁନ ସିଂହ, ପୁରୁଷୋତ୍ତମ ଦେବର ନୁହେଁ । ଏ ତୁମର ଜୟ, ବୃଦ୍ଧ ସେନାପତି ! ଆମ୍ଭେମାନେ ବର୍ତ୍ତମାନ ଶିବିରକୁ ଫେରିଯିବା । ଆସ ସୈନିକଗଣ !

ସୈନିକଗଣ—

ରଞ୍ଜିତ ଅସିଧାରେ, ଶତ୍ରୁ ରକ୍ତ ଧାରେ—
ଉତ୍କଳ ହେ ଆଜି ବିଜୟଗୌରବ ଜନ୍ମଭୂମି ଭଲେ । [ଘୋଷା]
ନିର୍ମଳ ଆଜି ଧୂମ୍ର ଗଗନ, ବହେ ପବନ ପୁଣ୍ୟ କିରଣ
ଶତ୍ରୁ ଆଜି ଦଳିତ ଚରଣେ, ଛିନ୍ନ ଏ ଦରବାରେ ।
ଧନ୍ୟ କରିଛି ବୈରୀବେଶ, ବୈରୀବଂଶ ଭରିଛି ଶବ,
ମୃତ୍ୟୁମନ୍ତ୍ର ଲେଖି ଆସିଛି ଶତ୍ରୁର ଶତ ଭୂଲେ ।
ନାହିଁ ଭୟ ହେ ପୁଣ୍ୟ କରମେ, ବିଶ୍ୱାସ ରଖି ସ୍ୱଧର୍ମେ,
ପୁଣ୍ୟ କର୍ମେ ସଞ୍ଚି ଶକ୍ତି ଦେଖ ଏ ଜଗତ ମାଝରେ !
ଉତ୍ସାହ ଚାଲ ସ୍ୱନ କିଳିକି—ସମ୍ମତି କରେ ପୂତ ମୃତ୍ୟୁ,

ଭୂଷିତ କର ହେ ଜନନୀ ତବ କାନ୍ତିକୁସୁମମାନେ ।
ଜୀବନ ପଣ କର ରେ ଭାଇ, ଦେଶ କରମେ ପ୍ରାଣ ଦେଇ,
ଜାତ ଧର୍ମେ ପ୍ରାଣକୁ ଦାନ ଜୀବନ ଯତ ଯାଉ ।

[ ପ୍ରସ୍ଥାନ ]

—ସପ୍ତମ ଦୃଶ୍ୟ—

ସ୍ଥାନ—କୃଷ୍ଣା ନଦୀକୂଳରେ କାଞ୍ଚୀରାଜାଙ୍କ ପ୍ରାସାଦ

[ କଳେବରେଶ୍ୱର ଓ ସୁମନ୍ତ ସିଂହ ଦଣ୍ଡାୟମାନ ]

କଳେ—ଓଡ଼ିଶାରେ ଯେ ଅନ୍ତର୍ବିବାଦ ଲାଗିଥିଲା ଶେଷ ହୋଇଅଛି ନା, ସୁମନ୍ତ ?

ସୁମନ୍ତ—ହଁ ପିତା, ଶେଷ ହୋଇଅଛି ।

କଳେ—ଦଶ ପନର ଦିନ ଖୁବ୍ ଗୋଳମାଳ ଲାଗିଥିଲା । ନଦୀର ଅପର ପାର୍ଶ୍ୱସ୍ଥ ବନଭୂମି ଭିତରେ ଆଲୋକ ଦିଶୁଥାଏ । ଦିନଯାକ ତୋପ ଫୁଟୁଥାଏ । ନଦୀବକ୍ଷରେ ମଧ୍ୟ ଅନେକ ନୌକା ଯାତାୟାତ କରିବାର ଦେଖିଅଛି । ଏବେ ଅନେକ ଦିନ ହେଲା ସେ ସବୁ କିଛି ନାହିଁ । ସୁତ୍ରା ତାହାହେଲେ ଶେଷ ହୋଇଅଛି ସୁମନ୍ତ ?

ସୁମନ୍ତ—ହଁ, ପିତା, ଶେଷ ହୋଇଅଛି । ଭ୍ରମର ଦେବ ପୁତ୍ର ଭାଇମାନେ ପରାସ୍ତ ହୋଇ ବନ୍ଦୀ । ପୁରୁଷୋତ୍ତମ ଦେବ ବର୍ତ୍ତମାନ ବିଶାଳ ଓଡ଼ିଶା ଦେଶର ରାଜା । ସେ ଯେପରି ପ୍ରତାପଶାଳୀ, ସେହିପରି ନ୍ୟାୟବାନ୍ । ତାଙ୍କ ରାଜତ୍ୱରେ ଉତ୍କଳଭୂମି ନବୀନ ଗୌରବମାଳାରେ ଭୂଷିତ ହେବ । ଓଡ଼ିଶାର ଏ ଯୁବକ ନରପତିଙ୍କ ପରି ଭାରତ ଭୂମିରେ କେତେ ଜଣ ଅଛନ୍ତି ? ବଡ଼ ଗୁଣବାନ୍ ।

କଳେ—କିନ୍ତୁ ଓଡ଼ିଶାର ରାଜା ଆତ୍ମଗୌରବ ଜାଣନ୍ତି ନାହିଁ; ରଥଯାତ୍ରା ସମୟରେ ଚଣ୍ଡାଳପରି ଶ୍ରୀକ୍ଷେତ୍ରର ରାଜମାର୍ଗ ମାର୍ଜନା

କରନ୍ତୁ । ଏହା ବଡ଼ ଘଟଣା । ସେ ଯାହାହେଉ ସୀମାନ୍ତ ପ୍ରଦେଶର ଯୁଦ୍ଧ ସେତେବେଳେ ଶେଷ, ଆମ୍ଭେମାନେ ଏଠାରୁ ଶୀଘ୍ର ଯିବା, ସୁମନ୍ତ !

ସୁମନ୍ତ—ହଁ ପିତା, ଯିବା । ମୁଁ ସେ କଥା ଅନେକ ଦିନୁ ଭାବୁଛି । ଆପଣ ନୀରବ ଥିଲେ ବୋଲି କହୁ ନାହିଁ ।

ଜନକ—ଶୀଘ୍ର ଯିବା ଦରକାର । ମନ୍ତ୍ରୀଙ୍କ ହସ୍ତରେ ରାଜ୍ୟଭାର ଅଛି । ଏତେଦିନ ରାଜଧାନୀ ଛାଡ଼ି ରହିବା ଭଲ ହୋଇନାହିଁ । ସେ କଣ କରୁଥିବେ କେଜାଣି । ତୁମେ ଯିବାପାଇଁ ସବୁ ପ୍ରସ୍ତୁତ କର, ସୁମନ୍ତ ! ମୁଁ ଯାଏ । [ପ୍ରସ୍ଥାନ]

ସୁମନ୍ତ—ଏ ରମଣୀୟ ଭୂମି ଛାଡ଼ି ଯିବାକୁ ହେବ—ଏ ବନ, ଏ ଗିରିମାଳା, ଏ ପ୍ରାନ୍ତର, ଏଇ ଯେ ବିଶାଳ ତଟିନୀ ଦିବା ନିଶି ମଧୁର କଲ୍ଲୋଳରେ ବହି ଯାଉଛି । ବିଦାୟ ଦିଅ ଗିରି, ବନ, ନଦୀ, ପ୍ରାନ୍ତର ! ତୁମର ଏ ମୋହନ ମାଧୁରୀ, କମନୀୟ କାନ୍ତି କେବେ ମନରୁ ଯିବ ନାହିଁ ।

[ଚନ୍ଦ୍ରାବତୀ ଓ କନକର ପ୍ରବେଶ]

ବିଦାୟ ଦିଅ ।

ଚନ୍ଦ୍ର—ସୁମନ୍ତ ଭାଇ, କେବେ ଯିବାର ହେଉଛି ?

ସୁମନ୍ତ—ଚନ୍ଦ୍ର ? ଶୀଘ୍ର ସମ୍ଭବତଃ କାଲି ?

କନକ—କାଲି ? ଏତେ ଶୀଘ୍ର କାହିଁକି ?

ଚନ୍ଦ୍ର—ଯିବା ତ ହେଉଛି, ଭାଇ, ଆମର ଗୋଟିଏ ଅନୁରୋଧ ଅଛି । କରିବାକୁ ହେବ ।

ସୁମନ୍ତ—କହିବା, କଣ, କହ ।

କନକ—ଏ ବସନ୍ତପୁରରେ ଗୋଟିଏ ଶିଳ୍ପଶାଳା ଆମେମାନେ ବସାଇଥିଲୁ, ତା ତୁମେ ଦେଖିଛ । ରାମପୁରରେ ଗୋଟିଏ ରୋଗଶାଳା ମଧ୍ୟ ଅଛି । ବିଷ୍ଣୁଗଡ଼ରେ ଗୋଟିଏ ସଙ୍ଗୀତଶାଳା ।

ଚନ୍ଦ୍ର—ଏ ତିନୋଟି ତୁମେ ଆଜି ଯାଇ ଦେଖିବ, ଭାଇ ।

ସୁମନ୍ତ—ମୁଁ ଶୁଣିଥିଲି ଶେଷଗାଳାର କଥା । ତୋଷାଗାର, ସଙ୍ଗୀତଶାଳା ମଧ୍ୟ ବସାଇଛନ୍ତି, ଭଲ କଥା । ଆସ, ଏଇକ୍ଷଣି ରାଜ ଦେଖି ଆସିବା । ନଗରକୁ ଯିବାପାଇଁ ଶୀଘ୍ର ପ୍ରସ୍ତୁତ ହେବାକୁ ହେବ ।
[ ପ୍ରସ୍ଥାନ ]

## —ଅଷ୍ଟମ ଦୃଶ୍ୟ—

ସ୍ଥାନ—ଉତ୍କଳ ରାଜାଙ୍କ ପ୍ରାସାଦ

[ ରାଜା ପୁରୁଷୋତ୍ତମ ଦେବ, ମନ୍ତ୍ରୀ, ସେନାପତି ଓ ଅର୍ଜୁନ ସିଂହ ଆସୀନ
ନର୍ତ୍ତକୀଗଣ—

( ସକଳ ) ମଧୁର ଏଇ ମିଳନେ ମିଳନେ ପ୍ରଭୁ ହେ,
ହୃଦେ ହୃଦେ ଆନନ୍ଦ ଉଚ୍ଛ୍ୱାସ;
( ଏକ ) କି ହେଲ ପୁଣ୍ୟ ତବ ଚରଣତଳେ ହୋଇବ,
ଅଛୁ କିବା ସମ୍ପଦ କାହାର ? ( ଘୋଷା )
( ଦୁଇ ) ସମରେ ଉତ୍କଳ ବଧି ଆସିଛ ବୀରତ୍ୱ ଦେଖେ,
ଦୂର ଲଭିଲେ ଦକ୍ଷିଣାତ୍ୟ ସମରବିଜୟ ଦେଶେ;
( ଆର ) ଅବନୀ ଆକାଶେ ଚଳି ଉଡ଼ିଛି ବିଜୟ ଚିହ୍ନ,
ଉତ୍କଳର ବିଜୟ ସମ୍ଭାର ।
( ଏକ ) କଲ୍ଲୋଳିନୀ ସଂଗୀତରେ, ସମୀରଣ ମର୍ମରରେ,
ବାଜେ ଜୟଗୀତର ଝଙ୍କାର ।
( ଆଉ ) ଫୁଲେ ଫୁଲେ ଭ୍ରମରୀ କାନନପ୍ରାନ୍ତରେ ଘୂରି,
ଡାକେ ଡାକେ ଗାଏ ଗୀତ ଗୁଞ୍ଜେ ଫୁଲରେ ଅଳି;
( ଏକ ) ଅଳକେ ଆକାଶେ ପାରେ ମଧୁର ଲହରୀ ଖେଳେ
ହେଲେ ପ୍ରୀତି ଶତଧାର ।
( ସକଳ ) ବିଜୟୀ ଚରଣେ ତବ ଦରଶେ କି ଅବା ହେବ,
ସରଳରୁ କୁସୁମ ଆସାର ।
[ ପୁଷ୍ପାଞ୍ଜଳି ଅର୍ପଣ ଓ ପ୍ରସ୍ଥାନ ]

ରାଜା—କଣ କହୁଛନ୍ତି, ମନ୍ତ୍ରି ? ମୁକ୍ତ କରି ଦେବ ଭଲ ବୁଝିଲ ?

ମନ୍ତ୍ରୀ—ମହାରାଜାଙ୍କର ଯେ ଇଚ୍ଛା, ଆଉ ସେନାପତିଙ୍କର ଯେ ଅଭିମତ । କଣ ସେନାପତି ?

ସେନା—ଭଲ, ଆର୍ଯ୍ୟ; ଭଲ ସେମାନଙ୍କ ପକ୍ଷରେ, ଆଉ ମହାରାଜାଙ୍କର ଉଦାରତା, କ୍ଷମା, ଦୟା ପକ୍ଷରେ ।

ରାଜା—ସାମ୍ରାଜ୍ୟ ପକ୍ଷରେ କଣ, ସେନାପତି, କ୍ଷତିର ସମ୍ଭାବନା ଅଛି ?

ସେନା—ମହାରାଜାଙ୍କ ସାମ୍ରାଜ୍ୟରେ କ୍ଷତି କରିବାର ଆଶଙ୍କା କୌଣସି ବ୍ୟକ୍ତିଠାରୁ ବିଶେଷ ନାହିଁ, ମହାରାଜ ! କିନ୍ତୁ କାରାରୁ ମୁକ୍ତ ହେଲେ ସେମାନେ ବିଦ୍ରୋହ ଘଟାଇବେ, ଏହି ମାତ୍ର ସମ୍ଭାବନା ।

ରାଜା—ତେବେ ଆଜୀବନ କଣ ବନ୍ଦୀ କରି ରଖିବା ?

ମନ୍ତ୍ରୀ—ରାଜ୍ୟର ସମୃଦ୍ଧି ପାଇଁ, ପ୍ରଜାଗଣଙ୍କ ସୌଭାଗ୍ୟ ନିମନ୍ତେ ରଖିବା ଅନୁଚିତ ବୁଝିଲ, ମହାରାଜ ?

ରାଜା—ଆଜୀବନ ବନ୍ଦୀ ? କିନ୍ତୁ ମନ୍ତ୍ରି, ଏଥିରେ ସେମାନଙ୍କ ପ୍ରାଣରେ କି ଘୋର ଅଶାନ୍ତି ! ନ୍ୟାୟତଃ ସେମାନଙ୍କର ଏ କଳିଙ୍ଗ ସାମ୍ରାଜ୍ୟ, ମୁଁ ବଳପୂର୍ବକ ଅଧିକାର କଲି । ସେଥିରେ ସେମାନେ ବର୍ତ୍ତମାନ ନୀରବ । କିନ୍ତୁ ଜୀବନର ଏକମାତ୍ର ସୁଖ-ପ୍ରାଣୀର ପ୍ରାଣ, କୁସୁମର ସୌରଭ, ଚନ୍ଦ୍ରମାର ଜ୍ୟୋତ୍ସ୍ନା, ମନୁଷ୍ୟର ସେ ସ୍ୱାଧୀନତା—ନିଜର ଇଚ୍ଛାନୁରୂପ ଆହାର, ବିହାର ଶୟନ ଓ ସ୍ୱପ୍ନ—ବନ ପ୍ରାନ୍ତରରେ ବିଚରଣ କରି ହୃଦୟର ଦ୍ୱାର ବେଳେ ବେଳେ ନିର୍ମଳ ସମୀର ସ୍ରୋତରେ ଭସାଇ ଦେବାର ସେ ପୂର୍ଣ୍ଣ ଅଧିକାର—ଉନ୍ମୁକ୍ତ ପ୍ରାଣର ସେ ଉଚ୍ଚ ମଧୁର ହାସ୍ୟ-ସେ ଅବାରିତ ବାଣୀ-ଦୁଃଖ ବେଳେ, ଯନ୍ତ୍ରଣାରେ ପ୍ରାଣର ଅଶାନ୍ତି, ଅବସାଦରେ ପ୍ରକାଶ କରିବାର ମାନବର ସେ ପବିତ୍ର ଗୌରବ—ଶୋକରେ ବିଳାପ-ସୁଖରେ ଗୀତ—ମନୁଷ୍ୟ ଜୀବନର ଏକମାତ୍ର ପରିତୃପ୍ତି, ତାର ସେହି ଦମ୍ଭିବା କାଢ଼ିବାକୁ ତାହାକୁ ବଞ୍ଚିତ କରିବାର ଅଧିକାର, ସେନାପତି ମନୁଷ୍ୟର ନାହିଁ । ସେମାନେ ଏବେ ଆମର ବନ୍ଦୀ । ବନ୍ଦୀ ପ୍ରତି ଉପଯୁକ୍ତ ବ୍ୟବହାର ବନ୍ଧନରୁ ମୁକ୍ତି । କଣ କହୁଛ, ଅର୍ଜୁନ ସିଂହ ?

ଅର୍ଜୁନ—ନିଶ୍ଚୟ ମହାରାଜ, ବନ୍ଧନରୁ ମୁକ୍ତ ।

ସେନା—ମୁକ୍ତ, ମହାରାଜ !

ରାଜା—ଏ ବିଜୟ ତୁମର, ସେନାପତି, ଆଉ ତୁମ ବୃଦ୍ଧ ବନ୍ଦୀ ଅର୍ଜୁନସିଂହଙ୍କର । ଜୟସିଂ, ନରସିଂହ, ଗୋପାଳକିଶୋର ସମସ୍ତେ ତୁମ ବନ୍ଦୀ । ଆଜି ମନ୍ତ୍ରୀ ଏ ବିଶାଳ ରାଜ୍ୟର ଶାସକ, ଆପଣଙ୍କ ଇଚ୍ଛା ହେଲେ ଅନୁମତି ଦିଅନ୍ତୁ—ସେମାନେ ବନ୍ଧନରୁ ମୁକ୍ତ ହୁଅନ୍ତୁ ।

ମନ୍ତ୍ରୀ—ମହାରାଜାଙ୍କ ଆଦେଶ ହିଁ ଆମ୍ଭମାନଙ୍କର ଇଚ୍ଛା । ମୁକ୍ତ ହୁଅନ୍ତୁ, ମହାରାଜ !

ସେନା—ବନ୍ଦୀ ଅର୍ଜୁନସିଂହ, ଏ ସାମ୍ରାଜ୍ୟ ବହୁଦିନ ତୁମର ବଳରେ ରହିଅଛି, ତୁମ ଶକ୍ତି ସମ୍ମୁଖରେ ମୁଁ ନତମସ୍ତକ, ଉଦାରଭାବରେ ଛାଡ଼ିଲି । ଧନ୍ୟ ହୁଅ, ବୃଦ୍ଧ ସୈନିକବର ! ( ଯବନିକା )

—×○×—

# ଦ୍ୱିତୀୟ ଅଙ୍କ

## —ପ୍ରଥମ ଦୃଶ୍ୟ—

ସ୍ଥାନ—କାଶୀରାଜପ୍ରାସାଦ ନିକଟସ୍ଥ ଉଦ୍ୟାନ

[ ପଦ୍ମାବତୀ ଏକାକୀ ଦଣ୍ଡାୟମାନ ]

ପଦ୍ମ—

ଏ ବିଜନେ ବାସେ ବସି ଏକାକିନୀ
ମନରେ ଭାବୁଛି ଅନାଇଁ,
( ଏଥେ ) ସମୀର ଲହରୀ ବହି ଆସେ, ନଏ,
ଅନ୍ତର ଭାବନା ଅଥାଇ।
ସୁଖ ଦୁଃଖ ମୋର ମିଶିଯାଏ ଯେତେ
କଳ୍ପନା ଆଶା ଏ ଅନ୍ତରେ,
( ଖାଲି ) ସ୍ୱର୍ଗେ ମୁଁ ବସିଛି ଗୌରବ ନୟନେ
ଚରଣ ଗୁଞ୍ଜିତ ମନ୍ଦିରେ।
କିଏ କେତେବେଳେ ସ୍ୱର୍ଗ ଯାଏ ବାରେ
ମୋ ଗଣ୍ଡ ଦିଏ ସେ ପୋଛିଣ
( ତେବେ ) ବିଜନ ଯଦିବେ ଏକାକିନୀ ଏଥି
ବସିବା ଉଚିତ କଦାଇଁ ?
ଝିନର ତେଜି ଝୁରିଯାଏ ଯେତେ
ଦେଶ କି ଆଁଟିବ ନିକର,
( ଆହା ) ଫୁଲ୍ ଫୁଟିଲେ ଏ ଯେ ଅଳି ଉଡ଼ି ବୁଲେ
ଲଜ୍ଜିତ କି ଅଛି ତୋହର ?

ଶୁକ, ପିକ ବସି ତରୁ ଲତା ଡାଳେ
ଡାକନ୍ତି ପୀୟୂଷ ଲହରୀ:
( ଆଜ ) ସେ ଜନ୍ମ କି ଲଭେ ବାହୁଡ଼ି ଆସିବ
ଅନନ୍ତ ବଢାନେ ବହନ୍ତି ?
ବାରେକ ଅନ୍ତର ହେଲେ ନ ପୋଷଇ
କି ଦୁଃଖ ନଦେଖା ଜଗତେ,
( ତେବେ ) ମୁଁ ସେତେ ବର୍ଷିଅଛି ହୃଦ୍ୟ ପ୍ରାଣେ ଏଥି,
ସେହିବାର କବା ଘଟନ୍ତେ ?

( ଗୋଟିଏ ଗୀତ ଶେଷ ) କାହିଁକି ? ଏ କଣ ସମ୍ଭବ ? ପ୍ରବଳ ପ୍ରତାପଶାଳୀ ସାର୍ବ. ପୁରୁଷୋତ୍ତମ ମୃତ୍ୟୁର ଏ ଅନ୍ତିମ ଭୂମି-ଶଯ୍ୟାରେ ଉଃ କଷ୍ଟ ! କି କରୁଣ ସେ. ଧନର ସେ ମୁମୂର୍ଷୁ ବାଣୀ ! ଜଳପାନ ନିମନ୍ତେ ଭୃଙ୍ଗାରିର ସେ କରୁଣ 'ବିଶ୍ୱନାଥ, ବିଶ୍ୱନାଥ' ଡାକ । ଆହା, କିଏ ସେ ବିଶ୍ୱନାଥ ! ଏ କଣ ସମ୍ଭବ ? ନା—ଏ କଳ୍ପନା ମୂର୍ତ୍ତି, ଏ ସତ୍ୟ, ଏ ମଧୁର ବାସ୍ତବତା । ସାରର ଶୋଭ୍ୟ ସଙ୍କଟ, ଝର୍ଷି ସ୍ୱର ଭୂଷଣ ଯୁଦ୍ଧଭୂମିରେ ମୁମୂର୍ଷୁ । ନା—ଅସମ୍ଭବ ନୁହେ ; କାଲୁ କି କଷ୍ଟ; ଉଃ, କି କଷ୍ଟ, କି ପିପାସା—କି କରୁଣ ବାଣୀ—ଚେତ୍ରପଟର ଏଇ ବାଟେ—ଦେଖିଲି, କନକ କହୁଥିଲା । କିଏ କନକ ?

କନକ—ପ୍ରଭୁ !

ପ୍ରଭୁ—ଆଜି ଏତେ ଡେରି କି ହେ, କନକ !

କନକ—ଡେରି ! କାହିଁକି ! ଏ ତ ବେଳ ବୁଡ଼ି ଆସିଲାଣି । ଆଉ ଟିକିଏ ପରେ ସୂର୍ଯ୍ୟ ଅସ୍ତ ହୋଇଯିବ । ପିଲାଦିନେ ବେଳ ଜଣା ପଡୁ ନ ଥିଲା । ଦିନଯାକ ସକାଳୁ ସନ୍ଧ୍ୟାବେଳଯାଏ ଅଟେ ନାହିଁ । ସେତେବେଳେ ଦିନଯାକ ଖେଳ ଖେଳି ସନ୍ଧ୍ୟାବେଳକୁ କହୁଥିଲି—'ଆହା, ଦିନଟା ଆଉ ଟିକିଏ ବଡ଼ ହୋଇଥାନ୍ତା !' ଏବେ କି ଆଉ ସେପରି ହେଉ ନାହିଁ ! ଏବେ ଦିନଟା ଖୁବ୍ ବଡ଼ ଜଣା ପଡ଼ୁଛି । ବସି ବସି ସରୁନାହିଁ । ତୁମେ ତଦ ?

ପଦ୍ମ—ପିଲାଦିନର ଅନେକ କଥା ମନେ ଆଉ ନାହିଁ, କନକ ! ମନଥାଏ ବାସ୍ତବରେ ଖେଳ ଖେଳି ଧୂଳିଧୂସର ହୋଇ ସନ୍ଧ୍ୟାବେଳେ ଘରକୁ ଫେରି ଆସିଲେ ମା ପଣତ କାନିରେ ଝାଡ଼ିଦେଇ ନେଇ କୋଳରେ ପୂରାନ୍ତି । ଏବେ ଧୂଳି ଦେଖିଲେ ଧାଇଁ ହାତ ଧୁଉଛୁ ନାକ ଟେକି ।

କନକ—ତା' ଯାହା କହିଲୁ ସତ, ପଦ୍ମ ! ଉମା ସେଦିନ ନମା ଉପରକୁ ମୁଠା ଧୂଳି ପିଙ୍ଗି ଦେଲୁ । ତାଙ୍କୁ କେତେ ରାଗ ହୋଇଲା !

ପଦ୍ମ—ଉମା ବଡ଼ ଦୁଷ୍ଟ ହେଉଛି । ଆଜି ମୁଁ ଗୋଟିଏ କାମ କରୁଥିଲି, ଥରକୁ ଥର ମୋ ପାଖକୁ ଧାଇଁଆସେ କନକ ! ବଡ଼ ଦୁଷ୍ଟ, ଆମେ ତ ପିଲାଦିନେ ଏମିତି ନ ଥିଲେ ।

କନକ—ସତ ନା ! ତୁ ବର୍ତ୍ତମାନ ଘର ବାଲି ହୋଇଗଲୁଣି, ପିଲାଦିନ କଥା ମନେ କାହିଁକି ରହିବ ? ମନେ ନାହିଁ, ମୋତେ କିମିତି ସେଦିନ ତଳପୋଖରୀକି ଠେଲିଦେଇଥିଲୁ ? ମାଙ୍କୁ କୁମ୍ଭୀର ଖାଇ ଯାଇଥାନ୍ତା । ମଦନା ଥିଲା ବୋଲି ଟେକି ଆଣିଲା । ଆଉ ସେଦିନ ତାତିଲା ପାଣି ମୋ ଉପରେ ଅଜାଡ଼ି ଦେଇଥିଲୁ ଯେ, ଫୋଟକା ହୋଇଯାଇଥିଲି । ଆଠ ବର୍ଷ ହେଲାଣି—ଏପର୍ଯ୍ୟନ୍ତ ଏଇ ହାତରେ ଚିହ୍ନ ରହିଛି । ଆଜି ବଡ଼ ହୋଇଗଲୁ, ପାଠ ପଢ଼ିଲୁ, ଗୀତ ଗାଇଲୁ, ଚିତ୍ରବିଦ୍ୟା ଶିଖିଲୁ, ଏବେ ତତେ ଦେଖିଲେ କିଏ କହିବ ଯେ ତୁ ସେହି ଟିକି ପିଲାଟି; ମାଆଙ୍କର ସେହି ଦୁଷ୍ଟ ଚେଲବେଶର ବାପୁଣୀଟି ! କଣ, ଭୁଲିଲୁ ପଦ୍ମ ?

ପଦ୍ମ—କେବଳ କଥା ମନେ ରଖିଛୁ କନକ, ମୋର ସୁଆ ଚଢ଼େଇଟି ଯେ ତୁ ସେଦିନ ଉଡ଼ାଇ ଦେଇଥିଲୁ—ସେ କଥା ? ସେ କଥା କଣ ମୁଁ ମନେ ରଖିଛି ?

କନକ—ନା; ମୁଁ ମନେ ରଖିଛି । ତୁ ମନେ ରଖିଥିଲେ ପୁଣି କହନ୍ତୁ କପରି ? ଜଣେ ମନେ ରଖେ; ଆଉ ଜଣଙ୍କର ପେଟ ଫୁଟେ ? ମୁଁ ଏକ୍ଷଣି ଖାଇକରି ଆସିଛି ନା, ଦେଖ ତୋ ପେଟ ପୁରୁଥିବ; ପଦ୍ମ ?

ଦେବ—(ସ୍ୱଗତ) ବର୍ତ୍ତମାନ ଏବେ ତୁ ବୁଝିଲୁ; କନକ ତୁ ଏ ସ୍ଥଳ ଚିହ୍ନ ପାଖରେ ବୁଢ଼ୀ ହୋଇଛୁ। ତୁ ବର୍ତ୍ତମାନ ଏ ଦେଶ ଦେଖୁଛୁ।

କନକ—କି ଦେଶ; ଦେବ !

ଦେବ—ଗୋଟିଏ ଦେଶ, ଦେଖିଲୁ କିପରି ହୋଇଛି ?

କନକ—ବେଶ ତ, ଏ କୁଆଡ଼ର ଦେଶ ଦେବ ? ବଡ଼ ସୁନ୍ଦର ହୋଇଛି।

ଦେବ—ତୁ ଚିହ୍ନିପାରୁ ନାହୁଁ ?

କନକ—ଦେଖି, ଭଲକରି ଦେଖେ। ନା, ଏପରି ସ୍ଥାନ ତ ଅନେକ ଏ ଜୀଅନ୍ତ ମଧ୍ୟରେ କୌଣସିଠାରେ ନାହିଁ ! କୁଆଡ଼ର ଦେଶ, ଦେବ ?

ଦେବ—ଜୀଅନ୍ତରେ ନାହିଁ ତ। ଜୀଅନ୍ତରେ ନ ଦେଖିଲେ କଣ ଦେଶ କରିବାକୁ ମନା ଅଛି ? କୌଣସି ଦୃଶ୍ୟ ସ୍ମରଣ। ଚିହ୍ନିପାରୁଛୁ ?

କନକ—ଓଃ, ଏ ଯେ କୃଷ୍ଣାନଦୀ, ନୁହେଁ ? ନୁହେଁ, ଦେବ ! ଚିହ୍ନିଲି, ଏଥର ସବୁ ଚିହ୍ନିଲି ! ଏଇଟି ସେ ବିନାୟକ ପର୍ବତ ଯେଉଁଠାରୁ ଅନନ୍ତବର୍ମ ବିନାୟକ ଦେବଙ୍କୁ ଆଣିଲ ଅଛନ୍ତି। ଏଇଟି ସେ ବାସନ୍ତ-ପୁର ଗ୍ରାମ, ଏଠାରେ ଆମ୍ଭେମାନେ ଥିଲେ, ନୁହେଁ ?

ଦେବ—ଆଉ ଏଇଟି ସେ ପ୍ରାନ୍ତର, ଯେ ଯୁଦ୍ଧପ୍ରାନ୍ତର—ଯେଉଁଠାରେ ସହସ୍ର ସହସ୍ର ବୀର ସମରର ହଳାହଳା ପାନ କରି ଅନ୍ତିମ ନିଦ୍ରା ଭୋଗକଲେ। ଆଃ, କି ଭୀଷଣ ସେ ଯୁଦ୍ଧ ! ମନୁଷ୍ୟ-ସମାଜର ଏକ ପ୍ରଳୟ, କନକ। ଆଉ ଏଇ ଦେଖ ଯୁବକ-ଶତ୍ରୁର ହସ୍ତରେ ଅସି ଝଲଝଲ—ନିଜର ରକ୍ତଧାରରେ ଶରୀର ଆରକ୍ତ ଯନ୍ତ୍ରଣାରେ ମୁମୂର୍ଷୁ, ପିପାସାରେ କାତର ନିଃସହାୟ, ଶାନ୍ତିଶୀତଳର ଅନ୍ତିମଜ୍ୱାଳାରେ ସମ୍ମୁଖ—ମରଣର ନିଷ୍ଠୁର ବନ୍ଧନରେ ନିସ୍ପନ୍ଦ—ଯୁଦ୍ଧଭୂମିର ବିକଟ ଶ୍ମଶାନ ମଧ୍ୟରେ ଏକମାତ୍ର ନବପ୍ରସ୍ଫୁଟିତ କୁସୁମ—କଳୁଷ ଜଗତର କଳଙ୍କ ସ୍ପର୍ଶରେ ଅମିଷକେ ମଳିନ ହେବାକୁ ଉଦ୍ୟତ ଏଇ ଯେ ବନର ଏକମାତ୍ର ମାନସ—ଗଗନର ଦ୍ୱିତୀୟ ଚନ୍ଦ୍ରମା—ସେ କ୍ଷୀଣ କରୁଣ ବାଣୀରେ ଡାକୁଥିଲେ—'ବିଶ୍ୱନାଥ ବିଶ୍ୱନାଥ'; କିଏ

ହେ ବିଶ୍ୱନାଥ, କନକ ? ଆମେମାନେ ମୁଖରୁ ଟିକିଏ ଜଳ ଢାଳିଦେଲୁ, ଫେରି ଆସିଲେ ! ସେଥିରେ ତୁ ସୁରକୁ ଦେଖିଲୁ, ସେ ଅଶ୍ରୁପୁଷ୍ପରେ ଶୁଖିଗଲେ ! ଏ ସେଇ ସୁବଳ ଗୁମ୍ଫି, କନକ ? ଆହା, ସଂସାରରେ ମଧ୍ୟ କି ନିଷ୍ଠୁରତା ! ଭୂମିଶଯ୍ୟାରେ ଶୋଇ ମଧ୍ୟ କି ଶାନ୍ତି, ଶାନ୍ତି, ସିଂହ ବନ୍ଧନକୁ ବଳ ସାର । ସାର ଶେଷବାଳ କଷ୍ଟ ଏଇଠାରେ ।

କନକ—ସୁବଳଙ୍କ ମୁଖରେ କଣ ଅଧିକ ଦେଖିଛୁ, ପଦ୍ମ ! ଜାଣୁ କିଏ ସେ ସୁବଳ ?

ପଦ୍ମ—ନା, ଜାଣେ ନାହିଁ, କନକ ! କିନ୍ତୁ ସେ କରୁଣ ମୂର୍ତ୍ତି ହୃଦୟରୁ ଯିବ ନାହିଁ । ଜାଣେ ନା, କିଏ ସେ ସୁବଳ ।

କନକ—ସେ ସୁବଳ—ସେଦିନ—କୃଷ୍ଣାନଦୀତୀରରେ ସୁମନ୍ତ ଭଲ କହୁଥିଲେ—

ପଦ୍ମ—କଣ କହୁଥିଲେ, କନକ ?

କନକ—କୃଷ୍ଣାନଦୀଟି କେଡ଼େ ସୁନ୍ଦର, ନୁହେଁ ?

ପଦ୍ମ—ସୁମନ୍ତ ଭଲ କଣ କହୁଥିଲେ, କନକ ?

କନକ—ଦେଖ ଏ ଶଯ୍ୟାରେ ମଧ୍ୟ ନଦୀଟି ଦେଖ୍ ହୋଇଛି ।

ପଦ୍ମ—ନା, କହ, କନକ !

କନକ—ବାଲୁକା ଶଯ୍ୟା ଉପରେ ସ୍ୱଚ୍ଛ ଜଳଧାରଟି ଦେଖ ଧୀର କଲରବରେ ବହିଯାଉଛି ।

ପଦ୍ମ—କହ, କନକ !

କନକ—କହୁଛି ତ !

ପଦ୍ମ—କଣ କହୁଛୁ ?

କନକ—ଯାହା ବୁଝାଯାଏ ।

ପଦ୍ମ—କଣ ?

କନକ—କଥା, ଯାହା ବୁଝାଯାଏ, ତାହା କଥା ।

ପଦ୍ମ—କହ, କନକ

କନକ—ଯାହା କହଯାଏ ତାହା କାର୍ଯ୍ୟ ।,

ପଦ୍ମ—ନା ।

କନକ—ନା, ଯାହା ଦେଖାଯାଏ, ତାହା ତୁଚ୍ଛ । ଏହିପରି ବ୍ୟାକରଣରେ ଅନେକ କଥା ଅଛି ।

ପଦ୍ମ—କହ, କନକ !

କନକ—ଅଳଙ୍କାର ଶୁଣିବୁ ? ଦେଖ ପ୍ରଭୁ ତୋର ତ ବଡ଼ ଆଦର ଦେଖୁଛି । ଶୁଣ୍ ତେବେ । ଯାହା ଦିଆ ଯାଏ, ତାହା ଶୌର୍ଯ୍ୟ—ବୀର୍ଯ୍ୟ ଧୈର୍ଯ୍ୟ, ଲାବଣ୍ୟ, ତେଜ, ମାଧୁର୍ଯ୍ୟ, ସୌନ୍ଦର୍ଯ୍ୟ, ଦାକ୍ଷ୍ୟ ଇତ୍ୟାଦି । ଆହୁରି ମଧ୍ୟ ଶୌର୍ଯ୍ୟ, ଚୌର୍ଯ୍ୟ, ଔଦାର୍ଯ୍ୟ, ଗାମ୍ଭୀର୍ଯ୍ୟ—ଏପରି ଅନେକ ।

ପଦ୍ମ—ନା କହ, କନକ, ସୁମନ୍ତ ଭାଇ କଣ କହୁଥିଲେ ।

କନକ—ଦାକ୍ଷିଣାତ୍ୟରେ ତିନୋଟି ନଦୀ—ଗୋଦାବରୀ, କୃଷ୍ଣା, କାବେରୀ ।

ପଦ୍ମ—ତା ମୁଁ ଜାଣେ ।

କନକ—ଏଥି ସବୁଠାରୁ କୃଷ୍ଣାନଦୀଟି ଅଧିକ ସୁନ୍ଦର ।

ପଦ୍ମ—କହ, କନକ, ବଡ଼ ବ୍ୟସ୍ତ କରୁଛୁ । କହ ନା, ସୁମନ୍ତ ଭାଇ କଣ କହୁଥିଲେ ?

କନକ—ସୁମନ୍ତ ଭାଇ କହୁଥିଲେ, ପଦ୍ମର ସେ ଯୁବକ ସେପରି କୃଷ୍ଣାର ନଦୀ, ଗଳାର ମାଳା ।

ପଦ୍ମ—ଯାଃ ।

କନକ—ସତ କହୁଛି, ଯାଃ । ପ୍ରାଣର ପରଶମଣି; ଯାଃ ।

ପଦ୍ମ—ଥା କନକ, ମୁଁ ଯାଉଛି । [ ଯିବାକୁ ଉଦ୍ୟତ ]

କନକ—ନା, ନା, ତା ନୁହେଁ । ଶୁଣ୍ ।

ପଦ୍ମ—ଯା, ମୁଁ ଶୁଣିବି ନାହିଁ ।

କନକ—ଶୁଣ୍ ସେ ଯୁବକ, ସୁମନ୍ତ ଭାଇ କହୁଥିଲେ—

ପଦ୍ମ—ନାହିଁ ଶୁଣିବି ନାହିଁ ମୁଁ । କଣ ?

କନକ—ଯୁଦ୍ଧଭୂମିରେ ଆହତ ହୋଇ ପଡ଼ିଥିଲେ ।

ପଦ୍ମ—କିଏ ସେ ?

କନକ—ତାଙ୍କୁ ଅଶ୍ୱପୃଷ୍ଠରେ ବୁଲାଇଲେ ।

ପଦ୍ମ—ତା ପରେ, କିଏ ସେ ଯୁବକ

କନକ—ଗଳାଭି ମାଳା! ।
ପଦ୍ମ—ତୁ କହିବୁ ନାହିଁ, କନକ ! ମୁଁ ଯାଉଛି ।
କନକ—ରହ, ପଦ୍ମ ! ଶୁଣ୍, ଶୁଣ୍ ନା; ଶୁଣିବୁ ନାହିଁ ?
ପଦ୍ମ—ନା, କଣ ?
କନକ—ଶୁଣ୍ !
ପଦ୍ମ—କହ ।
କନକ—ପଦ୍ମ !
ପଦ୍ମ—କନକ, କହ ନା ଏଥର ।
କନକ—ସେ ଯୁବକ
ପଦ୍ମ—କିଏ ?
କନକ—ଏତେ ଅଧୀର ହେଉଛୁ କାହିଁକି ? ଶୁଣ୍, କହୁଛି ତ !
ପଦ୍ମ—ଅଧୀର କିଏ ହେଉଛି ? କହ ।
କନକ - ଓଡ଼ିଶାର ରାଜାଙ୍କୁ ଜାଣୁ , ପଦ୍ମ ?
ପଦ୍ମ—ହଁ ଜାଣେ । କଣ ହେଲା ?
କନକ—ହେଲା ନାହିଁ କିଛି ।
ପଦ୍ମ—ତେବେ କହ ।
କନକ—ତେବେ କହୁଛି, ସେ ଯୁବକ ଯଦି ଓଡ଼ିଶାର ରାଜା ହୋଇଥାନ୍ତି ।
ପଦ୍ମ—ଓଡ଼ିଶାର ରାଜା ପୁରୁଷୋତ୍ତମ ଦେବ ?
କନକ—ହଁ, ଓଡ଼ିଶାର ରାଜା, ପୁରୁଷୋତ୍ତମ ଦେବ, ପଦ୍ମ !
ପଦ୍ମ—ନା, କନକ, ମିଛ କହୁଛୁ ।
କନକ—କହିଲି ତେବେ !
ପଦ୍ମ—କହ ନା କନକ !
କନକ—ଯା କହିଲି, ସେ ତ ମିଛ ହେଲା, ଆଉ କହିବି କଣ ?
ପଦ୍ମ—ସତ କହୁଛୁ, କନକ ?
କନକ—ନ ହେଲା ଏବେ ମୁଁ ଯାଉଛି । [ ପ୍ରସ୍ଥାନ ]
ପଦ୍ମ—ଓଡ଼ିଶାର ରାଜା ପୁରୁଷୋତ୍ତମ ଦେବ । ରାଜଗୌରବରେ ବିଭୂଷିତ ପୁରୁଷୋତ୍ତମ ଦେବ । କି ବୀର—ମରଣଶୋଭାରେ ସୁନ୍ଦର ମୁଖର ସେ କମନୀୟତା, ଅଧରର ସେ ମଧୁର ସ୍ମିତ,

ନୟନର ସେ ଜ୍ୱଳନ୍ତ ଜ୍ୟୋତି, ଅଧରର ସେ ଉନ୍ମୁକ୍ତ ହର୍ଷଲତା କପୋଳର ସେ ଅମ୍ଳାନ ସୌନ୍ଦର୍ଯ୍ୟ, ହୃଦୟର ସେ ଧୀର ଦମ୍ଭ କିଛି ଉଣା ହୋଇନାହିଁ । କିନ୍ତୁ ଯୁଦ୍ଧଭୂମିର ଏ କି କରୁଣ ଦୃଶ୍ୟ ! ପ୍ରବଳ ପ୍ରତାପଶାଳୀ ବୀର ପୁରୁଷୋତ୍ତମ— ଏବେ ଘୃଣ୍ୟଭାବରେ ଶାୟିତ । ଉଃ କି କଷ୍ଟ ! ବୀର ଦେହର ଦୁର୍ଗତି ଏଭଳିଠାରେ । ଉଃ କି କଷ୍ଟ ! [ ପ୍ରସ୍ଥାନ ]

---

## — ଦ୍ୱିତୀୟ ଦୃଶ୍ୟ —

ସ୍ଥାନ—କାଞ୍ଚୀର ରାଜପ୍ରାସାଦ

[ ରାଜା କଳେବରେଶ୍ୱର ଓ ରାଣୀ ସତ୍ୟବତୀ ଉପବିଷ୍ଟ ]

କଳେ—ଦେଖ, ସେଥିରେ ବଡ଼ ଅସୁବିଧା, ପ୍ରିୟେ ! ପ୍ରାୟ ଚାଳିଶ ଦିନର ବାଟ । ଗଲେ କେବଳ କାଶୀରୁ ଫେରି ଆସି ହେବ ନାହିଁ । ଗୟା, ପ୍ରୟାଗ, ହରିଦ୍ୱାର, ଦିଲ୍ଲୀ, ମଥୁରା ସବୁ ଦେଖିବା ଦରକାର ବୋଲି କହୁଛ । ନିତାନ୍ତ ପକ୍ଷେ ଦୁଇ ବର୍ଷ । ଏ ଦୀର୍ଘକାଳ ରାଜ୍ୟ ଚଳାଇବ କିଏ ? କହ ଦେଖି ପ୍ରଥମେ ଏ ପ୍ରଶ୍ନର ଉତ୍ତର ।

ସତ୍ୟ—କାହିଁକି ? ସୁମନ୍ତ !

କଳେ—ସୁମନ୍ତ ରାଜ୍ୟ ଚଳାଇବ ! ରାଜ୍ୟ ଶାସନ ପିଲାଖେଳ ବୁଝ, ପ୍ରିୟେ ! ସୁମନ୍ତ ରାଜ୍ୟ ଚଳାଇବ ?

ସତ୍ୟ—ହଁ ।

କଳେ—ଅସମ୍ଭବ !

ସତ୍ୟ—ଅସମ୍ଭବ କାହିଁକି ?

କଳେ—କାହିଁକି, ସେ ଭିନ୍ନ କଥା ! ଅସମ୍ଭବ ।

ସତ୍ୟ—ଅସମ୍ଭବ; ଶୁଣ ତେବେ, ପ୍ରିୟତମ ! ମନୁଷ୍ୟର ଏ ଜୀବନ ଚିରସ୍ଥାୟୀ ନୁହେଁ । ତୁମେ ଦୀର୍ଘକାଳ ରାଜ୍ୟ ଶାସନ କରିଅଛ । ତୁମର ବୟସ ଯେତେବେଳେ ଚାଳିଶବର୍ଷ ସେବେ ତରୁଣ

ତେରଗୋଟି ବୟସରେ ତୁମେ କାଞ୍ଚୀର ସିଂହାସନରେ ବସିଥିଲ । ବର୍ତ୍ତମାନ ଛପନ ବର୍ଷ । ଏ ବୟସରେ ଲୋକେ ବାନପ୍ରସ୍ଥ କରିବାର କଥା । ସିଂହାସନରେ ବସିବା ତୁମକୁ ବର୍ତ୍ତମାନ ଆଉ ଶୋଭା ଦେଉନାହିଁ । କାଞ୍ଚୀର ଏ ରାଜମୁକୁଟ ଦେଖିବ ତୁମର ଏ ମସ୍ତକ ଶୁଭ୍ର, କୌଣସି ତରୁଣ ରାଜାଙ୍କର ଲୋଡ଼ିଅଛି । ମନୁଷ୍ୟଜୀବନର ଉଦ୍ଦେଶ୍ୟ ନୁହେଁ, ପ୍ରିୟତମ, ସିଂହାସନରେ ବସି ରାଜପ୍ରାସାଦର ସୁଖବୃତ୍ତି ମଧ୍ୟରେ ବିଚରଣ କରିବା । ପ୍ରକୃତ ସୁଖ ଯାହା, ଯହିଁରେ ମାନବ ଜୀବନର ସାର୍ଥ ଅନୁଭବ କରେ, ତାହା ସିଂହାସନରେ ନାହିଁ, ରାଜମୁକୁଟରେ ନାହିଁ, କି ରାଜ୍ୟଶାସନର ପରିପାଟୀ ମଧ୍ୟରେ ନାହିଁ । ଏ ଭକ୍ତି, ମାୟା ଅସ୍ଥିର ସ୍ଥୂଳ ଶରୀର ଛଡ଼ା ମନୁଷ୍ୟର ଯେ ଆଉ ଗୋଟିଏ ସୂକ୍ଷ୍ମ ଶରୀର ଅଛି—ତାହାର ସୁଖହିଁ ସୁଖ । ଏ ବୃଦ୍ଧ ବୟସରେ, ପ୍ରାଣେଶ୍ୱର, ତୁମର ସେହି ସୁଖ ଲୋଡ଼ିବା ଉଚିତ ? ରାଜ୍ୟ ଶାସନ ବହୁକାଳ କରିଅଛ । ରାଜମୁକୁଟର କ୍ଷମତାସୁଲଭ ସୁଖ ସମ୍ଭୋଗରେ ଜୀବନର ବହୁତ ଉନ୍ନତ ଶକ୍ତି ବ୍ୟୟ କରିଅଛ । ଆଉ ସୁଦ୍ଧା ତୁମ୍ଭେ ବର୍ତ୍ତମାନ ଏସବୁ ପରିତ୍ୟାଗ କର । ସୁମନ୍ତ୍ର ଶାନ୍ତ, ପ୍ରବୀଣ ବୟସରେ ମଧ୍ୟ କାନ୍ତ ଯୁବକ ନୁହେଁ । ତା ହାତରେ ଏ ରାଜ୍ୟଭାର ଅର୍ପଣ କରି ଚାଲ ଆମ୍ଭେମାନେ ବାନପ୍ରସ୍ଥରେ ଯିବା । ସୁମନ୍ତ୍ର ରାଜ୍ୟଶାସନ କରୁ ବା ନ କରୁ ତୁମର ସେଥିରେ କଣ ? କାଞ୍ଚୀ ଏ ତାର ରାଜ୍ୟ, ତୁମର ନୁହେଁ । ତୁମେ ଆଉ ରାଜ୍ୟର ରାଜା ନୁହଁ—ଜଣେ ସାଧାରଣ ପ୍ରଜା ମାତ୍ର । ରାଜ୍ୟ ଶାସନରେ ତ୍ରୁଟି ଘଟିଲେ କେହି କହିବ ନାହିଁ, ଦୋଷ ତୁମର । ସୁମନ୍ତ୍ରର ଅଭିଷେକ କରିଦିଅ । ସେ ସିଂହାସନରେ ବସୁ । ଚାଲ ଆମ୍ଭେମାନେ କାଶୀ ଯିବା ଏ ରାଜଜୀବନରେ ଆଉ ଶାନ୍ତି ମିଳୁ ନାହିଁ, ପ୍ରିୟ ! ଏ ବନ୍ଧମାନ ଏକ କାରାବାସ, ନା ଏଠାରେ ଆଉ ବେଶି ଦିନ ନୁହେଁ । କଣ କହୁଛ, ପ୍ରିୟତମ ?

କହିଲ—ତୁମେ ଏକ୍ଷଣି ଯାଅ, ରାଣୀ !

ସତ୍ୟ—ଠିକ ତ, ମୋ ପ୍ରଶ୍ନର ଉତ୍ତର ଦିଅ ଆଗେ ।

କନେ—ପ୍ରଶ୍ନ, କି ପ୍ରଶ୍ନ ରାଣି !

ସତ୍ୟ—ତାହା ପଶୁରିଲି ।

କନେ—କଣ ପଶୁରିଲ, ତୁମେ ?

ସତ୍ୟ—ବାରଣସୀ ଯିବା କଥା ।

କନେ—ଓ, ସେଇ କଥା ।

ସତ୍ୟ—ହଁ, ସେଇ କଥା ମାତ୍ର ।

କନେ—ଏ କଥା ଏତେ ସହଜ ବୁଝିବ ଯେ, ମୁଁ ଏଇକ୍ଷଣି ତୁମ ପ୍ରଶ୍ନର ଏକ ଉତ୍ତର ଦେଇ ବସିବି ।

ସତ୍ୟ—ତେବେ କେବେ ଦେବ ?

କନେ—ଅନ୍ୟ ସମୟରେ, ରାଣି !

ସତ୍ୟ—ଅନ୍ୟ ସମୟ, ତାର ଅର୍ଥ ?

କନେ—ବିବେଚନା କର ।

ସତ୍ୟ—ଅଚ୍ଛା, ମୁଁ ତେବେ ଯାଏ ।

କନେ—ଯାଅ । କାଶୀ ଯାତ୍ରା । ତାର ଅର୍ଥ ଦୁଇବର୍ଷ । ସୁମନ୍ତ୍ର ରାଜ୍ୟ ଶାସନ କରିବ । ସ୍ୱୀକାର କଲେ, ସୁମନ୍ତ୍ର ବିଦ୍ୱାନ୍, ଜ୍ଞାନୀ । ହୃଦୟରେ କିନ୍ତୁ ରାଜ୍ୟ ଶାସନ ହୁଏନାହିଁ । ରାଜ୍ୟଶାସନ ସୂକ୍ଷ୍ମତର୍କର କଥା ବୁଝିବା ଯେ ତାର ଜ୍ଞାନ ଅଧିକ, ସେ ଉପଲବ୍ଧି କରିବ । ଶାସନ ଲାଗି, ତାହାର ଚଳଣିର ପ୍ରୟୋଜନ, ରାଣି ! କିଏ, ପ୍ରହରି ? କଣ କେତେ ହେବ, ପ୍ରହରୀ ? [ ପ୍ରହରୀର ପ୍ରବେଶ ]

ପ୍ରହରୀ—କୁଆଁରଙ୍କ ତ ଏଇ ଠିକଏ ହେଲା ବୁଝିଛି, ମହିମା ! ତେମାଙ୍କ ଘରେ ଆଲୁଅ କରୁଛି । ସେ ଦେଖୁଛନ୍ତି । ଯାଉ ତୋଳ ଏଇକ୍ଷଣି ଶୁଆଁସକୁ ଆସିଲେ । ଦୁଇ ଦାଣ୍ଡ, ନ ପାନରେ ହେବ ମହିମା !

କନେ—ଯୁବରାଜ ଏଇକ୍ଷଣି ଆସିଲେ ? ଆଚ୍ଛା ପ୍ରହରି ମୁଁ ଏ ରାଜ୍ୟ ଭଲ ବୁଝୁଛି, ନା ଯୁବରାଜ ରାଜା ହେଲେ ଭଲ ବୁଝିବେ ?

ପ୍ରହରୀ—ହଁ ମୁଁ, ଏ ଘରଜକୁ ଇନ୍ଦ୍ରଦେବତା ପ୍ରାଣସ୍ପ ପାଳନ୍ତି, ମହିମା !

କଜେ—ସମସ୍ତେ ଖୁସିରେ ଅଛନ୍ତି ନା, ପ୍ରହରୀ ?

ପ୍ରହରୀ—ପାଟଦେଈଙ୍କ ଗାଦିରେ ବସିଲେ ମଧ୍ୟ କମିନ୍ତି କନ୍ଦବ । ଯେତେ ବେଳେ ତାଙ୍କର ପୁଅ, ଏ କଥା କୁଆଡ଼େ ଯିବ ?

କଜେ—ଏପରି କହୁଛ ? ନାହିଁ ପରା, ପ୍ରହରୀ ଦେବୁର କଥା କହିଲୁ !

ପ୍ରହରୀ—ନାହିଁ ମହିମା, ଏମିତି କୁଁଠେଇ ହେବ ? ଏକ ତ ସାକ୍ଷାତ୍ କୃଷ୍ଣଭକ୍ତଙ୍କ ପରି ।

କଜେ—ଠିକ୍ କହିଲୁ । ଅଚ୍ଛା, ଏ ସିଂହାସନରେ ପ୍ରହରୀ ମୁଁ ବସିଲେ ସୁନ୍ଦର ଦିଶୁଛି, ନା ଯୁବରାଜ ବସିଲେ ସୁନ୍ଦର ଦିଶିବ ? କହିଲୁ ଦେଖି ?

ପ୍ରହରୀ—ତୁମ୍ଭେ ବସିଥିଲେ ପୂର୍ଣ୍ଣ ଗଡ଼ର ଜହ୍ନ ପରି ଦିଶୁଛ, ମହିମା ।

କଜେ—ସେମିତି ଉଜ୍ଜ୍ୱଳ ଦିଶୁଛି, ନା ପ୍ରହରୀ ?

ପ୍ରହରୀ—ପାଟଦେଈଙ୍କ ପେଟରେ ଜାତହେଲେ ବସିଲେ ଇମିତି ମାନବ । ଭେଣ୍ଡିଆ ବସନ୍ତ । ବସିଥିଲେ ଜୁଆର ଅଳ୍ପ ଦିଶୁଥିବ, ମହିମା !

କଜେ—ନାହିଁ ପ୍ରହରୀ, ଏପରି ସୁନ୍ଦର ଦିଶିବ କୁଆଡ଼ୁ ?

ପ୍ରହରୀ—ନାହିଁ, ତୁମ୍ଭ, ଯେତେ ହେଲେ ଇମିତି ହେବ କୁଆଡ଼ୁ ?

କଜେ—ଅଚ୍ଛା, ଏ ମୁକୁଟ ଦେଖୁଛୁ, ପ୍ରହରୀ ?

ପ୍ରହରୀ—ଦେଖୁଛି ମହିମା !

କଜେ—ତମ ମୁଣ୍ଡକୁ ବେଶି ପସନ୍ଦ ଦିଶୁଛି, ନା ସୁମନ୍ତ ପିନ୍ଧିଲେ ବେଶି ଦିଶିବ ?

ପ୍ରହରୀ—ତୁମ୍ଭଙ୍କ ମୁଣ୍ଡରେ ସୂର୍ଯ୍ୟପରି ଜକ ଜକ ଦିଶୁଛି, ମହିମା !

କଜେ—ଜଳେ ଏବେ ଦିଶୁଛି ?

ପ୍ରହରୀ—ହଁ, ମହିମା, ଅନ୍ଧାର ଘର ଆଲୁଅ ହୋଇ ଯାଉଛି ।

କଜେ—ସୁମନ୍ତ ମୁଣ୍ଡରେ କିମିତି ଦିଶିବ ?

ପ୍ରହରୀ—ପାଟଦେଈଙ୍କ ଦୋଷ ଦେବାକୁ ଧାଉଁଧାଇଁ ଜାଣିବ ପରି; ଧର୍ମ ମାନିବ, ମହିମା !

କନକ—ନାହିଁ; ଏପରି କଣ ମାନିବ ?

ପ୍ରହରୀ—ହଁ; ଏମିତି ପୁଣି ଦେଖିବ କୁଆଡ଼ୁ । ଯେପରି ହେଇଲା ଭ ଚିନ୍ତା ହଉଛି ।

କନକ—ହଁ; ଠିକ୍ କହିଲୁ ପ୍ରହରୀ ! ଅଚ୍ଛା; ଏବେ ବାନପ୍ରସ୍ଥରେ ଯିବା ଭଲ । କହିଲୁ ଦେଖି ।

ପ୍ରହରୀ—ହଁ ଭଲ ହୋଇବ ଜାଣିନ; ତୁମ୍ଭୁ ? ମହିମା ବାସ୍ତବରେ ବନେ ବୋଲିଥିବାବେଳେ କେତେଡ଼େ ସୁନ୍ଦର ଦିଶୁଥାଏ । କୁଆଡ଼କୁ ବନେ ଯିବେ ।

କନକ—ଆରେ ବାନପ୍ରସ୍ଥ; ବାନପ୍ରସ୍ଥ ।

ପ୍ରହରୀ—ମୁଁ ନ ଜାଣେ, ଚାଲିବ ଲୋକ, ମହିମା ! ଏତେ ଗତ ହେଲଣି ତୁମ୍ଭେ କୁଆଡ଼େ ବନେ ଯିବେ ମୁଣ୍ଡୋଷାକ ଡାକରା ଆସିବ ଇଷିଣି ।

କନକ—ଆରେ ବାନପ୍ରସ୍ଥବୋଲିଲେ ଏ ଛତ୍ର, ଏ ସିଂହାସନ, ଏ ମୁକୁଟ ସବୁ ଛାଡ଼ି ବନକୁ ଯିବା କଥା; ବୁଝିଲୁ ।

ପ୍ରହରୀ—ତୁମ୍ଭ ବଣକୁ ବନେ ଯିବେ । କଣ; ପାଟଦେଈଙ୍କ । ହଁ, କାଲି ଗୋଟେ କଥା କହୁଥିଲେ ।

କନକ—ଆରେ ନାହିଁ; ଖାଲି ଭିକାରି ପରି ଏଣେ ତେଣେ ବୁଲିବାକୁ ।

ପ୍ରହରୀ—ମହିମା; କି କଥା ତୁଣ୍ଡରେ ଧରୁଛ ! ଏଏ କୋଣ ପୃଥ୍ବୀର ମଣ୍ଡଳମଣି; କଣ ଛାମୁଙ୍କୁ ବାହାଲୁଚି !

କନକ—ବଡ଼ ଖରାପ; ନା ପ୍ରହରୀ । ଏ ବନକୁ ଛାଡ଼ି ଯାଇ କାଶୀ, ମଥୁରା, ବୃନ୍ଦାବନ ବୁଲିବାପରେ କି ସୁଖ ।

ପ୍ରହରୀ—ବୁଢ଼ା ରଜା ସିଦ୍ଧି ଯାଉଥିଲେ; ମହିମା ! ପାଇକଣ୍ଠ ପୁରୁଷୋତ୍ତମର ଜଗନ୍ନାଥଙ୍କ ପାଖରେ ଥିଲେ ।

କନକ—ହଁ ଏତେବେଳକୁ ବୁଝିଲୁ ! କି ମୂର୍ଖ ତୁ ରେ । ସେଇକଥା

ପ୍ରହରୀ—ସିଏ ମହିମା; ବଡ଼ ଭଲ । ଚାଲଗ ଧରି ଆସିଲାବେଳକୁ ଯାଇ ମହାପ୍ରଭୁଙ୍କ ପାଖରେ ରଖିବ । ବଡ଼ ଭଲ, ମହିମା !

କନେ—ଆଉର ନାହିଁ, ଭଏ ଭଲ ନା; ହିଏ କଣ ଭଲ ?

ପ୍ରହରୀ—ହଁ ମହିମା ଭଏ ଭଲ; ସିଏ ମଧ ଭଲ ।

କନେ—ସିଏ ଭଲ ? ରାଜା ହେବା ଭିକାରୀ ହେବା ସମାନ ?

ପ୍ରହରୀ—ନାହିଁ ମହିମା, ଏ କଥା ପୁଣି କୁଆଡ଼ୁ ନେବ ?

କନେ—ହଁ ଏତେବେଳକୁ ଠିକ କଥା କହିଲୁ । ଆଚ୍ଛା, ଯା ପ୍ରହରୀ ! ଯାଇ ଦେଖି ଆସିଲୁ, ତାଙ୍କୁ ଖାଇଁଲଣି । ରାତ୍ର ବହୁତ ହୋଇଗଲାଣି ଟିକେ ।

[ ପ୍ରହରୀର ପ୍ରସ୍ଥାନ ]

ପ୍ରହରୀ ମୂର୍ଖ ହେଲେ ହେଁବା ବେଶ୍ ଚତୁର, ଠିକ୍ କଥା କହିଛି । ରାଜା ହେବା, ଭିକାରୀ ହେବା ସମାନ ନୁହେଁ । ତା କଦାପି ହୋଇ ନ ପାରେ । ସ୍ୱର୍ଣ୍ଣୀ ଭ୍ରାନ୍ତ ।

( ସୁମନ୍ତର ପ୍ରବେଶ )

ସୁମନ୍ତ—ବାପା !

କନେ—କିଏ ସୁମନ୍ତ !

ସୁମନ୍ତ—ହଁ, ବାପା !

କନେ—ଏତେବେଳେ କୁଆଡ଼େ ?

ସୁମନ୍ତ—ଏକ ବିଶେଷ ସମ୍ବାଦ ନେଇ ।

କନେ—ବର୍ତ୍ତମାନ ସମୟ ନୁହେଁ, ସୁମନ୍ତ । ଅନ୍ୟ ଅବସର ବେଳେ ଶୁଣିବି ।

ସୁମନ୍ତ—ବିଶେଷ ଦରକାର, ବାପା, ରାଜ୍ୟର ମଙ୍ଗଳ କେତେକ ଅଂଶରେ ତା ଉପରେ ନିର୍ଭର କରେ ।

କନେ—କହିଲି, ଅନ୍ୟ ସମୟରେ ଶୁଣିବି ।

ସୁମନ୍ତ—ତାହାହେଲେ କାଲି କହିବି, ବାପା !

କନେ—ଅଚ୍ଛା, ଏବେହିଁ ଯା । ( ସୁମନ୍ତର ପ୍ରସ୍ଥାନ ) ଏଇ ତ, ଏଇ ସୁମନ୍ତ ପୁଣି ରାଜ୍ୟ ଶାସନ କରିବ ? କାହାର ବସ୍ତୁ

ସାମ୍ରାଜ୍ୟ ମଧ୍ୟରେ ଏଣ ବୃଦ୍ଧି ବିଲୁପ୍ତ ହୋଇଯିବ ମାତ୍ର ସୁନ୍ଦର, ଛୋଟ ଦେଶ; କିନ୍ତୁ ଜ୍ଞାନ ସଂପଦା ଯୋଗ୍ୟତା ନୁହେ ବୁଦ୍ଧଦେବ କଣ ଶ୍ରୀକୃଷ୍ଣ ନ ଥିଲେ ! ରାଜା ଶାସନରେ ନିଜର ଅଯୋଗ୍ୟତା ବୁଝି ପାରି ନିଜେ ବନକୁ ଚାଲିଗଲେ । ଜ୍ଞାନର ତେଜ ଦୁର୍ଦ୍ଧାନପୁରରେ । ଜ୍ଞାନ ଅଧ୍ୟାତ୍ମର ଅନ୍ଧକାର ଘୋଟି ଯାଉ, ରାଜାର କଦାପି ନୁହେଁ । ନା, ଅସମ୍ଭବ । ସୁନ୍ଦର ରାଜା ହେବ ଅସମ୍ଭବ ଅସମ୍ଭବ । କାଞ୍ଚୀର ରାଜା କଟକବତେଶ୍ୱର

( ପଟ କ୍ଷେପଣ )

## —ତୃତୀୟ ଦୃଶ୍ୟ—

ସ୍ଥାନ—କାଠଯୋଡ଼ୀ ନଦୀତଟ

[ ରାଜା ପୁରୁଷୋତ୍ତମଙ୍କର ପ୍ରବେଶ ]

ରାଜା—କାଞ୍ଚୀର ସମସ୍ତ ମନୁଷ୍ୟଦେଶରେ ଏକମାତ୍ର କୁସୁମ ଉଦ୍ଭାବନ ; ଦେଖି ନାହିଁ । ସେ ଶତ୍ରୁଙ୍କର ଦେଖା ଦେଖା ନୁହେଁ । ତାଙ୍କର ଏକ ପଲକରେ ଦେଖିଛି ମାତ୍ର । ସେହିବେଳେ ଆଖି ବୁଜି ହୋଇଗଲା । ପୁଣି ଅନାଇଲି ତାଙ୍କୁ ଆଉ ନାହିଁ । ଉଃ, ରଣଭୂମିର ସେ ଭୀଷଣତା, ସେ ବିକଟ ଗର୍ଜନ, ଆହତଙ୍କର ସେ ମୁମୂର୍ଷୁ ବାଣୀ ! ମନେ ଅଛି ସେ ଦୃଶ୍ୟମାନ । ସେହିବେଳେ କି କଷ୍ଟ, କି ଦାରୁଣ ଯନ୍ତ୍ରଣା, ଯମପୁରେ କି ଅବସ୍ଥା, ଅସ୍ତ୍ରଶସ୍ତ୍ରରେ କି ଦୁର୍ବଳତା ! ପୁଣି କି ଘୋର ପିପାସା ଜୀବନର ଶେଷମୁହୂର୍ତ୍ତକୁ ଆନ୍ଦୋଳିତ କରୁଥିଲା । ପ୍ରାଣର ପ୍ରିୟ ସୈନିକଙ୍କର ବୁଦ୍ଧ ରଘୁନାଥ ନିକଟରେ ମୃତ୍ୟୁଶଯ୍ୟାରେ ସେତେବେଳେ କିଏ ଆସି ମୁଖରେ ଜଳ ଢାଳି ଦେଇଗଲା ? ସ୍ୱର୍ଗର ଦେବୀ, ଶୂନ୍ୟର ଅପ୍ସରା, କିଏ ସେ ? ଦେଖି ନାହିଁ । ତାଙ୍କୁ ଅନ୍ଧ ମୁଦ୍ରିତ ରଖିଥିଲି, ନା, ଦେଖିଛି । ଚପଳା ନିମିଷକ ପାଇଁ ଜଗତକୁ ଆଲୋକିତ କରି ପୁଣି କି ଗହନ ଆକାଶ ମଧ୍ୟରେ ଲୁଚିଯାଏ !

ଯେ ଲୁଚିଯାଏ ସତ୍ୟ, ତାର ସେ ଅତୁଳ ଦୃଶ୍ୟ ନୟନେ ନୟନେ ରହିଯାଏ । କୋକିଳର ସଙ୍ଗୀତ, ଷଡ଼ଋତୁ, କ୍ଷଣକର ସେ ନିସ୍ୱନ; କିନ୍ତୁ ହୃଦୟଭିତ୍ତିରେ ଅଙ୍କାଇ ନୂତନ ନୂତନ ଲହରୀମାନ ଖେଳାଉଥାଏ; ଦେଖିଛୁ । ଦେଖିଲୁବେଳକୁ ସେ ଅପୂର୍ବ ସମ୍ପଦ ଆଖିରେ ଲାଗି ରହିଛି । ପ୍ରାଣରେ କି ବିଚିତ୍ର ତରଙ୍ଗମାଳା ଖେଳୁଅଛି । ଆହା, ପଦ୍ମାବତୀ, ତୁମେ ଚେତନ ଜୀବନର କୁସୁମ କେଉଁ ଗଗନର ଚନ୍ଦ୍ରମା ତୁମେ, କେଉଁ ମେଘମାଳାର ବିଦ୍ୟୁତ୍ ! ଯେ ଧନ ସ୍ୱପ୍ନ ଦୃଷ୍ଟି, ତୋହାରି ସେ ବିକଟ ଅନ୍ଧକାର ମଧ୍ୟରେ ନିମିଷେ ମାତ୍ର ଜନ୍ମି ଉଠିଲା, ବିଦ୍ୟୁତ୍ ପରି ପୁଣି କୁଆଡ଼େ ଲୁଚିଗଲା; କିନ୍ତୁ ଏବେ ପ୍ରତି ମୁହୂର୍ତ୍ତରେ ଆସି, ମୋର ସ୍ୱପ୍ନ ନାହିଁ, ଜାଗରଣ ନାହିଁ, କର୍ମ ନାହିଁ, ଅବସର ନାହିଁ—ସବୁବେଳେ ଚକ୍ଷୁର ପ୍ରତି ପଲକରେ, ହୃଦୟର ପ୍ରତି କମ୍ପନରେ, ନାଡ଼ିକାର ପ୍ରତ୍ୟେକ ସ୍ପନ୍ଦନରେ ଆସି ଥରେ ଥରେ ମୋର ଜୀବନ ସମ୍ମୁଖରେ ନାଚି ଯାଉଅଛି । ଆଉ କାହିଁକି ସେ ଦେଖା ଦେଲ ପଦ୍ମାବତୀ ? କି ଦୟା, ହୃଦୟର କି ଅବ୍ୟକ୍ତ କରୁଣା, ସ୍ନେହର ସେ କି ବିଶେଷ ସ୍ୱଭାବ, ମନ୍ତ୍ରର କି ପୂର୍ଣ୍ଣ ଉଚ୍ଛ୍ୱାସ ! କିଏ ତୁମେ, ପଦ୍ମାବତୀ ? ଦେବୀ, ନା ମନୁଷ୍ୟ ? ଏହି ପାର୍ଥିବ ଜଗତର ପ୍ରୀତି-ଫୁଲର ଗନ୍ଧ, ନା ସ୍ୱପ୍ନରାଜ୍ୟର କାମନା ଛାୟା କେଉଁ ? କିଏ ତୁମେ ? ରଜନୀର ଘୋର ଅନ୍ଧକାର ମଧ୍ୟରୁ ଉଷାର ସ୍ନିଗ୍ଧ ତପନର କିରଣ । ଆଉ ଏହାରୁ ଜନ୍ମ ହେଉ ! ସେହିପରି କାହିଁକି ସେ ତମସାଚ୍ଛନ୍ନ ଅରଣ୍ୟରୁ ବନଭବନର ସେହି ଦାରୁଣ କାଳିମା ମଧ୍ୟରୁ ଜନ୍ମିଅଛ ତୁମେ ପ୍ରାଣର ଦୁର୍ଲଭ ଚିନ୍ତାମଣି ପରମ ସମ୍ପଦ, ସ୍ୱପ୍ନପ୍ରତିମା . ପଦ୍ମାବତୀ । ପଦ୍ମାବତୀ, ଲୁଚିଗଲ ବିଦ୍ୟୁତ୍ପରି ନିମିଷ ମାତ୍ରକେ ନିଭିଗଲ ଶରତର ଚନ୍ଦ୍ରମା ତୁମେ ପଲକ ମଧ୍ୟରେ ମେଘମାଳାର ଅନ୍ତରାଳରେ କାହିଁ ଲୁଚିଗଲ ? ନାହିଁ ! ଦେଖିଛି ଚକ୍ଷୁର ପଲକରେ ସେହିତେବେଳେ ଦେଖିଛି । ଏବେ ପ୍ରତି ପଲକରେ ତୁମେ । ଏକା ପଦ୍ମାବତୀ ଦେଖିଥିଲି,

ଏବେ ଶତ ପଦ୍ମାବତୀ ଦେଖୁଅଛୁ । ଜଗତ୍ ପଦ୍ମାବତୀମୟ ପଦ୍ମାବତୀ !

[ ବାସନ୍ତୀ ଓ ପ୍ରହରୀର ପ୍ରବେଶ ]

ବାସନ୍ତୀ—ଭାଇ !

ରାଜା—ବାସନ୍ତି ! ଏପରି ଆସିଲୁ ?

ପ୍ରହରୀ—ମହିମା ଜେନାଙ୍କର ଟିକିଏ ଦେହଲେ ଜ୍ୱର ନାହିଁ !

ବାସନ୍ତୀ—ଭାଇ ନଈର ପାଣି ଦେଖ୍ ଘଡ଼ା ବଢ଼ୁଛି । କେବେ ଶୀତ କାଳରେ ଆସ୍ପୃଶ ଘଟାଇବ ।

ରାଜା—ବସନ୍ତ କାଳରେ ଭାଟ.ରୁ ଆସ୍ପୃଶ ମଧ ହୁଏ ବାସନ୍ତି !

ପ୍ରହରୀ—ମହିମା ଜେନା ବଡ଼ ଅବଗୁଣ ପଣ କରୁଛନ୍ତି ।

ବାସନ୍ତୀ—ଭାଇ ନଈରେ ବାଲି ବେଶୀ ହୋଇଗଲେ, ପାଣି କମ୍ତା ହୋଇଯାଏ ନା ?

ରାଜା—ହାଃ ହାଃ, ନା ପାଣି ଜଣା ହୋଇଗଲେ ବାଲି ବେଶି ହୋଇଯାଏ ।

ପ୍ରହରୀ—ମହିମା ଜେନା ଆଜି ନଈରେ ବୁଡ଼ି ଯାଇଥାନ୍ତେ !

ବାସନ୍ତୀ—ଭାଇ କାଠଯୋଡ଼ି ବଡ଼ ନା ମହାନଦୀ ବଡ଼ ?

ରାଜା—କଣ ପ୍ରହରି ?

ପ୍ରହରୀ—ମହିମା ଜେନା ଆଜ ନଈରେ ବୁଡ଼ି ଯାଇଥାନ୍ତେ

ବାସନ୍ତୀ—ନା ଭାଇ !

ପ୍ରହରୀ—ମହିମା ଗୋଟିଏ ଭଙ୍ଗା ନାଆରେ ବସି ନଈ ଉଠରକୁ ବାହାରି ଗଲେ ।

ବାସନ୍ତୀ—ତୁମେ ତ ମଧ ଯାଇଥିଲ, ପ୍ରହରି !

ରାଜା—କଣ ହେଲା ?

ପ୍ରହରୀ—ନ.ଆଟା ମଝିରେ ବୁଡ଼ି ଯାଉଥାନ୍ତା, ପାଣି ପଶି ଟଳମଳ ହେଲା ।

ରାଜା—ଦେଖ, ତୁ ବଡ଼ ଦୁଷ୍ଟ ହୋଇଗଲୁଣି, ବାସନ୍ତି ! ଏପରି କହିବୁ ନାହିଁ । ଏବେ ଚାଲ୍, ଘରକୁ ଚାଲ । ( ସମସ୍ତଙ୍କ ପ୍ରସ୍ଥାନ )

## — ଚତୁର୍ଥ ଦୃଶ୍ୟ —

ସ୍ଥାନ — ଉତ୍କଳ ରାଜାଙ୍କ ପ୍ରାସାଦ

( ରାଜା ପୁରୁଷୋତ୍ତମ ଦେବ, ସେନାପତି ଓ ଅର୍ଜୁନ ସିଂହ ଦଣ୍ଡାୟମାନ )

ରାଜା — ତୁମ୍ଭର ଅନୁମାନ ଠିକ୍, ସେନାପତି !

ସେନା — ବର୍ତ୍ତମାନ କଣ କରିବାକୁ ହେବ, ଆଦେଶ ଦିଅନ୍ତୁ, ମହାରାଜ !

ରାଜା — ଆଦେଶ, ସେନାପତି ! ତୁମ୍ଭର ଯାହା ଇଚ୍ଛା କର !

ସେନା — ମହାରାଜ, ଏଥର ବିଜୟ ଦେବଙ୍କୁ ଏପରି ନିରସ୍ତ କରିବାକୁ ହେବ ଯେ, ଭବିଷ୍ୟତରେ ସେ ସେପରି ଆଉ ଥରେ ବିଦ୍ରୋହର ଚିନ୍ତା ସୁଦ୍ଧା ନ କରନ୍ତି ।

ରାଜା — ତା ନିଶ୍ଚୟ, ସେନାପତି ! ବସ୍ତୁର ପରିମାଣ ଅଛି । କ୍ଷମାର ଗୋଟିଏ ସୀମା ଅଛି । ବାରମ୍ବାର ବିଦ୍ରୋହ । ଦକ୍ଷିଣ ପ୍ରଦେଶ ଏଥିରେ ଛାରଖାର ହୋଇଗଲା । ବିଦ୍ରୋହ ଚିରକାଳପାଇଁ ଦମନ ନ କଲେ ରାଜ୍ୟ ପ୍ରତି କର୍ତ୍ତବ୍ୟରେ ତ୍ରୁଟି ଘଟିବ, ସେନାପତି ! ଆଜି ଯଦି ବିଜୟଦେବ ଉତ୍କଳର ରାଜା ହୋଇଥାନ୍ତେ, ଆଉ ମୁଁ ଏପରି ବାରମ୍ବାର ବିଦ୍ରୋହରେ ଦେଶ ଛାରଖାର କରୁଥାନ୍ତି—ବିଜୟଙ୍କର କର୍ତ୍ତବ୍ୟ ହୁଅନ୍ତା ସର୍ବପ୍ରଥମେ ମୋ ବିପକ୍ଷରେ ଅସ୍ତ୍ର ଧାରଣ କରିବା । ଏହା ରାଜାର କାର୍ଯ୍ୟ, ତୁମ୍ଭର ମତ କଣ, ସେନାପତି ? ନୁହେଁ ?

ସେନା — ନିଶ୍ଚୟ, ମହାରାଜ !

ରାଜା — ନିଶ୍ଚୟ, ତେବେ ପୁନଶ୍ଚ ଯୁଦ୍ଧର ଆୟୋଜନ !

ସେନା — ଆୟୋଜନ ସମସ୍ତ ଠିକ୍, ମହାରାଜ !

ଅର୍ଜୁନ — ସୈନ୍ୟ ମଧ୍ୟ ସଜ୍ଜିତ ।

ରାଜା — କିନ୍ତୁ ଅର୍ଜୁନ ସିଂହ, ତୁମ୍ଭର ଏ ବୃଦ୍ଧ ବୟସରେ ଯୁଦ୍ଧ ଏଣିକି ଅସହ୍ୟ ହୋଇ ଉଠିବ । ବିଶେଷ କଷ୍ଟ ହେବ ।

ଅର୍ଜୁନ — କଷ୍ଟ ମହାରାଜ ! ଅର୍ଜୁନ ସିଂହର କଷ୍ଟ ନାହିଁ । ଯୁଦ୍ଧ ତାହାର ଦୈନନ୍ଦିନ କର୍ମ ! ଆହାର ନିଦ୍ରା ଯେପରି, ଯୁଦ୍ଧ ସେହିପରି ! ଦିନେ ଉପବାସ କଲେ ଅର୍ଜୁନ ସିଂହର ଯେ ଯନ୍ତ୍ରଣା ହୁଏନାହିଁ, ଯାହା ଅସ୍ତ୍ର ଛୁଇଁନାହିଁ ବରଂ ହେଲେ ତାହାର ଦେହ ଖଣ୍ଡରେ

ଯୋଝିଯାଏ; ମନରେ ଦାରୁଣ ଅତୃପ୍ତି ଘଟାଏ । କିନ୍ତୁ ନୁହେଁ, ମହାରାଜ ! ମୁଁ ଏ ଯୁଦ୍ଧକୁ ଯିବି । ଯବନର ସମସ୍ତ ପାପଶକ୍ତି ଓଡ଼ିଶାର ମାଟି ନିମନ୍ତେ ଉତ୍ସର୍ଗ କରିଅଛୁ । ଏ ପ୍ରାଣ ଏବେ ମୋର ନୁହେଁ, ମହାରାଜ ! ଏ ମହାରାଜାଙ୍କ ପ୍ରାଣ, ଦେଶବାସୀଙ୍କର ପ୍ରାଣ । ମୋର ଅଧିକାର ନାହିଁ, ଗୃହ କୋଣରେ ବସି ପୁତ୍ର କନ୍ୟାଙ୍କ ମଧୁର ବାଣୀ, କୋମଳ ଆଦର ମଧ୍ୟରେ କାଳାତିପାତ କରିବା ଲାଗି । ଯୁଦ୍ଧକୁ ଯିବି, ଯବନର ଶେଷ ରକ୍ତବିନ୍ଦୁଟି ମୋର ଯୁଦ୍ଧଭୂମିରେ ଢାଳିଦେବି—ଅନ୍ତିମ ନିଃଶ୍ୱାସ ଧାରଟି ଯୁଦ୍ଧକ୍ଷେତ୍ରର ଉତ୍ତପ୍ତ ବାୟୁମଣ୍ଡଳରେ ମିଶାଇଦେବି । ଅର୍ଜୁନ ସିଂହର ମରଣ ସ୍ଥାନ ନହେବ ନିସ୍ପନ୍ଦ ନିସ୍ତବ୍ଧ ଗୃହର ପ୍ରାଙ୍ଗଣ ନୁହେଁ । ଉତ୍କଳ ସ୍ୱପ୍ନ ଦେଖି କରିଅଛି । ଗରଜାଇ ଆହ୍ୱାନ କରିବ, ସମରକ୍ଷେତ୍ରର ହୁଙ୍କାର ଶବଦଶି ମଧ୍ୟରେ ମୁମୂର୍ଷୁ କଣ୍ଠର ଆର୍ତ୍ତନାଦମିଶ୍ରିତ ରଣବାଦ୍ୟର ପରିମଳ ଆକର୍ଷଣ ସମକ୍ଷରେ । ମୁଁ ଯୁଦ୍ଧକୁ ଯିବି ମହାରାଜ !

ରାଜା— ତୁମେ ଯିବ, ଅର୍ଜୁନ ସିଂହ ?

ଅର୍ଜୁନ— ଯିବି, ମହାରାଜ ! ସେନାପତି ରାଜଧାନୀରେ ରହନ୍ତୁ । ଉତ୍କଳର ଏ ଯୁଦ୍ଧରେ ଏହି ହେବାରିଟି ମୋର ଶେଷ ବାର ସୂଚନା ଦେଇ ଆସେ ।

ରାଜା— ଅଚ୍ଛା ଯାଅ, ଅର୍ଜୁନ ସିଂହ !

ସେନା— ଯାଅ, ଅର୍ଜୁନ ସିଂହ ! ତୁମେ ଯୁଦ୍ଧଭୂମିରେ ଉତ୍ସର୍ଗିତ ହେଲ, ବିଜୟ ନିଶ୍ଚିତ । ଯାଅ, ଶୀଘ୍ର ପ୍ରସ୍ତୁତ ହୋଇ ଆସ ।

ଅର୍ଜୁନ— ବିଦାୟ ନେଉଛି ତେବେ, ସେନାପତି ମହାଶୟ ! ଯୁଦ୍ଧଭୂମିରୁ ଫେରିଲେ ଅଣ୍ଡା ଦେବ ଯବନର ଅନ୍ତିମ ବିଦାୟ ଦେଇ ଯିବି, ନଚେତ୍ ଏହା ଶେଷ ବିଦାୟ ନେଉଛି । ( ପ୍ରସ୍ଥାନ )

ସେନା— ଜୀବନରେ ବହୁବାର ସାକ୍ଷାତ୍ ହେବ, ଅର୍ଜୁନ ସିଂହ ! ଏ ଶେଷ ଦେଖା ନୁହେଁ ! ମହାରାଜ, ଏ ଯୁଦ୍ଧ ବଡ଼ ବେଶି ଏକ ଦିନରୁ ଅଧିକ ଲାଗିବ ନାହିଁ ।

ରାଜା— ସମ୍ଭବତଃ ନୁହେଁ ସେନାପତି !

ସେନାପତି—ହଁ !
ସେନା—ଭୀମ ଦେବଙ୍କ ସୈନ୍ୟ ତିରିଶ ସହସ୍ର !
ରାଜା—ଖୁବ୍ ବେଶି ଧର ବାଇଶ ବା ପଚିଶ । ତହିଁରୁ ତ ଅଧିକ ନୁହେଁ ।

( ବାସନ୍ତୀର ପ୍ରବେଶ )

କିଏ ବାସନ୍ତୀ ! ଏତେବେଳେ କୁଆଡ଼େ ମା ? ତୋର ଏ ବେଶ କାହିଁକି, ବାସନ୍ତୀ ?
ବାସନ୍ତୀ—ମୁଁ ଯୁଦ୍ଧକୁ ଯିବି ବାପା !
ରାଜା—ଯୁଦ୍ଧକୁ ?
ବାସନ୍ତୀ—ହଁ ଯୁଦ୍ଧକୁ !
ରାଜା—କି ଯୁଦ୍ଧକୁ, ବାସନ୍ତୀ ?
ବାସନ୍ତୀ—ଦାକ୍ଷିଣାତ୍ୟରେ ଯେଉଁ ଯୁଦ୍ଧକୁ ତୁମେ ଯାଉଛ ।
ରାଜା—ଏ ଅଭିଳାଷ କାହିଁକି ବାସନ୍ତୀ !
ବାସନ୍ତୀ—ନା, ମୁଁ ନିଶ୍ଚୟ ଯିବି ବାପା !
ରାଜା—ବାସନ୍ତୀ, ଯୁଦ୍ଧଭୂମିରେ କି କଷ୍ଟ, ଜାଣୁ ?
ବାସନ୍ତୀ—ହଁ, ଜାଣେ ।
ରାଜା—ସହି ପାରିବୁ ସେ କଷ୍ଟ ?
ବାସନ୍ତୀ—ପାରିବି !
ରାଜା—ନା ବାସନ୍ତୀ, ପାରିବୁ ନାହିଁ !
ବାସନ୍ତୀ—ହଁ, ପାରିବି, ବାପା !
ରାଜା—ସେଠାରେ ଯାଇଥିଲୁ, ମା, କେତେ କଷ୍ଟ । ଖାଇବାର ନାହିଁ, ପିଇବାର ନାହିଁ, ବସିବାର ଆସନ ନାହିଁ, ଶୋଇବାର ସ୍ଥାନ ନାହିଁ, ବଡ଼ କଷ୍ଟ । ନା, ତୋର ଯିବା ଦରକାର ନାହିଁ, ବାସନ୍ତୀ !
ବାସନ୍ତୀ—ନା’ ମୁଁ ଯିବି ।
ରାଜା—ମା’ଙ୍କୁ ପଚାରିଥିଲୁ ?
ବାସନ୍ତୀ—ମା ଅନୁମତି ଦେଇଛନ୍ତି; ବାପା, ଯିବି ।
ରାଜା—ତେବେ ଯିବୁ ନିଶ୍ଚୟ ; ବାସନ୍ତୀ ?

ବାସନ୍ତୀ—ହଁ ଶିବ ।

ରାଜା—ଅଦ୍ଭୁତ ଦୃଶ୍ୟ ଦେଖେ ।

ବାସନ୍ତୀ ମୋର ସମୟ ନାହିଁ, ଭାଇ, ମୁଁ ଏହିକ୍ଷଣି ଆସିବି

( ପ୍ରସ୍ଥାନ )

ସେନା—ବାଳିକାଠି ଏ କି ତେଜ, ମହାରାଜ ! ପ୍ରଭାତର ତପନ ପରି, ଅନ୍ଧକାର ରଜନୀର ଚନ୍ଦ୍ରମା ସମାନ କି ଏକ ଅପୂର୍ବ ଆଭା ବାଳିକାର ମୁଖମଣ୍ଡଳରେ ଖେଳଗଲା ।

ରାଜା—ବଡ଼ ତେଜ, ସେନାପତି ! ଚକ୍ଷୁର କୋଣନ୍ତୁ ଯେପରି ଏକ ବହ୍ନି ଶିଖା, କଣ୍ଠରେ ଯେପରି ସିଂହର ଗର୍ଜନ, ବାକ୍ୟରେ ଯେପରି କି ମଧୁର ଉଦାରତା । ଏ କିଏ, ସେନାପତି ? ଓଃ କି ତେଜ ! ବହୁଥର ବାସନ୍ତୀକୁ ଦେଖିଅଛି; କିନ୍ତୁ ତାର ଅନୁପମ ସୌନ୍ଦର୍ଯ୍ୟ ଆଜି ପ୍ରଥମ । ଓଃ କି ସେ ତେଜ ! ମୁଁ ତା ସଙ୍ଗରେ କଥା କହୁଥିଲି, ତା ପ୍ରଶ୍ନର ଉତ୍ତର ଦେଉଥିଲି, କିନ୍ତୁ ପ୍ରତିକ୍ଷଣରେ କି ଏକ ଭୀଷଣ ପରାଜୟ ଘଟୁଥିବାର ଭାବନା, କି ଏକ ଦୁର୍ବଳତା ପ୍ରାଣରେ ଅନୁଭବ କରୁଥାଏ ! ତାକୁ ଯୁଦ୍ଧଭୂମିକୁ ନେବା ମୋର ଇଚ୍ଛା ନ ଥିଲା; କିନ୍ତୁ ବାରଣ କରି ପାରିଲି ନାହିଁ । ତାର ଚକ୍ଷୁର ଜ୍ୱଳନ୍ତ ଦୃଷ୍ଟିରେ ମୋର ଇଚ୍ଛା ସେପରି ଜଳିଗଲା । ତାର କଣ୍ଠର ସରଳ ନିର୍ଘୋଷରେ ମୋର କଣ୍ଠ କମ୍ପି ରୁଦ୍ଧ ହୋଇ ଆସିଲା ! ଓଃ, କି ତେଜ, କି ତେଜ, ସେନାପତି, କି ସେ ତେଜ !

ସେନା—ଅପୂର୍ବ ତେଜ, ମହାରାଜ ! ବାଳିକା ଯୁଦ୍ଧଭୂମିକୁ ଯାଉ !

ରାଜା—ତାର ଇଚ୍ଛା ଶିବ, ସେ ଇଚ୍ଛା ଅନିବାର୍ଯ୍ୟ । ଓଃ କି ତେଜ ! କି ତେଜ, ସେନାପତି !

( ସୈନିକର ପ୍ରବେଶ )

ସୈନିକ—ମହାରାଜ, ସମ୍ବାଦ ଆସିଅଛି—ଭୀମ ଦେବ ଅଠର ଖଣ୍ଡ ଗ୍ରାମ ଛାଡ଼ି ଦେଇଅଛନ୍ତି ।

ରାଜା—ଅଠର ଖଣ୍ଡ ଗ୍ରାମ ଛାଡ଼ି ଦେଇଅଛନ୍ତି ?

ସେନାନୀ — ଆଜ୍ଞା, ତାଙ୍କର ସୈନ୍ୟମାନେ ସମସ୍ତ ଗ୍ରାମ ନଗର ଲୁଣ୍ଠନ କରୁଅଛନ୍ତି !

ରାଜା — ବଜ୍ରନ, କି କାରଣରୁ ତୁମ୍ଭର ଏ ଅତ୍ୟାଚାର ? ମୁଁ ତୁମ୍ଭର ଶତ୍ରୁ ହୋଇ ପାରେ, ପରନ୍ତୁ ପ୍ରଜାଗଣ ନୁହନ୍ତି । ଜାଣ ନିଶ୍ଚୟ, ବଜ୍ରନ ଦେବ, ଯେ ବହ୍ନିରେ ତୁମ୍ଭେ ଦୁଃଖୀର କୁଟୀରମାନ ଏପରି ନିର୍ଦ୍ଦୟ ଭାବେ ପ୍ରାଣରେ ଜାଳି ଦେଉଅଛ, ସେହି ବହ୍ନିଶିଖା ତୁମ୍ଭର ଏ ଉତ୍ଥାନ ଚିରକାଳପାଇଁ ଭସ୍ମୀଭୂତ କରିବ । ଆଜି ସନ୍ଧ୍ୟା ହେଉ ନାହିଁ ସେନାପତି !

ସେନା — ବଜ୍ରନ ଦେବ, ଜାଣି ରଖ, ଏଇ ତୁମ୍ଭର ଶେଷ ଉଦ୍ଧାର ; ଏଇ ସର୍ବନାଶ । ( ପଟକ୍ଷେପଣ )

---

## —ପଞ୍ଚମ ଦୃଶ୍ୟ—

ସ୍ଥାନ—କାଞ୍ଚୀ ରାଜପ୍ରାସାଦ

(ପଦ୍ମାବତୀଙ୍କର ଏକାକୀ ପ୍ରବେଶ । ହସ୍ତରେ କନକ ଅଙ୍ଗୁରୀ ସ୍ୱରରେ )

ପଦ୍ମା—

କାହିଁ ହେ ବନ୍ଧୁବର, ନିଦୟା କର ?
ସ୍ୱ ଛେପଟ୍ଟ ହୋଇ ଦେଇ ମନକୁ କରୁଛ ଦୂର । ହାୟ !
ବସେ ମୁଁ ନିରବେ ଶୁଣି ତବ ଆସିବାର ପାଇଁ
ନ ଆସିଲ ଭାବେ ବନ୍ଧୁ, ବିଫଳ ମୋ ବସିବାର ॥
ନିଶୀଥେ ମଳୟେ ବସି ଥାଏ ଗଗନେ ଚାହିଁ,
ଯାଆନ୍ତି ନମିତ୍ତେ ଲୁଚି ତାରା ବଧୂ ଗଗନର ॥
ପିକ ବସି ତରୁଶାଖେ ମଧୁର ଲହରୀ ଢାଳେ,
ହେଉଥିଲେ ଶ୍ରବଣ ମୂର୍ଚ୍ଛି ଦୂରୁ ସେ ସ୍ୱପନ ଦୂର ॥
ବନେ ଉପବନେ ନିତି ଥାଏ ମୋ ସରଣ ଗୀତି,
ସମୀରେ ଖସି ବା କାହିଁ ଯାଏ, ଏ ଧ୍ୟାନ ମୋର ॥
ଦିଅ ବନ୍ଧୁ ଦୂର କରି, ସ୍ମୃତିଟିକ ହିଆ ଧରି,
କାତରେ କାତରେ ଯେବେ ହେଲା ନାହିଁ ଭେଟିବାର ॥

କନକ—ବେଣ୍ ଗୀତ । କୁଆଡ଼େ ଯିବୁ, ପଦ୍ମ ?

ପଦ୍ମ—କନକ, ତୁ ମୋ ପାଖେ ପାଖେ ଆସିଛୁ ପରା ?

କନକ—ଆଜି ନଇଲେ ତୁ ନିଜେ ଗାଇ ନିଜେ ଶୁଣନ୍ତୁ ନା କଣ ? ବେଶ୍ ତ !

ପଦ୍ମ—ନିଜେ ଗାଇ ନିଜେ ଶୁଣିବା ତ ଏ ସଂସାର ! ଆଉ କଏ ଅଛି ?

କନକ—ଜାଣୁଁ ନା ? ଏଇ ଯେ ମୁଁ ଶୁଣିଲି ! ମୁଁ ଅଛି । ନା, ଜାଣୁଁ କହିବୁ

ପଦ୍ମ—କଣ ଶୁଣିଲୁ, କନକ ? ଗୀତ ? ଏକଥା ତ ଆଜି ନୂଆ ନୁହେଁ !

କନକ—ଗୀତ ଶୁଣିବା ନୂଆ ନୁହେଁ । ହେଲେ ଆଜିକାଲି ତୋର ଏକ ଅଦ୍ଭୁତ ପରିବର୍ତ୍ତନ ଦେଖୁଛି, ପଦ୍ମ ! ସେଇଟା ନୂଆ ।

ପଦ୍ମ—ମୋର ପରିବର୍ତ୍ତନ ?

କନକ—ହଁ, ସେ ସୀମାନ୍ତ ପ୍ରଦେଶରୁ ଫେରିଲା ଦିନରୁ ତୋର ଯେ ଏକ ବିଶେଷ ପରିବର୍ତ୍ତନ ।

ପଦ୍ମ—ତା ନିଶ୍ଚୟ । ପରିବର୍ତ୍ତନ ସବୁବେଳେ ଲାଗିଛି, କନକ ! ପ୍ରତି କ୍ଷଣରେ ପରିବର୍ତ୍ତନ ! ଏଇ ତୁ ଆସିଲା ବେଳୁ ବର୍ତ୍ତମାନ ପରିବର୍ତ୍ତନ ।

କନକ—ନା, ପଦ୍ମ ! ସେ ପରିବର୍ତ୍ତନ ନୁହେଁ; ବିଶେଷ କିଛି ! କହ ଦେଖି ସତ କଥା । ତୋର ସେପରି କିଛି ହୋଇ ନାହିଁ ?

ପଦ୍ମ—କିପରି, କନକ ?

କନକ—କିପରି ? ଦେଖ୍, ତୋର ଏକାକୀ ରହିବାର ଇଚ୍ଛା, ନିର୍ଜନତାକୁ ସୁଖକର ମଣିବା, ଏକୁଟିଆ ଏପରି ଅବୋଧ ସଙ୍ଗୀତ ଗାଇ ଭୁଲିବା, ମଧ୍ୟେ ମଧ୍ୟେ ଦୀର୍ଘଶ୍ୱାସ—ଯେପରି କି ଶକୁନ୍ତଳା ଦୁଷ୍ମନ୍ତଙ୍କ ତପୋବନରୁ ଫେରି ଆସୁଛନ୍ତି; ଦୃଷ୍ଟି ଅର୍ଥାତ୍ ଯେଉଁ ଆଡ଼କୁ ଖୁଣ୍ଟିଅଛି ତା ବହୁକ୍ଷଣ ପର୍ଯ୍ୟନ୍ତ; ପୁଣି ସେପରି ବାକ୍ୟ, ଆବଦ୍ଧ ହାସ୍ୟ, ଶ୍ଲଥ ଗତି, ରାତିରେ ନିଦ୍ରାର ଅଭାବ, ଦିବସର କର୍ମରେ ଆଳସ୍ୟ, ସବୁବେଳେ ଅନ୍ୟମନସ୍କତା—ଯେପରି ଆଜି କୋଉଠି ଶୁଣିଗଲା କଣ ପ୍ରାଣରେ ପୁଣି

ଉଡ଼ୁଛି; ସୁନ୍ଦର ପଦ୍ମ ? ଏଇ ସବୁ ପରିବର୍ତ୍ତନ ତୋର ହେଉ ନାହିଁ ? କହ ଦେଖି ସତ କଥା ?

ପଦ୍ମ—ହୋଇପାରେ, କନକ ! ଆଉ କାହାର କଣ ହୁଏ ନାହିଁ ?

କନକ—ହୁଏ ।

ପଦ୍ମ—କେବେ ?

କନକ—ଯାହାର ହୁଏ, ଲୋକେ କହନ୍ତି, ତାର ପରିବର୍ତ୍ତନ ହୋଇଛି ।

ପଦ୍ମ—ନା, କନକ !

କନକ—ନା, କଣ୍ଠ ଦେଖି ସେଇ ଯେ ଯୁବକଟି ସେଦିନ ପୁଷ୍ପ-କ୍ଷେତ୍ରରେ ଦେଖିଥିଲେ—

ପଦ୍ମ—ଆହା ଯୁବକଙ୍କର କି କଷ୍ଟ, କନକ, କି ଦୁର୍ଦ୍ଦଶା !

କନକ—ସମ୍ଭବତଃ ଯୁବକଙ୍କର ନୁହେଁ, ପଦ୍ମ; ଦୁର୍ଦ୍ଦଶା ଏବେ ପଦ୍ମର ।

ପଦ୍ମ—ତା ସତ, କନକ, ପରର ଦୁଃଖରେ ଦୁଃଖ ହେବ ନାହିଁ ?

କନକ—ପର ! ସେ ତ ନିଜର ଦୁଃଖରେ ଦୁଃଖୀ ପଦ୍ମ ! ପର କିଏ ?

ପଦ୍ମ—ବୁଝିଲି ନାହିଁ କନକ !

କନକ—ବୁଝିବୁ କାହିଁକି ? କି ପରିବର୍ତ୍ତନ ! ଦୁଇ କ୍ଷଣରେ ଏତେ !

ପଦ୍ମ—ଜୀବନଟା ତ କ୍ଷଣିକ ମାତ୍ର କନକ !

କନକ—ହଁ ସେଇ କ୍ଷଣିକତାର ତ ବର୍ତ୍ତମାନ ପଦ୍ମାବତୀର ଜୀବନ । ମୁଁ ସେଇ କଥା କହୁଛି ପଦ୍ମ ! ତୋର ଏ ଚିନ୍ତିତ ଲୁହରାଶି-ମିଶା ଶୁଷ୍କ ହାସ୍ୟ ତୋର ଭାବନାକାତର ଏ ଅଳ୍ପ କଥା—ଏହି ସବୁ ଦେଖିଲେ ମନେ ହୁଏ ସେପରି ତୋ ପ୍ରାଣରେ କ ଏକ ମଧୁର ବୈଚିତ୍ର୍ୟ ଖେଳୁଛି । ନୁହେଁ, ପଦ୍ମ ? ଠିକ୍ କହୁ ନାହିଁ ?

ପଦ୍ମ—ଠିକ୍, କନକ ! ବୈଚିତ୍ର୍ୟ ନ ହୋଇ ଆଉ କଣ ହୋଇ ପାରେ ?

କନକ—ବୈଚିତ୍ର୍ୟ କାହିଁକି ପଦ୍ମ ! ମନୁଷ୍ୟ ଜୀବନ ଆଶାମୟ ।

ପଦ୍ମ—ଆଶାର କିନ୍ତୁ ଏକ ସୀମା ଅଛି, କନକ, ସେ ସୀମା ପାର ହେଲେ ତେଣିକି ସବୁ କେବଳ ବୈଚିତ୍ର୍ୟ ପରିପୂର୍ଣ୍ଣ ।

କନକ—ଆଉ ନ ହେଲେ ?

ପଦ୍ମ—ନ ହେବା କି ସବୁବେଳେ ସମ୍ଭବ ?

କନକ—ଅସମ୍ଭବ ନୁହେ !

ପଦ୍ମ—ତୁ ଜାଣୁ କନକ ଅସମ୍ଭବ ନୁହେ ?

କନକ—କଣ ଅସମ୍ଭବ ନୁହେଁ; କଣ ସେ ପଦ୍ମ ?

ପଦ୍ମ—ତୋର ଏଇ କଥା ଠିକ୍ ନାହିଁ, କନକ ! ସବୁବେଳେ ପରିହାସ !

କନକ—ସବୁବେଳେ ଅର୍ଥ ?

ପଦ୍ମ—କଣ, କନକ, ଅସମ୍ଭବ ନୁହେ ?

କନକ—ନୁହେ, ପଦ୍ମ, ଖୁବ୍ ସମ୍ଭବ ।

ପଦ୍ମ—କପରି ?

କନକ—ସେପରି ଇଚ୍ଛା !

ପଦ୍ମ—ବଡ଼ ଦୁଃଖ, କନକ, ଏ ବଡ଼ କଷ୍ଟ !

କନକ—ସଂସାର ଦୁଃଖମୟ, ପଦ୍ମ ! ବସ୍ତୁର ଅଭାବରେ ଦୁଃଖ; ଆଶାର ନୈରାଶ୍ୟରେ ଦୁଃଖ; ଆଉ ଦୁଃଖ, ଦୁଃଖରେ, ସୁଖର ଅଭାବ ହେଲେ ସେ ଦୁଃଖ, ସେଥିରେ ପୁଣି ଘୋର ଦୁଃଖ, ପଦ୍ମ ।

ପଦ୍ମ—ଦୁଃଖ ଦୁଃଖ ନୁହେ, କନକ; ଦୁଃଖ ସଂସାରର ସୁଖ । ଦୁଃଖ ନନ୍ଦନ କାନନର କୁସୁମ, ସ୍ୱର୍ଗର ଅମୃତ, ସାଗରର ଅମୂଲ୍ୟ ମଣି, ଗଗନର ବିମଳ ଶରତ୍ ଚନ୍ଦ୍ରମା । ଚିର ଉତ୍କଣ୍ଠାରେ ବର୍ଷି ମଧୁର ସଙ୍ଗୀତଧାରା ଢାଳିଦିଏ । ସେତେବେଳେ ପ୍ରାଣରେ କି ଅପୂର୍ବ ଆନନ୍ଦ; କିନ୍ତୁ ସେ କ୍ଷଣିକର ଆନନ୍ଦ, କନକ, କ୍ଷଣିକ ମଧ୍ୟରେ ପୁଣି କି ଅଜ୍ଞାତ ଦୁଃଖରେ ମଳିନ ହୋଇଯାଏ । ତତ୍ପରେ ପ୍ରାଣ ସେ ସଙ୍ଗୀତଲହରୀ ନିରନ୍ତର ଖୋଜି ବୁଲୁଥାଏ ପ୍ରତି ପଲକରେ ଆଶା, ପ୍ରତି ପଲକରେ ପୁଣି ସମାନ ନୈରାଶ୍ୟ । ସେ କିନ୍ତୁ ଦୁଃଖ ନୁହେ, କନକ ! ସେ ଜୀବନର ଶ୍ରେଷ୍ଠ ସୁଖ । ଜଗତର ଅପର ସୁଖ ଯେତେ ତା ନିକଟରେ କି ତୁଚ୍ଛ, କି ହୀନ । ଜାଣୁ ନାହିଁ କନକ, ଦୁଃଖରେ କି ସୁଖ,

ନୈରାଶ୍ୟରେ କି ଆଶା ! ଲତିକାର କୋମଳ କଣ୍ଟକସ୍ପର୍ଶରେ କୁସୁମ କଳିକା ମୋହନମୂର୍ତ୍ତିରେ ବିକଶିଥାଏ । ମନୁଷ୍ୟ ପରିକଳ୍ପନାରେ ଦୁଃଖ କିନ୍ତୁ ତତ୍ପରେ ତା ନିମନ୍ତେ ପ୍ରାଣର ସେ ଅବିରତ ଅନ୍ୱେଷଣ, ଅଜ୍ଞାତ ପାଇଁ ସେ ଚିନ୍ତନ ଭାବନା, ଜଗତର ପ୍ରତ୍ୟଣୁରେ ଜୀବନର ସେ ଜ୍ୱଳନ୍ତ ଜାଗର—ଏଥି କି ସୁଖ ଜନକ ?

ଜନକ—କେବେ, ପଦ୍ମ, ତୋର ଏ ଦୁଃଖ ଯାଇଁକି ?

ପଦ୍ମ—ଦୁଃଖ ନୁହେ, ଜନକ ! ତୁ ଜାଣୁ ନାହିଁ, ଜୀବନର କି ମୃତ୍ୟୁମୟ ଅବସ୍ଥା ଏଗୁଡ଼ିକ ମୋର ? ମୋର ଉତ୍କଣ୍ଠାରେ ସୁଖ, ମୋର ଅବୋଧ ସଙ୍ଗୀତରେ ସୁଖ । ମୋର ଏ ପ୍ରତି ନିଶ୍ୱାସ ସୁଖର ଶୀତଳ ବିନ୍ଦୁରେ ସିକ୍ତ । ମୋର ଏ ଅଶ୍ରୁଧାର ସୁଖ-ସମ୍ପଦର ଅମଳ ହାସ୍ୟର ପୁଣ୍ୟ ପରିତୋଷ ! ଦୁଃଖ ନାହିଁ, ଜନକ ! ଆଶା ନିରାଶା ହେଲେ ଯାହା ହୁଏ ସେ ଦୁଃଖ ନୁହେ, ସେ ପୁନର୍ବାର ନବୀନ ଆଶା । ସେ ନିତ୍ୟ ସୁଖ, ଜନକ, ଦୁଃଖ ନୁହେ ।

ଜନକ—ଜାଣୁ, ପଦ୍ମ, ପୁରୁଷୋତ୍ତମ ଦେବ ଯୁଦ୍ଧରେ ଜୟୀ ହୋଇଛନ୍ତି ।

ପଦ୍ମ—ଜାଣେ । କିନ୍ତୁ ଜୟ ପରାଜୟ ମୋ ନିକଟରେ ସମାନ । ପୁରୁଷୋତ୍ତମ ଯଦି ଉଡ଼ିଶାର ରାଜା ନ ହୋଇ ଆଜ ବାଟର ଭିକାରୀ ହୁଅନ୍ତି—ନା, ଜନକ, ନା, ଥାଉ ନୁହେ ଅସମ୍ଭବ, ଅସମ୍ଭବ ଭୁଲ, ସବୁ ଅସମ୍ଭବ, ଜନକ । (ପ୍ରସ୍ଥାନ)

## — ଷଷ୍ଠ ଦୃଶ୍ୟ —

ସ୍ଥାନ—କାଞ୍ଚୀ ରାଜପ୍ରାସାଦର ବହିଃପ୍ରାଙ୍ଗଣ

( ସୁମନ୍ତ୍ର ବସି ଏକାକୀ ଉପବିଷ୍ଟ )

ସୁମନ୍ତ୍ର—ଆଃ, ଏ କି ଅପୂର୍ବ ସୌନ୍ଦର୍ଯ୍ୟ ! ପ୍ରକୃତିର କି ବେଶ ଲୀଳା ! ଶତ୍‌କେଳସ୍ତର ଦୂର ଅନ୍ତରାଳରୁ ତପନର କିରଣମାଳା ଉଜ୍ଜ୍ୱଳ ହୋଇ ଆସୁଅଛି ! ତରୁଲତାଙ୍କର ଶ୍ୟାମଳିମାରେ ଗଗନମଣ୍ଡଳର ଏ ପାଟଳ ରକ୍ତିମା ମିଶି କି ମଧୁର ହୋଇଅଛି ! ଏ ଯେ ବିଶାଳ ପ୍ରାନ୍ତର, ଦୂର୍ବାଦଳର କୋମଳ ଶ୍ୟାମଳିମାରେ କି ମନୋହର, କି ମର୍ମସ୍ପର୍ଶୀ ! ମଧ୍ୟେ ମଧ୍ୟେ ଗୋଟିଏ ଗୋଟିଏ ନୀରବ ତରୁ ଦଣ୍ଡାୟମାନ ! ଯେପରି ପ୍ରତ୍ୟେକ ଜଣେ ଜଣେ ପ୍ରହରୀ—ପ୍ରାନ୍ତରର ଏ ଅମଳ ମାଧୁର୍ଯ୍ୟ ଜଗି ରହିଛନ୍ତି ! ଏହାପରି ସେ ଧବଳ ସେ ପ୍ରଭାତ, ସେଥି ବୃନ୍ଦାବନଧାମଟି ! ନଦୀର ତରଙ୍ଗମାଳା ଖେଳା ଉଠୁଥାଏ ! ପ୍ରତ୍ୟେକ ଲହରୀ ଖଣ୍ଡିକ ନିମନ୍ତେ ଆପଣାର ଶିରୁ ଶୀକରି ଉଠିବାକୁ ଟେକି ପୁଣି ସଲିଳଶିଖର ଅନନ୍ତଗର୍ଭରେ କାହିଁ ଲୀନ ହୋଇଯାଏ ! ଚତୁର୍ଦିଗରେ ନାନା କୋକିଳଙ୍କର ମଧୁର ସଙ୍ଗୀତ ସମୀରତରଙ୍ଗରେ ଅନନ୍ତସ୍ୱରରେ ଭାସି ଉଠୁଥାଏ ! ବସନ୍ତର ଉତ୍ସବ ଆଭରଣ ପିନ୍ଧି ବସୁନ୍ଧରା ହସୁଅଛନ୍ତି ! ଏ ସକଳ ସୌନ୍ଦର୍ଯ୍ୟ ମଧ୍ୟରେ, ବସନ୍ତର ଅମ୍ଳାନ ଉତ୍ସବର ଏହି ବାତାସ ହିଲ୍ଲୋଳରେ, ଆଶାର ସେ ଅଶେଷ ପ୍ରତିମା, ଜୀବନର ଦୁର୍ଲଭ ସମ୍ପଦ ବାସନ୍ତୀ ! ଆଃ, ବାଳିକା ମୁଖମଣ୍ଡଳରେ କି ତେଜ, ହୃଦୟରେ କି ଶକ୍ତି, ନୟନର ଚାହାଣୀରେ କି ଅସୀମ ଦୟା ! ଥରେ ମାତ୍ର ଦେଖା, ତା ପୁଣି କେମିତିକି ପାଇଁ ! ପିତାଙ୍କର ଆଦେଶ, କୃଷ୍ଣାନଦୀତଟରୁ ସଇତ ଫେରି ଆସିଲି; କିନ୍ତୁ ମୋର ଶେଷର ଜୀବନ ଧାରା, ଏ ଅସ୍ଥିମାଂସ ମଧ୍ୟରେ ପ୍ରାଣ ଯେଉଁ ଟିକକ, ତାହା ସର୍ବଦା ସେହି ପୁଣ୍ୟତୀର୍ଥ ନଦୀତଟରେ ! ବାସନ୍ତୀ !

( କନକର ପ୍ରବେଶ )

କନକ—ଏଇ ଯେ ସୁମନ୍ତ୍ରଭାଇ ! ସୁମନ୍ତ୍ର ଭାଇ, ମୁଁ ଅଜ ଖଣ୍ଡିଏ ଚିଠି ପାଇଛି ଯେ କୃଷ୍ଣାନଦୀକୂଳ ପ୍ରଦେଶରେ ଆଜି ଥରେ ଘୋରତର ଯୁଦ୍ଧ ଲାଗିଅଛି । ଯୁଦ୍ଧ ପୁଣି ସେଇ ପୁରୁଷୋତ୍ତମ ଦେବ ଆଉ ବଜମ ଦେବଙ୍କ ମଧ୍ୟରେ ।

ସୁମନ୍ତ୍ର—ପୁନର୍ବାର ଯୁଦ୍ଧ, କନକ ?

କନକ—ପୁଣି ସେଇ ଯୁଦ୍ଧ, ଭାଇ ! କିନ୍ତୁ ଆଶ୍ଚର୍ଯ୍ୟର କଥା ଏଇ ଯେ, ଜଣେ କୁମାରୀ ସେ ଯୁଦ୍ଧରେ ଆପଣାର କୋମଳ ମଧୁର ଯୌବନଶ୍ରୀ ଢାଳି ଦେଇଅଛି । ନାରୀ ସୈନିକ ବେଶରେ ! କି ଅପୂର୍ବ ଶୋଭା ସେ, ଭାଇ !

ସୁମନ୍ତ୍ର—ନାରୀ ! କିଏ ସେ ନାରୀ, କନକ !

କନକ—ନା, ଜାଣେନାହିଁ । ଲେଖା ଅଛି, ଜଣେ କୁମାରୀ, ନାମ ନୁହେ ।

ସୁମନ୍ତ୍ର—କୁମାରୀ, କୁମାରୀ ଯୁଦ୍ଧକ୍ଷେତ୍ରରେ ! ନା ନା,—କୁମାରୀର ଜୟ ହେଉ । କୁମାରୀ ! ବଡ଼ ଦୁଃସମ୍ବାଦ, କନକ ! କୁମାରୀ ଯୁଦ୍ଧକ୍ଷେତ୍ରରେ । କି ଦୁଃସମ୍ବାଦ ! ହଁ, କନକ, କୁମାରୀ ବଡ଼ ଦୁଃସମ୍ବାଦ ଏ, ଯା । ( କନକର ପ୍ରସ୍ଥାନ ) କୁମାରୀ । ଓଃ, କି ତେଜ, କି ତେଜ, ହୃଦୟରେ କି ସାହସ ! ବାସନ୍ତୀ ! କୁମାରୀ ବାସନ୍ତୀ । ବାସନ୍ତୀ ଯୁଦ୍ଧକ୍ଷେତ୍ରରେ ? ଜୟ ହେଉ, ବାସନ୍ତୀ ! ଜୟ, କୁମାରୀ !

( କଳେନ୍ଦ୍ରେଶ୍ୱରଙ୍କ ପ୍ରବେଶ )

ବାବା !

କଳେ—ଦେଖ, ସୁମନ୍ତ୍ର, ମୁଁ ଶୁଣୁଛି ପୂର୍ବପୁରୁଷଠାରେ ଯେଉଁ ଶସ୍ୟ ସଞ୍ଚିତ ଥିଲା, ତାକୁ ସମସ୍ତ ବିତରଣ କରିଦେଇଛୁ !

ସୁମନ୍ତ୍ର—ସେଥିରୁ କେତେକ ଦୟା ପାଇଅଛନ୍ତି । ଏ ବର୍ଷ ସେ ଅଞ୍ଚଳରେ ଭୀଷଣ ଦୁର୍ଭିକ୍ଷ । ଲୋକେ ହାହାକାର କରୁଅଛନ୍ତି । ସେ ସ୍ଥାନର ଅଧିବାସୀ କେତେ ଅର୍ଥ ଏଥିପାଇଁ ରାଜକୋଷରୁ

ଆସି ନାହିଁ । ସେଥିପାଇଁ କେବଳ ମୁଁ ସେଠାରେ ଦୁଃଖୀ ଲୋକଙ୍କୁ ବଞ୍ଚାଇ ଦେଉଛି ।

କଳେ—ତୋର କି ଅଧିକାର, ସୁମନ୍ତ, ସେ ଯାହା ଇଚ୍ଛା ସେପରି କରିବୁ ? ଏଥିରେ ରାଜଂଶାସନ ପ୍ରତି ଘୋର କଳଙ୍କ ଘଟିବାର ଭୟ ! ରାଜାର କର୍ତ୍ତବ୍ୟ ଉପରେ ପୁଣି ତୋର ଇଚ୍ଛା ! ସାବଧାନ ସୁମନ୍ତ, ଏହିପରି ଏତେ ସ୍ୱାଧୀନତା ଅବଲମ୍ବନ କଲେ, ଏ ସିଂହାସନ ତୋର ନୁହେଁ । ଅନ୍ୟ ରାଜା ହେବ । ତୋତେ ପଥର ଭିକାରୀ ପରି ରାଜପ୍ରାସାଦରୁ ନିଷ୍କାସିତ ହେବାକୁ ପଡ଼ିବ । ସାବଧାନ !

ସୁମନ୍ତ—ଏପରି କଟୁବାକ୍ୟ କହନ୍ତୁ ନାହିଁ, ପିତା ! ମୁଁ ସିଂହାସନର ଉତ୍ସାହୀ ନୁହେଁ । ସମସ୍ତ କାଶୀ ରାଜ୍ୟର ରାଜା ହେଲେ ମୋର ଯେ ଆନନ୍ଦ, ପଥର ଭିକାରୀ ହେଲେ, ଜାଣିଥିବେ ସେହିପରି ଆନନ୍ଦ, ପିତା ! ମୋର ଏ ଭୟ ନାହିଁ ।

କଳେ—ଭୟ ନାହିଁ ?

ସୁମନ୍ତ—ନାହିଁ, ପିତା । ଆପଣ ପିତା, ମୁଁ ପୁତ୍ର । ପୁତ୍ରର କର୍ତ୍ତବ୍ୟ ନିମନ୍ତେ ମୁଁ ସଦା ରତ । ଯୁବରାଜର କର୍ତ୍ତବ୍ୟ ମୋର ଭିନ୍ନ ।

କଳେ—ସୁମନ୍ତ, ଏତେ ଆସ୍ପର୍ଦ୍ଧା ! ତୁ ପୁଣି, ନଚେତ୍ ଏ ଗାଦିର ଉପଯୁକ୍ତ ଉତ୍ତର ଦାଅନ୍ତୁ । ଏତେ ଆସ୍ପର୍ଦ୍ଧା ! (ପ୍ରସ୍ଥାନ)

ସୁମନ୍ତ—ଉଃ, କି ତେଜ ! ବାସନ୍ତୀ କଣ ସ୍ୱର୍ଗଭୂମିରେ, ଅପ୍ସର ଭୂଷଣ ଝଙ୍କାର ତଳେ, ମୂର୍ଚ୍ଛ କଣ୍ଠର ଜଡ଼ିତ ଆଶୀର୍ବାଦ ମଧ୍ୟରେ ? ଧୂଳିଶେଷରେ ବାସନ୍ତୀ ? ଜୟ ହେଉ ବାଳିକାର, ଜୟ ହେଉ ! ଦୂରରୁ ସେଦିନ କିଏ 'ବାସନ୍ତୀ' ବୋଲି ଡାକଦେଲା । ଆଗରୁ ଯାର ନାମ ଏତେ ଥର ଶୁଣିଥିଲି, ଜାଣିଲି ପାଣିରେ ସେ ସୁନ୍ଦରପ୍ରତିମା ନଦୀଘାଟରେ ସେ କାଞ୍ଚନ ମୂର୍ତ୍ତି । ନିମିଷକେ ପୁଣି ଅନ୍ତର୍ଦ୍ଧାନ; ଆଜି ପୁନଶ୍ଚ ସେହି ସ୍ୱର୍ଗଭୂମିରେ ବାସନ୍ତୀ ! ବାସନ୍ତୀ, ବାସନ୍ତୀ !

[ ଦୃଶ୍ୟଶେଷ ]

## —ସପ୍ତମ ଦୃଶ୍ୟ—

### ସ୍ଥାନ—କୃଷ୍ଣାନଦୀକୂଳସ୍ଥ ଶିବିର

( ବିକ୍ରମ ଦେବ, ନରସିଂହ ଦେବ, ରାମଚନ୍ଦ୍ର ଦେବଙ୍କ ପ୍ରବେଶ )

ବିକ୍ରମ—ଆଜ ଶିବରାତ୍ରି ନା, ନରସିଂହ ?

ନର—ନା, ଆଜ ତ୍ରୟୋଦଶୀ, କାଲି ଶିବରାତ୍ରି ହେବ ।

ରାମ—ଆଜ ପୁରୁଷୋତ୍ତମ ବନ୍ଦୀ ହୋଇଥିଲେ !

ନର—ହିଁ, ଗତ ବର୍ଷ ଆଜି, ଠିକ୍ ଆଜି ତ

ବିକ୍ରମ—ପୂର୍ଣ୍ଣ ପୂର୍ଣ୍ଣ ବର୍ଷେ ହୋଇଗଲା ! ଏ ବର୍ଷ ଆଜଯାଏ ତ ଯୁଦ୍ଧ ଆରମ୍ଭ ହେଲାନାହିଁ !

ନର—ପୁରୁଷୋତ୍ତମ ବୋଧହୁଏ ବର୍ତ୍ତମାନ ଶାନ୍ତ ! ନିଜର ଭ୍ରମ ବୁଝି ପାରୁଅଛି ।

ରାମ—ସେନାପତି କିଏ ଆସୁଛି-ବସନ୍ତ ରାୟ, ନା ସେଇ ବୁଢ଼ା ଅର୍ଜ୍ଜୁନ ସିଂହ ?

ନର—ଅର୍ଜ୍ଜୁନ ସିଂହ ଆସିଥିଲେ ଭଲ ।

ବିକ୍ରମ—ତା ଭଲର କାହିଁ, ନରସିଂହ ! ଲଙ୍କାରେ ଯେଉଁଟି ଯାଏ, ସେଇଟି ଷାଠିଏ ହାତ ! ମନେ ଅଛି, ସେଦିନର କଥା । ତଳ ଯିଏ ଆସୁ, ଏଥର ନିଶ୍ଚୟ !

ନର—ତା ଠିକ୍, ଯୁଦ୍ଧ ଆଉ କେତେଦିନ ଚାଲିଥିବ ? ଏଇ ଥରକେ ଶେଷ ।

ରାମ ପୁରୁଷୋତ୍ତମଙ୍କୁ କଣ ବନ୍ଦୀ କରିବା ନା ହତ୍ୟା ?

ବିକ୍ରମ—ହତ୍ୟା ! ସେପରି ମୂର୍ଖର ଦଣ୍ଡ ଆଉ କାହିଁରେ ହେବ ନାହିଁ । ହତ୍ୟା ।

ନର- ତେବେ ବନ୍ଦୀ କଲେ ଲାଭ ଅଛି ! ଲାଭ ଏଇ ଯେ, ଆଜୀବନ ନିଜ କର୍ମର ଫଳ ଭୋଗୁଥିବ !

ବିକ୍ରମ—ତା ମଧ୍ୟ ଠିକ୍ ।

ରାମ—ବନ୍ଦୀ ଆଉ ହତ୍ୟା ଉଭୟ ଏକାବେଳକେ କରି ହୁଅନ୍ତା ନା ?

ବତ୍ସମ—ଆଜ୍ଞା ସେ ଅର୍ଜୁନ ସିଂହ ମଧ୍ୟ ସେଥି ସାଙ୍ଗରେ !

ନର—ବସନ୍ତଙ୍କଠି ଆମର ସେନାପତି ହେବ ।

ରାମ—ବିଶ୍ୱାସ ନାହିଁ, ନରସିଂହ !

ବତ୍ସମ—କେଣ୍ଟୁ ନୁହେଁ, ନରସିଂହ ! ନିଜ ଗୋଡ଼ରେ ଛିଡ଼ା ହେବାକୁ ହେବ ।

ନର—ତା ସତ୍ୟ । ବର୍ତ୍ତମାନ ଯୁଦ୍ଧ ଶୀଘ୍ର ଆରମ୍ଭ ହେଲେ ଭଲ । ଅପେକ୍ଷା ଆଉ ଭଲ ଲାଗୁନାହିଁ ।

ରାମ—ଗୋପାଳ କିଶୋର, ଦାମୋଦର, ଘନଶ୍ୟାମ ନାରାୟଣ କାଲି ଆସି ଏଠାରେ ପହଞ୍ଚିବେ ।

ନର—ତେଣିକି ତୁମୁଳ ଯୁଦ୍ଧ ।

ବତ୍ସମ—ରଘୁନାଥ ସଙ୍ଗରେ ପଞ୍ଚସହସ୍ର ସୈନ୍ୟ ଯେ ଆସିବାର ଥିଲା ?

ରାମ—ସେମାନେ ଆସି ପହଞ୍ଚିଲେଣି ?

ନର—ହଁ, ପହଞ୍ଚିଲେଣି ।

ବତ୍ସମ—ତୁମେମାନେ ତାଙ୍କ ରହିବା ନିମନ୍ତେ ଗୋଟିଏ ସ୍ଥାନ ଠିକ୍ କରିଛ ?

ନର—କରି ହୋଇଛି । ତେବେ ଚାଲ, ତାଙ୍କୁ ଦେଖିବା ।

ରାମ—ଆସ, ନରସିଂହ !

( ଦୁହିଙ୍କର ପ୍ରସ୍ଥାନ )

ବତ୍ସମ—( ସ୍ୱଗତ ) ସୈନ୍ୟ ସଜ୍ଜିତ । ଏଥର ତୁମୁଳ ସଂଗ୍ରାମ । ଏ ଯୁଦ୍ଧରେ ଜୟ ଅବଶ୍ୟମ୍ଭାବୀ । ତେଣିକି ଏ ଉତ୍କଳ ରାଜ୍ୟର ରାଜା ବତ୍ସମ ଦେବ । ନରସିଂହ, ରାମଚନ୍ଦ୍ର, ଭୁମ୍ବେ ରାଜଦ୍ରୋହ କରିଥାନ୍ତି ରାଜଦ୍ରୋହୀର ଦମନ ଯୁଦ୍ଧଭୂମିରେ, ଶାଣିତ ତରବାରିର ଧାରରେ । ସନ୍ଦେହ ନାହିଁ । ସୈନ୍ୟମାନଙ୍କ ସହିତ ମୋର ସର୍ବଦା ଉପସ୍ଥିତ ଥିବା ଦରକାର, ଯାଏ । (ପ୍ରସ୍ଥାନ)

## —ଅଷ୍ଟମ ଦୃଶ୍ୟ—

ସ୍ଥାନ—କୃଷ୍ଣାନଦୀ ତୀର

( ବାସନ୍ତୀ ଏକାକୀ ଦଣ୍ଡାୟମାନା )

ବାସନ୍ତୀ—ବହୁଦିନ ପରେ ପୁଣି ଏ କୃଷ୍ଣାନଦୀ । କେତେ ଦିବସ, କେତେ ନିଶି ବିତି ଯାଇଛି । ଏ ସୂର୍ଯ୍ୟ ପ୍ରାଚୀଗଗନରେ ଉଦିତ ହୋଇ କେତେଥର ଏହିପରି ପ୍ରତୀଚୀର ଦୂର ଚକ୍ରବାଳ ତଳେ ପୁଣି ଅସ୍ତ ହୋଇଛି; କିନ୍ତୁ ଏ ସବୁ ମୋର ଏକ ଘୋର ତମସାବୃତ ନିଶୀଥିନୀ । କେବେ କେବେ ଶୂନ୍ୟର ଅପର ପ୍ରାନ୍ତରୁ କ୍ଷୀଣ ତାରକିଏ ଦେଖାଦିଏ ସତ୍ୟ, କିନ୍ତୁ ଗଗନ-ମଣ୍ଡଳରେ ସେ ନିଦାରୁଣ ମେଘମାଳାର ଅନ୍ତରାଳରେ ସହସା ପୁଣି କେଉଁ ଅଜ୍ଞାତ ରାଜ୍ୟରେ ବିଲୀନ ହୋଇଯାଏ । ଏହି ସେହି ସ୍ଥାନ । ଏ ବନ ପର୍ବତରେ, ଗିରିକାନ୍ତାରରେ ପ୍ରକୃତିର ନବ ମାଧୁରୀ ଝଲସି ଉଠୁଥିଲା, ତାର ପୂର୍ଣ୍ଣ ପ୍ରତିନିଧିସ୍ୱରୂପ ଏହିଠାରେ ଦଣ୍ଡାୟମାନ ସେ ବୀର ଯୁବକ—ବକ୍ଷରେ ଅସୀମ ଶକ୍ତି, ବାହୁରେ ସାହସ, କପୋଳରେ ଜ୍ୱଳନ୍ତ ପ୍ରଶାନ୍ତ ତେଜ, ଦୃଢ଼ପେଶୀର ସ୍ପନ୍ଦନ ତୁଫାନ ସମ୍ମୁଖରେ ଅଟଳ, ଅଦମ୍ୟ ଯୌବନର ନବମୁକୁଳିତ ପ୍ରସୂନର ପ୍ରଫୁଲ୍ଲକାନ୍ତିରେ ପୂର୍ଣ୍ଣ—ସୌରଭ-କାଶ୍ମୀରରାଜ୍ୟର ସେ ବୀର ପୁରୁଷ ସୁମନ୍ତ ରାୟ ! ଏହି ସେ ସ୍ଥାନ, ସେହି ନଦୀ, ସେ ପ୍ରାନ୍ତର, ସେହି ବନମାଳା, ସେହି ସୂର୍ଯ୍ୟ, ସେହିପରି ପ୍ରତୀଚୀର ଅନନ୍ତ ରକ୍ତିମା ମଧ୍ୟରେ ବୁଡ଼ି ଯାଉଛି । ଏ ସବୁ ଭିତରେ ସେ ଯୁବା ପୁରୁଷ ଏକାକୀ ଦଣ୍ଡାୟମାନ । ସେହିଠାରେ । ଏକାକୀ । ନା, ଏ ଜାଗ୍ରତ ସ୍ୱପ୍ନ, ଏ ଏକ ମନ୍ତ୍ରମୁଗ୍ଧ ଭ୍ରାନ୍ତି । ନା, ନା କେଉଁଠାରେ ତୁମେ ସୁମନ୍ତ ରାୟ ?

( ପଥିକର ପ୍ରବେଶ )

ପଥିକ—ମା, ତୁମେ କିଏ ଏ ସନ୍ଧ୍ୟାବେଳେ ଘାଟରେ ଏକାକୀ ଛିଡ଼ା ହୋଇ ରହିଛ ?

ବାସନ୍ତୀ—ଏକାକୀ ?

ପଥିକ—ସନ୍ଧ୍ୟା ସମୟରେ ଏକାକୀ କାହିଁକି, ମା, ଏଠାରେ ?

ବାସନ୍ତୀ—ଆସିଥିଲି ସାୟାହ୍ନ ଭ୍ରମଣରେ । ସନ୍ଧ୍ୟା ହୋଇଯାଉଛି, ଏଇକ୍ଷଣି ଫେରି ଯିବି । କିଏ ତୁମେ, ପୁରୁଷ ?

ପଥିକ—ମୁଁ ପଥିକ; ବସନ୍ତପୁର ଯିବି । ଏ ଘାଟରେ ନାଆ ନ ଥାଏ, ମା ?

ବାସନ୍ତୀ—ଥାଏ...ତ !

ପଥିକ—ବର୍ତ୍ତମାନ ସେ ନାହିଁ ?

ବାସନ୍ତୀ—ନାବିକ ସେ ପାରିକୁ ଯାଇଛନ୍ତି, ଏଇକ୍ଷଣି ଆସିବ । ଅପେକ୍ଷା କର, ପଥିକ ! ତୁମେ କି ଉଦ୍ଦେଶ୍ୟରେ ବସନ୍ତପୁର ଯିବ, କହିବ କି ?

ପଥିକ—ନିରୁଦ୍ଦେଶ । ଆସିଥିଲି ଶୁଭର ସମ୍ବାଦ ନେବାକୁ ।

ବାସନ୍ତୀ—କି ଶୁଭ ?

ପଥିକ—ଏଠାରେ ତୁମକୁ ଶୁଭ ଲାଗିବାର ଦୂରକୁ ସାମ୍ବାଦ ମିଳୁଛି । ଏ ସ୍ଥାନରେ ତ କିଛି ନାହିଁ ।

ବାସନ୍ତୀ—ଶୁଭ ହେବାର କଥା । ହୋଇ ନାହିଁ; ହେବ, ପଥିକ ! କାହାପାଇଁ ଏ ଶୁଭର ସମ୍ବାଦ ?

ପଥିକ—କାହିଁକି, କାଞ୍ଚୀରାଜ୍ୟର ଯୁବରାଜ ସୁମନ୍ତ୍ରବନ୍ଧୁ । ତାଙ୍କ ଲାଗି ଏ ସମ୍ବାଦ ।

ବାସନ୍ତୀ—କାଞ୍ଚୀରାଜ୍ୟର ଯୁବରାଜ ସୁମନ୍ତ୍ର ବନ୍ଧୁ !

ପଥିକ—ହଁ, ସୁମନ୍ତ୍ର ବନ୍ଧୁ ! ତାଙ୍କୁ କଣ ତୁମେ ଜାଣ ?

ବାସନ୍ତୀ—ଜାଣେ, ପଥିକ ! ସରୋବରର କୁମୁଦମାନେ ଯେପରି ଦୂର-ଗଗନର ନିଶାମଣିକୁ ! ଜାଣେ, କାଞ୍ଚୀରାଜ୍ୟର ଯୁବରାଜ ସୁମନ୍ତ୍ର ବନ୍ଧୁ ।

ପଥିକ—ତା ହେଲେ ଜାଣ ।

ବାସନ୍ତୀ—ନା, ଜାଣେ ନାହିଁ—ବାୟୁମଣ୍ଡଳର ପତଙ୍ଗ ଯେପରି ବହ୍ନିଜ୍ଜ୍ୱଳ ପ୍ରଦୀପ ଶିଖାକୁ ! ଜାଣେ ନାହିଁ, ପଥିକ ! କାଞ୍ଚୀରାଜ୍ୟର ଯୁବରାଜ ସୁମନ୍ତ୍ର ବନ୍ଧୁ !

ପଥିକ—ତୁମେ ଜାଣ ନାହିଁ ? ଏ ଦାକ୍ଷିଣାତ୍ୟରେ ଅଳ୍ପ ଲୋକ ଅଛନ୍ତି ଯେ ଯୁବରାଜଙ୍କୁ ପ୍ରତିଦିନ ପ୍ରତ୍ୟୁଷରେ ଥରେ ସ୍ମରଣ ନ କରନ୍ତି । ତୁମେ ତାଙ୍କର ନାମ ଜାଣ ନାହିଁ ?

ବାସନ୍ତୀ—ହଁ, ଏଇଠାରେ ! ପ୍ରତ୍ୟୁଷରେ ଥରେ ସ୍ମରଣ ! ନା, ଜୀବନରେ ଅହରହ । ସୁମନ୍ତ ରାୟ, ଜାଣେ ନାହିଁ । କେବେ ଏଇଠାରେ ଯେପରି ।

ପଥିକ—କଣ କହୁଛ, ମା ? ଆଚ୍ଛା ରହ, ଏଇ ନାଆ ଆସିଗଲାଣି ।

ବାସନ୍ତୀ—ଯାଅ, ପଥିକ ! ପଥିକ, ବୁଝିଗଲ ? ଯାଅ ।

ପଥିକ—ହଁ, ମା, ଯାଉଛି । ନାଆ ଡିଆଉ, ନାଉରି ? ରହ, ଏଃ ।

( ପ୍ରସ୍ଥାନ )

ବାସନ୍ତୀ—ଯାଅ ପଥିକ ! କାଞ୍ଚିନଗରର ଯୁବରାଜ ସୁମନ୍ତ ରାୟ, ଏ ଯୁଦ୍ଧର ସମ୍ବାଦରେ ତୁମର କି ପ୍ରୟୋଜନ ? ନା, ହୃଦୟ, ସ୍ଥିର ହୁଅ । ଏ ଏକା ବେଳକେ ନୈରାଶ୍ୟ ନୁହେଁ । ସ୍ଥିର ହୁଅ ହୃଦୟ ! ନା, ନା, ସ୍ଥିର ହୁଅ । କି ଜଳୁଣି, କି ଅଦ୍ଭୁତ ଦଗ୍ଧ ! ଯାଅ, ପଥିକ, ଯାଅ । କେତେ ଶୀଘ୍ର କେତେ ଦୂର ଭାସିଗଲ ! ମୁଁ ଆଜ ସେଇଁଠାରେ, ସବୁଦା ସେଇଠାରେ । କି ଆନନ୍ଦରେ ତୁମକୁ ପ୍ରଭୁଙ୍କର ଆଦେଶ ସାଧନ କରୁଛ । ସେଥିରୁ କେତେ ବାହାରିଏ ହେଉ ପାରନ୍ତି ? କି ଅଦ୍ଭୁତ ଏ ଆନନ୍ଦ ଯୁବରାଜ, ଯୁଦ୍ଧ ସଙ୍ଗରେ କି ସମ୍ପର୍କ ତୁମର ? ଯୁଦ୍ଧର ସମ୍ବାଦରେ ବା ଲାଭ ? କିନ୍ତୁ ଏ ପ୍ରାଣରେ ଏବେ ଯାମିନୀ ନିରନ୍ତର ଯେ ଘୋର ଯୁଦ୍ଧ ଲାଗିଛି, ତାର କି ସମ୍ବାଦ ? ପଥିକ, ଚାଲିଗଲ ! ପ୍ରଭୁ ଯେ ଯୁଦ୍ଧର ସମ୍ବାଦ ଦେବାକୁ ପଠାଇଥିଲେ, ତା ତ କିଛି ଦେଲ ନାହିଁ ? ଓଃ କେତେଦୂର ଚାଲି ଯାଉଛ ? ନୌକା କି ଦ୍ରୁତ ଗତିରେ ଧାବମାନ ! କିନ୍ତୁ, ଏକ ଯେ ନୌକା ଏହାଠାରୁ ଅଧିକ ଦ୍ରୁତଗତିରେ ଧାବମାନ, ଯୁବରାଜ ସୁମନ୍ତ ରାୟଙ୍କ ନିକଟକୁ ମୋର ଏକା ଜୀବନ ହୃଦୟସାଗରରେ··· । ତାର କି ସମ୍ବାଦ ନେଇଗଲ, ପଥିକ ! ଯାଅ ଯାଅ । ମୁଁ ଏଠାରେ ଏକାକୀ ! ନା, ତା

ନୁହେ । ଯାହାର ଏତେ ସମ୍ପଦର, ଜୀବନ୍ତ ସଙ୍ଗୀ, ସେ ପୁଣି ଏକାକୀ ! ଯାଅ, ପଥିକ, ଯାଅ । ଆ, ଭଜନ; ଆ, ଅନ୍ଧକାର; ଆସ, ନିର୍ଜନତା !!

( ଯବନିକା )

---

# ତୃତୀୟ ଅଙ୍କ

## —ପ୍ରଥମ ଦୃଶ୍ୟ—

ସ୍ଥାନ—କୃଷ୍ଣାନଦୀ ତୀର ପ୍ରାନ୍ତର

(ସାଧାରଣ ବେଶରେ ରାଜା ପୁରୁଷୋତ୍ତମ ଦେବ ଏକାକୀ ଚିନ୍ତାମ୍ଳାନ)

ରାଜା—ଏଇ ସେ ସ୍ଥାନ । ଆଜି ବହୁଦିନ ଅତୀତ ହୋଇଅଛି, କିନ୍ତୁ ସେହି ଦୃଶ୍ୟ, ସବୁ ସେହିପରି ଏଇ ସ୍ଥାନ । ପ୍ରିୟ ସୈନିକବର ବିଶ୍ୱନାଥ ନରେନ୍ଦ୍ର ଏଇଠାରେ ଜୀବନର ଶେଷ-ନିଶ୍ୱାସ ତ୍ୟାଗ କଲେ, ସେ ଆଜିକି ଏକ ବର୍ଷରୁ ଅଧିକ । ବିଶ୍ୱନାଥ, ଭୁଲି ଯାଇଅଛୁ ! ଆଜି ସେ ଦିନ, କେତେ ମଧ୍ୟରେ ଭୁଲିଗଲ, ଜୀବନରୁ ପ୍ରିୟତର, ନୟନର ଜମିଷପୁତ୍ତଳୀ ମୋର, ତୁମେ ଚଢ଼ାବସି । ଏଇ ବୃକ୍ଷମୂଳ, ଏଇ କ୍ଷୀଣ ସ୍ରୋତ, ଏଇ ଶ୍ୟାମଳ ଦୂର୍ବା । ଏଇଠାରେ ମୃତ୍ୟୁର ଅନ୍ତିମ ଶଯ୍ୟାରେ ଶାୟିତ, ଭୀଷମ ଦେବର ଆକ୍ରମଣରେ ଆହତ, ମୁମୂର୍ଷୁ ନାସେହ୍ୱାସୁ ମ୍ନି, ପିପାସାରେ କାତର, ମରଣରେ ଯନ୍ତ୍ରଣାରେ ଅସ୍ଥିର । ସେତେବେଳେ କିଏ ଆସି ମୋର ଏ ଶୁଷ୍କ କଣ୍ଠରେ ସ୍ୱର୍ଗର ଅମୃତ ଢାଳି ଦେଇଗଲା, ମୋର ମରଣରେ ଜୀବନ ଦାନ କଲା ।

ଶଶି ତାରକା ନାହିଁ, ଦେବ୍‌ଦତ୍ତ ! ନା, ନା, ସେତେବେ କିଛି ନ ଥିଲା । କାରଣ ଅସମ୍ଭବ । ଏ ଏକ ବିଷମ ଦୁରାଶା; କିନ୍ତୁ ସଦାସ୍ମୃତିରେ ଝଳକ କରି ଥାନ୍ତି—ଏ ଯୌବନ, ଦେହ, ତୁମର ! ସେମାନେ ନାହାଁନ୍ତି, ଚାଲିଗଲେ ! ଏବେ ତୁମ ମୋ ମଧ୍ୟରେ ଆକାଶ ପୃଥିବୀର ବ୍ୟବଧାନ । ସବୁ ସେହିପରି ରହିଅଛି । ସେହି ବିଶାଳ ପ୍ରାନ୍ତର, ସେହି ଚନ୍ଦ୍ରତଳ, ସେହି କୃଷ୍ଣାନଦୀ ଉପକୂଳରେ ଅବୋଧ କଳଗାନରେ ବହି ଯାଉଅଛି । ସବୁ ସେହି ପରି ଅବିକଳ, ଅସ୍ପୃଷ୍ଟ । ଆଜି ନାହିଁ କେବଳ ତୁମେ, ଦେବ୍‌ଦତ୍ତ ! ଓଃ କି ଭ୍ରମ, କି ନୈରାଶ୍ୟ !

( ଜଣେ ବୃଦ୍ଧର ପ୍ରବେଶ )

କିଏ ତୁମେ, ଅପରିଚିତ, ଏକାକୀ ଏ ଯୁଦ୍ଧଭୂମିରେ ଏପରି ବିଚରଣ କରୁଅଛ ?

ବୃଦ୍ଧ—ଘର କି ତୁମର ଏଠାରେ ?

ରାଜା—ନା, ମୁଁ ପ୍ରବାସୀ ।

ବୃଦ୍ଧ—ପ୍ରବାସୀ ? କେତେଦିନ ହେଲା ଏଠାକୁ ଆସିଛ ?

ରାଜା—ଏକମାସରୁ କିଛି ଅଧିକ । କି ଆବଶ୍ୟକ ତୁମର ?

ବୃଦ୍ଧ—ତୁମେ ଏ ଯୁଦ୍ଧର କୌଣସି ସମ୍ବାଦ ଜାଣ ?

ରାଜା—ଜାଣେ ।

ବୃଦ୍ଧ—କିଏ ଜୟୀ କହି ପାରିବ—ବିଜୟ ଦେବ, ନା ମହାରାଜ ପୁରୁଷୋତ୍ତମ ଦେବ ?

ରାଜା—ସେ କଥା ବଡ଼ ସହଜ ନୁହେଁ, ଜାଣିଛ ! ବିଜୟ ଜୟୀ ହୋଇ ପାରନ୍ତି, ପୁରୁଷୋତ୍ତମ ମଧ୍ୟ ଜୟୀ ହୋଇ ପାରନ୍ତି ।

ବୃଦ୍ଧ—ତେବେ ଯୁଦ୍ଧ ଶେଷ ହୋଇନାହିଁ ?

ରାଜା—ଏ କଥା ଏତେ ସହଜ ନୁହେଁ ।

ବୃଦ୍ଧ—ବୋଇଲ ତେବେ ଯୁଦ୍ଧ ଶେଷ ହୋଇନାହିଁ ?

ରାଜା—ଆପାତତଃ ଶେଷ ହେଲା ବୋଧ ହେଉଅଛି ।

ବୃଦ୍ଧ—ତେବେ ଆପାତତଃ ଜୟୀ କିଏ ?

ରାଜା—ଆପାତତଃ ଜୟୀ, ପରିଶେଷରେ ଜୟୀ ହୋଇ ନ ପାରନ୍ତି ।

ବୃଦ୍ଧ—ତା ପାରନ୍ତି । ତେବେ ତୁମେ କିଏ, ଯୁବକ ? ବୁଢ଼ାଲୋକ ଏତେ ଯୁକ୍ତିତର୍କ ଜାଣନ୍ତି ନାହିଁ ।

ରାଜା—ଜାଣିବାରେ ତୁମ୍ଭର ପ୍ରୟୋଜନ ?

ବୃଦ୍ଧ—ପ୍ରୟୋଜନ ଅଛି, ଯୁବକ ! କହ, ପୁରୁଷୋତ୍ତମ ଦେବ ?

ରାଜା—ପୁରୁଷୋତ୍ତମ ଦେବଙ୍କ ପ୍ରତି ତୁମ୍ଭର ଏତେ ଉତ୍କଣ୍ଠା କାହିଁକି ବୃଦ୍ଧ ?

ବୃଦ୍ଧ—ଉତ୍କଣ୍ଠା କଣ, ଯୁବକ ? ପୁରୁଷୋତ୍ତମ ଦେବ ଜୀବନ୍ତି ?

ରାଜା—ହୋଇ ପାରନ୍ତି, ନ ପାରନ୍ତି, ମଧ୍ୟ ! ତୁମ୍ଭର କି ପ୍ରୟୋଜନ, କହ ଆଗେ ।

ବୃଦ୍ଧ—ପ୍ରୟୋଜନ ଅଛି । ନ ଥିଲେ କିଏ ଏତେ ବାଟ ଆସେ ? ଅଛି, କହ ।

ରାଜା—କେତେ ବାଟ ?

ବୃଦ୍ଧ—ନା ବାଟ କଣ ? ବୁଢ଼ା ହେଲି ଲୋକ, ନଇଲେ ଏଇଠି । କହ ।

ରାଜା—କିଏ ତୁମେ ଯୁଦ୍ଧ ସମ୍ବାଦ ଜାଣିବାକୁ ଏତେ ବ୍ୟାକୁଳ ?

ବୃଦ୍ଧ—କିଏ ? ସେ କଥା କହିବାର ଅଧିକାର ନାହିଁ; ତୋଳିଲେ କହନ୍ତି । ମୋର ଜାଣିବା ଯୁଦ୍ଧର ସମ୍ବାଦ ଜାଣି ଯିବ, ଆଉ କିଛି ନୁହେ ।

ରାଜା—ଏତିକି ?

ବୃଦ୍ଧ—ଯୁବକ ତୁମ୍ଭର ପରିଚୟ ?

ରାଜା—ନିଜର ପରିଚୟ ଦେବାରେ ଯାର ଅଧିକାର ନାହିଁ ଅନ୍ୟର ପରିଚୟ ପୁଣି ସେ କାହିଁକି ପ୍ରଶ୍ନ କରିପାରେ ?

ବୃଦ୍ଧ—କିନ୍ତୁ, ଯୁବକ, ତୁମ୍ଭର ମୁଖମଣ୍ଡଳର ଜ୍ୟୋତି, ବଦନର ଗୌରବ ଦୃଷ୍ଟିର ଉଦାରତାରୁ ଅନୁମାନ ହୁଏ, ତୁମେ ଏ ଯୁଦ୍ଧର ଜୟରେ ଭାଗୀ ।

ରାଜା—ହୋଇଥାରେ ।

ବୃଦ୍ଧ—ତୁମ୍ଭର ତେଜ ଅସୀମ ଯୁବକ ! ତେବେ ଆଜ୍ଞା କରନ୍ତୁ ଯୁବରାଜ ! କହ, ମହାରାଜ ପୁରୁଷୋତ୍ତମ ଦେବଙ୍କର କି ସମ୍ବାଦ ।

ରଜା—ଜଗତରେ ଏତେ ଲୋକଙ୍କର, ତୁମ୍ଭର, ମୋର ଯେଉଁ ସମ୍ବାଦ ତାଙ୍କର ମଧ୍ୟ ସେହି ସମ୍ବାଦ । ଆଜ୍ଞା କଣ, ଜାଣେ ନାହିଁ ।

ବୃଦ୍ଧ—ଯୁବକ, ତୁମ୍ଭର ମହାରଜାଙ୍କ ପ୍ରତି ଏତେ ଅନାସ୍ଥା କାହିଁକି ? ତୁମ୍ଭେ କଣ ବିକ୍ରମ ଦେବଙ୍କ ସୈନିକ ? ନା: ତାହା ମଧ୍ୟ ବୁଝେ ।

ରଜା—ଏ ଅନୁମାନର କାରଣ, ବୃଦ୍ଧ ?

ବୃଦ୍ଧ—କାରଣ ତୁମ୍ଭର ଉଦାସୀନତା । ମୁଁ ଯାଏ, ଯୁବକ ! ବିଳମ୍ବ ହେଉଛି ।

ରଜା—ବୃଦ୍ଧ, କହିଲ ନାହିଁ ତୁମ୍ଭର ପରିଚୟ ?

ବୃଦ୍ଧ—ତାହା ମୋର ଅଧିକାର ବହିର୍ଭୂତ, କର୍ତ୍ତବ୍ୟର ଅତିରିକ୍ତ ଯୁବକ ! ତୁମ୍ଭେ ଏ ଯୁଦ୍ଧର ସମ୍ବାଦ ଜାଣ, କହ । ନତୁବା ବିଳମ୍ବରେ ଲାଭ ନାହିଁ ।

ରଜା—ତୁମ୍ଭେ ଅନ୍ୟ ସ୍ଥାନରୁ ଅଧିକ ବିଶ୍ୱସ୍ତ ସମ୍ବାଦ ପାଇପାରିବ, ଜିଜ୍ଞାସୁ ! ଯାଅ ସେ ବସନ୍ତପୁରରେ ପଚାରିବ ।

ବୃଦ୍ଧ—ଆଚ୍ଛା ତେବେ ଯୁବକ ! ଭଲରେ ହୋଇ ଥାଅ ବାପୁ ! ରହ । ତୁମ୍ଭେ ନ କହିଲ ବୋଲି ମୋର ଦୁଃଖ ନାହିଁ । ବସନ୍ତପୁରରୁ ଜାଣିନେବି । ମୁଁ ମୋର ପରିଚୟ ନ ଦେଲି ବୋଲି କିଛି ଭାବିବ ନାହିଁ, ତୁମ୍ଭେ ରହ । ସାକ୍ଷାତ୍ ଜଣେ ସୁମନ୍ତ୍ର ବାପୁ ତୁମ୍ଭେ । (ପ୍ରସ୍ଥାନ)

ରଜା—ବୃଦ୍ଧ ପରିଚୟ ଦେବାକୁ ଅସ୍ୱୀକୃତ । ନା, ଏ ଜଗତରେ ପରିଚୟ ମିଳେ ନାହିଁ । ସେଦିନ ପଦ୍ମାବତୀ ଭୁଲିଗଲ୍ । ଏହି ଦୁର୍ଦ୍ଦୈବ ସେ । ଏବେ ଜୀବନରେ ପରିଚୟ ଅସମ୍ଭବ । ଓଃ, କି ଏ ଦୈନ୍ୟ ! (ପ୍ରସ୍ଥାନ)

---

## —ଦ୍ୱିତୀୟ ଦୃଶ୍ୟ—

ସ୍ଥାନ—କାଞ୍ଚୀ ରାଜପ୍ରାସାଦ

( କଳେବରେଶ୍ୱର ଓ ରାଣୀ ସତ୍ୟବତୀ ଉପବିଷ୍ଟ )

ସତ°—ବିବାହ ଦେବାକୁ ତାଙ୍କ ସେ କାହିଁକି ଇଚ୍ଛା ନାହିଁ ।

କନେ—ଅନିଚ୍ଛାର କାରଣ ?

ସତ୍ୟ—ତା କପରି ମୁଁ ଜାଣିବି ? ପରମାତ୍ମା ମନୁଷ୍ୟଙ୍କୁ ଅଗୋଚର !

କନେ—ସ୍ୱିଅର ବିବାହ ଦେବାକୁ ଇଚ୍ଛା ନାହିଁ ? ତା ତୁମେ ଜାଣିବ ନାହିଁ ? କହୁଛ ତାର ଅନିଚ୍ଛା ।

ସତ୍ୟ—ସେଇକି ଖାଲି ଜାଣେ ସେ ତାଆ କପରି ଇଚ୍ଛା ନାହିଁ ।

କନେ—ଇଚ୍ଛା ଅନିଚ୍ଛା କଣ ? ବିବାହର କଥା ସେ କଣ ଜାଣେ ? ନିର୍ବୋଧ ବାଳିକା । ବିବାହ ନ ହୋଇ ରହିବ ?

ସତ୍ୟ—ତା ସତ୍ୟ ! ବିବାହ ନ ହୋଇ ରହିବ କପରି ? କିନ୍ତୁ ପ୍ରଭୁ ତ ମୋର ନିର୍ବୋଧ ନୁହେଁ ।

କନେ—ନିର୍ବୋଧ, ସ୍ତ୍ରୀ ଅବୋଧ । ତା ନ ହେଲେ କି ଲୋକେ ବିବାହ ଦେବାକୁ ନାରଜ ହୁଅନ୍ତି ?

ସତ୍ୟ—ସେ ତ ସର୍ବଦା ପଢ଼ିବାରେ ବ୍ୟସ୍ତ ।

କନେ—ପଢ଼ିବାରେ ବ୍ୟସ୍ତ ! ଏତେ ପଢ଼ିବାରେ ପ୍ରୟୋଜନ କଣ ?

ସତ୍ୟ—ତା ମୁଁ ତାଙ୍କୁ ମନା କରୁନାହିଁ । କେବଳ ଆଜିକାଲି ତାର ଟିକିଏ କପରି ପରିବର୍ତ୍ତନ ଦେଖା ଯାଉଛି ।

କନେ—ପରିବର୍ତ୍ତନ ପୁଣି କଣ ?

ସତ୍ୟ—ପରିବର୍ତ୍ତନ ଏଇ ଯେ, ସର୍ବଦା କପରି ଚିନ୍ତିତ ଭଳିଆ ଘରେ ସ୍ଥିର ରହୁନାହିଁ । ସନ୍ଧ୍ୟା ଉଦ୍ୟାନ ମଧ୍ୟରେ ବସି ଏକାକୀ କଣ ଭାବୁଛି ! କେତେବେଳେ ବା ଟିକିଏ ହସୁଛି । କେତେବେଳେ ବା ଗୀତଟିଏ ଗାଉଛି—ଏହିପରି ପରିବର୍ତ୍ତନ କ'ଣ ?

କନେ—ଏ ତ ପାଗଳାମି । ପାଗଳ ହୋଇଯିବ କନ୍ୟା, ଶୀଘ୍ର ବିବାହର ପ୍ରୟୋଜନ ।

ସତ୍ୟ—ପ୍ରଭୁ ମୋର ପାଗଳ ହୋଇଯିବ ! ନା ମତିଭ୍ରମର ପରିଚୟ ତ କିଛି ମିଳୁ ନାହିଁ ନା, ପାଗଳ କାହିଁକି ହେବ ?

କନେ—ତା ତୁମେ କପରି ଜାଣିବ ?

ସତ୍ୟ—ନା ମୁଁ ଜାଣେ । ଦେଖିଛି, ବରଂ ଏ କେତେକ ଦିନରେ ତାର ମନରେ ଚଞ୍ଚଳତା ଟିକିଏ ଉଣା ହୋଇ ଯାଉଛି ।

କମଳ—ତେବେ ନା ତୁମର ସନ୍ତୁଷ୍ଟି ! ଝିଅଙ୍କୁ ଚିରକୁମାରୀ କରି ରଖିଥାଅ । ବିବାହ କାହିଁକି ଦେବ ?

ସତ୍ୟ—ନା, ପଦ୍ମ କଣ ମୋର ବିବାହ ନ ହୋଇ ରହିବ ?

କମଳ—ବିବାହ ନ ହେବ କଣ ? କନ୍ୟା ପାଗଳ । ଆଜି ତାର କାରଣ ତୁମେ, ସ୍ୱାମୀ !

ସତ୍ୟ—କାରଣ ମୁଁ ? ପଦ୍ମ ତ ପାଗଳ ନୁହେଁ ।

କମଳ—ହଁ, ପାଗଳ; ଆଜି ତାର କାରଣ ତୁମେ । ଚିନ୍ତା କର ନାହିଁ ।

ସତ୍ୟ—ନା, ତା ନୁହେଁ । ପଦ୍ମ ମୋର ପାଗଳ ? ମା ପଦ୍ମ !

କମଳ—ଯାଅ, ଚିନ୍ତା କରୁନାହିଁ । କନ୍ୟାର ବିବାହ ହେବାକୁ ଇଚ୍ଛା ନାହିଁ ! ଯାଅ ।

ସତ୍ୟ—ଆଜ୍ଞା, ଯାଏ । ପ୍ରଭୁ ! ( ପ୍ରସ୍ଥାନ )

କମଳ—ବିବାହ ହେବା କନ୍ୟାର ଇଚ୍ଛା ଅନିଚ୍ଛା । ଏତେ ସ୍ୱାଧୀନତା ବାଳିକାର । ସେଥିରେ ପୁଣି ଏକ ନିର୍ବୋଧ ପାତ୍ରର ଏପରି ଆହୁତି ଦାନ କି ଉଚିତର !

( ଓଃପ୍ରସ୍ଥାନ )

---

—ତୃତୀୟ ଦୃଶ୍ୟ—

ସ୍ଥାନ—କାଞ୍ଚୀରାଜପ୍ରାସାଦର ଅନ୍ତଃପ୍ରାଙ୍ଗଣ

( ପଦ୍ମାବତୀଙ୍କର ଏକାକୀ ପ୍ରବେଶ )

ପଦ୍ମ—

ସେ ଆଶା ଫଳରେ ମୁହିଁ ଧରିଛି ଜୀବନେ
ନୟନରୁ ବାଳ ଦୂର ସେ,
କମିଶେ ଅନ୍ତରେ ଆଜ ଯେତିକାଳ ମୋର
କଣ୍ଠଧାଏ ପୁଣି କମିଶେ ।

ସେ ଯେ ହୃଦୟବଧୂ ମୋର ଚେତନା ରଞ୍ଜନ
କ୍ଷଣେ ନ ରହେ ମୋ ହୃଦୟେ,
ମୁଁ ଯେବେ ଚେଷ୍ଟଇ ମୋର ଜୀବନକୁଞ୍ଜରେ
ରଖିବା ସେ ସୁଷମା ନିଦୟେ ।
ନୀରବେ ଏକାନ୍ତେ ମୁଁ ଯେ ଶ୍ରାନ୍ତେ ବସି ମନେ
ନିରଖି ଆକୁଳ ଧିଆନେ—
ଦେଖ ନିମିଷକେ ଏ ମୋ ସସୀମ ଚକ୍ଷେ
ଯାଏ ସେ ମିଶି ସେ ଅସୀମେ ।
ନିମିଷକ ଦେଖା ଦେବ ଦିଅଇ ସେ ଦୂରେ
ଅନନ୍ତରୁ ଭାବ ଅନାଇଁ,
ନିରଖି ଚରଣେ ମୋର ଦେବତେ ସୁଖ ଆଶା
ନିମିଷେ ଦିଏ ସେ ଖେଳାଇ ।
ନିମିଷେ ଲଭନ୍ତି ଯେତେ ଅସୀମ ସେ ନିଧି
ମୋର ଏ ସଚେତ ଅନ୍ତରେ,
ସରତ ସମ୍ପଦ ମୁହିଁ ସାଆନ୍ତା ସମ୍ପଦେ
ମରଣ ଅନ୍ତିମ ଏ ଧାରେ ।

ସୂର୍ଯ୍ୟ ତ ପ୍ରାୟ ଅସ୍ତ ହେବା ଉପରେ । ଦିବସର ଉଜ୍ଜ୍ୱଳ ରଶ୍ମି ଏବେ ସୁଦ୍ଧା ଶୃଙ୍ଗ ଶୃଙ୍ଗ ଦୂର ଦେବାଳ ଉପର ଲୁଚି ଯିବ । କ୍ଷଣକ ମଧ୍ୟରେ ଆକାଶ ମର୍ତ୍ତ୍ୟ ସବୁ ଅନ୍ଧକାର ! ଏ ଦେଖ, ପକ୍ଷୀମାନେ ପ୍ରଫୁଲ୍ଲଚିତ୍ତରେ ବାସସ୍ଥାନରେ ଉଡ଼ି ବୁଲୁଛନ୍ତି, ଏବେ ସେଣି ପୁଣି ତରୁ ଡାଳରେ ଆଶ୍ରୟ ନେବେ ; ପକ୍ଷୀମାନେ ବଡ଼ ଭାଗ୍ୟବାନ୍ ! ମନୁଷ୍ୟ ଆହା କି ଦୁଃଖୀ, ନୈରାଶ୍ୟରେ କାଳ ଯାପନ କରୁଅଛି । ସୂର୍ଯ୍ୟ ଅସ୍ତ ହୋଇଗଲା । ଚତୁର୍ଦ୍ଦିଗ ଅନ୍ଧକାର; କିନ୍ତୁ ଜଳ, ସ୍ଥଳ ଶୂନ୍ୟ ଗଗନରେ ଆଶ୍ରୟ ନେବାର ସ୍ଥାନ ନାହିଁ । କି ଦୁଃଖ ! ସେଦିନ, ସେ କେଉଁ ବୁଦ୍ଧିମାନ୍ ତପନ ଦ୍ୟୁତଭୂମିର ଦେବାଳରେ 'ନିମିଷକେ ଲୁଚିଗଲେ, ଅଛ କାହାନ୍ତି ? ଜନକ, କାହିଁ ଜନକ ?

ଏତେବେଳଯାଏ ଆସିଲା ନାହିଁ । ଅପେକ୍ଷା କରିବା ବଡ ଧୈର୍ଯ୍ୟର ପରିଶ୍ରମ, ବଡ କଷ୍ଟ ।

( ସୁମନ୍ତ ସିଂହଙ୍କର ପ୍ରବେଶ )

ସୁମନ୍ତ—କିଏ, ପଦ୍ମ ? ଏକା ଏଠାରେ ବସିଛ ଯେ ?

ପଦ୍ମ—ବସିଛି, କନକ ଏଇକ୍ଷଣି ଆସିବ । ଭାଇ, ତୁମେ ଆଜି ବୁଲିବାକୁ ଯାଇନାହଁ ?

ସୁମନ୍ତ—ବୁଲିବାକୁ ଯାଇ ନାହିଁ, ପଦ୍ମ ! ନାନା କଥା ଭାବି ବସିଗଲି । ଇଚ୍ଛା ହେଲାନାହିଁ ।

ପଦ୍ମ—ତା ସତ, ଭାଇ ! ତୁମେ ଯେ ଆଜି କିମିତି ଟିକଏ ଚିନ୍ତିତ ଦେଖାଯାଉଛ ।

ସୁମନ୍ତ—ହଁ, ଚିନ୍ତା କଲେ ଚିନ୍ତିତ ଦିଶିବାର କଥା ।

ପଦ୍ମ—କଣ ଚିନ୍ତା କରୁଥିଲ, ଭାଇ ?

ସୁମନ୍ତ—ସୁବର୍ଣ୍ଣପୁର ଅଞ୍ଚଳର ବହୁତ ଲୋକ ଅନାହାରରେ ମରି ଯାଉଅଛନ୍ତି । ବଡ ଦୁର୍ଦ୍ଦିନ । ଏ ବର୍ଷ ଶସ୍ୟ ନଷ୍ଟ ହୋଇଅଛି । ଦୁଇ ମାସ ବଞ୍ଚାଇ ରଖି ପାରିଲେ ହୁଅନ୍ତା ।

ପଦ୍ମ—ଲୋକେ କଣ ମରି ଯାଉଛନ୍ତି ? ମୁଁ ଶୁଣିଥିଲି ଦୁର୍ଭିକ୍ଷ ହୋଇଛି ବୋଲି । ଏପରି ଦୁର୍ଭିକ୍ଷ !

ସୁମନ୍ତ—ଭୟଙ୍କର ଦୁର୍ଭିକ୍ଷ, ପଦ୍ମ ! ଗତ ପଚାଶ ବର୍ଷ ମଧ୍ୟରେ ଏପରି କେବେ ହୋଇ ନ ଥିଲା ।

ପଦ୍ମ—ତାଙ୍କୁ ଧାନ ଚାଉଳ ଦେଲେ ସେମାନେ ତ ବେଶ୍ ଖାଇପିଇ ରହନ୍ତେ । ଦୁଇମାସ ଗୋଟେ । ସେପାରେ ନୂଆ ଶସ୍ୟ ତ ଆସିଯାଉଛି ।

ସୁମନ୍ତ—ହଁ, ବାପାଙ୍କ ଅନିଚ୍ଛା ଥିଲେ ମଧ୍ୟ ମୁଁ ସେଥିରୁ ଅଧିକାଂଶ ଦେଇ ସାରିଛି । ଆଉ ଦେବାକୁ ବର୍ତ୍ତମାନ ତାଙ୍କର ପ୍ରକାଶ୍ୟ ମନା । ମୁଁ ତାଙ୍କୁ ଦୁଇଥର କହିଲିଣି । ଆଉଥରେ କହି ଦେଖିବି ।

ପଦ୍ମ—ମୋର ବିଶ୍ୱାସ ବାପା ଏକଥା ଶୁଣିଲେ ମନା କରିବେ ନାହିଁ । ପ୍ରଜାମାନେ ମରିଯିବା ରାଜାର ଇଚ୍ଛା କଦାପି ହୋଇ ନ ପାରେ ।

ସୁମନ୍ତ—ତା ତ ନିଶ୍ଚୟ । ପ୍ରଜାମାନେ ବଞ୍ଚିଥିଲେ ତ ରାଜା ତାଙ୍କ ଉପରେ ଶାସନ କରିବେ । ପ୍ରଜାଙ୍କର ମଙ୍ଗଳ ଦେଖି ତାର ପ୍ରତିବିଧାନ ନ କରିବା ରାଜାର କର୍ତ୍ତବ୍ୟ ନୁହେଁ ।

ଭଦ୍ର—ତା ନିଶ୍ଚୟ ନୁହେଁ, ସଖି ! ତୁମେ କଣ ସୁବର୍ଣ୍ଣପୁର ଯିବ ?

ସୁମନ୍ତ—ହଁ, ମୁଁ ଯିବାର ସ୍ଥିର କରିଛି । ଦୁଇ ଦିନ ମଧ୍ୟରେ ଯିବି । ଦୁର୍ଭିକ୍ଷ ନିବାରଣ କରିବାପାଇଁ କିଛି ଚେଷ୍ଟା ଦେଖିବାକୁ ହେବ ।

ଭଦ୍ର—ମୁଁ ତୁମ ସଙ୍ଗରେ ଯାଆନ୍ତି, ସଖ !

ସୁମନ୍ତ—ଯିବୁ, ଇଚ୍ଛା, ଯାଉଥାନ୍ତୁ । କିନ୍ତୁ ସେ ଦୃଶ୍ୟ ଦେଖିଲେ ପ୍ରାଣରେ ଘୋର ଯନ୍ତ୍ରଣା ହେବ । ନ ଯିବା ଭଲ । ରହ ଭଦ୍ର, ସେ କଥା ତ ଏକ୍ଷଣି ଅଛି । ମୁଁ ବାପାଙ୍କୁ ଯାଇ ଜଣେଇ । ( ପ୍ରସ୍ଥାନ )

ଭଦ୍ର—ମାନବ ସମାଜର ଶତ୍ରୁ କେତେ—ରୋଗ ଦୈନ୍ୟ, ସ୍ୱାର୍ଥପରତା, ଦ୍ୱେଷ, ହିଂସା । ତହିଁରେ ପୁଣି ପ୍ରକୃତିର ଏ ଭୀଷଣ ଉତ୍ପୀଡ଼ନ—ଦୁର୍ଭିକ୍ଷ, ଅନ୍ନ ଅଭାବରେ ପ୍ରାଣନାଶ । ରୋଗ ନାହିଁ, ବ୍ୟାଧି ନାହିଁ—ଶେଷରେ ମୃତ୍ୟୁ । କି ଭୟଙ୍କର !

( କନକର ପ୍ରବେଶ )

କିଏ, କନକ ?

କନକ—ନା, ଆଜି ଜଣେ ।

ଭଦ୍ର—ତା ସତ, କନକ ! ତୁ ବର୍ତ୍ତମାନ ଅଜ୍ଞ ଜଣେ !

କନକ—ନିଶ୍ଚୟ, ଆଜି ଜଣେ ମୁଁ ବର୍ତ୍ତମାନ । ଆକାଶ ପୃଥିବୀ ଦେଖୁଛୁ ତ । ଏବେ ବୃଷ୍ଟିଆଡ଼େ ଆଲୁଅ ଦିଶୁଛି । ପୃଥିବୀ ଆକାଶ ସମାନ, ଅଜ୍ଞ ଲୋକେ ଜାଣି ପରେ ପୃଥିବୀରେ ବୃଷ୍ଟିଆଡ଼େ ଅନ୍ଧାର ଘୋଟି ଯିବ । ପୃଥିବୀ କହିବ ଆକାଶ, ତୁ ଏବେ ଅଜ୍ଞ କହେ । ଆକାଶ କଣ କହିବ ଜାଣିଛନ୍ତି, ଭଦ୍ର ।

ପଦ୍ମ—ଆକାଶ କଳ୍ପିବ, ନା, ସେଇ ପୁରୁଣା କନକ । ଆଜି ଜଣେ କଣ ? ସାଃ, ତୁଚ୍ଛ ସେ କଥା । ତୋର ଏତେ ବିଳମ୍ବ ହେଲା କାହିଁକି ?

କନକ—ଗୋଟିଏ ଗଳ୍ପ ଶୁଣୁଥିଲି ।

ପଦ୍ମ—କି ଗଳ୍ପ ?

କନକ—ଗଳ୍ପ ତ ! ତେବେ କୁ ଗଳ୍ପ କହବ, ସୁ ଗଳ୍ପ ପଦ୍ମ !

ପଦ୍ମ—ତୋର ଏ ପରିହାସ ଗଲାନାହିଁ, କନକ ! ପଚାରିଲେ ସରଳ କଥାରେ ଉତ୍ତର ଦେଉନାହୁଁ ?

କନକ—ନା, ବର୍ତ୍ତମାନ ପରିହାସ ଚାଲୁଛି । ଦୂରରେ ଥିଲା ବୋଲି ପରିହାସ । ଏବେ ତ ନିକଟକୁ ଆସିଲା, ବର୍ତ୍ତମାନ ନିକଟୋହାସ, ପଦ୍ମ !

ପଦ୍ମ—ହାଃ ହାଃ, ଯାଃ । ସବୁବେଳେ ଏକ କଥା ।

କନକ—ଆଚ୍ଛା ଭଲ କଥା କହୁଛି । ସୁମନ୍ତ ଭାଇଙ୍କି ଦେଖିଥିଲୁ ପଦ୍ମ ?

ପଦ୍ମ—ହଁ, ସେ ଆସିଥିଲେ । ଏଇକ୍ଷଣି ଗଲେ !

କନକ—ଆଜିକାଲି ତାଙ୍କର କିଛି ପରିବର୍ତ୍ତନ ଦେଖୁଛୁ ?

ପଦ୍ମ—ସେ ବର୍ତ୍ତମାନ ବଡ଼ ଚିନ୍ତିତ ଅଛନ୍ତି । ଦେଶରେ ପ୍ରବଳ ଦୁର୍ଭିକ୍ଷ ।

କନକ—ହଁ, ଦୁର୍ଭିକ୍ଷ ଯୋଗୁ ସେ ଚିନ୍ତିତ ଅଛନ୍ତି ! ତା ଆଗରୁ ?

ପଦ୍ମ—ତା ଆଗରୁ ? ନା, ମୁଁ ତ କିଛି ଜାଣେ ନା !

କନକ—ନାହିଁ ? ସେ ଦିନ ବଗିଚାରେ କଣ ବସି କହୁଥିଲେ, କିଛି ବୁଝିଲୁ ? ମୁଁ ଆଜି କେତେଦିନ ଦେଖିଛି ସେପରି !

ପଦ୍ମ—ହଁ, ତାଙ୍କର ଏବେ କଥାରେ ଗୋଟାଏ ପରିବର୍ତ୍ତନ ଦେଖୁଛି । ତାଙ୍କ ସ୍ୱଭାବ ତ ଏମିତି ନ ଥିଲା । ବଡ଼ ଗଳ୍ପପ୍ରିୟ ଥିଲେ । ପ୍ରାଣଖୋଲି ହସୁଥିଲେ । ଏବେ ସେପରି କିଛି ନାହିଁ ? ହଁ, କନକ !

କନକ—ତେବେ ତାଙ୍କର ତାହା ଏକା ନୁହେ । ପରିବର୍ତ୍ତନ ଥରେ ଆରମ୍ଭ ହେଲେ ତରପାକ ଶୀଘ୍ର ମାଡ଼ିଯାଏ, ସେପରି ଏକ ଘଟଣା । କାହିଁକି ପରିବର୍ତ୍ତନ ଜାଣୁ ?

ପଦ୍ମ— ନା, ଜାଣେ ନାହିଁ ।

କନକ— ତା ତୁ ତାଙ୍କୁ କି ଜାଣିବୁ ?

ପଦ୍ମ— ସେଥିର କ ତୁ ସବୁ ଜାଣି ବସିଛୁ ।

କନକ— ମୁଁ ସବୁ ଜାଣେ । ଅନୁମାନ କରେଁ, କିନ୍ତୁ ଭୁଲ ହୁଏନି । କନକ କେବେ ଭୁଲ ଅନୁମାନ କରେନାହିଁ, ପଦ୍ମ ! ଠିକ୍ ଜାଣେ ।

ପଦ୍ମ— ନଖ ଦେଖି, କଣ ଜାଣୁ ?

କନକ— ନକ୍ଷତ୍ର ଯଗ ।

ପଦ୍ମ— କଣ ?

କନକ— ନକ୍ଷତ୍ର ଯଜମଣ ।

ପଦ୍ମ— ଯଜମଣ, ତା ଅର୍ଥ ? ତୋ କଥାରେ ଯେ ପଦ ପଦକେ ଟୀକା ଦରକାର ।

କନକ— ତା'ହେଲେ ମୁଁ ଯେବେ ଧରା ଦେଉଛି । କଥା ଏଥର କହୁଥାଏ, ଆଜି ତୁ ଯେବେ ହାତରେ ଥିବୁ, ଦେଶରେ ବସନ୍ତ ରୋଗ ହେବାର ଭୟ ନାହିଁ । ବେଶ୍ ବୁଝିବାର ।

ପଦ୍ମ— ତୋତେ କିଏ ନ ଡରିବ କନକ !—ହାଁ ଲୋ ବସନ୍ତ ରୋଗ କଣ ? ବାପା ବୁଝନ୍ତି ଭାଇଙ୍କି କଣ କହୁଥିବେ କେଜାଣି । ଭାଇ ଭାରି ବୁଦ୍ଧିଶ୍ରୀ । ନାହିଁ କହିବାର ତ କୌଣସି କାରଣ ନାହିଁ । କନକ, କଣ କହିଲୁ ? ଯଜମଣ ? ଯଜମଣ ଦେଖ ହୁଏ; ସୁନ୍ଦର, ହୁଏନି, କନକ ! ( ପ୍ରସ୍ଥାନ )

---

## —ଚତୁର୍ଥ ଦୃଶ୍ୟ—

ସ୍ଥାନ—କଟକର ରାସ୍ତା

( ଦୁଇଜଣ ନାଗରିକ—ଗୀତଗାଇ ପ୍ରବେଶ )

ଜନମେ ଯାହା ଲକ୍ଷ୍ମୀ   ଜନମେ ଥିବ କାହିଁ
ବେଳ ପୁଣି ଯାଇବ ତା କର ଅନ୍ନ । ଯୋଷା ।

ଥାଇ ଥକାଣି ହେଲେ     ତାଳ କି ହେବ ଆଉ
ବଟବୃକ୍ଷେ ବଞ୍ଚି ଦିନା ଦିନ ।
ତାର ବଧ୍ୟେଧୀ ଦୋଷ     ବାରବ ନହେଲେ ଭାଇ,
ସହସ ଗାଳିଛନ୍ତି! ଏ ଭୁବନ ।
ଭାଇ ଅଠର ମିଳ     ଜଣଙ୍କୁ ଦୋହେ ଘର
ଏବେ ମୁଅନ୍ତି କେତେ ସ୍ଥାନମାନ --
ବନ୍ଧାଣାନରେ ଭଣ୍ଡ     ପାଞ୍ଚଅଛନ୍ତି ସର୍ଭି
କପାଳେ ଲେଖାଥିଲା କି ଦଶଣ ।
ଜନ୍ମଭୂ ଉତ୍କଳରେ     ବାହୁଡ଼ିଲେଣି ପୁରର
ନଚଉଣି ହୋଇ ଦରଶନ ।
ଇନ୍ଦ୍ର ଦେବତା ପ୍ରାୟେ     ଗାଳିବେ ନରଗଣେ
ସୁଣ ହଣିବ ଆଜ୍ଞା କା ଘଟେଣ ।
ସଙ୍ଗ ସମ୍ପଦ ସୁଦ୍ର     ପ୍ରୀତି ସ୍ନେହ ଉତ୍ତୁଳା
କାଟବେ ସୁଳକରେ ଦିଞ୍ଚ ଦନ ।
ମହାମନ୍ତ୍ରକେ କାର୍ଣ୍ଣି     ନାହିଁ ନ ଥିବ କେହି
ଉତ୍କଳ ପୁଣ୍ୟଭୂମି ସଦ୍ରଧନ ।

( ପ୍ରସ୍ଥାନ )

## ଦୃଶ୍ୟ ପରିବର୍ତ୍ତନ

ସ୍ଥାନ—କଟକରେ କାରାଗୃହ
( କପିଳ ଦେବ, ନରସିଂହ ଦେବ, ରାମଚନ୍ଦ୍ର ଦେବ ବନ୍ଦୀ )

ନର—ଚତୁର୍ଦ୍ଦିଗରେ ଅଜ କି ଉତ୍ସବ । ଗାଅ, ବୈତାଳିକଗଣ ! ଗାଅ ପୁରବାସି ଗାଅ, ସୈନିକ ! ଆଶାର ସେ ମଧୁର ତରଙ୍ଗ ଏ ହୃଦୟରେ ଖେଳୁଥିଲା, ଆଜି ଶୁଷ୍କ । ଠିକ୍ କହୁଅଛି, "ଜନମେ ଯାହା ଜନ୍ମ କରମେ ଥିବ ଲିଖି ।" ଓଃ କି ପରାଜୟ, କି ଲଜ୍ଜା କି ଅପମାନ

କପିଳ—ଯାହା କହ ନରସିଂହ, ଲଜ୍ଜା ହେଉ, ଅଖ୍ୟାତି ହେଉ, ଅପମାନ ହେଉ, ଆଜି ସମ୍ଭବ ଯୁଦ୍ଧ ।

ରାମ—ତା ସତ, ଭାଇ ! ଆଜି ସବୁ ଲୁପ୍ତ ! ସୈନ୍ୟମାନେ ସମସ୍ତେ ନିହତ, ବନ୍ଧୁମାନେ ପ୍ରବାସୀ, ଏଥିରେ ଆଉ କି ଉପାୟ ?

ନର—ଦାସତ୍ୱ, ଅବଶେଷରେ ଦାସତ୍ୱ ! ଭାଗ୍ୟ ଯେତେବେଳେ ଏ କପାଳରେ ଲେଖା ଥିଲା, ବୀରମ ଦେବ, ରାମଚନ୍ଦ୍ର ଦେବ, ନରସିଂହ ଦେବ, ସମ୍ରାଟ କପିଳେନ୍ଦ୍ର ଦେବଙ୍କ ପୁତ୍ର ହୋଇ ଯେତେବେଳେ ପୁରୁଷୋତ୍ତମର ଦାସତ୍ୱ କରିବାକୁ ବସିଛୁ, ନିର୍ବଂଶ ହେବେ ଅକାରଣ ଏତେ ରକ୍ତପାତ କାହିଁକି ? କିନ୍ତୁ ଆଉ କି ଉପାୟ, କି ଆଶା ?

ବୀରମ—ଉପାୟ ନାହିଁ, ନରସିଂହ ! ଆମ୍ଭମାନ ଉପାୟ ଥିଲେ ବୀରମ ଆଜି ପୁରୁଷୋତ୍ତମର ଦସ୍ୟୁର ଘାଟ ହୋଇ ନ ଥାନ୍ତା । ଉପାୟ ନାହିଁ ।

ରାମ—ପଛରେ ଦଶଜଣ ସୈନିକ ଯେବେ ଛିଡ଼ା ହୋଇଥାନ୍ତେ, କାହାର ସାଧ୍ୟ ଥିଲା ନରସିଂହ, ରାମଚନ୍ଦ୍ର ଦେବଙ୍କୁ ଏ ଦାସତ୍ୱପଥରେ ଆଣି ରଖନ୍ତା ? କପାଳ ଦୋଷ; ବିଧାତା ବାମ; ନରସିଂହ, ବିଧାତା ବାମ ।

ବୀରମ—କପାଳ ଦୋଷ ନିଶ୍ଚୟ, ବିଧାତା ବାମ ।

ନର—ଏ ଦାସତ୍ୱ ଅସହ୍ୟ, କିନ୍ତୁ ନିରୁପାୟ । ଏ ଜୀବନ ବର୍ତ୍ତମାନ ମରୁଭୂମିର ଧୂଳିକଣାଠାରୁ ହୀନ । ତୁଚ୍ଛ ଆଜି ବଞ୍ଚିବାର । କିନ୍ତୁ ଉପାୟ ନାହିଁ ଯେ ନିଜ ଇଚ୍ଛା ଅନୁରୂପ ପ୍ରାଣର ଏ ଦୁର୍ବହ ଯନ୍ତ୍ରଣାର ଶେଷ କରିବି । ପିଞ୍ଜରର ପ୍ରାଣ ଯେମନ ରହିବାକୁ ହେବ; କିନ୍ତୁ ଆଉ ଯଦି ଏଥିରୁ ମୁକ୍ତ ହୁଅନ୍ତି, ଦେଖନ୍ତି ବର୍ତ୍ତମାନ ପୂର୍ବ ରାଜଭକ୍ତ ପ୍ରଜା ଏ ଦେଶରେ ଅଛନ୍ତି କି ନାହିଁ ? ବିଦ୍ରୋହର ଦାବାନଳରେ ଓଡ଼ିଶାର ବନ ପ୍ରାନ୍ତର ଥରେ ଭସ୍ମୀଭୂତ ଦେଖନ୍ତି, ରାଜା ହେବାର ଉପଯୁକ୍ତ କିଏ—ନରସିଂହ ନା ପୁରୁଷୋତ୍ତମ । କିନ୍ତୁ ଉପାୟ ନାହିଁ । ଓଃ, କି କଷ୍ଟ, କି ଘୋର ଦାସତ୍ୱ !

( ମନ୍ତ୍ରୀ ଓ ଅର୍ଜୁନ ସିଂହଙ୍କ ପ୍ରବେଶ )

ମନ୍ତ୍ରୀ—ବନ୍ଦୀ ଏମାନେ ? ଅନ୍ୟ ସମସ୍ତେ କେଉଁଠାରେ, ଅର୍ଜୁନ ସିଂହ ?

ଅର୍ଜୁନ—ସେମାନେ ଦୁର୍ଗକଟକଠାରେ ବନ୍ଦୀ ହୋଇଛନ୍ତି—ଦଶ ଜଣ । ଛଅ ଜଣ କନକପଲ୍ଲୀରେ, ଦୁଇଜଣ ବାମଣ୍ଡା ଯୁଦ୍ଧରେ ନିହତ

ହୋଇଛନ୍ତି । ବର୍ତ୍ତମାନ ବନ୍ଦୀ ଏମାନେ ଚୋଳ ଭଟ, ମନ୍ତ୍ରି ମହାଶୟ !

ମନ୍ତ୍ରୀ—ତେବେ ବର୍ତ୍ତମାନ ନିଶ୍ଚିନ୍ତ । ମହାରାଜ ବନ୍ଧୁବାନ ରାଜଧାନୀରୁ ଅନୁପସ୍ଥିତ ହୋଇଗଲେଣି । ରାଜ୍ୟର ସର୍ବଭାର ଏ ଦୁର୍ବଳ ଶିରରେ ମୋର ଲଦିଥିଲେ । ମହାରାଜ ରାଜ୍ୟ ଚଳାଇବେ । ମୋର ଏଣିକି ବିଶ୍ରାମର ସୁଖ । ପ୍ରହରୀ, ବର୍ତ୍ତମାନ ଏ ବନ୍ଦୀମାନଙ୍କୁ କାରାବାସକୁ ନେଇଯାଅ । କିନ୍ତୁ ଦେଖ, କାରାବାସରେ ରହିବା ବେଳେ କୌଣସି ଅସୁବିଧା ନ ହୁଏ । ଏ ବିଷୟରେ ସାବଧାନ ଥିବ ।

( ପ୍ରହରୀ ସହିତ ବନ୍ଦୀଙ୍କ ପ୍ରସ୍ଥାନ )

ଆଚ୍ଛା ବକ୍ସି, ଏମାନେ କଣ ଚିରକାଳ ବନ୍ଦୀ ହୋଇ ରହିବେ ?

ଅର୍ଜ୍ଜୁନ—ଏ ପ୍ରଶ୍ନର ଉତ୍ତର ବକ୍ସି ଦେଇ ନ ପାରେ, ମନ୍ତ୍ରି ମହାଶୟ ! ସୈନିକର କାର୍ଯ୍ୟ, ଯୁଦ୍ଧରେ ଶତ୍ରୁକୁ ପରାଜୟ କରି ଆଣିଦେବା । ଶତ୍ରୁ ପ୍ରତି କି ବ୍ୟବହାର କରିବାକୁ ହେବ, ତାହା ରାଜା ଓ ରାଜମନ୍ତ୍ରୀଙ୍କ ବିଚାରର ବିଷୟ ।

( ସେନାପତିଙ୍କର ପ୍ରବେଶ )

ଏଇ ସେନାପତି ମହାଶୟ ।

ସେନା—ଧନ୍ୟ ତୁମେ, ଧନ୍ୟ ବକ୍ସି, ଉତ୍କଳଭୂମିର ଗୌରବ ।

ଅର୍ଜ୍ଜୁନ—ପ୍ରଭୁ, ସେନାପତି ମହାଶୟ, ଆପଣଙ୍କ ଯତ୍ନ, କୌଶଳ, ଆଜି ରଣକ୍ଷେତ୍ରର ଫଳ । ବନ୍ଦୀମାନେ କାରାଗାରକୁ ପ୍ରେରିତ ହୋଇଅଛନ୍ତି ।

ମନ୍ତ୍ରୀ—ବନ୍ଦୀମାନେ ଚିରକାଳ ବନ୍ଦୀ ହୋଇ ରହିବା ବିଷୟରେ ମହାରାଜାଙ୍କର ମତ କଣ, ସେନାପତି ?

ସେନା—ସେ କଥା ମୁଁ ବୁଝିନାହିଁ ।

ମନ୍ତ୍ରୀ—ଏମାନଙ୍କୁ ସେଥର ଛାଡ଼ିଦେଇ ପୁଣି ବିଦ୍ରୋହ ! ଏଥର ସେପରି ପୁଣି ହେଲେ ?

ସେନା—ସେ ଆଶଙ୍କା ଆଉ ନାହିଁ: ମନ୍ତ୍ରି ମହାଶୟ !

ଅର୍ଜୁନ—ନା, ସେମାନେ ବର୍ତ୍ତମାନ ନିରସ୍ତ୍ର, ନିରୁପାୟ । ବିଦ୍ରୋହର ଆଉ ଆଶଙ୍କା ନାହିଁ ।

ମନ୍ତ୍ରୀ—ତେବେ ଆମନ୍ତ୍ରଣ ବନ୍ଦୀ କରି କି ପ୍ରୟୋଜନ ? ଶାସନର ଏ ସାମାନ୍ୟ ସ୍ୱାଧୀନତାଟିକୁ ବଞ୍ଚିତ କରିବା ଘୋର ନିଷ୍ଠୁରତା ହେବ । ବିଶେଷତଃ ପୁରୁଷୋତ୍ତମ ଦେବଙ୍କ ଉଜ୍ଜ୍ୱଳ ରାଜତ୍ୱରେ ଏପରି ଗୋଟାଏ କାଳିମା ଲାଗି ରହିବ । ଭବିଷ୍ୟତ୍ ଇତିହାସଲେଖକ ଏହାକୁ ଚନ୍ଦ୍ରର କଳଙ୍କ ପରି, ଅମୃତସାଗରରେ ବିଷର କଣିକା ସଦୃଶ ଚିହ୍ନିତ କରିବେ ।

( ରାଜାଙ୍କର ପ୍ରବେଶ )

ଏଇ ଯେ ମହାରାଜ, ସେନାପତି !

ରାଜା—ଏ ରାଜ୍ୟର ଗୁରୁଭାର ଆପଣ ବହନ କରି ଏଭଳି ସୁନ୍ଦର ଶାସନ କରିଅଛନ୍ତି, ଦେଖି ମୁଁ ବିସ୍ମିତ ।

ମନ୍ତ୍ରୀ—ହଁ ମହାରାଜାଙ୍କ ଅନୁପସ୍ଥିତିରେ ଯେ କୌଣସି ପ୍ରକାର କାର୍ଯ୍ୟ ଚଳାଇ ଦେବା ମାତ୍ର । ବର୍ତ୍ତମାନ ରାଜ୍ୟ ନିଷ୍କଣ୍ଟକ ।

ରାଜା—ନିଷ୍କଣ୍ଟକ, ମନ୍ତ୍ରୀ ମହାଶୟ ! ଶତ୍ରୁମାନେ ସମସ୍ତେ ପରାଜିତ ! କିନ୍ତୁ ଏ ବିଜୟ ସେନାପତିଙ୍କର ଓ ତାଙ୍କର ବକ୍ସି ବୃଦ୍ଧ ଅର୍ଜୁନ ସିଂହଙ୍କର । ଏ ଦୁହିଁଙ୍କୁ ଦେଖିବା ଲାଗି ବହୁ ଲୋକ ଦ୍ୱାରଦେଶରେ ଅପେକ୍ଷା କରିଅଛନ୍ତି । ଆପଣ ଏମାନଙ୍କୁ ସଙ୍ଗରେ ନେଇ ସେମାନଙ୍କୁ ଦେଖାଇ ଆଣନ୍ତୁ ।

ମନ୍ତ୍ରୀ—ଆସ ବସନ୍ତ ରାଉତ, ଅର୍ଜୁନ ସିଂହ ! ଓଡ଼ିଶାର ସୌଭାଗ୍ୟଗଗନରେ ସୂର୍ଯ୍ୟ, ଚନ୍ଦ୍ର ଦୁଇଗୋଟି ତୁମ୍ଭେ, ଆସ ।

( ପ୍ରସ୍ଥାନ )

ରାଜା—ମା ଉତ୍କଳ ଭୂମି ଆଜି ନିଷ୍କଣ୍ଟକ । ଶତ୍ରୁ ଯେ କେବଳ ପରାଜିତ, ତାହା ନୁହେଁ, ଏକାବେଳକେ ନିରସ୍ତ୍ର, ଭବିଷ୍ୟତରେ ପୁଣି ବିଦ୍ରୋହ କରିବାକୁ ସମ୍ପୂର୍ଣ୍ଣ ଅସମର୍ଥ, ଦୁର୍ବଳ ! ରାଜ୍ୟ ଆଜି ନିଷ୍କଣ୍ଟକ । ଦାରୁଣ ମରୁଭୂମିରେ ପରିଣତ ହୋଇଥିଲା ଯେଉଁ ବିଶାଳ ଶସ୍ୟକ୍ଷେତ୍ରମାଳା, ସେ ସମସ୍ତ ଅଚିରେ ଶସ୍ୟଶ୍ରୀର ମୋହନସମ୍ପଦରେ ଶ୍ୟାମଳିତ ହେବ । ସ୍ୱଦେଶ ଶକ୍ତିଶ୍ରୀର ପ୍ରତ-

ଯୁଦ୍ଧରେ ବିକଟ ଆକାର ଧାରଣ କରିଥିଲା ଯେଉଁ ବିସ୍ତୀର୍ଣ୍ଣ ପ୍ରାନ୍ତରମାନ ସେ ସବୁରେ ପୁନଶ୍ଚ ନରନାରୀଙ୍କ କଣ୍ଠର କୋଳାହଳ, ହାସ୍ୟରହସ ଭରି ବୁଲିବ; ସ୍ନେହ ପ୍ରୀତିର ପୁଣ୍ୟଗଙ୍ଗା ଖେଳି ଉଠିବ । ମା ଉତ୍କଳ ଭୂମି ଏତେଦିନେ ନିଷ୍କଣ୍ଟକ । ପ୍ରତିଜ୍ଞା ଏତେଦିନେ ପୂର୍ଣ୍ଣ ହୋଇ ଅଛି । ଏ ରାଜାର ମୁକ୍ତି—ସୁଖର କର୍ତ୍ତବ୍ୟ । ଜନ୍ମଭୂମି ଜନନୀ ସମାନ । ଜନ୍ମଭୂମି ଯେତେବେଳେ ବିପନ୍ନ, ପ୍ରତ୍ୟେକ ସନ୍ତାନର କର୍ତ୍ତବ୍ୟ ସେ ବିପଦ ଦୂର କରିବା । ମୁଁ ତାହାହିଁ କରିଅଛି । ମାତୃଭୂମିକୁ ରକ୍ଷା କରିଅଛି, କିନ୍ତୁ କାହା ହସ୍ତରୁ ? ଯେ ନ୍ୟାୟତଃ ତାହାର ରକ୍ଷକ, ତାହାଙ୍କ ହସ୍ତରୁ । ବିଷମ, ଆଜି ତୁମ୍ଭେ ବିଶାଳ ଉତ୍କଳ ସାମ୍ରାଜ୍ୟର ସମ୍ରାଟ ହୋଇ ବସିଥାନ୍ତ; ଆଉ ମୁଁ ପୁରୁଷୋତ୍ତମ, ତୁମ୍ଭର କୃପା ଭିକ୍ଷା କରୁଥାନ୍ତି । କିନ୍ତୁ ଭାଗ୍ୟର କି ପରିବର୍ତ୍ତନ ! ପ୍ରକୃତିର କି ବିପର୍ଯ୍ୟୟରେ ପଡ଼ି ଆଜି ତୁମ୍ଭେ ବନ୍ଦୀ, ତୁମ୍ଭର ସୈନ୍ୟମାନେ କେତେକ ନିହତ, କେତେକ ବନ୍ଦୀ । ଆଜି ପୁରୁଷୋତ୍ତମ ଦେବ ତୁମ୍ଭ ଜୀବନର ହର୍ତ୍ତାକର୍ତ୍ତା । ଇଚ୍ଛାକଲେ ଅଗ୍ନିରେ ଦଗ୍ଧ କରିପାରେ, ସମୁଦ୍ରରେ ଭସାଇ ଦେଇପାରେ, ଏବଂ ଅସିର ତୀକ୍ଷ୍ଣ ଧାରରେ ମସ୍ତକ ଛିନ୍ନ କରିପାରେ । ପ୍ରକୃତିର ଏ କି ନିୟମ ! ବୁଝି ପାରେ, ଯେବେ କ୍ଷୁଧାର୍ତ୍ତ ସିଂହ କୋମଳ ମୃଗ ଶିଶୁର ରକ୍ତ ପାନ କରେ, କିନ୍ତୁ ଯେତେବେଳେ ମୃଗଶିଶୁ, ସିଂହର ବିଶାଳ ପୃଷ୍ଠରେ ବସି ନୃତ୍ୟ କରୁଥାଏ, ସେ କଥା ଅବୋଧ । ବିଷମ, ଭାଇ ମୋର, ଜୀବନରେ ବହୁତ କଷ୍ଟ ସହିଛୁ । ବନ, ପର୍ବତରେ ବହୁ ଦିନ ବୁଲିଛୁ । କ୍ଷୁଧାବେଳେ ଅନ୍ନ ମୁଠାକ ପାଇଁ, ପିପାସାରେ ପାଣି ଢୋକକ ପାଇଁ ବହୁତ ଭୁଗିଛୁ । ଅବଶେଷରେ ଏବେ ବନ୍ଦୀ । ନା, ଦୂର, ଛାଡ଼ । ସୁଖ ସ୍ୱଚ୍ଛନ୍ଦରେ, ନିର୍ଭୟରେ, ମୁକ୍ତ ସମୀର-ତରଙ୍ଗରେ ସ୍ୱାଧୀନ ପ୍ରାଣରେ ବିଚରଣ କର । ତୁମ୍ଭର ରାଜ୍ୟ ଅପହରଣ କରି ପ୍ରତିଦାନରେ ବନ୍ଦୀ ? ନା ନା, ମୁକ୍ତ । ଦେଖ ବର୍ତ୍ତମାନ ଶାନ୍ତିମୟ ହୋଇଅଛି । ପୂର୍ବର ସମ୍ପତ୍ତି ପୁନର୍ବାର ଉଦୟରେ ଫେରି ଆସିବ ! ପ୍ରଭୋ, ତୁମ୍ଭର ଏ ବିଶାଳ କରୁଣା ! ଜୀବନରେ ବହୁବାର ତୁମ୍ଭର ଉଦାର ଦୟା ବର୍ଣ୍ଣନା କରିଅଛୁ । ଆଦେଶର ଅପେକ୍ଷାରେ ଉତ୍ତର

କରୁଅଛ । "ଭଗବାନ୍ ! ସେଦିନ ଶ୍ରୀକ୍ଷେତ୍ରରେ ଅସୀମ ଅର୍ଣ୍ଣବର ଜଳତରଙ୍ଗ ମଧ୍ୟରେ ବୁଡ଼ି ଯାଉଥିଲି, ତାହାର କରୁଣାମୟ କରସ୍ପର୍ଶନ ସେପରି ଉପରକୁ ଟେକି ଆଣିଲ । କୃଷ୍ଣାନଦୀ କୂଳରେ ଯୁଦ୍ଧଭୂମିରେ ଜୀବନର ଅନ୍ତିମ ନିଃଶ୍ୱାସଧାରା ବିସର୍ଜନ କରୁଥିଲି, କିଏ ଆସି ନୂତନ ପ୍ରାଣ ଢାଳି ଦେଇଗଲ । ପ୍ରଭୁ, ଅପାର କରୁଣା !

ଯେତେବେଳେ ଯାହା ଲୋଡ଼ୁଛୁ ହେ ପିତା!
ସେତେବେଳେ ତାହା ଦେଉଛ,
ଯେତେବେଳେ ଯାହା କରୁଛୁ ହେ ପିତା
ସେତେବେଳେ ତାହା କରୁଛ,
ସର୍ବଦେବତା ହେ ଦକ୍ଷିଣସଖା
କେତେମତେ ମନ ମୋହୁଛ;
ଯେତେ ଅବଧି, ସେତେ ଅନାଦର,
ତମୋମଧ୍ୟ ଦଣ୍ଡ ସହୁଛ !
( ପ୍ରସ୍ଥାନ )

—ପଞ୍ଚମ ଦୃଶ୍ୟ—

ସ୍ଥାନ—କାଞ୍ଚୀ ରାଜପ୍ରାସାଦ

( କଳେବରେଶ୍ୱର, ମନ୍ତ୍ରୀ, ଦୂତ, ପ୍ରହରୀ ଉପସ୍ଥିତ )

କଳେ—ଏ ବଡ଼ ଆଶ୍ଚର୍ଯ୍ୟ, ଦୂତ !

ଦୂତ—ଆଶ୍ଚର୍ଯ୍ୟ କାହିଁକି, ମହାରାଜ ?

କଳେ—ଆଶ୍ଚର୍ଯ୍ୟ । ସେ କାଞ୍ଚୀରାଜକନ୍ୟାର ଦୁତ୍ୟାଂଶୀ ହୋଇଅଛି ।

ଦୂତ—ଏ କଣ ଆଶ୍ଚର୍ଯ୍ୟ ହେଲା ?

କଳେ—ଘୋର ଆଶ୍ଚର୍ଯ୍ୟ । ଏ ବାମନର ଚନ୍ଦ୍ରକୁ ହାତ ବଢ଼ାଇବା ପରି, ସାମାନ୍ୟ ଟିମ୍ପୁଡ଼ି ହୋଇ ପର୍ବତଶୃଙ୍ଗରେ ଚଢ଼ିବା ସମାନ । ଆହୁରି ଶୁଣ, ଦୂତ ! ମୂର୍ଚ୍ଛା ମାଷ ।

ଦୂତ—ଗଜପତିଙ୍କର ଏପରି ନିନ୍ଦା କରିବେ ନାହିଁ, ମହାରାଜ !

କପିଳ—ନିନ୍ଦା କରୁଛି ନୁହେଁ ! ସତ୍ୟ, ନଗ୍ନ ସତ୍ୟ । ତା ହେବନାହିଁ, ଦୂତ ! ସେ କୁଳାଙ୍ଗାର ହାତରେ ମୁଁ ମୋର କାଞ୍ଚୀରାଜ୍ୟର କାଞ୍ଚନ ଜେମା ପଦ୍ମାବତୀକ ଦେଉନାହିଁ ।

ଦୂତ—ଭଲ କଥା । ମୁଁ ଦୂତ, ଏହି ସମ୍ବାଦ ଯାଇ ଗଜପତିଙ୍କ ଶ୍ରୀମୁଖରେ ଜଣାଇବି ! ଦୁର୍ନାମ ଶୁଣିବା ଦୂତର କର୍ତ୍ତବ୍ୟ ନୁହେଁ, ମହାରାଜ !

କପିଳ—ଦୂତର ତ କେବଳ୍ କର୍ତ୍ତବ୍ୟ ଜାଣିଛ । ଏତିକି କର୍ତ୍ତବ୍ୟ ଜ୍ଞାନ ପୁରୁଷୋତ୍ତମର ଥିଲେ—ପୁରୁଷୋତ୍ତମ, କ୍ଷତ୍ରିୟକୁଳର କଳଙ୍କ । ସେ ବର୍ବର ! ଏହିପରି କଳଙ୍କ ଥିଲା ପରଶୁରାମର, ବାରମ୍ବାର ଭାରତଭୂମିକୁ ନିକ୍ଷତ୍ରିୟ କରିଥିଲା, ଯାର ନାମରେ ବସୁନ୍ଧରା ପ୍ରକମ୍ପିତ ହେଉଥାଏ, ନିଜର ଗର୍ବ ଲାଗି ଶେଷରେ ସେ ପାମର କ୍ଷତ୍ରିୟ ଶିରୋମଣି ରାମଚନ୍ଦ୍ରଙ୍କ ହସ୍ତରେ ପର୍ଯ୍ୟୁଦସ୍ତ ହେଲା ! କୋଦଣ୍ଡଧର ରାମଚନ୍ଦ୍ର ଦରକାର । ଯା, ଦୂତ ! ତୋର ରାଜାକୁ କହିବୁ, ମୋର ପଦ୍ମକୁ ବର ନ ମିଳିଲେ ଚିରକୁମାରୀ କରି ରଖିବି, ବରଞ୍ଚ ଚଣ୍ଡାଳ ଘରେ ବିବାହ କରାଇବି । ସେ ଦୁର୍ମଦୀ, କ୍ଷତ୍ରିୟବୈରୀ, ଚଣ୍ଡାଳ ବ୍ୟବସାୟୀ, ବର୍ବର । ତାର ଅସ୍ପର୍ଦ୍ଧା ଦେଖି ମୁଁ ବର୍ତ୍ତମାନ ବିସ୍ମିତ । କାଞ୍ଚୀନେଶ କପିଳେନ୍ଦ୍ର ଦେବଙ୍କ ସୁତ ନୁହେଁ, ଦୂତ, ଯେ ପୁରୁଷୋତ୍ତମ ଦ୍ୱାରରେ, ଯାଇ ଭିକ୍ଷାର୍ଥୀ ହେବ । ଯା, ଶକ୍ତି ଅଛି, ପରାକ୍ରମ ଅଛି, କହିବୁ, ଏତେ ଯଦି ଲାଳସା, ପଦ୍ମାବତୀକୁ ବିବାହ ହେବାର ହେବେ ଏତେ ପ୍ରବଳ ଅଭିଳାଷ, କହିବୁ, ଯୁଦ୍ଧରେ ଜିଣି କରି ପଦ୍ମାବତୀକୁ ନେଇଯାଉ । ପଦ୍ମାବତୀ ମୋର ଶାନ୍ତ, ଚଣ୍ଡାଳ ନୁହେଁ ଯେ ପଥର ଭିକ୍ଷୁକ ଆସି ଭିକ୍ଷା କଲେ, ତା ହସ୍ତରେ ଅର୍ପଣ କରିବି ! ଯା, ଦୂତ, ତୋର ରାଜାକୁ ଯାଇ ଜଣାଅ ।

ଦୂତ—ଶୁଣିଲି । ଦୁର୍ଲ୍ଲଭ କଥା ଶୁଣି, ମହାରାଜ, ଓଡ଼ିଆ ଯାଉବଲେ ଫେରେ ନାହିଁ । ତାର ପ୍ରତ୍ୟେକ ରକ୍ତବିନ୍ଦୁ ପ୍ରଭୁଙ୍କ ପଦରେ ଉତ୍ସୃଷ୍ଟ । ମୁଁ ଦୂତ, ଦୂତର କର୍ମ ସମ୍ବାଦ ବହନ କରିବା, ଏ ଅସାଧାରଣ ନୁହେଁ । ଅସାଧାରଣ ଘଟଣା ମାତ୍ର ! ନୋହିଲେ ଏ ଯାବତ ତେଜ ଫେରନ୍ତି ନାହିଁ, ମହାରାଜ ! ଦୂତ କର୍ତ୍ତବ୍ୟରେ

ବୃତ୍ତି ଘଟିବ । ଏ ଅସ୍ତ୍ର ଏଣ୍ଟାରେ ବର୍ଜନ କରାଗଲା । ଯଦି ଓଡ଼ିଆର ବାହୁରେ ଶକ୍ତି ଥାଏ, ତେବେ ଏହି ଏଠାରୁ ମୁକ୍ତଦଣ୍ଡକୁ ପୁନରସ୍ତ୍ର ଦେବ ।

କପିଳ—ସାମାନ୍ୟ ଦୂତ ହୋଇ ମଧ୍ୟ ଏତେ ଆସ୍ପର୍ଦ୍ଧା ! ଦେଖ, ପ୍ରାଣର ମମତା ଥିଲେ କଥାକୁ ପ୍ରତ୍ୟାହାର କର ।

ଦୂତ—କଥାକୁ କହି ନାହିଁ ମହାରାଜ, ଯାହା ସତ୍ୟ ବିବେଚନା କରନ୍ତି, କହନ୍ତି । ଥରେ ମୁଖରୁ କଥା କହି ସାରିଲେ ତାର ପ୍ରତ୍ୟାହାର ଓଡ଼ିଆ ଜାଣେ ନାହିଁ ।

କପିଳ—ପ୍ରହରୀ !

ପ୍ରହରୀ—ମହାରାଜ !

କପିଳ—ଦୂତକୁ ଏହି ମୁହୂର୍ତ୍ତରେ ବନ୍ଦୀ କର, ପ୍ରହରୀ ! ଏତେ ଆସ୍ପର୍ଦ୍ଧା !

ଦୂତ—ଆପତ୍ତି ନାହିଁ, ମହାରାଜ ! ଦେଶର ଅପମାନ ସହି ନ ପାରିବା ଅପରାଧରେ ହତ ବା ବନ୍ଦୀ ହେବା ଓଡ଼ିଆର ଭୂଷଣ । କିଛି ଆପତ୍ତି ନାହିଁ ପ୍ରହରୀ !

( ବନ୍ଦୀ କରି ପ୍ରହରୀର ପ୍ରସ୍ଥାନ )

ମନ୍ତ୍ରୀ—ମହାରାଜ, କ୍ଷମା କରିବେ । ଦୂତ ପ୍ରତି ଏ ବ୍ୟବହାର ଉଚିତ ହେଲା ନାହିଁ ।

କପିଳ—ଉଚିତ ହୋଇନାହିଁ ? ପ୍ରାଣଦଣ୍ଡ, ପ୍ରାଣଦଣ୍ଡ—ଉଚିତ ହୋଇନାହିଁ ? ଦୂତର ଏତେ ସାହସ—ରାଜପ୍ରାସାଦ ମଧ୍ୟରେ ରାଜାଙ୍କର ଅପମାନ କରିବ ?

ମନ୍ତ୍ରୀ—ତଥାପି ସେ ଦୂତ, ମହାରାଜ !

କପିଳ—ହେଲା, ତା ମୁଁ ଜାଣେ ମନ୍ତ୍ରି !

ମନ୍ତ୍ରୀ—ମହାରାଜ, ସମ୍ଭବତଃ ଏହାର ପରିଣାମ ଭଲ ହେବ ନାହିଁ ।

କପିଳ—ପରିଣାମ ! ପରିଣାମ କଥାକୁ ମୋର ଭ୍ରୂକ୍ଷେପ ନାହିଁ, ମନ୍ତ୍ରି !

ମନ୍ତ୍ରୀ—ରାଣୀ, ଯୁବରାଜ ପ୍ରଭୃତିଙ୍କର ଏ ବିବାହରେ ସମ୍ମତି ଥିଲା, ମହାରାଜ ! କରିଥିଲେ ହୋଇଥାନ୍ତା ।

କପିଳ—ଚୁପ୍ କର, ମନ୍ତ୍ରି ! ସେ କଥାର ଉତ୍ତର ଦେବାରେ ନାହିଁ, କି ରାଣୀ ଆଉ ଯୁବରାଜ ହସ୍ତରେ ନାହିଁ ।

ମନ୍ତ୍ରୀ—କାଞ୍ଚୀ-ଦୂତ ପ୍ରତି ଏ ବ୍ୟବହାର ଅସୁନ୍ଦର ଦିଶିବ ।

ରାଜା—ଅସୁନ୍ଦର କଣ୍ଠ ଲୁଚନ, ପାପ ଦେଖାଇଅଛୁ ଠିକ୍ ।

ମନ୍ତ୍ରୀ—ନିନ୍ଦା ହେବ, ମହାରାଜ !

ରାଜା—ନିନ୍ଦା ? ଠିକ୍ କହୁଅଛୁ, ମନ୍ତ୍ରୀ ! ନିନ୍ଦା କାହିଁକି ?

ମନ୍ତ୍ରୀ—ତଥାପି, ମହାରାଜ, ଅନିଷ୍ଟର ଆଶଙ୍କା ପୂର୍ଣ୍ଣ । ବିପଦ ଘଟିପାରେ ।

ରାଜା—ତେବେ କଣ ସାମାନ୍ୟ ଦୂତଠାରୁ ଏତେ ଅପମାନ ହେଲ ସହିଥିବ ?

ମନ୍ତ୍ରୀ—ସାମାନ୍ୟ ଦୂତଟାକୁ ବା ବନ୍ଦୀ କରି କି ଲାଭ ?

ରାଜା—ଲାଭ, ଲାଭ ଅପମାନର ପ୍ରତିହିଂସା ! ତେବେ ବିପଦ ଘଟିପାରେ ।

ମନ୍ତ୍ରୀ—ପ୍ରତିହିଂସା, ମହାରାଜ, ସାମାନ୍ୟ ଦୂତଠାରେ ! ରାଜୋଚିତ ନୁହେଁ !

ରାଜା—ରାଜୋଚିତ ନୁହେଁ ?

ମନ୍ତ୍ରୀ—ନୁହେଁ, ମହାରାଜ !

ରାଜା—ନୁହେଁ, କହୁଛ ମନ୍ତ୍ରୀ ! ନୁହେଁ ! ଅଚ୍ଛା !

[ ପଟକ୍ଷେପଣ ]

---

## —ଷଷ୍ଠ ଦୃଶ୍ୟ—

### ସ୍ଥାନ—କାଞ୍ଚୀ ରାଜପ୍ରାସାଦର କକ୍ଷ

[ ପଦ୍ମାବତୀ ଓ କନକ ଦୁହିଁଙ୍କର ଗୋଟିଏ କକ୍ଷମଧ୍ୟରୁ ଆଗତ ]

ପଦ୍ମ—କେତେ ରାତି ହେବ କନକ ?

କନକ—କେଜାଣି !

ପଦ୍ମ—ଅନୁମାନରେ ସ୍ଥାପୁ କେତେ ହେବ ?

କନକ—ଏ ଯେ, କୃଷ୍ଣପକ୍ଷ, ଚନ୍ଦ୍ର ଉଠିଥିଲେ ଚିନା କହି ହୁଅନ୍ତା !

ପଦ୍ମ—ହିଁ, କୃଷ୍ଣପକ୍ଷ, ଆଜି ତ ଅମାବାସ୍ୟା, କାଲିକି ଶୁକ୍ଳ ପକ୍ଷ ।

କନକ—କାଲି ପ୍ରତିପଦା, ପଦ୍ମ !

ପଦ୍ମ—ପରଦିନ ଦ୍ୱିତୀୟା—ଜଗନ୍ନାଥ ମହାପ୍ରଭୁଙ୍କ ଗୁଣ୍ଡିଚା ଯାତ୍ରା !

କନକ—ସବୁ ଦିନକୁ ଟିକିଏ ବେଶି ହୋଇ ଜନ୍ମ ସମ୍ଭବ ।

ପଦ୍ମ—ଦେଖିଲ, କନକ, ଶୁକ୍ରତାରା ଅସ୍ତ ହେଲାଣି ? ଆକାଶ ମଧ୍ୟ ଦେଖି ଆସିବୁ, କାଳପୁରୁଷ ପୂର୍ବ ଦିଗରେ ଉଦୟ ହେଲାଣି କି ନା ?

କନକ—ଆଚ୍ଛା ! [ପ୍ରସ୍ଥାନ]

ପଦ୍ମ—ନକ୍ଷତ୍ରମାନଙ୍କ ଗତିରେ ସମୟ ଜଣାଇବା ବିଷୟରେ ବେଶ୍ । ଅପାର ସମୁଦ୍ର ବକ୍ଷରେ ପଥଭ୍ରାନ୍ତ ନାବିକର ସହାୟ ଏହି ନକ୍ଷତ୍ର ! ଉତ୍ତରମେରୁର ସେ ସୁଶୀତମ ଧ୍ରୁବତାରା, ନିଜ ସ୍ଥାନରୁ ବିନ୍ଦୁମାତ୍ର ଟଳିବାର ନାହିଁ । ସେଥିପାଇଁ କହନ୍ତି, ଜୀବନର ଧ୍ରୁବତାରା । ଆହା, ଆଜି କାହିଁକି ? ଆକାଶ ଥିଲେ ତ ଧ୍ରୁବତାରା ସେଥିରେ ବିରାଜିବ । [କନକର ପ୍ରତ୍ୟାଗମନ]
କନକ ଫେରିଲୁ ?

କନକ—ଆଜି ମେଘାଚ୍ଛନ୍ନ, ପଦ୍ମ ! ଝିପି ଝିପି ବର୍ଷା ହେଉଛି କିଛି ଦେଖାଯାଉ ନାହିଁ । ବିଜୁଳି, ମେଘ ଘଡ଼ଘଡ଼ି ମଧ୍ୟ ଖୁବ୍ ହେଉଛି ।

ପଦ୍ମ—ଆଜିକି ବର୍ଷାଳିଆ ଦିନ ।

କନକ—ସେ କଥା ବଡ଼ିକି ଭୁଲିଲୁ, ପଦ୍ମ !

ପଦ୍ମ—ବର୍ଷାଳିଆଟି ଦିନ ମୋର ବର୍ଷାଳିଆ ସୁଖ । କେତେ ଦିନ ସୁଖ କଟିଲା, ମୁଁ ଜାଣି ପାରୁନାହିଁ, କନକ ! ଆଜି କେତେଦିନ ? କେତେଦିନ ତ ନୁହେଁ ! ସେ ତ ଏକ ସୌନ୍ଦର୍ଯ୍ୟ । ନା, ଏ ସେ ତେଜଭାଳ କନକ !

କନକ—ତାହା ବଡ଼ ନିଷ୍ଠୁର !

ପଦ୍ମ—ଦୂତ ଯାଇ ପହଞ୍ଚିଲାଣି । କି ସମ୍ବାଦ କହିଥିବ ? ଶିରକାଳ, କନକ ! ହେଲା ନାହିଁ ।

କନକ—ତାହାଙ୍କ ମନ ବଦଳି ଯାଇ ପାରେ ଏ ମଧ୍ୟରେ ।

ପଦ୍ମ—ହେଲେ, ସେ ଦୂତ କଣ ଆଉ ଥରେ ଆସିବ ?

କନକ—ନ ଆସିବ କାହିଁକି ?

ପଦ୍ମ—ଅସମ୍ଭବ । (ଚିତ୍ର ଦେଖି) ଅସମ୍ଭବ କନକ ! ଆଜି ସ୍ୱପ୍ନ । ଜୀବନରେ ମୂର୍ତ୍ତିକି 'ପାଇଁ ଦେଖିଥିଲି । ଆଶା ଥିଲା ଆଜୀବନ··· । ସେଇ ହେଲା ଶେଷ ଦେଖା ! ଏଣିକି ଏ ଚିତ୍ରରେ··· । ମୁଁ ଏ ସଂସାର ସୁସ୍ଥ ବନ୍ଧନ ତୋଡ଼ିପାରୁ, କନକ, ତୁ ମୋର ଚିତ୍ର ଅଙ୍କନ କରି ଏଇଠାରେ ରଖି ଦିଅନ୍ତୁ ।

[ସୁମନ୍ତ ସିଂହଙ୍କ ପ୍ରବେଶ]

କନକ—କଏ, ସୁମନ୍ତ ଭାଇ ?

ସୁମନ୍ତ—ତୁମେ ଦୁହେଁ ଏଠାରି ନାହିଁକି, କନକ ! ପଦ୍ମ, ଏଠି କଣ କରୁଛ ?

ପଦ୍ମ—କିଛି ନାହିଁ, ଭାଇ ! କନକ ସଙ୍ଗରେ କଥାବାର୍ତ୍ତା ହେଉଥିଲି ।

କନକ—ନା, ଭାଇ ! ପଦ୍ମ ସେପରି ପାଗଳ । ବଡ଼ ଦୁଃଖ ।

ସୁମନ୍ତ—କିଛି ହେବ, ଏପରି ଦୁଃଖ ? ତୁ ଆଜିକାଲି ପଢ଼ାପଢ଼ି ଛାଡ଼ିଦେଲୁଣି କି ? ଚିତ୍ର ଅଙ୍କନ ପଛେ ଆଉ ଜୋର ହେଉ ନାହିଁ ?

କନକ—ଅନେକ ଦିନ ପରେ ଏଇ ଚିତ୍ରଟି ଲେଖିଥିଲି । ଦେଖ, ପଦ୍ମ ।

ସୁମନ୍ତ—ଦେଖି । (ଚିତ୍ରଦେଖି) ବେଶ୍ ଚିତ୍ର । ଏ ଯେ କୃଷ୍ଣାନଦୀ କୂଳର ଚିତ୍ର । ଯୁଦ୍ଧଭୂମିର ନା କଣ ? ଏ ତ ମୂର୍ଚ୍ଛିତ ବା ମୃତ ସୈନିକ ।

କନକ—ସେ ପୁରୁଷୋତ୍ତମ ଦେବ, ଭାଇ, ଯୁଦ୍ଧଭୂମିରେ ମୂର୍ଚ୍ଛିତ ଅବସ୍ଥାରେ ଏକାକୀ ଶାୟିତ ।

ସୁମନ୍ତ—ଛାଡ଼ କନକ, ସେ କଥା । ବାପା ଏଣେ ପଦାର୍ପଣ କରୁଛନ୍ତି ।

[କପିଳେଶ୍ୱରଙ୍କ ପ୍ରବେଶ]

କପି—କଣ, ସୁମନ୍ତ ?

ସୁମନ୍ତ—ଏମାନଙ୍କ ସଙ୍ଗେ ଗଳ୍ପ କରୁଛି, ବାପା !

କପି—ସେ କଣ ତୋ ହାତରେ ?

ସୁମନ୍ତ—ଗୋଟିଏ ଚିତ୍ର ।

ନରେ—ଗୋଟିଏ କଥା । ବାପ । ଏକ ମହାଭ୍ରମ କରୁଅଛନ୍ତି । ବାପାଙ୍କ ଭ୍ରମ ଦେଖିବା; ଶୁଣନ୍ତୁ ତୋର ବାର୍ତ୍ତା । ଆଜ୍ଞା ଜନକ କହିବେ, କାଞ୍ଚୀର ମହାରାଜ ବଡ଼ ନିଷ୍ଠୁର । କାଞ୍ଚୀ ସାମ୍ରାଜ୍ୟର ରାଜସିଂହାସନ ଅଳଙ୍କୃତ କରିବେ ଏ ପ୍ରଶ୍ନ ଉଠୁଥିଲା । ଏ ସମସ୍ତର ମୂଳରେ ଯାହାକୁ ନିରୀହ ସରଳ ବାଳିକା ବୋଲି ଏତେଦିନ ଭାବୁଥିଲି, ଏଇ ପଦ୍ମାବତୀ । ପଦ୍ମାବତୀ, ଛାଡ଼ ଏ ସବୁ ।

ପଦ୍ମ—କଣ, ବାପା ?

ନରେ—କଣ ?

ପଦ୍ମ—କହନ୍ତୁ, ବାପା, ହୃଦୟ ।

ନରେ—ଏ ପାଗଳାମି !

ପଦ୍ମ—ପାଗଳାମି ତ ମୋର କିଛି ନାହିଁ, ବାପା !

ନରେ—ପାଗଳାମି ନୁହେଁ । ଏହା ପିତା ସଙ୍ଗରେ କନ୍ୟାର ଘୋର ଶତ୍ରୁତା ।

ପଦ୍ମ—ତା କହିବେ ନାହିଁ, ପିତା !

ନରେ—ଶତ୍ରୁତା ନୁହେଁ ? ଯେଉଁ ବର୍ବରର ଦୂତ ଆସି ସେଦିନ ରାଜସଭା ମଧ୍ୟରେ ଏତେ ଅପମାନ ଦେଇଗଲା, ବନ୍ଦୀ କରିଥାନ୍ତି, ଅପମାନ ଦେବାର ମୂର୍ତ୍ତି ପ୍ରତିଶୋଧ ନେଇଥାନ୍ତି—ମନ୍ତ୍ରୀ କହିଲେ—ଦୂତ ଅବଧ୍ୟ ବୋଲି ଛାଡ଼ିଦେଲି । ସେହି କାପୁରୁଷର ମୂର୍ତ୍ତି ମୋର ଭୂପାଳରେ ରଖାହେବ, ତା ମୂଳ ମୋର କନ୍ୟାହାର ।

ଜନନୀ—ଭୁଲ ବୁଝନ୍ତୁ, ବାପା ! ପଦ୍ମର ଦୁଃଖ ହୃଦୟର ପୁଣି ଦୁଃଖ ହେବ । ତାକୁ କିଛି କହିବେ ନାହିଁ । ଯା, ପଦ୍ମ ଭଉଣୀଙ୍କ ପାଖକୁ ଯା ।

ନରେ—ଚୁପ୍ କର, ବାଳିକା ! ମୁଁ ସମସ୍ତ କଥା ଜାଣି ଶୁଣିଅଛି । ଅସହ୍ୟ । ଶତ୍ରୁର ଅପମାନ ଉପରେ ପୁଣି କନ୍ୟାର ଏ ଦାରୁଣ ପଦାଘାତ !

ପଦ୍ମ—ଏ କଥା କହନ୍ତୁ ନାହିଁ ପିତା ! ମୋର ଏଥିରେ ଗାଞ୍ଜି ହେଉଅଛି ।

କପିଳେ—ତୋର ବନ୍ଧୁର ପାପ ଏହାପୂର୍ବରୁ ନିଜାଇଅଛି, କନ୍ୟା ! ମୋର ଏ [illegible] । ଦେଖ ପଦ୍ମାବତି, ଅନୁତାପ କରୁ, ତୋର ନିମନ୍ତେ ଅନୁତାପ କର । ଆଜି ଅବୋଧ ବାଳକ, ତୁ ମଧ୍ୟ ଏ କନ୍ୟା ସଙ୍ଗରେ ଯୋଗଦେଇଅଛୁ । ତାର ଶତ୍ରୁତା-ବହ୍ନିରେ ଅଗ୍ନି ଢାଳୁଅଛୁ । ଦେଖ, ସବୁ ଶାନ୍ତ ହୋଇଯିବ । ଅନୁତାପ କର, କନ୍ୟା !

ସୁମନ୍ତ—ଏ ମୋହର ଦାୟ ନୁହେଁ, ପିତା ମୁଁ ଛାଡ଼ି ଦେବି ।

ପଦ୍ମ—ପାପ କରି ନାହିଁ, ପିତା ! ଅନୁତାପ କି ନିମନ୍ତେ ?

କପିଳେ—ନାହିଁ ?

ପଦ୍ମ—ବୁଝି ପାରୁ ନାହିଁ କିଛି ।

କପିଳେ—ବୁଝିବୁ, କନ୍ୟା ! ଦେଖ, ଅବୋଧ ବାଳିକା ତୋର ବନ୍ଧୁର ଅନ୍ୟାୟ ଗର୍ବ ନେତ୍ରରେ ଦେଖିଛି, ଯାହା ଶୁଣିଅଛୁ ଅସମ୍ଭବ, ଏହା ସତ୍ୟରେ ! ଏପରି ଅର୍ଥ ମୋର ରାଜପ୍ରାସାଦର ଚତୁଃସୀମା ମଧ୍ୟରେ ରଖିବାକୁ ଇଚ୍ଛା ନାହିଁ । ଏହି ମୁହୂର୍ତ୍ତରେ ଦୂରହୁଅ, ବାଳିକା !

ପଦ୍ମ—କୁଆଡ଼େ ଯିବି, ପିତା ?

କପିଳେ—ଯେଉଁଠାକୁ ଇଚ୍ଛା । କିନ୍ତୁ ଏ ରାଜ୍ୟ ମଧ୍ୟରେ ଆଉ ନୁହେଁ । ଯା ବାଳିକା !

ପଦ୍ମ—(ପ୍ରଣାମକରି) ଯାଉଛି, ପିତା ! ବିଦାୟ ଦିଅନ୍ତୁ

[ପ୍ରସ୍ଥାନ]

କପିଳେ—ଯା, ଏହି ମୁହୂର୍ତ୍ତରେ । ଶତ୍ରୁର ପୁଣି ଭକ୍ତ ? ଯା ।

ଭଜନ—(ପ୍ରଣାମ କରି) ଯାଉଛି ମୁଁ ।

ସୁମନ୍ତ—ପଦ୍ମର ଦୋଷ, ପିତା, ସେ ପୁରୁଷୋତ୍ତମ ଦେବଙ୍କ ଶତ୍ରୁ ଭଜାଥରେ ରଖିଥିଲ । ମୁଁ ସେଥିରେ ଉତ୍ସାହ ଦେଇଅଛି । ମୋତେ ମଧ୍ୟ ତା ସଙ୍ଗରେ ବିଦାୟ ଦିଅନ୍ତୁ, ବାପା !

କପିଳେ—ଦେଖ, ବିବେଚନା କରି କଥା କହ ।

ସୁମନ୍ତ—ବିବେଚନା କରି କହୁଛି, ବାପା, ବିଦାୟ ଦିଅନ୍ତୁ ।

କପିଳେ—ନା, ବାଳକ, ବର୍ତ୍ତମାନ ସୁଦ୍ଧା କ୍ଷମା ଦେବି । କଥା ଫେରାଇ ନେ, କ୍ଷମା ଦେବି ।

ସୁମନ୍ତ୍ର—ଏଇ କ୍ଷମା କରନ୍ତୁ, ପିତା, ଯେ ମୁଁ ଆଉ ସଙ୍ଗରେ ଜ୍ୟାଘନ୍ତୁ ବିଦାୟ ଦେବା ପାଉଛି।

କପିଳେ—ସିଂହାସନରେ ଲୋଭ ନାହିଁ, ପୁତ୍ର ?

ସୁମନ୍ତ୍ର—ତାହାଠୁ ଏ ପ୍ରକୃତିର ଅଧିକ ମୋହ—ଏ ପ୍ରାଣର ଭଗିନୀ ସଙ୍ଗେ ବନ ମଧ୍ୟରେ ବିଚରଣ କରିବା।

କପିଳେ—ମୂର୍ଖ ପୁତ୍ର, ବିବେଚନା କରି କାର୍ଯ୍ୟ କର।

ସୁମନ୍ତ୍ର—ନା, ବିଦାୟ ଦିଅନ୍ତୁ, ବାପା !

କପିଳେ—ମୋତେ ଭୟ ଦେଖାଉଛୁ, ସୁମନ୍ତ୍ର ? ଗଲେ ଯେପରି କାଞ୍ଚୀରାଜ୍ୟ ତୋହାଙ୍ଗରେ ତୋଳାଯିବ।

ସୁମନ୍ତ୍ର—କାଞ୍ଚୀରାଜ୍ୟର ଗୋଟିଏ ଲୋକ ମାତ୍ର ପୁତ୍ର ମୋ ଉପରେ ଯିବାର ମୁଁ ପ୍ରତ୍ୟାଶା କରି ନାହିଁ, ବାପା ! ବିଦାୟ ଦିଅନ୍ତୁ।

କପିଳେ—ଯା, ନିର୍ବୋଧ ବାଳକ ! ମନେ କରିଥିଲି, କନ୍ୟା ଏକ। ପୁତ୍ର ମଧ୍ୟ ସେହି ବାଟରେ, ଯା। [ସୁମନ୍ତ୍ରର ପ୍ରସ୍ଥାନ]
ବେଶ୍। ଶାନ୍ତ ହୁଅ, ଦାବାନଳ। ରାଜ୍ୟ କଣ୍ଟକ। ଯେଉଁ ରାଜଭବନରେ ପୁତ୍ର କନ୍ୟା ଶତ୍ରୁ ସେଠାରେ କି ଶାନ୍ତି, କି ସୌଭାଗ୍ୟ ? ବର୍ତ୍ତମାନ କଣ୍ଟକ ଦୂର ହୋଇଅଛି। ଯାଅ; ନିର୍ବୋଧ ବାଳକ ବାଳିକା, ଶତ୍ରୁଠାରୁ ବଳି ଶତ୍ରୁ ପୁତ୍ର କନ୍ୟା। ଏଣିକି ସୁଖରେ ରହିବି। ଅନନ୍ତ, ଏ ବିଶାଳ ରାଜ୍ୟର ଯୁବରାଜ; ଏ ସିଂହାସନର ଅଧିକାରୀ ବର୍ତ୍ତମାନ ତୁ। ଯାଅ ଦେଖିବି, ବର୍ତ୍ତମାନ ସେମାନେ କାଞ୍ଚୀରାଜ୍ୟର ସୀମା ମଧ୍ୟରେ ବିଚରଣ କରିବାକୁ ଯେପରି ନ ପାଆନ୍ତି। ନଚେତ୍ ପ୍ରଜାମାନଙ୍କୁ ସଙ୍ଗରେ ନେଇ ବିଦ୍ରୋହ କରିବେ। ବେଶ ଦେବଦେବେନେ ଗଲା, ସୀମା ପାର କରିବା ଠିକ୍। ଯାଏ, ଏଇ କଥା ଅଟେ।

[ପ୍ରସ୍ଥାନ]

## —ସପ୍ତମ ଦୃଶ୍ୟ—

ସ୍ଥାନ—କୃଷ୍ଣାନନ୍ଦଙ୍କ ପ୍ରାସାଦରେ ଗୋଟିଏ କକ୍ଷ

[ବିକ୍ରମ ଦେବ; ନରସିଂହ ଦେବ, ରାମଚନ୍ଦ୍ର, ଦେବ ଦଣ୍ଡାୟମାନ]

ରାମ—ଆଜି ଅନେକ ଗ୍ରାମ ବୁଲି ଆସିଲି । କିନ୍ତୁ ସବୁଠାରେ ନୈରାଶ୍ୟ ।

ବିକ୍ରମ—ନାରାୟଣପୁର, ଅନଙ୍ଗପଲ୍ଲୀ ଯାଇଥିଲ; ରାମଚନ୍ଦ୍ର ! ସେଠାରେ ବହୁସଂଖ୍ୟକ ଖଣ୍ଡାୟତ ବାସ କରୁଛନ୍ତି ।

ରାମ—କିନ୍ତୁ ସମସ୍ତ ଖଣ୍ଡାୟତ ନିଜର ଖଣ୍ଡା ତୋଳି ପୁରୁଷୋତ୍ତମ ଦେବର ପାଦତଳେ ସ୍ଥାପନ କରିଅଛନ୍ତି...... ।

ନର—ଏ ଦେଶରେ ତାହାହେଲେ, ଧର୍ମ, ଆଉ ରାଜଭକ୍ତି, ସ୍ୱଜାତିପ୍ରୀତି ନାହିଁ ।

ବିକ୍ରମ—ମୋର ନାରାୟଣପୁର, ଅନଙ୍ଗପଲ୍ଲୀ ଉପରେ ବଡ଼ ଗର୍ବ ଥିଲା । ସେମାନେ କଣ କହିଲେ, ରାମଚନ୍ଦ୍ର ! ଠିକ୍ କହିଲ ଦେଖି ?

ରାମ—କହିଲେ, ହେବ ନାହିଁ । ଅସମ୍ଭବ ।

ବିକ୍ରମ—ଏତିକି ?

ରାମ—ନା ପ୍ରଭୁ, ଅଧିକ ବେଶି !

ବିକ୍ରମ—କଣ, ଶୁଣେ ?

ରାମ—ମୁଁ ଏକଥା ପ୍ରସ୍ତାବ କରିବାରୁ ସେମାନେ ମୋତେ ରାଜଦ୍ରୋହୀ ବୋଲି ଗିରଫ କରିବାକୁ, ସେପରି ଉଦ୍ୟତ ହେଲେ !

ନର—ତେଣିକି ?

ରାମ—ମୁଁ କୌଣସିମତେ ପଳାଇ ଆସିଲି ।

ବିକ୍ରମ—ତା ହେଲେ ଆଉ କୌଣସି ଆଶା ନାହିଁ, ରାମଚନ୍ଦ୍ର ?

ନର—ଏ ତ ଘୋର ନୈରାଶ୍ୟର କଥା !

ବିକ୍ରମ—ଆଚ୍ଛା, ନରସିଂହ, ତୁମେ ଯେ ଯାଇଥିଲ ଗୋପୀନାଥପୁର, କଣ ହେଲା ?

ନର—ଗୋପୀନାଥପୁର କାଲି ସନ୍ଧ୍ୟାରେ ଯାଇଥିଲି । ଦେଖିଲି ବୃଦ୍ଧାମାନେ ସନ୍ଧ୍ୟାଦୀପ ଦେଉଥିବାବେଳେ ପ୍ରଭୁ ଯଜ୍ଞ ପାଇଁ ମୃଣ୍ଡିଆ ମାରି

କହୁଥିଲେ, "ବ୍ରାହ୍ମଣର ମଙ୍ଗଳ ହେଉ"। ମୁଁ ବାଳକକୁ ପଚାରିଲି, ତୁମ ନାମ କଅଣ? ବାଳକଟି ଅତି ମଧୁର କଣ୍ଠସ୍ୱରରେ ଆସି କହିଲା, 'ପୁରୁଷୋତ୍ତମ ଦେବ'। ହଠାତ୍ ମୋ ଆଖିରୁ ଜଳ ଗଡ଼ିଲା। ପୁଣି ସେ ବାଳକର ମୁଖକୁ ଚାହିଁଦେଲା ପରେ କୁଆଡ଼େ କ୍ଷଣକ ମଧ୍ୟରେ ଅଦୃଶ୍ୟ ହେଲା, ଭାଇ! ଫେରିଆସିଲି।

ବାମନ—ଏ ତ ପୂର୍ଣ୍ଣ ଦୈବଶକ୍ତିର କଥା, ନରସିଂହ! ତେବେ ଆଉ ଏକ ଖବର ଅଛି, ମଣିପୁର! ସେଟାକୁ ଆଜ ଜାଣ।

ରାମ—ମୁଁ ସେଠାରୁ ବାହାରି ଆସୁଥିଲି। ସେ ଗ୍ରାମର ନିକଟରେ ଜଗଦେବ ଆଉ ଗୋପୀନାଥ କେଶରୀସିଂହ ଏ ଦୁହିଙ୍କ ସଙ୍ଗେ ଦେଖା ହେଲା।

ବାମନ—ସେମାନେ ତ ଖୁବ୍ ଭଲ ମଣିଷ।

ନର—ହିଁ, ମୁଁ ତାଙ୍କୁ ଜାଣେ। ନେକ ଲୋକ। କଣ କହିଲେ?

ରାମ—ଆପଣ ଅଭ୍ୟର୍ଥନା ଦେଖି କହିଲେ।

ବାମନ—ତେବେ ସେଆଡ଼େ କିଛି ଆଶା ଅଛି, ରାମଚନ୍ଦ୍ର?

ରାମ—କହିଲେ, ପୁରୁଷୋତ୍ତମ କଟକରେ ଅସ୍ତ୍ର ଧାରଣ କରିବା ଏକ ଭୁଲ ହୋଇଅଛି।

ବାମନ—କେମିତି?

ରାମ—ଆଉ କହିଲେ, ଯେଉଁ ନେତାମାନେ ସାମନ୍ତମାନଙ୍କର ସହାୟ ହୋଇଅଛନ୍ତି, ସେମାନେ ଦେଶଦ୍ରୋହୀ, ରାଜଦ୍ରୋହୀ, ପାପୀ।

ବାମନ—ତେବେ ଛାଡ଼, ରାମଚନ୍ଦ୍ର! ଏ କଥା ଏତିକିରେ!

ନର—ମୁଁ ସେ ଆଶା ଛାଡ଼ିଅଛି, ଭାଇ!

ରାମ—ହଁ, ଛାଡ଼; କିନ୍ତୁ ଏ ସବୁ କଥା ଗୋପନ ରଖିବାକୁ ହେବ!

ବାମନ—ନିଶ୍ଚୟ। ଯେପରି ପୁରୁଷୋତ୍ତମ ବା ଆଉ କାହାରି କାନକୁ ନ ଯାଏ। ଚାଲ ରାମଚନ୍ଦ୍ର, ନରସିଂହ, ଯେ ଯାହା ଘରକୁ। ରାତି ବହୁତ ହେଲାଣି। ସକାଳ ଦୁଃଖନାଶକାରିଣୀ କୃଷ୍ଣା ଜଣା। [ପ୍ରସ୍ଥାନ]

## —ଅଷ୍ଟମ ଦୃଶ୍ୟ—

### ସ୍ଥାନ—କଟକ ରାଜପ୍ରାସାଦ

[ ଭାର୍ଗବୀ ଏକାକୀ ଉଦାସୀନା ]

ଭାର୍ଗବୀ—

ଫୁଲରେ ଭିଡ଼ ଏ ବାସେ ଦିବାନିଶି ଥାଏ ଲୁଚି,
କିପିଂଷ ନନ୍ଦନ ହୋଲେ ମଲୟ ମୋ ପରଶ ନାହିଁ । (ବେଗୁ
ଆଡ଼ଚଳ ଧୂଳିକ ବସି ଦେବରେ ଉଡ଼ି ଯାଏ ମଣି,
ନନ୍ଦନ ବା ପବନ ସୁଖେ ଖେଳେ ମୁଁ ନିମିଷ ପାଇଁ ।
ଯେତେବେ ମୁଁ ଭୁଲଏ ମନ, ସେ ମୋର ପ୍ରାଣଧନ
ତୁଳପାଏ ନିମିଷକେ ଦୂରରୁ ଦୂରକୁ ଯାଇଁ ।

ସୁମନ୍ତ ବନ୍ଧୁ ବର୍ତ୍ତମାନ କେଉଁ ବନସ୍ତରେ ବୁଲୁଥିବେ ଆହା, ମୁଁ ଅଭାଗୀ ଏଠି ମେଣ୍ଟଠାରେ ଥାଆନ୍ତି··· । ବନସ୍ତର ଯେଉଁ ଫଳଟି ଖାଇ କ୍ଷୁଧା ନିବାରଣ କରୁଥିବେ, ମୁଁ ସେଇଟି ହୋଇ ଥିଲି ଦଅନ୍ତି । ଝରଣାର ଯେଉଁ ପାଣିମୁନ୍ଦ ପିଇ ତୃଷା ଶାନ୍ତ କରୁଥିବେ, ମୁଁ ସେ ଟିକକ ହେଇ ପାଖରେ ଲୁଚି ହୋଇ-ଥାନ୍ତି । ସେ ଯେଉଁ ଘାସଶେଯରେ ଶୟନ କରି ଭ୍ରମରେ ଭ୍ରମ ଦୂର କରୁଥିବେ, ମୁଁ ସେ ଘାସଗୁଡ଼ିକ ଏକାଠି କରି ଶେଯ ଭରି ଦେଅନ୍ତି । ତା ହେଲନାହିଁ । ପ୍ରାଣର ସେ ପୁଣ୍ୟ ଚରଣରେଣୁ ମୋଠୁ ବହୁଦୂରରେ । ଏ ପ୍ରାସାଦରେ ଆଉ ସୁଖ ନାହିଁ । ସ୍ୱଜନଦେଶବାସସୁଲଭ ସୁଖବିଳାସର ଅବ୍ୟବହାର ମଧ୍ୟରେ ସର୍ବକାଳ ଅପେକ୍ଷା କରୁଅଛି । ଯେତେବେଳେ ହୃଦୟର ସେ ଦୁର୍ଲ୍ଲଭ ନିଧି ମୋର—ହୃଦୟଦେ-ଅଳି ପଥରେ ଧାଇଁଲା ମୁଁ ମଧ୍ୟ ହେବି ପଥର ଭିକାରୁଣୀ । ସେ ବନବାସୀ; ମୁଁ ହେବି ବନବାସିନୀ । ଏ କଣ୍ଟକମୟ ସୌଧବାସରେ ଆଉ ସୁଖ ନାହିଁ । ଉଃ, କି କଷ୍ଟ ! ପ୍ରେମର କି ଏ ଯନ୍ତ୍ରଣା ! ମୁଁ ନାରୀ, ଦୁର୍ବଳା । ନା, ନାରୀ ବଳବତୀ ହୃଦୟକୁ ଚାପାଣି କରି ରଖିପାରିବ ନାହିଁ-ସୁମନ୍ତ ବନ୍ଧୁ·

ମୋର କିଏ ? ମୋର କିଏ ? ମୋର ମୁଁ । ମୋ ମଧ୍ୟରେ ଯେଉଁ ଚିକଣ ମୁଁ, ସେହିଟିକ ସୁମନ୍ତ୍ର ବନ୍ଧୁ । ନାଗର ବନ ନିତ୍ୟ ଉଭାରେ 'ଲୁଚେଁ', ସେମାନେ । ପ୍ରେମ ! ଆହା—

[ଚାଙ୍ଗଣର ପ୍ରବେଶ]

କିଏ, ଚାଙ୍ଗଣ ?

ଚାଙ୍ଗଣ—ହଁ, ଜେମାମଣି ।

ବାସନ୍ତୀ—ଚାଙ୍ଗଣ, ଜାଣୁ, କେଉଁ ବନସ୍ତରେ ? ସେଠାରେ କି ଫଳ ମିଳେ ?

ଚାଙ୍ଗଣ—ବନସ୍ତରେ କେତେ ପ୍ରକାର ଫଳ ଫଳେ, ଜେମାମଣି ! କୋଳି, କାକୁଡ଼ି, କେନ୍ଦୁ, କଇଥ, ଡାଳିମ୍ବ, କଣ୍ଟେଇ, କରମଙ୍ଗା କୁଆଁନଉଡ଼ା ଇମିଳି ମିଳେ । କଦଳୀ, ଡାଳିମ୍ବ, କଣ୍ଟାଳୁ, କମଳା ବଣରେ ମିଳେ ନାହିଁ । କାଆଁ, କେତକୀ, କୁନ୍ଦ, କୁସୁମ, କନିଅର ଫୁଲ ଅପରାଜିତା ଫୁଟି ଫୁଟି ମହ ମହ ବାସେ । କଖା, କୋଳଥ, କୋଶଳା ଶାଗ କେନ୍ଦୁ କେନ୍ଦୁ ଲୁଣିଥାନ୍ତି । କୋଇଲି, କଜଳପାତି, କପୋତ, ଶୁଆଙ୍କ କଣ୍ଠସ୍ୱରରେ ବଣ ମୁଖର ହୋଇଥାଏ । ଛୁଞ୍ଚିପାଣି, କଣ୍ଟାବାଇଗଛିଆ ଅନେକ । ବଣରେ ଖାଲି କଇଁ, କୋଇଲି, କାଳଞ୍ଜି, କେନା । କେଉଟି, କରଣ, କୁମ୍ଭାର ଦେଖିବାକୁ ପାଇବ । ବାଟରେ ଯାଉଥିଲି ଜମାଇ, ନା ଲୁଣ୍ଡା ଭିତରକୁ ଦେଇ ମୋର । କଣ ଦେଖୁଛ ଜେମାମଣି ! କୋଉ କଥିରେ ତ ବଣକୁ ଯିବ । କେତେ କଣ୍ଟକ ମିଳିବା ଦେଖିଲେ ?

ବାସନ୍ତୀ—ସତ୍ୟ ବଣ ?

ଚାଙ୍ଗଣ—ବନସ୍ତଟା ଯାକ ତ ଖାଲି ବଣ । ଧୁରିଆଡ଼େ ବଣମୟ, ଜେମାମଣି !

ବାସନ୍ତୀ—ତୁ ଜାଣୁ, ଚାଙ୍ଗଣ, ସେ କେତେ ଦୂର ?

ଚାଙ୍ଗଣ—ଦୂର ବେଶି ନୁହେଁ, ଏଠୁ ଅଳ୍ପ ବାଟ ଗଲେ ପଡ଼ିବ । ପାଏ କି କୋଶେ ହେବ, କିଏ ଜାଣେ ?

ବାସନ୍ତୀ—ତୁ ଯାଇ ପାରିବୁ, ଚାଙ୍ଗଣ ?

ଚାଙ୍ଗଣ—କାହିଁକି ବଣକୁ ? ସେଠି ତ ଖାଲି ବାଘ, ଭାଲୁ, ଜେମାମଣି !

ବାସନ୍ତୀ—ତାହା ହେଲୁ । ତେବେ ସେ ଏକା ଥିବେ କିପରି ?
ମାଧବ—ତାହା ହେଲୁ କେତେ । ଚୋଟ ଚୋଟ ! ଏକା କଣ ଥିବେ ମ !
ବାସନ୍ତୀ—ତୁ ଯାଇ ପାରିବୁ, ମାଧବ ?
ମାଧବ—କୁଆଡ଼େ, ଜେମାମଣି ?
ବାସନ୍ତୀ—ବନସ୍ତକୁ !
ମାଧବ—ମୁଁ କମିତି ଏକୁଟିଆ ଯିବି, ଜେମାମଣି ! କଣ କହୁଛ ମ ?
ବାସନ୍ତୀ—ପାରିବୁ ନାହିଁ ? ମୁଁ ପାରିବି ନାହିଁ, ମାଧବ ?
ମାଧବ—ନା, ବନସ୍ତକୁ ଯିବାକୁ ଏବେ କାହିଁକି ମନ ହେଉଛି ତୁମର ?
ବାସନ୍ତୀ—ନା, କିଛି ନୁହେଁ, ମାଧବ ! ଯା, କିଛି ନୁହେଁ ।
ମାଧବ—ମା ଡାକୁଥିବେ, ଜେମା ସାଆନ୍ତାଣି ! ମୁଁ ଯାଉଛି । [ପ୍ରସ୍ଥାନ]
ବାସନ୍ତୀ—ଯା ।

ପ୍ରେମ କି ପଦାର୍ଥ ! ନିଜକୁ ପର କରେ । ପରକୁ ଆଣି ପୁଣି ନିଜ କରେ । ନା, ପ୍ରେମରାଜ୍ୟରେ ନିଜ ପର କଣ ? ପ୍ରେମର ଅନନ୍ତ ସ୍ୱର୍ଗରାଜ୍ୟରେ ସମସ୍ତେ ସେ ନିଜ । ପ୍ରିୟତମ ମୋର, ଜୀବନର ଅତୁଳ ସମ୍ପଦ ମୋର !

[ଯବନିକା]

---

# ଚତୁର୍ଥ ଅଙ୍କ

## —ପ୍ରଥମ ଦୃଶ୍ୟ—

ସ୍ଥାନ—କଟକର ରାଜପ୍ରାସାଦ

[ରାଜା ପୁରୁଷୋତ୍ତମ ଦେବ, ମନ୍ତ୍ରୀ, ସେନାପତି, ଦୂତ ଉପସ୍ଥିତ]

ମନ୍ତ୍ରୀ—ଏ କିଛି ପ୍ରତିହିଂସା ନୁହେ, ମହାରାଜ !
ସେନା—ନା, ନୁହେଁ ।
ରାଜା—ଠିକ୍, ଦୂତ; କାଞ୍ଚୀରାଜା ଏହି କଥା କହୁଅଛନ୍ତି ?

ଦୂତ—ହଁ, ମହିମା, କହୁଛନ୍ତି — ଉତ୍କଳର ମହାରାଜ, ପଣ ରକ୍ଷା ଅନ୍ତେ ଯୁଦ୍ଧ କରିବାକୁ ଆସନ୍ତୁ ।

ରାଜା—ଶୁଣିଲ ନିମନ୍ତ୍ରଣ? ତାଙ୍କ ଯୁଦ୍ଧଭୂମିକୁ ନ ଗଲେ ସେ ଏକ କଳଙ୍କ ନୁହେଁ ମନ୍ତ୍ରି ?

ମନ୍ତ୍ରୀ—ନିଶ୍ଚୟ, ମହାରାଜ, ଘୋର କଳଙ୍କ ।

ରାଜା—କିନ୍ତୁ ଏ ଯୁଦ୍ଧ ଯେପରି କରିବାର ନୁହେଁ । ତେବେ କରିବାକୁ ହେବ । ଆୟୋଜନ କର, ସେନାପତି ! ସୈନ୍ୟ ସଜ୍ଜିତ କର, ପ୍ରସ୍ତୁତ ହୁଅ ।

[ବାସନ୍ତୀର ପ୍ରବେଶ]

ବାସନ୍ତୀ—ଭାଇ, ମୁଁ ଯିବି ।

ରାଜା—କୁଆଡ଼େ, ବାସନ୍ତି ?

ବାସନ୍ତୀ—ଯୁଦ୍ଧକୁ ।

ରାଜା—ତୁ ପୁଣି କୁଆଡ଼େ ଯିବୁ ? ଏ ଯେ ବହୁଦୂର । ନା, ବାସନ୍ତି !

ବାସନ୍ତୀ—ମୁଁ ଯିବି, ଭାଇ !

ରାଜା—ତୋର ଇଚ୍ଛା ! ସେଥର ଯୁଦ୍ଧଭୂମିକୁ ଯାଇଥିଲୁ । ଜାଣୁ ନାହୁଁ, କି କଷ୍ଟ ? ମୋର ଇଚ୍ଛା ନ ଥିଲା ତୋତେ ନେବାକୁ; କିନ୍ତୁ ନାହିଁ କରି ପାରିଲି ନାହିଁ । ଏଥର ଆଉ ଯିବୁ ନାହିଁ, ବାସନ୍ତି !

ବାସନ୍ତୀ—ନା, ଭାଇ, ମୁଁ ଯିବି ।

ରାଜା—ଆଚ୍ଛା, ମନ୍ତ୍ରୀଙ୍କୁ ପଚାରିଲୁ—ସେ କଣ କହୁଛନ୍ତି ?

ବାସନ୍ତୀ—ମୁଁ ଯିବି, ମନ୍ତ୍ରୀ ମହାଶୟ ! ଆପଣ କଣ କହୁଛନ୍ତି ?

ରାଜା—ସୈନ୍ୟ କେତେ ସମସ୍ତ, ସେନାପତି ?

ବାସନ୍ତୀ—ଏଇ, ମନ୍ତ୍ରୀ ହଁ କହୁଥିଲେଣି । ମୁଁ ଯିବି ଭାଇ !

ସେନା—ସୈନ୍ୟ ସମସ୍ତ ପ୍ରସ୍ତୁତ ।

ରାଜା—ଆପଣେ ଚୁପ ହେଲେ ମନ୍ତ୍ରୀ-ମହାଶୟ ? ବାସନ୍ତୀ ଯୁଦ୍ଧଭୂମିକୁ ଯିବ ?

ମନ୍ତ୍ରୀ—ଯାଆନ୍ତୁ, ମହାରାଜ !

ରାଜା—ଯାଉ । (ବାସନ୍ତୀ ଆଡ଼କୁ ଚାହିଁ) ତୋର ଇଚ୍ଛା, ବାସନ୍ତି ?

ବାସନ୍ତୀ—ହଁ, ମୁଁ ଯିବି, ଭାଇ ! ମା'ଙ୍କୁ ଯାଇ କହିବି !

[ପ୍ରସ୍ଥାନ]

ମନ୍ତ୍ରୀ—ବାଳକଟାର କି ଅଦ୍ଭୁତ ତେଜ !

ସେନା—କେବଳ ତେଜ ନୁହେଁ, ମନ୍ତ୍ରି-ମହାଶୟ ! ଯୁଦ୍ଧଭୂମିରେ ଅସୀମ ସାହସ, ମଧ୍ୟ । ସାରଦେଶରେ ବାଳକଟା ଦେଖା ଗଲା, ଅର୍ଜୁନସିଂହ କହୁଥିଲେ । ଦେଖିଲେ ଆଖି ଝଲସିଯାଏ !

ରାଜା—ଅଦ୍ଭୁତ ବାଳକ ! ଯାଆନ୍ତୁ, ମନ୍ତ୍ରି-ମହାଶୟ, ନଗରର ଲୋକମାନଙ୍କ ଅବସ୍ଥା ଟିକିଏ ବୁଲି ଦେଖି ଆସିବେ । ଏ ଯୁଦ୍ଧରେ ତାଙ୍କର ସମ୍ମତି ଅଛି ତ ?

ମନ୍ତ୍ରୀ—ସମ୍ପୂର୍ଣ୍ଣ ସମ୍ମତି, ମହାରାଜ ! ମୁଁ ଯାଏ ତେବେ । [ପ୍ରସ୍ଥାନ]

ରାଜା—କେତେକ ସୈନ୍ୟ ଜମିଲେ, ସେନାପତି ? ପଚିଶ ସହସ୍ର ?

ସେନା—ହଁ, ମହାରାଜ ! ଆଉ ବେଶି ଦରକାର ହେବ ?

ରାଜା—ସମ୍ଭବତଃ ନୁହେଁ । ତେବେ ଆଉ ଦଶ ସହସ୍ର ନେଇଥିଲେ ହୁଏ ।

ସେନା—ତାହା ହିଁ ନେଉଛି, ମହାରାଜ !

ରାଜା—ଯାଅ ତେବେ ସେନାପତି—ଯୁଦ୍ଧର ଆୟୋଜନ କର, କାଲି ସକାଳୁ ଯିବାକୁ ହେବ ।

ସେନା—ସବୁ ପ୍ରାୟ ପ୍ରସ୍ତୁତ, ମହାରାଜ ! କେବଳ ଦଶ ସହସ୍ର ସୈନ୍ୟ ମୁଁ ଏକ୍ଷଣି କରିଦେବି । ଯାଏ । [ପ୍ରସ୍ଥାନ]

ରାଜା—ଯୁଦ୍ଧ । ଅବଶେଷରେ ଯୁଦ୍ଧ । କି ପରିଣାମ ଏ ଯୁଦ୍ଧର ? ଯୁଦ୍ଧର ଆହ୍ୱାନ ପଠାଇ ବଡ଼ ଭ୍ରମ କରିଅଛ, କାଞ୍ଚୀରାଜ ! ନା ଏ ଭ୍ରମ ତୁମ୍ଭର ନୁହେଁ । ଭ୍ରମ ପ୍ରଥମରୁ ମୋର । ଉତ୍କଳର ସମ୍ମାନ ରକ୍ଷା ନିମନ୍ତେ ଏ ଯୁଦ୍ଧ କରିବାକୁ ହେଲା; କିନ୍ତୁ ମୁଁ ଉତ୍କଳର କିଏ ? ରାଜା ଯଦି ଆଜି ଝାଡ଼ନ ହୋଇଥାନ୍ତେ, ମୁଁ କାହିଁକି ଅସ୍ତ୍ର ଧାରଣ କରନ୍ତି ? ଭୁଲ୍ ସେଇଠାରେ ! କାଞ୍ଚୀରାଜ, ତୁମ୍ଭେ ପଦ୍ମାବତୀଙ୍କର ପିତା । ଏ ଯୁଦ୍ଧ ତୁମ୍ଭ ସଙ୍ଗରେ ନୁହେଁ । ଏ ଉତ୍କଳ କାଞ୍ଚୀ ମଧ୍ୟରେ ଯୁଦ୍ଧ ନୁହେଁ । ଏ ପୁରୁଷୋତ୍ତମ ପଦ୍ମାବତୀଙ୍କର ଯୁଦ୍ଧ । ଏ ସମରଭୂମିର ଏକପାର୍ଶ୍ୱରେ ପ୍ରଜ୍ଞାବଶୀ,

ଅପର ଘାଣ୍ଟରେ ମୁଁ, ପୁରୁଷୋତ୍ତମ ! ଏ ସମ୍ମାନ ତୁମାର ଯୁଦ୍ଧ ଭୂମି, ଶ୍ରୀଜଗନ୍ନାଥଙ୍କ କ୍ଷେତ୍ରଭୂମି ! ପଦ୍ମାବତୀ, ଅବରୋଧରେ ଯୁଦ୍ଧ ! ଯୁଦ୍ଧ ବର୍ତ୍ତମାନ ତାଙ୍କର ସଙ୍ଗରେ, ଯେ ମରଣବେଳେ ଏମୁହୂର୍ତ୍ତ ଜଳ ଦାନକରି ପ୍ରାଣ ରକ୍ଷା କରିଥିଲେ, ଯାହାଙ୍କୁ ଅନିଷ୍ପାଣ ଦେଖିଲେ ଜାଣୁ, ଏ ଜୀବନ, ଦେହ, ତୁମର ! ଯାହାର ଚରଣ ତଳେ ଏ ହୃଦୟ ଲୋଟିପଡ଼ିଅଛି, ତାଙ୍କର ସ୍ୱର୍ଣ୍ଣ ଭବନ ପୁଣି ଏ ଯୋଦ୍ଧାର ଦଣ୍ଡ ପ୍ରହାର କରିବେକି ! କି ଭଗ୍ନପ୍ରାଣ ଏ ଯୁବକ, ଓଃ କି ପରିଣାମ ଶେଷରେ

[ଇନ୍ଦୁମତୀଙ୍କ ପ୍ରବେଶ]

କିଏ ମା ?

ଇନ୍ଦୁ—ପୁତ୍ର, ପୁଣି କୁଆଡ଼େ ଯୁଦ୍ଧକୁ ଯିବ ? ମୋତେ ସଙ୍ଗରେ, ନେଇ ଯା !

ରାଜା—ମା, ତୁମେ କୁଆଡ଼େ ଯିବ ?

ଇନ୍ଦୁ—ଯୁଦ୍ଧକୁ !

ରାଜା—ତୁମେ ଏ ବୟସରେ ପୁଣି ଯୁଦ୍ଧଭୂମିକୁ ଯିବ !

ଇନ୍ଦୁ—ଆଜି ଏକା ହୋଇ କପରି ରହିବି, ପୁତ୍ର ? ପୁଣି ନ ହେଲି ! ତୁ ଯାଆନା !

ରାଜା—ଯୁଦ୍ଧ ତ ଦେଖାଇ କଥା, ମା !

ଇନ୍ଦୁ—ମୁଁ କପରି ରହିବି, ବାପା, ଏକା ହୋଇ ଏ ଗୃହଅଗଣାରେ, ମୋ ଜୀବନଧନକୁ ବିଦାୟ ଦେଇ ?

ରାଜା—ସେଥିରେ ଭୟ ଅଛି, ମା ! ନୟ କଣ ! ମୁଁ ଦୁଇମାସରେ ଫେରି ଆସିବି । କିନ୍ତୁ ଚିନ୍ତା କରିବ ନାହିଁ । ବିଗତ ଯୁଦ୍ଧର ଖବର ନେଇ କାହିଁ ନ ଗଲ, ଚିନ୍ତା କରିଲ, ମା ?

ଇନ୍ଦୁ—ତାହା, ମତ ବାପା ! ମୁଁ କପରି ରହିବି ମୋ ରତ୍ନଧନକୁ ଛାଡ଼ି ? କେବଳ ଥରେ ଏପରି ଦୁଃଖ ନେଇଛି । ମନେ ବଡ଼ ଭୟ ଲାଗୁଛି, ବାବୁ !

ରାଜା—କିଛି ଚିନ୍ତା ନାହିଁ, ମା !

ଇନ୍ଦୁ—କେବେ ଯୁଦ୍ଧ ଦେଖିନି । କେତେ ଭାବନା ମନକୁ ଆସେ, କପରି ରହିବି, ବାପା ମୋର ?

ରଜା—ନା, ମା, ମୁଁ ଶୀଘ୍ର ଫେରିଆସିବି । କିଛି ଡରନା ନାହିଁ । ମୁଁ ଯାଇ ଦେଖେଁ, କଣ ହେଲା । (ପ୍ରସ୍ଥାନ)

ଇନ୍ଦୁ—ଗୋଟିଏ ବୃନ୍ତରେ ଫୁଟିଥିଲା ମୋର—ପୁତ୍ର ଆଉ ବାସନ୍ତୀ । ପୁତ୍ର ଚାଲିଯିବ । ସେ ଏକ କର୍ତ୍ତବ୍ୟ । ଦିନ, ଦୁଇ ମାସ । ଦୁଇ ମାସ । ଓଃ, କେତେ କାଳ ! ଦୁଇ ଯୁଗପରି ଲାଗୁଛି । ବାସନ୍ତୀ ମୋର ଏକା, ବାସନ୍ତୀକୁ କୋଳରେ ଧରି ଛଅଟି ମାସ କଟାଇବ ଯେତେ ଦିନ ପୁତ୍ର ଫେରିନାହିଁ ।

( ବାସନ୍ତୀର ପ୍ରବେଶ )

ବାସନ୍ତୀ—ମା ।

ଇନ୍ଦୁ—ବାସନ୍ତୀ ! କଣ ମା ?

ବାସନ୍ତୀ—ମା, ମୁଁ ଭାଇଙ୍କ ସଙ୍ଗରେ ଯୁଦ୍ଧକୁ ଯାଉଛି ।

ଇନ୍ଦୁ—ତୁ କଣ କହୁଛୁ, ବାସନ୍ତୀ ?

ବାସନ୍ତୀ—ହଁ, ମା ଯିବି ।

ଇନ୍ଦୁ—ନା, ବାସନ୍ତୀ ! ତେବେ ମୋତେ ନେଇ ଯା ! ତୁ ଯିବୁ ନାହିଁ । ମୁଁ ଆଉ କା ଦେଖି ପ୍ରାଣ ଧରି ରହିବି ? ମୁଁ ଏ କଥା ଶୁଣିବି ନାହିଁ । ଯାଉଛୁ, ତୁ ଯିବୁ ନାହିଁ, ମା !

ବାସନ୍ତୀ—ମାଙ୍କର ଇଚ୍ଛା ନୁହେ । ମୁଁ କାହିଁକି ଯିବି ଯୁଦ୍ଧକୁ ? ହେମନ୍ତ ବନ୍ଧୁ ତ ବର୍ତ୍ତମାନ ବନବାସୀ । କାଞ୍ଚୀରାଜାଙ୍କ ଯୁଦ୍ଧରେ ସେ କଣ ଯୁଦ୍ଧ କରୁଥିବେ ? ତାହା ହୋଇଥିଲେ ମୁଁ ମଧ୍ୟ ସମର-ପ୍ରାଙ୍ଗଣରେ ଯାଇ ଦଣ୍ଡାୟମାନ ହୁଅନ୍ତି । ଦେଖନ୍ତୁ, ପ୍ରେମରେ ନୟନରେ ସେ ଯୁଦ୍ଧ କି ମଧୁର ? ଯୁଦ୍ଧ କରନ୍ତୁ, ଶେଷରେ ପରାଜୟ ସ୍ୱୀକାର କରି କହନ୍ତୁ—ଏ ଜୀବନ, ପ୍ରଭୁ, ତୁମର । ସେ ଆଶା ତ ନାହିଁ, ତେବେ କାହିଁକି ? ନା, ଯିବି । ଯେଉଁ ଶରତଗଗନର ସେ ପୂର୍ଣ୍ଣଚନ୍ଦ୍ରମା ମୋର ଶୋକକୁ ଭୁଲିବାର ନ ହୁଏ, ଯେଉଁ ଭୂମିରେ ଦିନେ ଜୀବନ କଟାଇବି ବୋଲି ହୃଦୟରେ ଆଶା ପୋଷିଥିଲି, ସେଇଠାରେ ସମର ପ୍ରାଙ୍ଗଣରେ ଏ ପ୍ରାଣ ବିସର୍ଜନ କରିବି । ସେ ଏକ ସୌଭାଗ୍ୟ । ପ୍ରାଣ ବିସର୍ଜନ କରିବି, ନୈରାଶ୍ୟରେ ନୁହେଁ, ଦୁଃଖରେ ନୁହେଁ, ଯୁଦ୍ଧର

ହଉଛି କୋଳାହଳ ମଧ୍ୟରେ; ଜୀବନରେ ଏହା ଆଶା ନୁହଇ
ଯେ, ଏ ଜନ୍ମରେ ମୁଁ ଦେଖିବି ପୁଣି ଏ ବାଲ୍ୟସଖୀ ଅଶ୍ରୁବିନ୍ଦୁ
ତବ ପାଦରେ ଝରାଇ ଦେଉଛି ଦେବ ! ଯିବି, ପୁନଶ୍ଚ ଯିବି ।

( ନିଷ୍କ୍ରମଣ )

---

## —ବିଂଶମ୍ ଦୃଶ୍ୟ—

### ସ୍ଥାନ—ବନଭୂମି

( ପଦ୍ମାବତୀ ଓ କନକ ଦୁହିଙ୍କର ପ୍ରବେଶ )

ପଦ୍ମ—ଆଉ କେତେ ବାଟ, କନକ ?

କନକ—କେଜାଣି, ଏ ବନମଧ୍ୟରେ ତ ମନୁଷ୍ୟ ପାଦ ସୁଦ୍ଧା ପଡ଼ି ନାହିଁ, ଘନଘୋର ଥିବା ଦୂରର କଥା ! ଉଃ, ବଡ଼ କଷ୍ଟ ପଦ୍ମ !

ପଦ୍ମ—କଣ୍ଠ ଶୁଖେ, କନକ ! ପାଣିଟୁକିଏ ହେଲେ ମିଳନ୍ତା !

କନକ—ଆଉ ପାଦ ଚଳୁ ନାହିଁ । ସୂର୍ଯ୍ୟ ଅସ୍ତ ହେବା ବେଳ ଆସି ହେଲାଣି । ବନଟା ଏପରି ଭୟଙ୍କର ।

ପଦ୍ମ—ଦେହ ମୋର ବଡ଼ ଦୁର୍ବଳ, କଲିପୂର୍ବ ପଥ ଟିକିଏ ବିଶ୍ରାମ କରିଣ ହେଲେ ମଉଳ ପଡ଼େ ! ଭ କଷ୍ଟ, କନକ !

କନକ—ବଡ଼ କଷ୍ଟ, ପଦ୍ମ ! ପ୍ରାଣ ଉଡ଼ିଗଲା ପରି ଲାଗୁଛି ।

ପଦ୍ମ—କଣ କହୁ ହେଉ ନାହିଁ, କନକ ! ପାଟି ଶୁଖି ଯାଉଛି । ଆଖି, ଶୋଷ ଅତିଶୟ ।

କନକ—ବଡ଼ କଷ୍ଟ, ପଦ୍ମ ! ଏଠି ବସିଲେ ଆଉ କଣ ହେବ ? ଚାଲ; ସଞ୍ଜ ହୋଇଯିବ ପରା ! ଚାଲି ପାରିବୁ, ପଦ୍ମ ? ଚାଲ ଟିକିଏ ।

ପଦ୍ମ—ଆଉ ଟିକିଏ ବସ, କନକ ! ବଡ଼ କଷ୍ଟ ଲାଗୁଛି ! ସୁମନ୍ତ୍ରୀ ଘର ଥିଲାବେଳେ ଏପରି ତ ହେଉ ନ ଥିଲା । ଉଃ, ଆଉ କଷ୍ଟ ହେଉନାହିଁ ।

କନକ—ନା, ପଦ୍ମ, ଏତେ ଦୁର୍ବଳ ହୋଇପଡ଼ିଲୁ କାହିଁକି ?

ପଦ୍ମ—ଆଜିକ ଶୁଭ ଦିନ ।

କନକ—ହଁ ଆଜିକ ଶୁଭ ଦିନ ହେଲା, ସୁମନ୍ତ୍ର ଭାଇ ଫେରିଲେ ନାହିଁ ।

ପଦ୍ମ—କୁଆଡ଼େ ଗଲେ, କନକ ? ଶୁଭ ଦିନ ହେଲା, ବାହୁଡ଼ିଲେ ନାହିଁ । ଶୁଭ ଦିନ ଶୁଭ ଯୁଗ ହେଉଛି ଏବେ, କନକ ! ଆହା ! କେଉଁଠି ଏକା ହୋଇ ବନରେ ବୁଲୁଥିବେ । ଆମରି କଥା ଚିନ୍ତି ହେଉଥିବେ । ଭାବୁଥିବେ—ପଦ୍ମ କଣ କରୁଥିବ ? କନକ କଣ କରୁଥିବ ? କାଞ୍ଚୀରାଜଂର ସଙ୍ଗ ଦେଖି ପେଷାଂର ଲୋକ । ଏ କଷ୍ଟ କପାଳରେ ଲେଖା ଥିଲା । ତା ପରେ ପୁଣି ଆମପାଇଁ ଭାବେଣି । ଉଃ, କଣ୍ଠ ଫାଟିଗଲା, କନକ ! ଆଉ କଥା କହି ହେଉନାହିଁ ।

କନକ—ତୁ ଏତେଭଳିଆ କଥା କହନା, ପଦ୍ମ ! ଆହା ସୁମନ୍ତ୍ର ଭାଇ କେଉଁଠି ଏକା ହୋଇ ବନସ୍ତ ଭିତରେ ବୁଲୁଥିବେ ! କଣ ଖାଉଥିବେ ବସି ।

ପଦ୍ମ—ଏ ବନସ୍ତରେ ବାଟ ପାଇବା କଷ୍ଟ, କନକ ! କୁଆଡ଼େ ଯାଇ ଆଉ ଫେରି ପାରୁ ନାହାନ୍ତି, କି ଆଉ କଣ ହେଲା ? ଯନ୍ତ୍ରେ, ଉଃ ବଡ଼ କଷ୍ଟ ପାଉଥିବେ । ଭାରି ଶୋଷ ! କନକ ।

କନକ—ତୁ ଥା, ପଦ୍ମ, ମୁଁ ଯାଇ ମୁଠାଏ ପାଣି ଆଣେ ।

ପଦ୍ମ—କଣ୍ଠ ମଧ୍ୟ ଶୋଷ କରୁଛି । ତୁ କଣ ପାଣି ଆଣିବୁ ? ମୁଁ ଯାଏ, କନକ ! ତୁ ଥା । ( ଉଠିବାକୁ ଚେଷ୍ଟା କରି ) ନା, କନକ ! ପାରିବି ନାହିଁ । ଆଉବେଶି ବେଳ ନୁହେଁ । ତୁ ଯା ନା । ସୁମନ୍ତ୍ର ଭାଇ, ମା, ବାପା ସମସ୍ତେ କଣ କରୁଥିବେ ? ଆଉ ସମସ୍ତଙ୍କଠାରୁ ଦୂରରେ ଯେଉଁ ସେ ପ୍ରାଣର ଶରଣମଣି ଏ ହୃଦରାଜ୍ୟକୁ ଅଧିକାର କରି ରହିଅଛନ୍ତି, ସେ । ନା, ଆଉ ହେବନାହିଁ ।

[ କନକର ପ୍ରସ୍ଥାନ ]

କନକ, କନକ ! କୁଆଡ଼େ ଚାଲିଗଲୁ, କନକ ? ମନା କଲି, ଚାଲିଗଲୁ ! ଯା, ଏ ଶେଷ ମୁହୂର୍ତ୍ତରେ ତୋ ସଙ୍ଗେ ମଧ୍ୟ ଟିକିଏ ଦେଖା ହେଲାନାହିଁ । ଯା, ସମସ୍ତଙ୍କୁ କହିବୁ, କନକ ! ଆଃ ଉଃ— [ ବନବାସୀର ପ୍ରବେଶ ]

ବନ—ଆ, ଆ, ବେଗେ ଆ ବାହାରି, ଆଜ୍ଞା ରକ୍ଷା, ଚାଲି ।

[ ଦ୍ୱିତୀୟ ବନବାସୀର ପ୍ରବେଶ ]

୨ୟ ବନ—ଶୁଣ, ପଳା, ପଳା ! ଶାନ୍ତ, ମା ଠାକୁରାଣୀ ପଳା, ଯାଇ, ପଳା । ଶାନ୍ତ ମା ଠାକୁରାଣୀ, ମା ଭୁଲୁରାଣୀ, ମା ଭଗବତୀ !

ପଦ୍ମ—କିଏ, କନକ ? ନା ତ ।

୨ୟ ବନ—ଆଜି କି ସଙ୍କଟରୁ ରଖିଲୁ ।

ପଦ୍ମ—କିଏ ତୁମେ, ଅପରିଚିତ ?

[ ପ୍ରଥମ ବନବାସୀର ପ୍ରତ୍ୟାଗମନ ]

୧ମ ବନ—କି ରେ, କଣ ଦେଖୁଛୁ ? ଖାଲି ତ ଯାଇଥାନ୍ତା ଆମକୁ ମଧ୍ୟ । ଜବର ଭୂଆସୁଣୀ ଗୋଟାଏ । ମହାବଳ ଧାକୁଡ଼ିକୁ ଯାଏ କୁଆଡ଼େ ?

୨ୟ ବନ—ହଇ, ଇଆଡ଼େ ଆ ।

୧ମ ବନ—କଣ ?

ପଦ୍ମ—କଣ ଦେଖୁଛ, ତୁମ୍ଭେମାନେ ? କଣ କହୁଥିଲ ?

୧ମ ବନ—ହଇ, ଏ ବଣଦେବୀ

୨ୟ ବନ—ହଁ, ହଇ, ଠିକ୍, ବଣଦେବତା । ବୋପା ପଛ କହୁଥାଏ । ଜୟ, ମା ବଣଦେବତି, ତୁ ଆଜି ଏ ସଙ୍କଟରୁ ରଖିଲୁ ।

୧ମ ବନ—ତୁ ରଖିଲୁ, ମା !

ପଦ୍ମ—କଣ କହୁଛ ଅପରିଚିତ ଦ୍ୱୟ ?

୧ମ ବନ—ମା ବଣଦେବତି, ଜୁହାରୁ

୨ୟ ବନ—ଜୁହାରୁ ମା', ବଣଦେବତି ! ଓଃ, କି ବଣଦେବତୀ ରଖିଲେ ପିଲା, ନଇଲେ ତ ସରିଥିଲୁ ।

୧ମ ବନ—କି ଭୂଆସୁଣୀଟାକୁ ନେଇଗଲା କି

୨ୟ ବନ—ଚାଲ, ହଇ, ପଳେଇବା । ଜୟ, ମା ବଣଦେବତି ।

[ ପ୍ରସ୍ଥାନ ]

ପଦ୍ମ—ବାଘ, ଭୂଆସୁଣୀ । [ଉଚ୍ଚକରି] କଣ, କନକ ? କୁଆଡ଼େ ଗଲୁ, କନକ ? ଶେଷକୁ କଣ ନେଇଆ ମଧ୍ୟ ଥିଲୁ ? କନକ, କନକ, କନକ !

[ କନକର ପ୍ରବେଶ ]

କନକ—ପଦ୍ମ, ଡାକୁଥିଲୁ ?

ପଦ୍ମ—କୁଆଡେ ଚାଲିଗଲୁ, କନକ, ଏ ବଣ ଭିତରେ ଏକାକୀ ?

କନକ—ଯାଉଥିଲି ପାଣି ମୁଠାଏ ଆଣିବାକୁ

ପଦ୍ମ—ଆ, କନକ, ମୋ ପାଖକୁ ଆ । ବାଟରେ କଷ୍ଟ ତ ଦେଖିନାହିଁ ?

କନକ—ନା, କେବେ କୋହାଏ କୋଳାହଳ ଶୁଣିଲି । କେତେ ସ୍ତ୍ରୀ ଲୋକଙ୍କୁ ବାନ୍ଧି ନେଇଗଲେ ବୋଲି । କେତେ ଯାତ୍ରୀମାନଙ୍କୁ ଆସିଲେ, ଧରିଛନ୍ତି । ବସିଥିଲୁ, ପଦ୍ମ ?

ପଦ୍ମ—ହଁ, ବସିଛି । ପାଣି ଆଣିଛୁ ? ତୁ ଟିକିଏ ପି, ମତେ ଟିକିଏ ଦେ । ନେ, ତୁ ପି ।

କନକ—ତୁ ପି, ପଦ୍ମ !

ପଦ୍ମ—କେଡ଼େ ମଧୁର ଏ ପାଣି । ସୁମନ୍ତ ଭାଇ କେଉଁଦିନ ଆସିବେ ? କେତେ ତ ଖୋଜିଲେଣି, କନକ ! ଦେଖା ତ ହେଲା ନାହିଁ ।

କନକ—ଏଡ଼େ ବଣ ମଧ୍ୟରେ କେଉଁଠି ଅଛନ୍ତି !

ପଦ୍ମ—ମା କଣ କରୁଥିବେ ?

କନକ—ବଗିଚାରେ ବୁଲୁଥିବେ । ଏ ତ ତାଙ୍କର ବଗିଚାରେ ବୁଲିବା ବେଳ । ଆମକୁ ସଙ୍ଗରେ ନେଇଯାନ୍ତି । ଆଜି ଏକା ବୁଲୁଥିବେ ।

ପଦ୍ମ—ବୁଲୁଥିବେ, କନକ ! ଝୁରୁଥିବେ ବସି ଅବା ! ଆମ କଥା ଥରେ ହେଲେ ପାଆନ୍ତେ ।

କନକ—ଆହା, ମା'ଙ୍କୁ ଆଉ ଦେଖିବା ନାହିଁ ?

ପଦ୍ମ—ବାପା ଶୋକରେ ଭାଙ୍ଗୁଥିବେ, କନକ !

କନକ—ସେଦିନର କଥା ମୋର ମନେ ପଡ଼ିଯାଉଛି ପଦ୍ମ ! କଣ ହେଲା ?

ପଦ୍ମ—ବଗିଚାରେ ସେ କେତେଗୋଟି ଗଙ୍ଗଶିଉଳି ଗଛ ଲଗାଇଥିଲେ କନକ, ବଢ଼ିଯିବଣି, ଆଉ ବର୍ଷକୁ ଫୁଲ ଫୁଟିବ । ବୁଝେ ?

କନକ—ଫୁଟିବ ପରା । ନାଗଚମ୍ପାଗଛରେ ତ ଫୁଟିଥିଲା । ତେବେ ମୁଁ ଗୋଟିଏ ତୋଳିଥିଲି, ତତେ ଆଣି ଦେଇଥିଲି ତ, ପଦ୍ମ ।

ପଦ୍ମ—ସେଇ ଫୁଲଗଛଟିମାନ ଦେଖି ଆନନ୍ଦରେ ମନେ ପକାଉଥିବେ । ଆହା, ଗଛ ହେଲେ ଯୋଡ଼ି ନ ଥାନ୍ତି, କନକ !

କନକ—ତୋର ସେ ତଷଣିକା କଥା ମନେ ପଡ଼ୁନାହିଁ, ପଦ୍ମ ?

ପଦ୍ମ—ଚଳିଲୁ ! କିଛି ମନେ ନେଲୁ, କନକ ! ଅମ୍ବିକା, ଜମା, କମଳା ସମସ୍ତେ କେତେ ଶିଖି ଗଲେଣି ।

କନକ—ଅମ୍ବିକା କେତେ ଶହ ଶିଖି ପାରିଥିଲା । ଆହା, ସବୁ କୁଆଡ଼େ ଉଡ଼ିଗଲା ! ଏମନ୍ତ ଦେବଙ୍କ ସ୍ୱପ୍ନ, ପଦ୍ମ !

ପଦ୍ମ—ସବୁଠାରୁ ଅଧିକ ସ୍ୱପ୍ନ ହେଉଛି ପୁରୁଷମାନଙ୍କ, କନକ ! ଏ ଘରବନରେ ଅସମ୍ଭବ ! କିଏ ଯେ ଜଗତି କାନ୍ଦୁ, କନକ ! କିଏ ଦେଖିବ ! ଏଣେ ଦୂରରେ ରହିଲେ !

କନକ—ବଞ୍ଚିଲେ ସେ ଦେଖିଥିବ, ଏଠାକୁ ତ ପୁଣି ଦିବା । ସେ ସେ ଏଠାକୁ କେତେ ଶୁଭାଏ ବାଟ । ଶବରର ଦିଅନ୍ତି ଗୃହିଦେବ, ଦୁଃଖୀ ପ୍ରଜା ଶବରଙ୍କୁ ଚାହିଁ ବଳାଇଆସନ୍ତୁ ଅଧିକ । ଆହା, ଶୁଣ, ଯିବା, ପଦ୍ମ !

ପଦ୍ମ—କି ଯିବା ତ, କିଏ ବସ, କନକ ! ଆଉ ଦେଖିବା ନାହିଁ ଏ ଘରବନରେ ?

କନକ—ସୁମନ୍ତ କେଉଁଠି ଆଉ ଦେଖିବା ନାହିଁ, ପଦ୍ମ ?

ପଦ୍ମ—ତାଙ୍କୁ କଣ ଆଜି ନ ଦେଖିଲେ, କନକ ? ଏଇ ବନ ମଧ୍ୟରେ ଅଛନ୍ତି, ଖୋଜିବା ! କୌଣସିଠି କଣ ନ ଦେଖିବା ? ସେ ତ ପୁଣି ଖୋଜ ବୁଲୁଥିବେ ।

କନକ—ଏଇ ଯେ ଅଗାଧ ବୋଲି ଆସିଲଣି, ପଦ୍ମ !

[ ପ୍ରସ୍ଥାନ ]

---

—ତୃତୀୟ ଦୃଶ୍ୟ—

ସ୍ଥାନ—ବନଭୂମି

[ ଦ୍ୱାରପାଳ ଏକାକୀ ପ୍ରବେଶ ]

ଦ୍ୱାରପାଳ—କେତେ ବାଟ ତ ଆସିଲଣି । କାହାକୁ ଦେଖିଲି ନାହିଁ । କେମା ଅବା ପାଇବେଣି ! ମୁଁ ଏ ଜଙ୍ଗଲ ତ ଏକ୍ଷ ଜଣ ଲୋକ-ହୋଇଛି । କଣ କେମା ଭାବୁଥିଲି ? 'ସୁମନ୍ତ', କେ ଅଥବା

ସୁମନ୍ତ ! ଏ ଯେ ତିନି ଅକ୍ଷର-ସୁ-ମ-ନ୍ତ ! କିଏ ସେ ସୁମନ୍ତ ହୃଦୟରେ ଏପରି ଦେଉଛି ଦେଉଛି ଯାଉଛି ? ଏଇ ସେଦିନ ପୁଣି ଶୋଭନ ଡାକ ଶୁଣି ଫେରିଆସିଛୁ । ସଣବାଟରେ ଯାଆନ୍ତି କାର୍ତ୍ତିକ, ଏବେ ହୃଦୟରେ ଝୁରନ୍ତି କାର୍ତ୍ତିକ ?

[ ସୁମନ୍ତ ସମ୍ମୁଖେ ପ୍ରବେଶ

ଏଇ ତ ଜଣେ କିଏ ଆସିଲାଣି, ପଚାରିଲେ ଜାଣିବା ସବୁ ! ଆରେ ପୁଅ, ଶୁଣିଲୁ ଶୁଣିଲୁ, ଏଣିକି ଆ !

ସୁମନ୍ତ—କଣ କହୁଛ ବୁଢ଼ି !

ଚାରଣ—ତୋର ଘର ଏଇ ବଣରେ, ବାବୁ ?

ସୁମନ୍ତ—ନା, ବହୁତ ଦୂରରେ । ଗ୍ରାମ ଘର କେଉଁଠାରେ, ବୁଢ଼ି !

ଚାରଣ—ମୋ ଘର ପର୍ବତରେ ପୁଅ ! କାହିଁକି କିଏ ଏମିତି ଡାକି ଦେଇ ଚାଲିଗଲା ମନକୁ ଟେକିଲା ଯାଇଛି, ଆଜି ସେଇ ପଥରେ ନା ଲେଖିଛି । କହୁ ପାରିବୁ ? ତାଙ୍କୁ ଦେଖିଛୁ କି, ପୁଅ ?

ସୁମନ୍ତ—କାର୍ତ୍ତିକ ?

ଚାରଣ—ନାହିଁ, ଦେଖିଛି ।

ସୁମନ୍ତ—ମୋ ସାଙ୍ଗର ଦୁଇଜଣ ଲୋକ ଏଇ ବନ ମଧ୍ୟରେ କୁଆଡ଼େ କଣ ହୋଇଗଲେ, ସେ ଜାଣିବାପାଇଁ ମୁଁ କହୁଛି । ମୋର ବନ୍ଧୁ ଭଇରୀ, ବୁଢ଼ି—ପ୍ରଭୁ, କହନ୍ତୁ । କୁଆଡ଼େ ଗଲେ ? କି କଷ୍ଟ ପାଉଥିବେ ! ମାସେ ଆସି ହୋଇ ଗଲାଣି ।

ଚାରଣ—ଆହା, କେତେ ! କୁଆଡ଼େ ଗଲେ ସେ ? ହଁ, ବଣରେ ରହିବା ଲୋକଙ୍କର କଣ ଭିତରେ ବାଟ କଣ ଦେଖିଲେ କଷ୍ଟ କଣ ? ଆମେ କଣ ଏମିତି ରହୁନୁ ? ତୁ କି ଲୋକ, ପୁଅ—କାହା ନା ଶବର ?

ସୁମନ୍ତ—ବର୍ତ୍ତମାନ ଦେଶକର ନାହିଁ । ବନରେ ରହିଲେ ସମସ୍ତେ ଦୁଃଖୀ ବନବାସୀ । ତୁମେ ଏଠାକୁ କାହିଁକି ଆସିଛ, ବୁଢ଼ି ?

ଚାରଣ—ଆସିଛି ଏଇ କଥା ବୁଝିବାକୁ । ଏ ସୁମନ୍ତ କା'ଣ ?

ସୁମନ୍ତ—ମୋର ନାମ ସୁମନ୍ତ ।

ଚାରଣ—ତୋର ନା, ପୁଅ ? ତତେ କେମା କମିତ ବାହୁଡ଼ିଲେ ସେ ?

ସୁମନ୍ତ—କିଏ ?

ଯାଦବ—ମନା କରିଥିଲେ ପରା [ ସ୍ୱଗତ ] । ନା, ନାଇଁ ପୁଅ, ତୋର ନା ସୁମନ୍ତ ତ ?

ସୁମନ୍ତ—ସୁମନ୍ତ ଏଇ ଜନ୍ମପଦର ନାମ, ବୃଦ୍ଧ ! ଏଥି ପଥରେ ଲେଖା ଅଛି । ମୋ ନାମ କିପରି ? ମୋ ଦେହରେ ତ ଲେଖା ନାହିଁ ।

ଯାଦବ—ତେବେ ତୋ ନା କୁହ । ସେଇ କଥା । ଜେମା ପୁଣି ତତେ କୁଆଡ଼ୁ ଚିହ୍ନିବେ ? ଆଉ ଜଣେ କିଏ ।

ସୁମନ୍ତ—ଜେମା କିଏ ?

ଯାଦବ—ଓଡ଼ିଶା ରଜାଙ୍କ ଜେମା, ବାସନ୍ତୀ ।

ସୁମନ୍ତ—କେଉଁଠାରେ ସେ ଜେମା ?

ଯାଦବ—ଏଇ ବଣରେ ଅଛନ୍ତି; ସୁମନ୍ତ କିଏ, ତାଙ୍କୁ ଖୋଜୁଛନ୍ତି ।

ସୁମନ୍ତ—ମୁଁ ଜାଣେ, ତୁମ ଜେମାଙ୍କୁ ସମସ୍ତ ସମ୍ବାଦ ଦେଇ ପାରିବ, ବୁଢ଼ା ! ମୋର ତାଙ୍କ ସଙ୍ଗରେ ଦେଖା ହେବ କି ?

ଯାଦବ—ତୁ ଆମ ତମ୍ବୁକୁ ଗଲେ ଦେଖା ହେବ ।

ସୁମନ୍ତ—କିଏ ! ତମ୍ବୁରେ ଆଉ କିଏ ଅଛି ?

ଯାଦବ—ସମସ୍ତେ । ମହାରାଜା, ଦଳବଳ ସାମନ୍ତ, କେତେ ଅଛନ୍ତି । ଚାଲ ।

ସୁମନ୍ତ—ଜେମା ଏଠାକୁ ଆସିବେ ନାହିଁ ?

ଯାଦବ—ଏଇ ବଣରେ ତ ଅଛନ୍ତି । ବୁଲିବାକୁ ଆସିଥିଲେ, ଏଠି କାହାରେ ଦେଖା ହେଲେ··· । ଖୋଜୁଥିବେ କୁଆଡ଼େ, ମୁଁ ଯାଏ ଦେଖିଲେ ଡାକି ଆଣିବି । ନଇଲେ ତମ୍ବୁରେ ଯାଇ କହିବି ।

[ ପ୍ରସ୍ଥାନ ]

ସୁମନ୍ତ—ଯାଅ ବୁଢ଼ା ! ବାସନ୍ତୀ ପୁଣି ଏ ବନ ମଧ୍ୟରେ । ନା, ତାହାଙ୍କ ସାକ୍ଷାତ କରିବି । ମୁଁ ବର୍ତ୍ତମାନ ବନବାସୀ । ବନବାସୀର କି ଅଧିକାର, ହୃଦୟରେ ରାଜଦୁହିତାଙ୍କ ପ୍ରତିମା ସ୍ଥାପନ କରିବ ! ନା, କାଞ୍ଚୀରାଜ୍ୟର ସିଂହାସନ ଆଜି ଏହି ନିବିଡ଼ଅରଣ୍ୟ ମଧ୍ୟରେ ରଚନା କରନ୍ତି । ଏ ବନଫୁଲ ସେମାନଙ୍କର ରାଜମୁକୁଟ ଶୋଭି ରଖନ୍ତି ! କିନ୍ତୁ ତା କି ଆଉ ସମ୍ଭବ ? ଯାଅ, ଦେବ, ପ୍ରାଣରୁ ବିସର୍ଜନ ଦେଲି ! ଏ ସ୍ମୃତି ମନରୁ ପୋଛିବାକୁ କେତେ ଚେଷ୍ଟା

କେବଳ ପ୍ରୟାସ ମାତ୍ର ଅଛି । ଏ ବନଭୂମିର ଗନ୍ଧଲତାକୁ ଡାକି କେତେ କହିଅଛି, 'ତୁମେମାନେ ମୋ ଜୀବନର ସର୍ବସ୍ୱ ବର୍ତ୍ତମାନ । ସେ ଦେବୀ ବାସନ୍ତୀ କେଉଁ ଠି ଅଛନ୍ତି ?' କିନ୍ତୁ ଗନ୍ଧଲତାର କମ୍ପନରେ, ଠିକ ମନୁଷ୍ୟଙ୍କ କଣ୍ଠନିଃସୃତ ସେପରି କିଏ ଅସ୍ଫୁଟ ଭାଷାରେ, 'ନା, ଆଶା ପରିତ୍ୟାଗ କରନାହିଁ, ସୁମନ୍ତ !', ଏହା କିନ୍ତୁ ଏ ଶୂନ୍ୟ ନୈରାଶ୍ୟ । ଏ ଅରଣ୍ୟ ମଧ୍ୟରେ ପୁଣି ସେ ସ୍ୱର୍ଗସମ୍ପଦ । ଯାଅ, ଦେଖ ! ବନର ଶ୍ୟାମଳ ଶାଖାଙ୍କ ମଧ୍ୟରେ ବିଚରଣ କରୁଥିଲାବେଳେ ରାଜନନ୍ଦିନୀଙ୍କ ମୂର୍ତ୍ତି ହୃଦୟରେ ଯୋଗି ରଖିବା ଏକ ମହାପାପ । ନା, ନା । ଉଃ କି ସୁନ୍ଦର ଏ ଚନ୍ଦ୍ରଲତା, ବନ ପ୍ରସୂନ ! ଏଇଠାରେ ବସି ଏ କାନନ ଶୋଭା ଟିକିଏ ଦେଖିବି । ଏଇ ବର୍ତ୍ତମାନ ମୋ ଜୀବନର ସମ୍ପଦ । ( ଉପବେଶନ )

( ବାସନ୍ତୀଙ୍କ ପ୍ରବେଶ )

ବାସନ୍ତୀ—ଚାକର କହିଲା, 'ଜାମାତା ଏଠାରେ' କଥା ଚିନ୍ତି ପାରିଲି ନାହିଁ; କିନ୍ତୁ ବେଶ୍ ସନ୍ଦେହ କରୁଛି । ସେ ରାଜପୁତ୍ରଙ୍କର ଲକ୍ଷଣ କେବେ ହେଲେ ଚାକରଠାରେ ଦେଖି ନାହିଁ । ଶୁଣିଅଛି, ଗଙ୍ଗବଂଶର ଉଜ୍ଜ୍ୱଳ ଗୌରବ ନରସିଂହ ଦେବଙ୍କ ନୟନଯୁଗଳରେ ଥିଲା । କେଉଁଠାରେ, ପ୍ରାଣେଶ୍ୱର ? ବହୁ ଦିନର ପ୍ରାଣର ବାସନା ଆଜି ପୂର୍ଣ୍ଣ ହୋଇଅଛି । ବହୁଦିନ ପରେ । ହେ ହୃଦୟବନ୍ଧୁ ମୋର, ଆଜି ପୁଣି ସେ ମୋହନ ମୂର୍ତ୍ତି ନୟନଭୋଳାରେ ଦର୍ଶନ କରିବି ।

ଆହା; କି ସୁନ୍ଦର ଏ ଚନ୍ଦ୍ରଲତା, ପୁଷ୍ପପୁଞ୍ଜ !

ସୁମନ୍ତ—ବାସନ୍ତୀ, ହୃଦୟର ଶିରୋମଣି ମୋର ! ନା, ଦେଖ, ଯାଅ ଜୀବନରେ ଥରେ ମାତ୍ର ପାଇଥିଲି । ଆଉ ଥରେ ଦେଖିବାର ବାସନା ଥିଲା, ହୋଇଅଛି । ପ୍ରାଣର ପ୍ରବଳ ପିପାସା ଶାନ୍ତ ବର୍ତ୍ତମାନ । ଯାଅ ଦେଖ ଆଉ ବୁଝିବ ।

ବାସନ୍ତୀ—କେଉଁଠାରେ ପ୍ରାଣେଶ୍ୱର ? ଆସ ଦେଖା ଦିଅ ।

ସୁମନ୍ତ—ଦୁରାଶା ! ଶତ ଜୀବନର ଦୁରାଶା, ଦେବି !

ବାସନ୍ତୀ—ଦୁରାଶା କି ସେ ? ଏ ସେପରି ଦେବକଣ୍ଠର ଧ୍ୱନିଧାରା ଦୁରାଶା ! କିଏ ତୁମେ, ମର୍ତ୍ତ୍ୟର ମାନବ, ନା ସ୍ୱର୍ଗର ଦେବତା ?

ବିଦାୟ ! ନା, ଆଜ ଜୀବନର ଅନନ୍ତ ମିଳନର ଉତ୍ସବରେ ବିଦାୟ ନୁହେଁ ! ଶୁଭ ଏକାନ୍ତି, ଦେଖେ କିଏ ! ପ୍ରାଣେଶ୍ୱର ଆଜ କାହାକୁ ଦେଖିଛି ?

ସୁମନ୍ତ—ତାହାକୁ ଚିର ଜୀବନର 'ବିଦାୟ ଦେଇ ଏକାଠାରେ ଯିବ, ବାସନ୍ତି ?

ବାସନ୍ତୀ—ପ୍ରାଣେଶ୍ୱର !

ସୁମନ୍ତ—ପ୍ରାଣେଶ୍ୱର—ବାସନ୍ତି—ନା, ଦେଖ !

ବାସନ୍ତୀ—ମନେ ଅଛି ପ୍ରାଣେଶ୍ୱର, ସେ କୁଞ୍ଜୀନିକୁଞ୍ଜରେ ପାଶୋରି ?

ସୁମନ୍ତ—ମନେ ଅଛି, ପ୍ରାଣେଶ୍ୱରି, ଯୌବନର ସେ ମଧୁର ଆଳାପନା ?

ବାସନ୍ତୀ—ମନେ ଅଛି ସେ ବନପ୍ରାନ୍ତର ?

ସୁମନ୍ତ—ମନେ ଅଛି ଦୁଃଖୀଗଞ୍ଜନର ସେ ମୋହନ ମାଧୁରୀ ?

ବାସନ୍ତୀ—ଆଜ ବହୁ ଦିନ ପରେ ପୁଣି ସାକ୍ଷାତ, ପ୍ରାଣେଶ୍ୱର !

ସୁମନ୍ତ—ଆଜି ଆଉ ସେ ସକଳ କଥା ନାହିଁ, ପ୍ରାଣେଶ୍ୱରି !—ଏ ଯେପରି ଜୀବନର ଅନ୍ୟ ଏକ ଅଙ୍କ ।

ବାସନ୍ତୀ—ଏ ସେହି ଅଙ୍କର ଅପର ପୃଷ୍ଠା, ପ୍ରାଣେଶ୍ୱର ! ଏକ ପୃଷ୍ଠା ଦେଖି ନାହିଁଥିଲି ! ଏହି ପୃଷ୍ଠାରେ ଆସି ପୁଣି ଭେଟିବାର ବାସନା ଥିଲା । ଆଜ ସେ ପୂର୍ବ ବାସନା ପୂର୍ଣ୍ଣ ହୋଇଅଛି ।

ସୁମନ୍ତ—ମୁଁ ବର୍ତ୍ତମାନ ବନବାସୀ, ଜାଣ ବାସନ୍ତି ?

ବାସନ୍ତୀ—ମୁଁ ଅଜ୍ଞାତରୁ ବନବାସିନୀ ଜାଣ ପ୍ରାଣେଶ୍ୱର !

ସୁମନ୍ତ—ନା, ବାସନ୍ତି, ପ୍ରାଣରେ ଏ ଉଚ୍ଛ୍ୱାସ କାହିଁକି ?

ବାସନ୍ତୀ—ଏ ଉଚ୍ଛ୍ୱାସ ପ୍ରାଣକୁ ଭାଙ୍ଗି ନୁହେଁ, ପ୍ରାଣେଶ୍ୱର ! ପ୍ରାଣ ଯେପରି କେବଳ ଏହି ଉଚ୍ଛ୍ୱାସରେ ଗଢ଼ା ।

ସୁମନ୍ତ—ଏ ଯେ କଷ୍ଟର ଜୀବନ ।

ବାସନ୍ତୀ—କଷ୍ଟ ଦୁଇ ଭାଗ ହୋଇଗଲେ ମୋର ଅଧେ କଷ୍ଟ ହେବ, ପ୍ରାଣେଶ୍ୱର ! ଏବେ ଦୁର୍ବଳ ପ୍ରାଣରେ ସମୁଦାୟ ବହୁଅଛି ।

ସୁମନ୍ତ—ଏ ଦିନ ପ୍ରାନ୍ତରରେ ବୁଲି ପାରିବ ?

ବାସନ୍ତୀ—ପାରିବି ।

ସୁମନ୍ତ—ନା ପାରିବ ନାହିଁ, ବାସନ୍ତୀ ।

ବାସନ୍ତୀ—ପାରିବ ପ୍ରାଣେଶ୍ୱର ! ଏ ବନଭୂମିର ପ୍ରତ୍ୟେକ ତରୁଲତା ମୋ ପକ୍ଷେ ସ୍ୱର୍ଗର ଗୋଟିଏ ଗୋଟିଏ ସୁଖ ସୌରଭର ସୋପାନ ସଦୃଶ ।

ସୁମନ୍ତ—ପାରିବ ? ଏ ଫୁଲଟିକୁ ମୋ ହାତରୁ ନେଇ ପାରିବ ପ୍ରାଣେଶ୍ୱରି !

ବାସନ୍ତୀ—ମୁଁ ଏ ଫୁଲଟି ଦେଇପାରେ ଏ ଚରଣରେ ପ୍ରାଣେଶ୍ୱର !

ସୁମନ୍ତ—ବାସନ୍ତୀ !

ବାସନ୍ତୀ—ପ୍ରାଣେଶ୍ୱର ଆଜି ଏହିଠାରେ ବିଦାୟ ନେବାକୁ ହେବ ! ସେ ଏକ କଠୋର କର୍ତ୍ତବ୍ୟ । ପ୍ରତିଜ୍ଞା କରିଅଛି ! କାଞ୍ଚୀଦେଶ ସଙ୍ଗରେ ଉତ୍କଳର ଭୀଷଣ ଯୁଦ୍ଧ । ସେ ଯୁଦ୍ଧରେ ମୁଁ ଅସ୍ତ୍ରଧାରଣ କରିବି ।

ସୁମନ୍ତ—କାଞ୍ଚୀ ସଙ୍ଗରେ ଉତ୍କଳର ଯୁଦ୍ଧ ! ତୁମେ ପ୍ରାଣେଶ୍ୱରି, ଅସ୍ତ୍ରଧାରଣ କରିବ ? କାଞ୍ଚୀ ସଙ୍ଗରେ ଉତ୍କଳର ଯୁଦ୍ଧ ! ଯାଅ, ବୀରବେଶରେ ଥରେ ଦେଖିଥିଲି, ପ୍ରାଣେଶ୍ୱରି ! ଆଜି ଥରେ ସେ ଅଦ୍ଭୁତ ଶୋଭା ଦେଖିବି । ବିଦାୟ ନେବେ ଏହିଠାରେ !

ବାସନ୍ତୀ—ବିଦାୟ ପ୍ରାଣେଶ୍ୱର ! କେବେତ ଯଦି ପୁଣି ସାକ୍ଷାତ୍ ?

[ ପ୍ରସ୍ଥାନ ]

ସୁମନ୍ତ—'ବିଦାୟ, ପ୍ରାଣେଶ୍ୱର !' କହିଲ ନାହିଁ, ବିଦାୟ ପ୍ରାଣେଶ୍ୱରି । ପ୍ରାଣେଶ୍ୱରି ବିଦାୟ । ନା, ଏ ସେ ଜୀବନର ଅନନ୍ତ ମିଳନ । ବିଦାୟ କେଉଁଠାରେ ? କାଞ୍ଚୀ ସଙ୍ଗେ ଉତ୍କଳର ଯୁଦ୍ଧ । ଜାତିଗତ ଯୁଦ୍ଧ, ଅପରାଧ ଏକାକୀ । କଣ ସମର ଭୂମିରେ ଆସି ଦଣ୍ଡାୟମାନ ହେବ ? ନା, ଏ ବନବାସରେ ମଧ୍ୟ କର୍ତ୍ତବ୍ୟ ଅଛି । ପ୍ରଥମେ ପିତାଙ୍କର ସେବା, ତତ୍ପରେ ଆଦେଶ । ପୁତ୍ରର କର୍ତ୍ତବ୍ୟ ନ କଲେ ଏ ବନବାସରେ ମୋର ଅଧିକାର ନାହିଁ । ଆଗେ ଏ କର୍ତ୍ତବ୍ୟ ତତ୍ପରେ ଚିରବନବାସ, ବାସନ୍ତୀ, ବନବାସିନୀ, ପ୍ରାଣେଶ୍ୱରୀ ! ଆହା, ଏହିପରି ବନବାସିନୀ ହୋଇ ଦୁଃଖରେ କଷ୍ଟରେ ଭ୍ରମୁଥିବ, ପ୍ରାଣର ଭଗିନୀ ମୋର ପଦ୍ମାବତୀ, ଆଉ ତା ସଙ୍ଗରେ ଚିରଦୁଃଖିନୀ କନକଲତା । ଫେରିଲେ ପୁଣି ତୁମର ଅନ୍ୱେଷଣ ।

ପ୍ରାଣେଶ୍ୱର ଯାଉଅଛନ୍ତି ! କଠୋର କର୍ତ୍ତବ୍ୟ ଯାଏ ଯାଏ; ଏ ମଧ୍ୟ କଠୋର କର୍ତ୍ତବ୍ୟ । ହାଏ । [ ପ୍ରସ୍ଥାନ ]

---

## —ଚତୁର୍ଥ ଦୃଶ୍ୟ—

ସ୍ଥାନ—କାଞ୍ଚୀ ରାଜପ୍ରାସାଦର ବହିଃପ୍ରାଙ୍ଗଣ

( କଳେବରଦେଶର ଜଣ ପଥିକ ଓ ଭିକ୍ଷୁକ ପ୍ରାଙ୍ଗଣରେ ଦଣ୍ଡାୟମାନ )

ଭିକ୍ଷୁକ—

ବାନ୍ଧବ ରେ, ନନ୍ଦ ଦୁଲାଳ ମୂର୍ତ୍ତି,
ଭିକ ମୁଠେ ମୁଠେ ମାଗିବାପାଇଁ । ଦେଖା ।
ବଡ଼ ଦୁଃଖୀ ମୁଁ ରେ, ମୋ ଭଳି ମଣିଷର
ଆଉ ଜଣେ କେଏ ଥିବ କି ନାହିଁ ।
କେତେ ଦୁଃଖ ମୋର ଯାଏ ମୁଁ ପାସୋରି
ମୁଖ ଦୋହିତାଙ୍କ ବଦନ ଲୁହିଁ ।
ରାଜବେଶ ମୋତେ ମିଳେ ଖଣ୍ଡ ଧନ
କୁଞ୍ଜଆଡ଼େ ମୋର ବସନ୍ତେ ଯାଇ ।

ଭିକ୍ଷା ଗୁଞ୍ଜିଏ ମିଳଯାଉ ମହାପ୍ରଭୁଙ୍କ ଖଞ୍ଜାପରୁ ।

ପଥିକ—ଅହା, କଏ ତୁ ଭିକାରୁ ? ଭିକ ମିଳିବ, ଗା ଗୀତ, ଆଉରି ଗା

ଭିକ୍ଷୁକ—

କେତେକ ଦୁଃଖ ମୋର ଯାଏ ମୁଁ ପାସୋରି
ମୁଖ ଦୋହିତାଙ୍କ ବଦନ ଲୁହିଁ ।
ମାଗି ମାଗି ବୁଲେ, ଯିଏ ଯାହା ଦେଲେ
ନିଏ ତା ଆଦରେ, ନ ଦେଲେ ନାହିଁ ।
ରାଜ ବେଶ ମୋତେ ମିଳେ ଖଣ୍ଡ ଧନ
କୁଞ୍ଜଆଡ଼ର ମୋର ବସିଲେ ଯାଇ ।
ମାଗି ଯାହା ହୁଏ ସଞ୍ଚିତ, ଦିଏ
ମୁଖ ଦୋହିତାଙ୍କ କୁଣ୍ଡରେ ନେଇ ।

ବଡ଼ ଦୁଃଖୀ ମୁଁ ଯେ, ମୋ ଭଳି ମଣ୍ଡଳର
ଆଉ ଜଣେ ଏଣେ ଥିବ କି ନାହିଁ ।
ଯେତେ ଦୁଃଖ ମୋର ଯାଏ ମୁଁ ପାଶୋରି
ପୁଅ ବୋହୂଙ୍କ ବଦନ ଚୁମ୍ବି ।

ମିଳନାଙ୍କ ମୁଡ଼ିଏ କଣ, ଥିବା ।

କନେ—( ଲକ୍ଷ୍ୟ କରି ) ଭଣ୍ଡ, ଯା କାଲି ଆସିବୁ ପୁଣି ।

ଭଣ୍ଡ—ମହାପ୍ରଭୁଙ୍କର କରୁଣା ନଥିଲେ ସାକ୍ଷୀ ଗୋପୀନାଥ । ଏ ଭୁଆସୁଣୀ କେତେ ବାରଣ ଆଜ ମନମୁଗ୍ଧକାରକ ମିଳନ । (ପ୍ରସ୍ଥାନ)

କନେ—ସଂସାରର କି ସୁଖ, କି ମଧୁର ଆନନ୍ଦ ! ବୃଦ୍ଧାବସ୍ଥେ ସବୁ ବସିଲେ ତାର ଗ୍ଳାନିଭୋଗ ! ମୁଁ ସମସ୍ତ କାଞ୍ଚୀରାଜ୍ୟର ରାଜରାଜେଶ୍ୱର ହୋଇ, ରାଜପ୍ରାସାଦରେ ରହି ପୁତ୍ର ଅଭି ଉତ୍ସବ । ମା ତାଠାରୁ ଅଧିକ ସୁଖ । ପୁତ୍ର କନ୍ୟାଙ୍କର ମୁଖ ଦେଖି ଜୀବନ ଶାନ୍ତିମୟ ସକଳ ଦୁଃଖ ପାସୋରୁଅଛି । ପୁତ୍ର କନ୍ୟା—ଆହା ! ପ୍ରାଣର କନ୍ୟା ପଦ୍ମାବତୀ ଆଜି କେଉଁ ଅରଣ୍ୟରେ ବନ ଫଳମୂଳ ଖାଇ ଦିନ୍ୟକଟୁ ସହି ବୁଲୁଥିବ ! ହିଂସ୍ର ଜୀବ ମଧ୍ୟରେ ପ୍ରାଣର ଆତଙ୍କରେ ସର୍ବ ଯାଉଥିବ । ଅହୋ, ପ୍ରାଣେଶ ବନ୍ଧୁ ଭୁଆସୁଣୀ ବାହାର କରିଦେଲି— ମନା ଦୋଷରେ ତୋର । ଆହା, ସୁକୁମାରୀ ମୋର, ଏ ଦୁଃସହ ଦୁଃଖ ସହୁ ଅଛୁ କିପରି, କେଉଁଠାରେ ଯାଇଛୁ ? ଅଶ୍ରୁ ଝରୁଥିବୁ । ମୋ, କଷ୍ଟ ସହି ମରିବୁ, ବନ୍ଧୁ ! କି ନିମନ୍ତେ ? ଆହା, ବନ୍ଧୁ ମୋର ! ଆଜ୍ଞା ପ୍ରାଣାଧିକ ପୁଣି ସୁମନ୍ତ ! ବିନା ସ୍ନେହରେ କଥା ପଦେ କହୁନାହିଁ । ଏ ସିଂହାସନକୁ ଭ୍ରୂକ୍ଷେପ କରୁନାହିଁ । ମୋର ଭତ୍ସନା ଶୁଣି ସିଂହସଦୃଶ ଲମ୍ଫଦେଇ ପଦାଘାତରେ ଚାଲିଗଲା । ଏଇ ବାଟେ ଯେଉଁ ଦେବୀ, କେତେଦିନ ହେବ ଆଜିକି ? ଭ୍ରୂକ୍ଷେପ କଲା ନାହିଁ । ସୁମନ୍ତ କେଉଁଠି ଥିବ ? କଣ କରୁଥିବ ? ବୀର ପୁଅ ମୋର, କାଞ୍ଚୀରାଜ୍ୟର ଗୌରବ, ଆଜି କେଉଁ ବନସ୍ଥରେ ? ଆଉ ଦ୍ୱାରଦ୍ୱାରେ ବୁଲିଲେ ଦେଖି ସ୍ନେହମୟୀ ଜନନୀ ତା । ସେହି ଦିନଠାରୁ ଏ ଭୁଆସୁଣୀ ଅରଣ୍ୟ, ଶ୍ମଶାନ ଶୂନ୍ୟ । ଏ ରାଜପ୍ରାସାଦର କୋମଳ କଣ୍ଠଧ୍ୱନିରେ ରହିଥିଲେ ଯେ ଜନମନ୍ଦିର କୁସୁମଶ୍ରେଣୀ ସଭ୍ୟବର୍ଗ, ଆଜି ମଳିନ, ଶୁଷ୍କ

ମୁମୂର୍ଷୁ । ଉଃ, ଜୀବନରେ ବହୁତ ପାପ କରିଅଛି । ରାଜସିଂହାସନରେ ବସି ରାଜାର କର୍ତ୍ତବ୍ୟ କରିନାହିଁ । ପ୍ରଜାପୁଞ୍ଜଙ୍କୁ ଧର୍ମ ସତ୍ପଥରେ ପାଳନ କରି ନାହିଁ । କରିଛି ପାପ, ସେ କେବଳ ପଶୁର କାର୍ଯ୍ୟ । ପ୍ରାଣେର ପ୍ରିୟତମ ପୁତ୍ର ସୁନନ୍ଦ ମୋର, ଫେରି ଆସ; ବତ୍ସ, ଫେରି ଆ । ଏ ସଂସାରରୁ କଦାପି ଦେଖା ହେବନି—ସେ ତ ଆଜ ବେଶି ଦିନ ନୁହେଁ, ମାସ, ବର୍ଷ, ଏ ଜୀବନ ଅସହ୍ୟ—ତୁମ୍ଭର ସେ ସ୍ନେହମୟ ବଦନ ସେପରି ଟିକଏ ଦେଖି ଜୀବନର ଅନ୍ତିମ ବେଳା ମୁଦିବ ! ପ୍ରିୟ ପୁତ୍ର କନ୍ୟା ମୋର ! ଉଃ, କି ପାପ, ଏ ପୁଣ୍ୟମୟ ସଂସାରରେ ଏତେ କି ଘୃଣ୍ୟ ପାପ ! ପ୍ରକୃତିର ଏ ମୋହନ ମୂର୍ତ୍ତି ଧର୍ମ ଦେଖିଲି-ନାହିଁ । ଏ ଶ୍ୟାମଳତା, ତା ଅଙ୍କରେ ପୁଣି ସୁବର୍ଣ୍ଣର ଏ କନକ ଶୁଷ୍ମା, ଚନ୍ଦ୍ରନକ୍ଷତ୍ରଙ୍କର ଏ ଶୀତଳତା; ଆଉ ସେ ଏ ସକଳ ମଧ୍ୟରେ ଦିବାନିଶି ନିମଜ୍ଜିତ ଥିଲି, ପ୍ରକୃତିର ଅନନ୍ତ ଆତ୍ମାରେ ଆପଣାର କ୍ଷୁଦ୍ର ଆତ୍ମାଟିକ ଢାଳି ଦେଇଥିଲି—ସେ ଆଜ, ଆହା, ଆଜ କେଉଁଠାରେ ! ହା ପାପ, ଉଃ, କି ନିଷ୍ଠୁରତା କି ଯନ୍ତ୍ରଣା !

( ପ୍ରହରୀର ପ୍ରବେଶ )

ପ୍ରହରୀ—ମହାରାଜ, ଓଡ଼ିଶାର ରାଜା ପୁରୁଷୋତ୍ତମ ଦେବ ଗଡ଼ ନିକଟରେ ଆସି । ଯୁଦ୍ଧ କରିବେ । ସୈନ୍ୟ ସାମନ୍ତ ଅଗଣନ୍ତି ।

କଳେ—ଯୁଦ୍ଧ ! ଦେଖ, ପ୍ରହରୀ, ଭୟ ନାହିଁ ।

ପ୍ରହରୀ—ଗଡ଼ ନିକଟରେ ଶତ୍ରୁ, ମହାରାଜ !

କଳେ—ସେ ତୋର କଳ୍ପନାର ଅଶାନ୍ତି, ପ୍ରହରୀ ! ଅତି ନିକଟରେ ଶତ୍ରୁ । ଜୀବନର ପ୍ରତ୍ୟେକ ଧମନୀରେ, ପ୍ରତି ଗ୍ରନ୍ଥି ଭେଦ କରି ଶତ୍ରୁ । ଏ ଯୁଦ୍ଧରେ ସେ ଦକ୍ଷ । ଆଉ କି ଯୁଦ୍ଧ ?

ପ୍ରହରୀ—ନଗରବାସୀ ବଡ଼ ଶଙ୍କିତ, ମହାରାଜ !

କଳେ—ଅଚ୍ଛା !

ପ୍ରହରୀ—ଯୁଦ୍ଧକୁ ପ୍ରସ୍ତୁତ ହେବାକୁ ହେବ ।

କଳେ—ପ୍ରସ୍ତୁତ, ପ୍ରହରୀ, ସବୁ ପ୍ରସ୍ତୁତ । କାହିଁ କେଉଁ ବାଟେ ? ଯାଅ, ଯୁଦ୍ଧ, ଯାଅ ।

( ପ୍ରସ୍ଥାନ )

ପ୍ରହରୀ—ମହାରାଜାଙ୍କର ଏ କି ପରିବର୍ତ୍ତନ ! ପାଗଳ ହେବ କି । ଏ ଭବନରେ ସେପରି ଛୁଟି ବୁଲୁଛନ୍ତି—ପ୍ରାଣରେ ହର୍ଷ ନାହିଁ । ମୁଖରେ ହାସ୍ୟ ନାହିଁ । କଣ ଏ ? ଯୁବରାଜ ଆଜି ସେମାନଙ୍କୁ ଖୁଆଉନ୍ତି ଭଡ଼ଦେବା ଏଦିନଙ୍କୁ ମହାରାଜ କହନ୍ତି ତ ଶାନ୍ତ ଥିଲେ; ମାତ୍ର ଦିନକୁ ଦିନ ଉଦାସ, ଦୁଃଖିତ, ମଳିନ । ଆଜି ଘରୋଇ ପାଗଳ । କଣ ଏ ?

( ସତ୍ୟବଶାଙ୍କର ପ୍ରବେଶ )

ସତ୍ୟ—କିଏ, ଗଣେଶ ?

ପ୍ରହରୀ—ଆଜ୍ଞା, ମା ମଣିମା !

ସତ୍ୟ—ରଜା କେଉଁଠାରେ, ଗଣେଶ ?

ପ୍ରହରୀ—ଯୁଦ୍ଧ, ମା ମଣିମା ! ସେଥିପାଇଁ ବୁଲୁଥିଲେ, ବଡ଼ ବ୍ୟସ୍ତ ହୋଇ । ପ୍ରସ୍ତୁତ ହେବାକୁ ହେବ ।

ସତ୍ୟ—ଯୁଦ୍ଧ, କେଉଁ ଶୁଣି କଣ !

ପ୍ରହରୀ - ଶତ୍ରୁ ଆସି ଗଡ଼ ଦ୍ୱାରରେ ।

ସତ୍ୟ—କିଛି ସମ୍ବାଦ ପାଇଛ, ଗଣେଶ ?

ପ୍ରହରୀ—ନାହିଁ, ମଣିମା ! କେତେ ଲୋକ ତ ଯାଇଥିଲେ, କିନ୍ତୁ ଖବର ନାହିଁ ।

ସତ୍ୟ—ଆଚ୍ଛା, ଏଇ କଥା ଶୁଣି ଶୁଣି ପାଉଛୁ । ଦେଖ, ଗଣେଶ !

ପ୍ରହରୀ—ମଣିମା, ଏତେବେଳେ କୁଆଡ଼େ ଯିବେ ଦେଖିବେ ? ଠିକ ଦେଖି ଆସନ୍ତୁ ।

ସତ୍ୟ—ନାହିଁ, ଗଣେଶ !

ପ୍ରହରୀ ଠିକ ଦେଖି ଆସନ୍ତୁ ।

ସତ୍ୟ—ଯାଉଛି, ଗଣେଶ ! ( ପ୍ରସ୍ଥାନ )

ପ୍ରହରୀ—ମହାରାଣୀଙ୍କର ସେ କଥା ନାହିଁ । ତଥାପି ଓଃ କି ପରିବର୍ତ୍ତନ ?

( କନୋଜବେଶଧାରୀଙ୍କ ପ୍ରବେଶ )

କନୋ—ଯୁଦ୍ଧ, ଭୀଷଣ ଯୁଦ୍ଧ । ଏଇଠାରେ । ଶତ୍ରୁ, ଶତ୍ରୁ ପାଏ । ଟି, ପ୍ରହରୀ ! ଯୁଦ୍ଧ, ଶତ୍ରୁ ! ( ପ୍ରସ୍ଥାନ )

ପ୍ରହରୀ - ଭୀଷଣ ଏ ଯୁଦ୍ଧ । କାଳୀର କି ଖେଳ, କି ପରିଣାମ ! ଯୁଦ୍ଧଭୂମିରେ ଆଜି କିଏ ବଣ୍ଡାସ୍ନାନ ହେବ ? ଜାଣୁଣା ଏ ଯୁଦ୍ଧ । ସହାୟ ପ୍ରଭୁ ସାକ୍ଷୀ ଗୋପୀନାଥ । ( ପ୍ରସ୍ଥାନ )

## — ପଞ୍ଚମ ଦୃଶ୍ୟ —

ସ୍ଥାନ— କାଞ୍ଚୀର ଯୁଦ୍ଧଭୂମିର ଏକ ପ୍ରାନ୍ତ

( ମନ୍ତ୍ରୀ ଓ ପ୍ରଚଣ୍ଡ ଦଣ୍ଡାୟମାନ )

ମନ୍ତ୍ରୀ— ମହାରାଜ ଆସୁଅଛନ୍ତି, ପ୍ରଚଣ୍ଡ ?

ପ୍ରଚଣ୍ଡ— ଆସିବେ ଏହିକ୍ଷଣି, ମଣିମା !

ମନ୍ତ୍ରୀ— ପଥ ଅନେକ ଦୋହଲିଗଲଣି । ଶୀଘ୍ର ଆସିବା ଦରକାର ।

ପ୍ରଚଣ୍ଡ— ପୁଣି ହେଲେ, ଯୁଦ୍ଧ ଆରମ୍ଭ ଭଲକରି ଦେଖୁଥିବି ବୋଲି ମହାରାଜା କହୁଥିଲେ ।

ମନ୍ତ୍ରୀ— ମୁଁ ଦେଖିଛି, ପ୍ରଚଣ୍ଡ ! କହ କିଏ କହୁ ପାରେ କାଞ୍ଚୀର ଯୁଦ୍ଧରେ କଣ ଅଛି !

ପ୍ରଚଣ୍ଡ— କାହିଁକି, ମଣିମା ! କାଞ୍ଚୀଦେଶର ଆଜଯାଏ କେହିଁ ପିଠିଦେଲେ ହାର ଯାଇ ନାହାଁ । ତେବେ ଏ ସମୟ । କିଏ କହିପାରିବ କଣ ହେବ ? ସତ, ମଣିମା !

ମନ୍ତ୍ରୀ— କାଞ୍ଚୀର ଗଣ୍ଡ ସୈନ୍ୟ ତାଙ୍କୁ ଅଛନ୍ତି, ସେ ପ୍ରସାଦ । ତଥାପି, ଯୁଦ୍ଧଭୂମିରେ ସିଂହ ଥିଲେ ଯେ— ଛାଡ଼ ସେ କଥା, ପ୍ରଚଣ୍ଡ ! ମହାରାଜ ଆସୁଛନ୍ତି ?

ପ୍ରଚଣ୍ଡ— ହଁ ମଣିମା ! ସେଇ ତ ବର୍ତ୍ତମାନ କଥା । ନୋହିଲେ କିଛି ଭୟ ଥିଲା ?

ମନ୍ତ୍ରୀ— ବଡ଼ ବିଳମ୍ବ ହେଉଛି । ମହାରାଜ ଆସିବାରେ ଆଉ କେତେ କାଳ ଯିବ ? ଯା ପ୍ରଚଣ୍ଡ, ଦେଖ ତ ।

ପ୍ରଚଣ୍ଡ— ଯେ ଆଜ୍ଞା ମଣିମା ! ( ପ୍ରସ୍ଥାନ )

ମନ୍ତ୍ରୀ— କି ପରିଣାମ ଏ ଯୁଦ୍ଧରେ ? ମୁଁ ଜାଣୁଥିଲି କେତେ ଭୁଲ ମଧ୍ୟରେ ଏ ପଥ ଏକ ମହାଭ୍ରମ । କାଞ୍ଚୀର ସେନ୍ୟ ପ୍ରବଳ । ଯୁଦ୍ଧଭୂମିରେ ସିଂହ ସଦୃଶ । ତଥାପି, ଆଶଙ୍କା । ଦେଖେ, କେବେ ଯୁଦ୍ଧ ଶେଷ ହେଉଛି ।

( ନେପଥ୍ୟରେ— ମହାରାଜାଙ୍କର ଜୟ )

ଏଇ ବୋଧହୁଏ ମହାରାଜ ଆସିଲେ, ଜୟ ହେଉ ଏ ଯୁଦ୍ଧରେ । କୃପା କର ପ୍ରଭୁ ଗଣନାଥ !

( ମହାରାଜାଙ୍କ ପ୍ରବେଶ )

ବିଜେ କରନ୍ତୁ ମହାରାଜ !

କଜେ — ରଣବାଦ୍ୟ ତ ବେଶ୍ ବାଜୁଛି । ଯୁଦ୍ଧ ଯେହୁଏତ ହେଉଛି, ମନ୍ତ୍ରି ?

ମନ୍ତ୍ରୀ — ବେଶ୍ ଚାଲିଛି ! ଓଡ଼ିଆ ସେନାପତି ସଙ୍ଗେ କାର୍ତ୍ତିକ ରାୟ ଖୁବ୍ ସମକକ୍ଷ ।

କଜେ — ମୁଁ ଯୁଦ୍ଧଭୂମିକୁ ଯାଏ, ମନ୍ତ୍ରି ?

ମନ୍ତ୍ରୀ — ଅପେକ୍ଷା କରନ୍ତୁ, ମହାରାଜ !

କଜେ — ଅପେକ୍ଷା ଆଉ କାହିଁକି ?

ମନ୍ତ୍ରୀ — ନା, ମହାରାଜ ଅପେକ୍ଷା କରନ୍ତୁ ।

କଜେ — ଯୁଦ୍ଧଭୂମିରେ କି ବ୍ୟାପାର, ମନ୍ତ୍ରି ? ସେ କଥା ସମସ୍ତ ତନ୍ନ ତନ୍ନ କରି ନିରୀକ୍ଷଣ କରିବାକୁ ହେବ । ତୁମେ ଦେଖ, ମନ୍ତ୍ରି, ଆଉ କଣ ହେଉଅଛି ଜୟ ।

ମନ୍ତ୍ରୀ — ( ଦୂରରେ ଚାହିଁ ) ଭୀଷଣ ଯୁଦ୍ଧ, ମହାରାଜ ! ଏଇ କାର୍ତ୍ତିକ ରାୟ ଆକ୍ରମଣ କଲେ । ବାଃ, କାର୍ତ୍ତିକ ରାୟ, ଚାଲ ଯାଅ । ପ୍ରଭୁ ଗଣପତି !

କଜେ — ପ୍ରଭୁ ଗଣପତି ସହାୟ । ମନ୍ତ୍ରି, ଦେଖ ।

ମନ୍ତ୍ରୀ — ଏଇ ଜଣେ ବପକ୍ଷ ଦେଖନ୍ତୁ ସିଂହ ପରାକ୍ରମରେ ଆକ୍ରମଣ କରିଆସୁଅଛି । ଓଃ, କାର୍ତ୍ତିକ ରାୟ ପୃଷ୍ଠଭଙ୍ଗ ଦେଲେ । ନା, ନା ।

କଜେ — କଣ, ମନ୍ତ୍ରି ?

ମନ୍ତ୍ରୀ — ନା, ନା, ମହାରାଜ ! ସେ ଅନ୍ୟ ପାର୍ଶ୍ୱରେ ଆକ୍ରମଣ କରି ଚାଲିଗଲେ । ତଥାପି, ପ୍ରବଳ ତେଜ ।

କଜେ — କାର୍ତ୍ତିକ, ମନ୍ତ୍ରି ?

ମନ୍ତ୍ରୀ — ଭୀଷଣ ଦ୍ୱନ୍ଦ୍ୱରେ ଲଢ଼ିଛନ୍ତି । ଏଇ ଶତ୍ରୁର ଏକ ଶର । ଓଃ ସେନାପତିଙ୍କ ବକ୍ଷରେ ପଡ଼ିଯିବ, ପଡ଼ିଯିବ । ନା ।

କଜେ — କଣ ?

ମନ୍ତ୍ରୀ — ନା, ନା । ସେନାପତି ତାକୁ ପ୍ରତିରୋଧ କଲେ । ଏଇ ବର୍ତ୍ତମାନ ଚାଲିଲେ ଆଗକୁ ! ଚାଲ, ସେନାପତି !

ଭଗେନ—ଜୟ, ଜଗନ୍ନାଥ !

ମନ୍ତ୍ରୀ—ନା, ପୁଣି ଫେରିଲେ ! ଘୋର ଦାଣ୍ଡି ଦେବନାରାୟଣ ଅଗ୍ରସର, ଅଗ୍ରସର ! ଆଗକୁ, ଆଗକୁ ! ଯୁଦ୍ଧ, ଯୁଦ୍ଧ !

ଭଗେନ—କଣ, ଅନ୍ଧାର ?

ମନ୍ତ୍ରୀ—ନା, ମହାରାଜ ! ଓଃ, ଏ ପୁଣି କଣ ?

ଭଗେନ—କଣ, ମନ୍ତ୍ରି ?

ମନ୍ତ୍ରୀ—ସେମାନେ ଏକ ଦୁର୍ଭିକ୍ଷ ! ତାହାଙ୍କର ସମସ୍ତ ସୈନ୍ୟ ଭେଦ କରି ଚଳି ଆସୁଅଛି !

ଭଗେନ—ପ୍ରବଳ ?

ମନ୍ତ୍ରୀ—ନା, ମହାରାଜ ! ଶତ୍ରୁ ସୈନ୍ୟବ୍ୟୂହ ମଧ୍ୟରେ ଭେଦ କରି ଏ ସେମାନେ ଏକ ଦାବାନଳ, ଏକ ପ୍ରବଳ ବଜ୍ରାଘାତ ବନଭୂମିକୁ ଗ୍ରାସ, ଚଳୁଛି ଜାଳିଦେଇ ଯାଉଛି !

ଭଗେନ—କଣ ସେ, ମନ୍ତ୍ରି ?

ମନ୍ତ୍ରୀ—ଏକ ଅପରିଚିତ ବୀରପୁରୁଷ !

ଭଗେନ—ଶତ୍ରୁ ପକ୍ଷର ? ତାହାହେଲେ, ମନ୍ତ୍ରି, ଆଉ ଆଶା ନାହିଁ ?

ମନ୍ତ୍ରୀ—ସେ ସେମାନଙ୍କର ନୁହନ୍ତି ! କଥାଟି ବୁଝିହେଉ ନାହିଁ ! ଏଇ କଳିଙ୍ଗ ସୈନ୍ୟମାନେ ଭୟତ୍ରସ୍ତ ଚକାଉଅଛନ୍ତି;—ବ୍ୟାଘ୍ର ସମ୍ମୁଖରେ ମେଷପଲ ଯେପରି !

ଭଗେନ—ଆଶା ନାହିଁ, ମନ୍ତ୍ରି, ଆଉ ! ଆଉ କାହିଁକି ? ମୁଁ ଯାଏ !

ମନ୍ତ୍ରୀ—ଅଦ୍ଭୁତ ନିକଟ ! ଚିହ୍ନି ପାରିବ ଏଥର ! ମହାରାଜ, ଏ ଯୁବରାଜ ! ଯୁବରାଜ ସୁମନ୍ତ ଦେବ ! ଜୟ, ଯୁବରାଜ ସୁମନ୍ତ ଦେବ !

ଭଗେନ—କଣ କହୁଛ, ମନ୍ତ୍ରି ? ସୁମନ୍ତ ?

ମନ୍ତ୍ରୀ—ଶତ୍ରୁ ସୈନ୍ୟର ସମସ୍ତେ ବନ୍ଦୀ ! ପୃଷ୍ଠଭଙ୍ଗ ଦେଇ ଭୟତ୍ରସ୍ତ କୁଆଡ଼େ ପଳାଇଲେଣି ! ଯୁବରାଜ ସିଂହ ପରାକ୍ରମରେ ଅଗ୍ରସର ହେଉଅଛନ୍ତି !

ଭଗେନ—ନା, ମନ୍ତ୍ରି !

ମନ୍ତ୍ରୀ—ଆଜି ଧନେ ଶତ୍ରୁ ସୈନ୍ୟ !

କନକ — ମନ୍ତ୍ରି, ନା, ସୁମନ୍ତ୍ର ?

ମନ୍ତ୍ରୀ — ସୁମନ୍ତ୍ର ଯୁବରାଜଙ୍କ ଅଙ୍ଗକୁ ବେଷ୍ଟନି କରୁଅଛନ୍ତି । ପ୍ରହରୀ ମୁକ୍ତ । ପ୍ରଭୁ ରକ୍ଷିତ !

କନକ — ତାହା, ମନ୍ତ୍ରି ?

ମନ୍ତ୍ରୀ — ପ୍ରବଳ ଯୁଦ୍ଧ, ଯୁବରାଜ ବଜ୍ରପାଣି ନ୍ୟାୟ ଶତ୍ରୁ ସୈନିକ ବଧ କରୁଛନ୍ତି । ଏଁ ଘୋଡ଼ା ଓଲଟିଲା । ଆଃ

କନକ — ଆହା !

ମନ୍ତ୍ରୀ — ଆହା, ରକ୍ଷିତ ! ଆହା ମହାରାଜ !

କନକ — କଣ ଦେଖୁଛ, ମନ୍ତ୍ରି ?

ମନ୍ତ୍ରୀ — ନା, ଏଇ ଯୁବରାଜ ଅଗ୍ରସର ହେଲେ, ବଙ୍ଗଦେଶରେ ସେନାପତି ଚନ୍ଦ୍ରରାଜ ସିଂହ । ଆସନ୍ତୁ, ଆସନ୍ତୁ ଆସନ୍ତୁ ।

କନକ — ଏବେ, ମନ୍ତ୍ରି ?

ମନ୍ତ୍ରୀ — ଯୁଦ୍ଧଭୂମିର ଅପର ପାର୍ଶ୍ୱରେ ଅଦୃଶ୍ୟ ।

କନକ — ଅଦୃଶ୍ୟ ? କେବେ ଆଉ ସମ୍ବାଦ କଣ ?

ମନ୍ତ୍ରୀ — ଦୃଷ୍ଟି ଲାଗିଛି । ଏଇ, ସେନାପତି ଘୋର ଯୁଦ୍ଧରେ । ଯୁଦ୍ଧ, ସେନାପତି ! ଜୟ କାଞ୍ଚୀ ରାଜ୍ୟ । ଯୁଦ୍ଧ, ଯୁଦ୍ଧ ।

କନକ — ଆଉ କଣ ସମ୍ବାଦ, ମନ୍ତ୍ରି ?

ମନ୍ତ୍ରୀ — ଏଇ ଯୁବରାଜ ପୌଛିଲେ, ଝଡ଼ରୁ ବେଗରେ, ସେପରି ଆକାଶରୁ ଏକ ବଜ୍ରଘାତ । ତଥାପି ଶତ୍ରୁ ସୈନ୍ୟ ବିନାଶ କରୁଅଛନ୍ତି । ଜୟ ଯୁବରାଜ !

କନକ — ଆଉ କଣ, ମନ୍ତ୍ରି ? ତା ପରେ ?

ମନ୍ତ୍ରୀ — ନିକଟ, ଅତିବ ନିକଟ । ତଥାପି, ଶତ୍ରୁ ପଶ୍ଚାତରେ । ଜୟ, ପ୍ରଭୁ ରକ୍ଷିତ !

କନକ — ପ୍ରଭୁ ରକ୍ଷିତ !

ମନ୍ତ୍ରୀ — ଅତିଶୟ ନିକଟ । ଏଇ ସେ ଯୁବରାଜ । ଏଇ ବାଟେ, ଏଇ ବାଟେ ।

କନକ — କିଏ, ମନ୍ତ୍ରି ?

( ସୁମନ୍ତ୍ର ରାଜୁଙ୍କ ସସୈନ୍ୟ ପ୍ରବେଶ )

ସୁମନ୍ତ୍ର — ଶୀଘ୍ର, ସୈନିକଗଣ, ଚାଲ, ଚାଲ ! ( ପ୍ରସ୍ଥାନ )

ସୈନିକ—ଅତି ନିକଟରେ ଶତ୍ରୁ । ଚଞ୍ଚଳ, ଚଞ୍ଚଳ । ( ପ୍ରସ୍ଥାନ )

( ସସୈନ୍ୟେ ବସନ୍ତ ଭଞ୍ଜଙ୍କ ପ୍ରବେଶ )

ବସନ୍ତ—ଆସ, ସୈନିକଗଣ । ଶୀଘ୍ର, ଶୀଘ୍ର । ( ପ୍ରସ୍ଥାନ )

ସୈନିକ—ଜୟ, ଜଗନ୍ନାଥ ! ( ପ୍ରସ୍ଥାନ )

ମନ୍ତ୍ରୀ—ଭୀଷଣ ଯୁଦ୍ଧ ମହାରାଜ !

ରାଜା—ସୁମନ୍ତ, ମୋର ସ୍ୱଦେଶ ପ୍ରୀତ, ଯାଏ, ମନ୍ତ୍ରି ! ଭୀଷଣ ଯୁଦ୍ଧ, ଯାଏ । ଶତ୍ରୁ ଚତୁର୍ଦ୍ଦିଗରେ । ଯାଏ ! ( ପ୍ରସ୍ଥାନ )

( ସସୈନ୍ୟେ ପୁରୁଷୋତ୍ତମଦେବଙ୍କ ପ୍ରବେଶ )

ପୁରୁ—ଧୀରେ, ସୈନିକଗଣ ! ( ପ୍ରସ୍ଥାନ )

ସୈନିକ—ଜୟ, ମହାରାଜାଙ୍କର ଜୟ ! ( ପ୍ରସ୍ଥାନ )

ମନ୍ତ୍ରୀ—ଭୀଷଣ ଯୁଦ୍ଧ, କି ପରିଣାମ ଏ ଯୁଦ୍ଧର ! ଦେଖେ କି ସମ୍ବାଦ ! ସମ୍ବାଦ କାହାକୁ ଦେବି ? ପ୍ରହରି

ପ୍ରହରୀ—ମଣିମା !

ମନ୍ତ୍ରୀ—କି ବିକଟ ଏ ଯୁଦ୍ଧଭୂମି, ଅସ୍ତ୍ରଶସ୍ତ୍ରର ପ୍ରବଳ ବୃଷ୍ଟିଧାର, ରକ୍ତର ଦାରୁଣ ପ୍ରବାହ । ଜୟ, ପ୍ରଭୁ ଗଣେଶ ! କାଞ୍ଚିର ଭରସା ତୁମେ, ମହାପ୍ରଭୁ ! ଜୟ, ଜୟ । ନା ! ଆଉ ଦେଖିବାର ନୁହେ । ଏଣିକି ଏ ଅସହ୍ୟ । ବୁଜି ହୁଅ, ଆଖି ! ଘୋର ସଂଗ୍ରାମ । ଫାଟିଯାଅ, ହୃଦୟ !

( ଚେତାଶୂନ )

---

## —ଷଷ୍ଠ ଦୃଶ୍ୟ—

ସ୍ଥାନ—ଯୁଦ୍ଧଭୂମି

( କାପାଳୀଙ୍କର ପ୍ରବେଶ )

କାପାଳୀ—ଓଃ, ଶରଶର ସମସ୍ତ କୋଳାହଳ, ବଜ୍ରପାତ ପରେ ଏ ସୃଷ୍ଟି ଆକାଶ ଭୁବନର କି ପ୍ରବଳ ଆନ୍ଦୋଳନ ! ବସୁନ୍ଧରା ଉପରେ ଦେବ-ଦାନବଙ୍କର ଯେପରି ନିର୍ଘୋଷ କଠୋର ପ୍ରହାର ! ଧନବେଳେ

ଖୁ ପ୍ରକୃତି ଚଳମଳ ହେଉଥିଲା । ଏବେ ଆକାଶ ଅବଶ ସମସ୍ତ ଜନ୍ତୁମାନ । କି ଭୀଷଣ ଦୃଶ୍ୟ, କି ନିବିଡ଼ ଏ ଅନ୍ଧକାର, କି ଦାରୁଣ ଏ ବଜ୍ରଘୋର ! ପ୍ରକୃତିର ଏ ସକଳ ନିଷ୍ଠୁରତା ମଧ୍ୟରେ ଅଭାଗିନୀ ବାସନ୍ତୀ ଆଜି ଏକାକିନୀ ଏ ପ୍ରାନ୍ତରରେ [illegible] କରୁଅଛି । କି କଠୋର ! କି ନିଦାରୁଣ ଏ ଦୁଃଖଭାର !

ନେପଥ୍ୟେ—ହରି ଜଗନ୍ନାଥ !

ବାସନ୍ତୀ—ନା, ଏ ଧ୍ୱନି କାହାର ସ୍ୱର ? ମୃତ୍ୟୁର କଣ୍ଠର ବାଣୀ ! ବହୁତ ଭୁଲିଲିଣି । ଚତୁର୍ଦ୍ଦିଗରେ ବଜ୍ରନାଦ ନିର୍ଘୋଷ କଲାଣି । କେତେଆଡ଼େ କେତେ ଘର ଢେଙ୍କି ଅଟିକିଲାଣି । କିନ୍ତୁ ସବୁ ସେମାନ କଷ୍ଟ । ଜୀବନ ଦେଉଛି ନିର୍ଲଜ୍ଜ । ଏଇ ପ୍ରାନ୍ତର ସେ ଦିନ ଅର୍ଦ୍ଧରାତ୍ରିରେ ଦେଖିଥିଲି ! ଆଜି ପୁଣି—

ନେପଥ୍ୟେ—ହରି ଜଗନ୍ନାଥ, ପ୍ରଭୁ. ହରି !

ବାସନ୍ତୀ—ଧ୍ୱନି ଏ ଅଜ୍ଞ ଜଣେ କିଏ ? ଓଃ, କି ଅନ୍ଧକାର ! ଶତ ଶତ ମନୁଷ୍ୟ ପଡ଼ି ରହିଅଛନ୍ତି, ଏ ଭୀଷଣ ରଣାଙ୍ଗନରେ; ଜୀବନର ଦାରୁଣ ଅନ୍ତିମ ଜ୍ୱାଳାରେ କରୁଣ ଚିତ୍କାର ଆର୍ତ୍ତନାଦ କରୁଅଛନ୍ତି । ରଣଭୂମିରେ ସଂଗ୍ରାମ ଶେଷ କରି ବିଜୟ ଉଲ୍ଲାସରେ ଯାଇ ପୁନର୍ବାର ପ୍ରଣୟିନୀର ପ୍ରେମମୟ କୋଳରେ ବିଶ୍ରାମ କରନ୍ତେ, ହତଭାଗ୍ୟ ! ଆଜି ଏ ସ୍ଥାନ ଶ୍ମଶାନରେ ପଡ଼ି ରହିଅଛି ! ଜୀବନର ଶାନ୍ତି ଶେଷ ନିଃଶ୍ୱାସପ୍ରଶ୍ୱାସ ଏ ଭୀଷଣ ଝଡ଼ ତୋଫାନରେ ମିଶାଇ ଦେଇ ସତ୍ତ୍ୱରେ ଗଡ଼ି-ହୋଇ ମରୁଅଛନ୍ତି । ଆହା, ଥରେ ଦେଖିଲି ନାହିଁ । ବିଦାୟ, ପ୍ରାଣେଶ୍ୱର ! ଜୀବନର ଅନନ୍ତ ଆଶା ମଧ୍ୟରେ କହିଥିଲ ସେ ଦିନ-ଦେଶରେ—'ବିଦାୟ ପ୍ରାଣେଶ୍ୱରୀ' ! ଏବେ ସେ ଶେଷ ବିଦାୟ ଏ ଜୀବନର । ଓଃ, କି ଅନ୍ଧକାର ! ମର୍ତ୍ତ୍ୟଭୂମିର ନିର୍ଦ୍ଦୟତା ଦେଖି ସ୍ୱର୍ଗରାଜ୍ୟରେ ଉପହାସ କରୁଅଛନ୍ତି, ଇନ୍ଦ୍ରଦେବତା ! ଏଇ ସେ ବଜ୍ର ! ପଡ଼ୁ ଆସି ମୋର ଏ କଠୋର ଛାତିରେ । ଓଃ, ବିଦ୍ୟୁତ୍‌ର କି ଏ ଆଲୋକ ! ଆହା, କେତେ ସୁନ୍ଦର ! ଆଉ ଥରେ, ସୌଦାମିନୀ, ଆଉଥରେ । କି ଅନ୍ଧକାର । ଏଇ ଆଡ଼େ ! ଚଞ୍ଚଳ, ଆଉ ଥରେ ଚମକରେ ଜଳି ଉଠ । (ବିଦ୍ୟୁତ୍‌ର ଆଲୋକ) ଆହା, ନାଥ-

ପ୍ରାଣେଶ୍ୱର ! ଜୀବନରେ ସଙ୍ଗ ଥାଇ ସାକ୍ଷାତ୍ ହେଲନାହିଁ । କାଞ୍ଚୀ ଦେଶର ସାଉଦୁଲ୍ଲଭ ଭୂଷଣ- ହୃଦୟର ଅମୂଲ୍ୟ ମଣି ମୋର, ଆଜ ଏ ମହି ଲୋଟିଲା କେମନ୍ତ, ପ୍ରାଣନାଥ ଚାଲିଅଛ । ଆହା, ପ୍ରାଣେଶ୍ୱର, ଏ ହୃଦୟ ଦେଶର ଅଧୀଶ୍ୱର ତୁମେ, ଯେ ଧନାର କରିଥାଅ ଏ ଜୀବନ ଉତ୍ସର୍ଗର ଏ ନଷ୍ଟ ଏବେ ଖଣ୍ଡିଗଲା ।

( ଆବଲୁଭ ଧରି କେତେକ ଲୋକଙ୍କ ପ୍ରବେଶ )

୧ମ ବ୍ୟକ୍ତି— ଏଇ ତ ଯୁବରାଜଙ୍କ ମୃତ ଦେହ ।

୨ୟ ବ୍ୟକ୍ତି — ଆଉ ଜଣେ ଏ କିଏ ?

୩ୟ ବ୍ୟକ୍ତି — କିଏ ତୁମେ, ବାଳିକା ?

୪ର୍ଥ ବ୍ୟକ୍ତି — ଯୁବରାଜଙ୍କ ମୃତଦେହକୁ ଏପରି ବକ୍ଷଦେଶରେ ଧରି ବସିଅଛ ?

ବାଳିକା — କିଏ ତୁମ୍ଭେମାନେ, ଏ ଘୋର ରଜନୀରେ ଏଠାରେ କାହିଁକି ଖୋଜିକି ବୁଲୁଅଛ ?

୧ମ ବ୍ୟକ୍ତି— ଆମ୍ଭେମାନେ ଶବ ନେବାକୁ ଆସିଅଛୁ ।

୨ୟ ବ୍ୟକ୍ତି— ଯୁବରାଜ !

୩ୟ ବ୍ୟକ୍ତି— ଆଃ, ସମସ୍ତ କାଞ୍ଚୀରାଜ୍ୟର ଏ ଅମୂଲ୍ୟ ମସ୍ତକମଣି ।

୪ର୍ଥ ବ୍ୟକ୍ତି— ଦୁର୍ଭାଗ୍ୟ ସ୍ୱଶୁ ଜଣେ ଥିଲେ, ନୋହିଲେ ଜୋହିଏ ।

୧ମ ବ୍ୟକ୍ତି — ଆଉ କିଏ ବୋଧହୁଏ ପୁଣି ଦେଖ ?

୨ୟ ବ୍ୟକ୍ତି— ଧର, ଶୀଘ୍ର ଆଉ ବିଳମ୍ବ ନାହିଁ ।

୩ୟ ବ୍ୟକ୍ତି— ଧର ସକଳେ !

୪ର୍ଥ ବ୍ୟକ୍ତି — ଧର; ଧରି ଚାଲ, ଚାଲ !

ବାଳିକା— କେଉଁଆଡ଼େ ନେବ ତୁମ୍ଭେମାନେ; ଜୀବନରେ ପ୍ରାଣେଶ୍ୱର ଚିରଦିନ ଭୂଷଣ, ମରଣରେ ହୃଦୟର ଅମୂଲ୍ୟ ମଣି ଏଇ ଯୁବରାଜଙ୍କୁ ତୁମ୍ଭେ ?

୧ମ ବ୍ୟକ୍ତି— ଦାହ କରିବାକୁ ନେବୁ ।

୨ୟ ବ୍ୟକ୍ତି— ଆହା, ଏ ଦେହକୁ ପୁଣି ଅଗ୍ନିରେ ପୋଡ଼ି ଦେବା !

୩ୟ ବ୍ୟକ୍ତି— ଚୁପ୍, ସକଳେ !

୪ର୍ଥ ବ୍ୟକ୍ତି— ଚାଲ, ଶବ ଧର; ଶୀଘ୍ର, ଶୀଘ୍ର । ( ପ୍ରସ୍ଥାନ )

# ଦୃଶ୍ୟ ପରିବର୍ତ୍ତନ

ମନ୍ତ୍ରୀ—କାଞ୍ଚୀଗୌରବର ଶେଷ ଭାଗ୍ୟ-ରବି ଆଜ ଅସ୍ତମିତ। ଏ ଯୁଦ୍ଧଭୂମିର ଭୟଙ୍କର ଅଗ୍ନି ଏଇ ଅନଳ-ଶିଖାରେ ଭସ୍ମୀଭୂତ, ଏଇ ଅନଳ-କୁଣ୍ଡରେ। ଜଳ ଅନଳ, ଊର୍ଦ୍ଧ୍ୱ ଜିହ୍ୱା ଶିଖାରେ କାଳ ନୃତ୍ୟ! ସେ ଉଦାର ହୃଦୟ, ସିଂହ-ବିକ୍ରମ, ଉଜ୍ଜ୍ୱଳ ଯଶୋରାଶି ଆଜ ଏଇଠାରେ ଅନଳ ଭସ୍ମରେ ମିଶିଗଲା। ଯୁବରାଜ ଦେବଙ୍କ ଚରଣ ଦେଖିବା ପୂର୍ବେ, କି ଏ ସର୍ବନାଶ! କାହିଁକି ବନଦେଶରୁ ଫେରି ଆସିଲ? ଆହା, ବନଦେବତାଙ୍କର ସ୍ନେହ ଥିଲେ ଅବା ଏ ନଦୀଗର୍ଭେ ମୃତ୍ୟୁ ସ୍ୱର୍ଗ ହେବ ନ ଥାନ୍ତା! ପିତା ଜଗନ୍ନାଥଙ୍କୁ ମାତ୍ର ନିବେଦନ କରିଥିଲେ, ଏବଂ କର୍ତ୍ତବ୍ୟ ସାଧନା କରିବାକୁ ଥାଇଁ ଭୂମଣ୍ଡଳରୁ ବିଦାୟ କରିଗଲେ। ଉଃ, କି ଭୀଷଣ ସର୍ବନାଶ! ଯାଅ, ନନ୍ଦନ! ତବ ପୁଣ୍ୟ ଚରିତ୍ରର ଆଜି ପରମ ଶେଷ ହେବ ନାହିଁ! ଜୟ ଅନଳ, ଜୟ! ଆଉ ନୁହେଁ! ଉଃ, କି ଭୀଷଣ ଦୃଶ୍ୟ!

(ପ୍ରସ୍ଥାନ)

୧ମ ବ୍ୟକ୍ତି—ଏଇ ସରିଗଲା, ଭଗବାନ୍!

୨ୟ ବ୍ୟକ୍ତି—ଏଥିପାଇଁ କି ଘଟଣା, ଭାଇ!

୩ୟ ବ୍ୟକ୍ତି—କାହିଁକି ଫେରିଲେ?

୪ର୍ଥ ବ୍ୟକ୍ତି—ଯାଇ ବନସ୍ତରେ ଥିଲେ ଭଲା କରନ୍ତ। ତା ହେଲା ନାହିଁ, ମରିଗଲେ!

୧ମ ବ୍ୟକ୍ତି—ଏଇ ଗଲା!

୨ୟ ବ୍ୟକ୍ତି—ସବୁ ଆଜ ଶେଷ।

୩ୟ ବ୍ୟକ୍ତି—ହା, କଥାଟା ଏତେକେ ଭୁଲୁ!

୪ର୍ଥ ବ୍ୟକ୍ତି—ଓଡ଼ିଆ, କଏ ଶୁଣୁଛି ଭୁଲିଥିଲ?

(ବାଘନ୍ତୀର ପ୍ରବେଶ)

ବାଘନ୍ତୀ—ଜୟ, ଜଗନ୍ନାଥ!

୧ମ ବ୍ୟକ୍ତି—କିଏ, ବାଉଳୀ?

ବାସନ୍ତୀ—ଦେଖ ଉଜ୍ଜ୍ୱଳ ବହ୍ନିଶିଖା; ଜଳ ବହ୍ନି, ଉଜ୍ଜ୍ୱଳ ଆହୁରି ଉଜ୍ଜ୍ୱଳ ।

୨ୟ ବ୍ୟକ୍ତି—ଦୂରକୁ ଘୁଞ୍ଚିଯାଅ, ବାଳିକା !

ବାସନ୍ତୀ—ଦେଖ ଅନଳ ଶିଖା । ଆଉ ବିଳମ୍ବ ନୁହେ । ଜୟ, ଜଗନ୍ନାଥ !

୩ୟ ବ୍ୟକ୍ତି—ଏ କଣ ବାଳିକା ?

୪ର୍ଥ ବ୍ୟକ୍ତି—ହାଁ, ଏ କଣ ? ରହ !

ବାସନ୍ତୀ—ନା, ଆଉ ବିଳମ୍ବ ନୁହେ । ଜୟ, ଜଗନ୍ନାଥ !

୧ମ ବ୍ୟକ୍ତି—କିଏ ତୁମେ, ବାଳିକା, ଅଗ୍ନିରେ ଆପଣାର ଯୌବନଶ୍ରୀ ପୋଡ଼ିଦେବାକୁ ଯାଉଛ ?

ବାସନ୍ତୀ—ପୋଡ଼ି ଦେଇଅଛି । ଆଉ ପୋଡ଼ିବ କିଏ ?

୨ୟ ବ୍ୟକ୍ତି—ଦୂରକୁ ଯାଅ, ବାଳିକା ! ପଛକୁ ଘୁଞ୍ଚିଯାଅ ।

ବାସନ୍ତୀ—ବହୁଦିନ ଦୂରରେ ରହିଛି । ଆଜି ଏତେ ନିକଟ, ଆଉ ନୁହେ !

୩ୟ ବ୍ୟକ୍ତି—କିଏ ତୁମେ, ବାଳିକା ? ତୁମର ନାମ କଣ ?

ବାସନ୍ତୀ—ବାସନ୍ତୀ ।

୪ର୍ଥ ବ୍ୟକ୍ତି—ଅଗ୍ନିରେ ଜୀବନ ଝାସ ଦେବାକୁ ଏତେ ଉଦ୍‌ବେଗ କାହିଁକି ?

ବାସନ୍ତୀ—ଅର୍ଦ୍ଧେକ ବହ୍ନିରେ ମିଶିଅଛି । ଜଳ ବହ୍ନି, ଜଳ । ଏଇ ଅପର ଅର୍ଦ୍ଧ ପୁଣି ଏଇଥିରେ ମିଶିଯିବ ।

୧ମ ବ୍ୟକ୍ତି—କିଏ ତୁମେ ବାଳିକା ?

ବାସନ୍ତୀ—ଅର୍ଦ୍ଧାଙ୍ଗୀ । ତୁମ ଯୁବରାଜଙ୍କର ସହଧର୍ମିଣୀ, ସୁଖଦୁଃଖରେ ସହଭାଗିନୀ; ଆଉ କିଏ ?

୨ୟ ବ୍ୟକ୍ତି—ଏ କାର୍ଯ୍ୟ କାହିଁକି, ମହିମା ଦେବେ ?

ବାସନ୍ତୀ—ଜୟ, ଜଗନ୍ନାଥ !

୩ୟ ବ୍ୟକ୍ତି—ନା, ମହାରାଣି, ଛିଡ଼ା ହୁଅନ୍ତୁ !

ବାସନ୍ତୀ—ଜୟ, ଜଗନ୍ନାଥ ! ଜଳ, ବହ୍ନିଶିଖା । ଯେବେ କୃଷ୍ଣାନଦୀ କୂଳରେ ସାକ୍ଷାତ, ସ୍ୱର୍ଗରେ ଆନନ୍ଦନେ ସେ ନନ୍ଦନ କାନନଭୂମିରେ ।

ଆଜି ଏ ଅନ୍ତିମ ସାକ୍ଷାତ୍, ପ୍ରଦୀପ୍ତ ବହ୍ନିକୁଣ୍ଡରେ ଜୀବନର ଅନ୍ତିମ ସମର୍ପଣ, ହୃଦୟ ସର୍ବସ୍ୱ ସ୍ୱାମୀର ମଧୁର ମିଳନ । ଜ୍ୱଳ ବହ୍ନିଶିଖା, ଜଳ ଜଳ । ଯାଏ, ଯାଏ, ଆଜି ଚିରନ୍ତନ ଶାନ୍ତି । ଏଇ ଜୀବନର ଶେଷ—ଆସ, ପ୍ରାଣେଶ୍ୱର ! ଯାଏ, ପ୍ରାଣେଶ୍ୱର, ଯାଏ ! ଜୟ ଜଗନ୍ନାଥ ! [ ଚିତାରେ ପତନ ]

୧ମ
୨ୟ
୩ୟ —ମା, ମହାରାଣୀ, ଏ କଣ !
୪ର୍ଥ

[ ପଟକ୍ଷେପଣ ]

---

## —ସପ୍ତମ ଦୃଶ୍ୟ—

ସ୍ଥାନ—କାଞ୍ଚୀରାଜପ୍ରାସାଦ

[ କନକର ପ୍ରବେଶ ]

କନକ—ସେ ଆଜିକି ଅନେକଦିନ—ସ୍ନେହ କି ପଦାର୍ଥ ବୁଝିବାପୂର୍ବରୁ ସକଳ ସମ୍ପଦ ମଧ୍ୟରେ ଡାକୁଛି···'ପଦ୍ମ' ! ସେ ମଧ୍ୟ ଡାକୁଛି 'କନକ' ବୋଲି । ଦିନ ଦେଖିବାରେ ଆଦର ସୋହାଗରେ, କ୍ଷୁଧା ତୃଷା ବେଳେ ପ୍ରୀତି ସେବା ପଦ୍ମ-କନକ । ଆଜି କେଉଁଠାରେ ସେ । ଏ ଘୋର ବିଚ୍ଛେଦ, ଅସହ୍ୟ ସ୍ନେହର ନିର୍ଦ୍ଦେଶ । ପଦ୍ମ—କଣ୍ଠ ଗଲା, ପିତା ମାତାଙ୍କ ହାତରେ ସମ୍ପର୍କ । ରହିଲି; କନ୍ଧ କି ଦୁଃଖ ସେ ସ୍ନେହମୟ ପବିତ୍ର-ସ୍ମୃତିଠାରୁ । ପଦ୍ମର ସ୍ଥାନ କନକ ପୂର୍ଣ୍ଣ କରିବ ? ଚନ୍ଦ୍ରମା ନିକଟରେ ତାରକା ଶୋଭନ୍ତି । ଆହା, ପଦ୍ମ ତୁମେ ହିଁ, ପ୍ରାଣର କମଳ ଚନ୍ଦ୍ରମା, ମୁଁ ସମ୍ପଦର ଦର୍ଶକ ସଦୃଶ ଅହର୍ନିଶ ବିଚରଣ କରିଛି । ଆଜ ଏ ଘୋର ଦୁଃଖଦବେଳେ, ପଦ୍ମ, କିଏ ପାଖରେ ବସୁଅଛ । ଭୁଲିଗଲୁ ପଦ୍ମ, ମା'ଆଙ୍କ ନିକଟରୁ ପଠାଇଦେଲ ! ଆଜି

ସାକ୍ଷାତ୍ ଦେଖିନାହିଁ । କହିବାର କଥା ନୁହେଁ ଅନେକ; କିନ୍ତୁ ଏ ସେମିତି ଶୋଚନୀୟ ଦୁର୍ଦ୍ଦିବସ । ସହିଣା ନେବି, ପଦ୍ମ, ଚଣ୍ଡାଳଙ୍କରେ ? ଓହୋ, କି ନିଷ୍ଠୁର ଲେଖା ଦେବୀଙ୍କର ! ସତେ ସୁରଭିମାଟି ଦେବୀଙ୍କର ବାସ ଚଣ୍ଡାଳ ଘରେ ! ଆଜି କାହିଁକି, କେଜାଣି ? ଅକାଳରେ ବୁଢ଼ୀ ହେଲି । ଏ ଘୋର ଦଶାଭର ସହି, ଆହା !

[ ସତ୍ୟବାଦୀଙ୍କର ପ୍ରବେଶ ]

ସତ୍ୟ— ମା କନକ !

କନକ—ମା !

ସତ୍ୟ—ଏକୁଟିଆଟି ହୋଇ ଛିଡ଼ା ହୋଇଛୁ, କନକ ?

କନକ—ନା, ନା, ଏକୁଟିଆ କାହିଁ ?

ସତ୍ୟ— ଆଜକୁ ଛଅମାସ ଦଶ ଦିନ, କନକ!

କନକ—ହଁ, ମା, ଆଜ ଦଶମୀ, ଠିକ୍ ଛଅମାସ ଦଶ ଦିନ !

ସତ୍ୟ—ଏ କଣ କୃଷ୍ଣପକ୍ଷ, ନା ଶୁକ୍ଳପକ୍ଷ ?

କନକ—ଏ କୃଷ୍ଣପକ୍ଷ, ମା ! ଆଜ ହେଲା ଫଗୁଦଶମୀ ।

ସତ୍ୟ—ମୁଁ କିଛି ଜାଣିପାରୁ ନାହିଁ, କନକ ! ଫଗୁଦଶମୀ, ଆଜି ପାଞ୍ଚ ଦିନ ଗଲେ ସ୍ନାନପୂର୍ଣ୍ଣିମୀ ହେବ, ନା କୁମାରପୂର୍ଣ୍ଣିମୀ ?

କନକ—ଏଇ ସ୍ନାନ ପୂର୍ଣ୍ଣିମୀ, ମା ! ଏଇଦିନ ମୋର ପ୍ରଥମ କଥାବାର୍ତ୍ତା ଚନ୍ଦ୍ର ସଙ୍ଗରେ ।

ସତ୍ୟ—ସେଇ ଦିନ ତାର ଜନ୍ମ, କନକ ! ବୈରାଗଣି ଅର୍ଥ ମୋର; ଚନ୍ଦ୍ର, ଚନ୍ଦ୍ର ! କନକ ! ମା ଚନ୍ଦ୍ର ମୋର, ଆଜି ପ୍ରାଣର ସୁମନ୍ତ, ଆହା, କଣ କଲୁ ? ବଧିଲୁ, ଆହା !

କନକ—ମା, ମା, ମା !

ସତ୍ୟ—କନକ, କଣ ମା ?

କନକ—କିଛି ନାହିଁ !

ସତ୍ୟ—ଜାତି ପଥରର ଦେହର, କନକ ! ଆଜି କି କାର୍ଯ୍ୟ ?

କନକ—ଚାଲ, ମା, ବହୁତ ରାତି ହେଲଣି, ବିଶ୍ରାମ କରିବାକୁ ଯିବା ।

ସତ୍ୟ—ବିଶ୍ରାମ ତ ସବୁବେଳେ କରୁଛୁ, କନକ ! ଟିକିଏ କଥାବାର୍ତ୍ତା କହ, ମନ ଟିକିଏ ଆଶ୍ୱାସ ଲଭିବ !

କନକ—କଥା କହ, ମା !

ପଦ୍ମ—ସ୍ୱର୍ଗରେ ସବୁ ସବୁ ଦେବତାମାନେ ଅଛନ୍ତି, କନକ ? ସେଠିଲୁ ଦେଖା ହେବ ନାହିଁ ?

କନକ—ହେବ, ମା !

ପଦ୍ମ—ବାବୁ ସୁମନ୍ତ ଅଳୁଅ ପାଗଳଙ୍କରେ—ମା ପ୍ରଭୁ ! 'କନକ, ମା; ମା ! ଆହା, କନକ !

[ ଯବନିକା ପତନ ]

---

# ପଞ୍ଚମ ଅଙ୍କ

## —ପ୍ରଥମ ଦୃଶ୍ୟ—

ସ୍ଥାନ—କଟକରେ ମନ୍ତ୍ରୀଙ୍କ ଗୃହର କକ୍ଷ

( ପଦ୍ମାବତୀ ଏକାକିନୀ ଗୋଟିଏ ପାତ୍ର ଧରି ଆସିଲେ )

ପଦ୍ମ—ନା, ଏ ମହାପାପ । ସୁଖର ଆଶା ଜଳାଞ୍ଜଳି କରି ଦୁଃଖର ଅପେକ୍ଷାରେ ଜୀବନ ଅତିବାହିତ କରିବା—ସେ ଏକ ମହାସୁଖ । ବିବାହ-ଚଣ୍ଡାଳ ସଙ୍ଗରେ ବିବାହ । ବିବାହ ତ ହୋଇଅଛି । ଆଉ ପୁଣି ବିବାହ କଣ ? ଏ ପ୍ରାଣେଶ୍ୱରଙ୍କ ଆଦେଶ, ସୁଖର ଅନୁଜ୍ଞା । କେବେ ? କେବେ, ଚଣ୍ଡାଳ, ଆସୁଛ ତୁମେ ? ନା, ଏ ଘୋର ପାପ, ଏ ବ୍ୟଭିଚାର । ଜୀବନରେ କି ପ୍ରୟୋଜନ ? ବିଷ, ଏ ପ୍ରଦୀପ ଏକ୍ଷଣରେ ଲିଭିଯିଏ । ଏ ଅମୃତ, ଯହିଁରେ ଜୀବନର ସୁଖ ଦୁଃଖ ଶୁଝିଯାଏ । ବିଷ । ନା, ନା, ବିଷପାନ ଅସହ୍ୟ । ତା କରିବ ନାହିଁ । ଏ ଘୋର ଯନ୍ତ୍ରଣା, ଏ ପୁଣି ଏକ ମହାପାପ । ସ୍ୱାମୀଙ୍କର ପ୍ରତିଜ୍ଞା ଚଣ୍ଡାଳ ସଙ୍ଗରେ ବିବାହ କରାଇବେ । ଭ୍ରାନ୍ତ ହେଲା ! ବିବାହ ଜୀବନରେ ଥରେ ହୁଏ । ଆଉ କି ବିବାହ ସମ୍ଭବ ? ନା, ମୁଁ ସତୀ । ପତିର ପ୍ରତିଜ୍ଞାଭଙ୍ଗରେ ସତୀର କି ଲାଭ ? ଚଣ୍ଡାଳ, ଆସ ! କେବେ ? ନା, ଏ ବ୍ୟଭିଚାର ନୁହେଁ, ପତିଭକ୍ତି । ପତିଙ୍କ ଆଦେଶ

ମାଳିକ, ତାଙ୍କ ଦୃଢ଼ ଭକ୍ତିରେ ତୋଷ । ବଡ଼ପ୍ରାସାଦ ସୁବର୍ଣ୍ଣସମ୍ପଦ ମଧ୍ୟରେ ରାଜଭବନରେ ନାହିଁ । ସେ ତ ଦ୍ୱାରସ୍ଥ ଏକ ମାଳିନୀ ଝିଅ । ସୀତାଙ୍କୁ ନେଇଥିଲା ରାବଣର ଅଶୋକ କାନନରେ, ବାଲ୍ମୀକିଙ୍କ ତପୋବନ ମଧ୍ୟରେ—ଅଯୋଧ୍ୟାର ରାଜମନ୍ଦିରର ନୁହେଁ । ନା, ଏଥିପାଇଁ ଜୀବନକୁ ଟିକି ରଖିବି । ଦେଖିବ ସେ ? ଆସ ଶୀଘ୍ର, ଚଣ୍ଡାଳ ! ଅପେକ୍ଷା ଆଉ ସହି ହେଉନାହିଁ । ତୁମ୍ଭ ମୋ ଅନ୍ତରର ଅନ୍ଧାର ଦୂର କର ପ୍ରତିମାଧ୍ୟ, ତାଙ୍କର ଅପେକ୍ଷାରେ ନିଶ୍ଚିନ୍ତ ହେବେ । ଆସ ।

[ ଶାରଦାର ପ୍ରବେଶ ]

ଶାରଦା—କଣ କହୁଛ, ପଦ୍ମାବତୀ !

ପଦ୍ମ—କଣ ତ ଆଜି କଣ, ଶାରଦା ? ଦେଖିଛୁ ।

ଶାରଦା—କାନ୍ଦୁଥିଲ ସେ ?

ପଦ୍ମ—ଆଖିରେ ତ ଲୁହ ଅଛି, ଶାରଦା ! ଉଠାଇଛି । କାନ୍ଦିବି ନାହିଁକି ?

ଶାରଦା—ନା, କାନ୍ଦୁଥିଲ । କଣ ଦେଖୁଛ ? କୁଣ୍ଡଳ କଏ ଦେଇଗଲା ? କଣ ? କଣ ବାହାରୁଛି । ମୋ କୁଣ୍ଡଳ ସେ ଦିନ ଭାଙ୍ଗି ଦେଇଥିଲ ପରା ! ତୁମେ ମୋର ଏ କୁଣ୍ଡଳଟି ନିଅ ! ମୁଁ ମାକୁ ଆଉ ଗୋଟିଏ ମାଗିବି ଯାଇ ।

ପଦ୍ମ—ଶାରଦା ! [ କୁଣ୍ଡଳ ଦେଖାଇ ]

ଶାରଦା—ଆଜି କାନ୍ଦନାହିଁ, ଯାଉଛି । ଖେଳୁଥାଅ, ମୁଁ ଆସେ ।

[ ପ୍ରସ୍ଥାନ ]

ପଦ୍ମ—କୁଣ୍ଡଳ ! ଆହା, ଶାରଦା କି ସରଳ ! ମନୁଷ୍ୟ ଜୀବନ ଏମିତିର ସରଳ ହୋଇ ରହୁଥାନ୍ତା ! ଆହା, ବାଳିକା କୁଣ୍ଡଳଟି ଦେଇଗଲା । ଶାରଦା, ଏ ସ୍ନେହ ପାସୋରି ହେବନାହିଁ । କାନ୍ଦୁଥିଲି ! ନା, କାନ୍ଦିବା ତ ଏକ ଦୁର୍ବଳତା । ଏ କୁଣ୍ଡଳଟି ପାଇଁ କାନ୍ଦୁଥିଲି ? ନା, ସଂସାର ଏମିତିର ଗୋଟିଏ କୁଣ୍ଡଳ । କେତେ ଶାରଦା ହାତରେ ଧରି ଦେଉଛନ୍ତି, କେତେ ପଦ୍ମାବତୀ ସବୁର ଆଖି ଦୁଃଖ ବିଷାଦରେ ବୁଡ଼ି ରହୁଛନ୍ତି । ଦେଲା, ବାଳିକା; କୁଣ୍ଡଳଟି ନେଇଗଲି ନାହିଁ ? ( ପାଇକଙ୍କର ପ୍ରବେଶ )

କଏ, ଚାହଁଛ ? ଆଜ ପୁଣି ଆସିଲ ? ମୁଁ ନେ ଦେଲି ମନା କରିଥିଲି ।

ଚାରଣ—ମା ମହାରାଣୀ, ତୁମକୁ ଦେଖିଲେ ମୋର କେତେ କଥା ମନେ ପଡ଼ୁଛି, ସୁଖ ଲାଗୁଛି ଦୁଃଖ ଲାଗୁଛି, ଭୟ ମାଡ଼ୁଛି, ଲାଜ ମଧ୍ୟ ମାଡ଼ୁଛି ।

ପଦ୍ମ—ନା, କାହିଁକି ଆସିଲ ?

ଚାରଣ—ଜାଣେ ମା, କାଲି ଗଜପତିଙ୍କ ସ୍ତୁତି କରି ଯାଇଥିଲି । ସେମାନେ ନାହିଁ କହିଲେ—ଆଉ ଆସିବ ନାହିଁ ।

ପଦ୍ମ—ତେବେ ?

ଚାରଣ—ଏଥର ତ କାହିଁକି ଆଉ ଆସି ହୋଇଲେ ।

ପଦ୍ମ—ନା, ଆଉ ଆସିବ ନାହିଁ, ଚାରଣ, କାଳଠାରୁ ଆଉ ଆସିବ ନାହିଁ ।

ଚାରଣ—ନା, ଆଉ ଦେଖିବ ତଥ ଦେଖିବ ? କୁମାରଙ୍କ ପାଇଁ ଦେଖିବ । ତୁମକୁ ଦେଖିଲେ ଦେଖ ମହାରାଣୀଙ୍କି ଦେଖିଲା ପରି ଲାଗୁଛି । ଆଜି କୁମାରଙ୍କ ଭୁଲି ଗଲେ ? କେତେବେଳେ ଏ କୋଳରେ ବସାଉଥିଲ, ବୁକୁରେ ଚାପିକି ଧରୁଥିଲ । ସେ କୁମାରଙ୍କ ଭୋଲ ଦେବ !

ପଦ୍ମ—ଆଉ ସେ କଥା କହ । ହିଁ, ଚାରଣ ! ଆଉ

ଚାରଣ—ନା, ମା, କଥାରେ କହିଲେ ଭୁଲିଲା ଧନ କଣ ଫେରି ଆସିବ ?

ପଦ୍ମ—ନା, ଚାରଣ, ନା ଆସିବ ନାହିଁ, ହଜିଲା ଧନକୁ ଖୋଜୁଥିଲେ ଦେଖିବେ ଏକପ୍ରକାର ସୁଖ ଅଛି । ସେ ତ ଗୋଟିଏ ଧନ ।

ଚାରଣ—ତୁମ ଆଜ ଏତେ ଶୁଖିଲା ଦିଶୁଛ, ମା ?

ପଦ୍ମ—ଚାରଣ, ତୁମେ ଏକାକିନୀ ଯାଅ । ବଡ଼ ଦୟା ତୁମର ମୋଠାରେ । ଏବେ ଦୟା ପାଇବାକୁ ମୋର ଯେତେ ଇଚ୍ଛା ହେଉନାହିଁ । ଯିବ, ଚାରଣ ?

ଚାରଣ—ଠାକୁର, କାଲିକି ଆସିବ । ନ, ନାହିଁ କହୁଚ, କାଲିକି ଆସେ । (ପ୍ରସ୍ଥାନ)

ପଦ୍ମ—ଅନନ୍ତ ସଂସାରରେ ଦୟା ସ୍ନେହ ଅନନ୍ତ । ଦୁଃଖ କ୍ଷୋଭ ମଧ୍ୟ ବେଶ୍ୟାର ଅନନ୍ତ । ସୁଖ ଦୁଃଖ ଦେଖିବେ ତ ଏକ ପଦାର୍ଥ । ସୁଖ ଦୁଃଖ । ଦୁଃଖ ମଧ୍ୟ ଏକ ସୁଖ । (ଶାରଦାର ପ୍ରବେଶ

ପୁଣି କୁଆଡ଼େ ଆସିଲି ଶାରଦା ।

ଶାରଦା—ନେ, ମାଁଙ୍କଠାରୁ ଆଉ ଗୋଟିଏ କଣ୍ଢେଇ ଆଣିଲି । ତମେ ସେ କଣ୍ଢେଇଟିରେ ଖେଳିବ, ମୁଁ ଏଇଟିରେ ଖେଳିବି ।

ପଦ୍ମ—ଆସ, ଶାରଦା ମୋ ପାଖକୁ ଆସ । ( କୋଳରେ ବସାଇବା )

ଶାରଦା—ପୁଣି କାନ୍ଦୁଛ, ପଦ୍ମାବତି !

( ପଟକ୍ଷେପଣ )

---

—ଦ୍ୱିତୀୟ ଦୃଶ୍ୟ—

ସ୍ଥାନ—କଟକର ରାଜପ୍ରାସାଦ

(ମନ୍ତ୍ରୀ ଓ ଅର୍ଜୁନ ସିଂହଙ୍କର ପ୍ରବେଶ)

ମନ୍ତ୍ରୀ—କାଶୀରୁ ପୁଣି କୁଆଡ଼େ ଗଲେ ଆପଣ ?

ଅର୍ଜୁନ—ହରିଦ୍ୱାର, ଇନ୍ଦ୍ରପ୍ରସ୍ଥ ଦିଲ୍ଲୀ, କୁରୁକ୍ଷେତ୍ର, ପ୍ରୟାଗ ଦର୍ଶନ କରି ବୃନ୍ଦାବନ ଗଲି-ଯେଉଁଠାରେ ଭଗବାନଙ୍କର ସମସ୍ତ ଲୀଳା । କି ମଧୁର ସେ ବୃନ୍ଦାବନ, ମନ୍ତ୍ରୀ ମହାରାଜ !

ମନ୍ତ୍ରୀ—ଦାକ୍ଷିଣାତ୍ୟରେ ଆପଣ କଣ ଦେଖିଲେ ?

ଅର୍ଜୁନ—ଝାଡ଼ଖଣ୍ଡ ବାଟେ ବୈଦ୍ୟନାଥ ଯାଇ ସେଠାରୁ ପଞ୍ଚବଟୀ ଗଲି । ପଞ୍ଚବଟୀ ବନଭୂମି ଅତି ରମଣୀୟ । ନାନା କୁଞ୍ଜବନ, କୁସୁମ କାନନ ଚତୁର୍ଦ୍ଦିଗରେ । ରାମଚନ୍ଦ୍ର, ସୀତା ଦେବୀ, ଲକ୍ଷ୍ମଣଙ୍କ ସହିତ ସେହି ସ୍ଥଳୀରେ ବିହାର କରୁଥିଲେ । ତାପରେ ରାମନାଥ ।

ମନ୍ତ୍ରୀ—ରାମନାଥରୁ ଲଙ୍କା ତ ଅଳ୍ପ ଦୂର ?

ଅର୍ଜୁନ—ମୋର ଲଙ୍କା ଯିବାର ଇଚ୍ଛା ଥିଲା । ସମୁଦ୍ରପଥ ଅତ୍ୟନ୍ତ ଅଗମ୍ୟ ହେବାରୁ ନାବିକମାନେ ସାହସ କଲେନାହିଁ ।

ମନ୍ତ୍ରୀ—ରାମନାଥଠାରୁ କୁଆଡ଼େ ଯିବାକୁ ହେଲା !

ଅର୍ଜୁନ—ଗୋଦାବରୀରେ ସ୍ନାନ ସାରି ସିଂହାଚଳ ଆସିଲି, ବଡ଼-ମନୋରମ ସ୍ଥାନ । କଦଳୀ, ସପୁରୀ ପ୍ରଭୃତି ଭୂମିରୁ ଫଳ ପ୍ରଚୁର ମିଳେ ।

ମନ୍ତ୍ରୀ—ହଁ, ମୁଁ ବଡ଼ ସନ୍ତୁଷ୍ଟ ହୋଇଛି, ଅର୍ଜୁନସିଂହ । ଯୁଦ୍ଧପରେ ଜଗନ୍ନାଥ, ପୁରୀକୁ ଯାଇଥିଲ ? ତା ପରେ ତ ଆପଣ ରାଜଧାନୀକୁ ଫେରିଥିବେ ।

ଅର୍ଜୁନ—ନା, ମହାଶୟ, ଶିବ ଭୁବନରେ ଏକ ମାସ ଥିଲି । ଶୈବମାନଙ୍କର ଅଗଣ୍ୟ ଦେବାଳୟ ସେଠାରେ ଅଛି । ଭକ୍ତିଭାବର ପ୍ରଭାବ ଅଛି । କୋଟିଏ ବୃକ୍ଷ ଝରଣା, ତା ନିକଟରେ ଭୁବନେଶ୍ୱରଙ୍କ ମନ୍ଦିର । ଆହୁରି କେତେଗୋଟି ମନ୍ଦିର ମଧ୍ୟ ଅଛି ।

ମନ୍ତ୍ରୀ—ସେ ତ ଏକାମ୍ର ମଧ୍ୟରେ । ସେଠାରେ ନରସିଂହ ଦେବଙ୍କ ସଙ୍ଗେ ଦେଖା ହୋଇ ନ ଥିବ ?

ଅର୍ଜୁନ—ହଁ ଦେଖା ହୋଇଥିଲା । ରାଜପୁତ୍ର ସକଳ ଶାସ୍ତ୍ରାଭ୍ୟାସୀ- ହେଲେ ଉଦାର ସ୍ୱଭାବରେ ବଡ଼ ଆତ୍ମୀୟ କଲେ ।

ମନ୍ତ୍ରୀ—ଏପରି ପରିବର୍ତ୍ତନ ହୋଇଅଛି ? ହେବାର କଥା । ନରସିଂହ ଦେବ ଉଦାର । ତାପରେ ?

ଅର୍ଜୁନ—ସେଠାରୁ ଆସି ଚିଲିକାହ୍ରଦରେ ଦୁଇ ଚାରି ଦିନ ବୁଲି ବୁଲି, ଜଗନ୍ନାଥଙ୍କ ଦର୍ଶନକୁ ଗଲି—ଶାନ୍ତି ଆନନ୍ଦର ସାଗର ଧର୍ମର ପୁଣ୍ୟ ଆସ୍ଥାନ ।

ମନ୍ତ୍ରୀ—ମୁଁ ଦେଖିଛି । ଉତ୍କଳର କେଉଁ ଆଡ଼େ ?

ଅର୍ଜୁନ—ଶ୍ରୀକ୍ଷେତ୍ର ।

(ପୁରୁଷୋତ୍ତମ ଦେବଙ୍କର ପ୍ରବେଶ)

ମନ୍ତ୍ରୀ—ଏଇ ତ ମହାରାଜା ଆସିଗଲେଣି । ବିଜେ କରନ୍ତୁ, ମହାରାଜ !

ରାଜା—ନମସ୍କାର, ମନ୍ତ୍ରି ମହାଶୟ ! ସୈନିକବର ଅର୍ଜୁନସିଂହ ହେ ! କେବେ ଆପଣ ଫେରିଲେ ? ସବୁ କୁଶଳ ତ ?

ଅର୍ଜୁନ—କାଲି ଫେରିଅଛି ମହାରାଜ ! ଆପଣଙ୍କ କୃପାରୁ ସବୁ କୁଶଳ ।

ରାଜା—ଦୁଃଖ ସୁଖ ସବୁ ଏକ୍ଷଣି ହେବ, ବହୁ ଦିନର ପ୍ରବାସ ପରେ । ମନ୍ତ୍ରି ମହାଶୟ, ଦେଶର କି ସମ୍ବାଦ ?

ମନ୍ତ୍ରୀ—ସମ୍ବାଦ ସମସ୍ତ ଭଲ । କେବଳ ତାମ୍ରଲିପ୍ତ ଅଞ୍ଚଳରେ ବର୍ଷା ହୋଇ ନ ଥିବାରୁ କୃଷକମାନେ ବ୍ୟସ୍ତ ଅଛନ୍ତି, ଆଉ ସବୁ ଭଲ ।

ରାଜା—ସେ ଅଞ୍ଚଳରେ ବର୍ଷା ନାହିଁ ? ଏ ବର୍ଷ ପବନରୁ ତ ଟିକଏ ଜଣା ହୋଇଛି । ତେବେ ଶୀଘ୍ର ବର୍ଷା ହେବାର ଆଶା ।

ଅର୍ଜୁନ—ଦେଖିଲି, ମହାରାଜ, ପଞ୍ଜାବ, ରାଜପୁତାନା ଅଞ୍ଚଳରେ ବର୍ଷର ଦଶ ମାସ ଖରା । କୌଣସି କୌଣସି ବର୍ଷ ଅସରାଏ, ଦୁଇ ଅସରା ମାତ୍ର ହୁଏ କିନ୍ତୁ ଏଣେ ଉତ୍କଳ ଭୂଖଣ୍ଡ । ସେଥିପାଇଁ ବହୁଳ ବୃଷ୍ଟି ହୁଏ ସାମାନ୍ୟ ଦେଶରେ ।

ରାଜା—ଏ ମାନସ୍ଥାର ଦେବଭୂମି ଉତ୍କଳରେ ଯେ ପ୍ରଚୁର ବୃଷ୍ଟି ହୁଏ ।

ମନ୍ତ୍ରୀ—ଦେଶରେ ତ ବର୍ଷାକାଳ ଧାନକ୍ଷେତ୍ର ।

ରାଜା—ସେଥିପାଇଁ ଏଠାର ଭୂମି ଅତ୍ୟନ୍ତ ଉର୍ବର ।

ମନ୍ତ୍ରୀ—ମହାରାଜ, ଆଉ ଏକ କଥା ଅଛି । ଅନୁମତି ହେଲେ କହିବି ।

ରାଜା—କହନ୍ତୁ, ମନ୍ତ୍ରି ମହାଶୟ ! ଅନୁମତି ଦେବା କଥା ଆସିଲା ଚାଲିଥିଲି ।

ମନ୍ତ୍ରୀ—ନାଗପୁର ରାଜାଙ୍କ କନ୍ୟାଙ୍କ ବିଷୟରେ ଯେ ଯେ ସମାଚାର ପ୍ରଥମ ଆସିଥିଲା, ତୁମ ଅଦ୍ୟାବଧି ଶୁଣି ନାହାନ୍ତି । ତାଙ୍କୁ କଣ ଭୁଲିଯିବ ?

ରାଜା—ଭଲ କଥା, ଯେ କଥା ଏପର୍ଯ୍ୟନ୍ତ ଠିକ୍ କରି ନାହିଁ, ମନ୍ତ୍ରି ମହାଶୟ ! ସେଥିପାଇଁ ଆଗାମୀ ନାଗପୁର ଦୂତଙ୍କୁ ଫେରାଇ ଦେବାକୁ ହେବ ।

ମନ୍ତ୍ରୀ—କିପରି ସମାଚାର ଆଉ ଦେବାକୁ ହେବ ? କେଉଁଠାରେ ଅବା ?

ରାଜା—ଅବଶ୍ୟ ଉତ୍ତର ଜଣାଇ ଦେବାକୁ ଅନୁଚିତ । ବିବାହ ଅସମ୍ଭବ, ମନ୍ତ୍ରି ମହାଶୟ ! ଦୂତ ଫେରି ଯାଆନ୍ତୁ । ଆଉ, ଅର୍ଜୁନ ସିଂହ, ବହୁଦିନ ପରେ ପୁଣି ଆଜ ସାକ୍ଷାତ୍ ।

ମନ୍ତ୍ରୀ—ଅର୍ଜୁନସିଂହ କହୁଥିଲେ, ସେ କାଞ୍ଚୀ ବାଟେ ଆସିଛନ୍ତି, ଧନପୁର ପ୍ରାୟ ଦଶର ଦିନ ପରେ

ରାଜା—ଆଉ କାଞ୍ଚିକ ଯେ କଥା, ମନ୍ତ୍ରିମହାଶୟ ? ସେ ସବୁ ମନରୁ ବିସ୍ମରଣ କରିଦିଅ । କି ଘୋର ଲଜ୍ଜା, ରାଜମୁକୁଟ-ଶୂନ୍ୟ କି କାହିଁକି ଅପମାନ ! ହୁଁ ଜାଣେ ! ମୋ ଅର୍ଜୁନସିଂହଙ୍କ କଥା କାନ ଦେଉଥିଲେ । ତାଙ୍କ ପାଖରେ ସାକ୍ଷାତ୍ କହନ୍ତୁ, ମନ୍ତ୍ରି ମହାଶୟ ! କାଞ୍ଚୀରାଜ କୁଶଳରେ ଥିଲେ ତ ? ନା, ଏ ପ୍ରଶ୍ନ ବା କାହିଁକି ? ଯାଆନ୍ତୁ, ମନ୍ତ୍ରି !

ମନ୍ତ୍ରୀ—କେଉଁଠି ?

ରାଜା—ଏଇକ୍ଷଣି ଦେଖିଲ ଭଲ, ମା ବିଶ୍ରାମ କରୁଥିବେ ।

ମନ୍ତ୍ରୀ—ଆସିବା ବେଳୁ ଆଉଟେ, ଅର୍ଜ୍ଜୁନ ସିଂହ ! ( ପ୍ରସ୍ଥାନ )

ରାଜା—ସ୍ୱଗତ— ସାରସ୍ୱତ ସେଣ୍ଟୁ ଦୁର୍ଗ ? ଓହୋ, ପଦ୍ମାବତି, କି ନିଷ୍ଠୁରତା ! ଯାର ପ୍ରେମରେ ଏ ଜୀବନ ଢାଳି ଦେଇଥିଲି, ସେ ଆଜି ଚଣ୍ଡାଳର ପତ୍ନୀ, ମନ୍ତ୍ରି, ତୁମ୍ଭେ ମଧ୍ୟ ନିଷ୍ଠୁର ! କପରି ଏ ଆଦେଶ ଗ୍ରହଣ କଲ ? କହିଲ ନିଶ୍ଚିତ—ପ୍ରାଣପ୍ରିୟା ପଦ୍ମାବତୀଙ୍କି ତୁମ୍ଭେ ଚଣ୍ଡାଳ ହସ୍ତରେ ଅର୍ପଣ କରିବ ! ଓଃ, କି ପିଶାଚ ମୁଁ ! ପଦ୍ମାବତି, ପିତା ନିର୍ବାସନ କରିଥିଲେ ପ୍ରେମ ଦେଯାଇଁ । କାହିଁକି ପୁଣି ଫେରି ଆସିଲ ? ବନଦେବତାରେ ବରଣ କରି ଜୀବନ ସୁଖ ନୈରାଶ୍ୟରେ ଅତିବାହିତ କରିଥାନ୍ତ । କାହିଁକି ? ସେ ସିଂହ ଶାର୍ଦ୍ଦୂଳ ବରଂ, ଏ ଯେ ଏକ ଭୟଙ୍କର ଶ୍ୱାପଦ । କି ଦୁଃଖ, ଓଃ କି ଘୃଣିତ କଳଙ୍କ ! ଚଣ୍ଡାଳ ! କାଞ୍ଚି ଓଡ଼ିଶାର ରାଜା ପୁରୁଷୋତ୍ତମ, କାଞ୍ଚି ଚଣ୍ଡାଳ ! ନା, ପୁରୁଷୋତ୍ତମ ତ ଚଣ୍ଡାଳ ! ତେବେ ଏକ ପକ୍ଷରେ ପଦ୍ମାବତୀ, ଅନ୍ୟ ପକ୍ଷରେ ଚଣ୍ଡାଳ । ଅସମ୍ଭବ । ଓଃ କି ନିଷ୍ଠୁର ପ୍ରତିଜ୍ଞା । ସବୁ ପ୍ରତିଜ୍ଞାର ପାଳନ ଜଗତରେ ସମ୍ଭବ ନୁହେଁ । ପ୍ରତିଜ୍ଞା କରିବା ଏକ୍ଷଣି ସମ୍ଭବକୁ ରକ୍ଷା କରିବାକୁ ଚେଷ୍ଟା, ତାହା ସମ୍ଭବ ? ସେହିପରି ଅସମ୍ଭବ ରାଜକନ୍ୟା ପ୍ରେମମୟୀ ପଦ୍ମିନୀ ପଦ୍ମାବତୀଙ୍କ ବିବାହ ଚଣ୍ଡାଳ ସହିତରେ । ନା ପଦ୍ମାବତି, ଏ ଦୁଃଖ ସିଂହାସନରେ ଆଣି ବସାଇବ, ଜୀବନର ପ୍ରେୟସୀ ବୋଲି ଅଶ୍ରୁଜଳରେ କରଯୁଗଳ ଧୋଇ ଦେବି । ନିଶ୍ଚୟ—ଦେବ, କ୍ଷମା ଦିଅ । କ୍ଷମା, କ୍ଷମା । ଅକ୍ଷମଣୀୟ ଏ ପାପ । ନା, ପଦ୍ମାବତି । ନା, ନା, ମୁଁ ପୁରୁଷୋତ୍ତମ ଦେବ ନୁହେଁ । ଓଡ଼ିଶାର ରାଜା ମୁଁ, ପ୍ରଜାପୁଞ୍ଜର ଶାସକ । ମୁଁ ଯଦି ଏ କାର୍ଯ୍ୟକରେ, କୁଳରେ କଳଙ୍କ ଦେବ, ଲୋକେ ଘୋଷଣା କରିବେ— ପୁରୁଷୋତ୍ତମ ଦେବ କାପୁରୁଷ, ଦୁର୍ବଳ, ଶଠ; ଭୀରୁ ରମଣୀର ବାହୁବନ୍ଧନ ପାଇଁ ପ୍ରତିଜ୍ଞା ଭଙ୍ଗ କଲେ । ପ୍ରତିଜ୍ଞାଭଙ୍ଗ ଦେବ ଦେଶର ଆଦର୍ଶ । ତା କି ହେବାର ଥାଏ ? ଏକ ପକ୍ଷରେ ସାମ୍ରାଜ୍ୟ, ତ୍ରିଭୁବନ ପ୍ରଜାପୁଞ୍ଜ, ଅନ୍ୟ ପକ୍ଷରେ ମୋର ପ୍ରେମିକ

କଳ୍ପନାର ବିଳାସ, ନା, ଜୀବନବ୍ୟାପୀ ଯନ୍ତ୍ରଣା ! ବିବାହ ଏଇ ଯନ୍ତ୍ରଣା ସଙ୍କଟରେ, ପଦ୍ମାବତୀଙ୍କର ଚଣ୍ଡାଳ ସହିତ ବିବାହ ସଙ୍ଗରେ ମୋର ବିବାହ ! ଆହା, ପଦ୍ମାବତୀ ! ନା, ରାମଚନ୍ଦ୍ର ପ୍ରଜାରଞ୍ଜନ ନିମନ୍ତେ ପ୍ରାଣାଧିକା ସୀତାଙ୍କୁ ପରିତ୍ୟାଗ କରିଥିଲେ, ଏ ଦେବଦ୍ରୋହୀ ବିଦାୟ ପଦ୍ମାବତୀ ! ଆଉ ସମ୍ଭବ ନୁହେଁ ! କ୍ଷମା କର ଦେବ ! ମୁଁ ପିଶାଚ, ନୃଶଂସ ଚଣ୍ଡାଳଠାରୁ ବଳି ଚଣ୍ଡାଳ । ବିଦାୟ, ବିଦାୟ, ବିଦାୟ ।

( ପ୍ରସ୍ଥାନ )

---

—ତୃତୀୟ ଦୃଶ୍ୟ—

ସ୍ଥାନ—କଟକର ରାଜପ୍ରାସାଦ

( ଇନ୍ଦୁମତୀ ଓ ଚାକରାଣୀଙ୍କର ଦୁଇଆଡ଼ୁ ପ୍ରବେଶ )

ଇନ୍ଦୁ—କିଏ, ଚାକରାଣୀ ? କେତେ ଖୋଜୁଥିଲି ଚାକରାଣୀ ! ଆଜି ଦିନଯାକ ସେ ତୋର ଦେଖା ନାହିଁ ?

ଚାକରାଣୀ—ମା ମହିମା, ମୁଣ୍ଡ ରହିଲେ ଭୁଣ୍ଡ ନଷ୍ଟ ।

ଇନ୍ଦୁ—ମୁଣ୍ଡ ତ ଅଛି, ଚାକରାଣୀ, ଭୁଣ୍ଡ କଷ୍ଟ ଏବେ ।

ଚାକରାଣୀ—ମନ୍ତ୍ରୀଙ୍କଘର ଗୁଣ୍ଡିଚାକୁ ସୁରଧୁନ ଯାଉଥିଲେ ସେ, ମୁଁ ସେଥିରେ ରହିଗଲି । ମା ମହିମା, ଅପରାଧ କରିଛି । ମୁଁ ଦଣ୍ଡ ଦିଅ !

ଇନ୍ଦୁ—ତତେ ତ କେତେ ଦଣ୍ଡ ଦେଇଛି, ଚାକରାଣୀ ! ଗୁଣ୍ଡିଚା ଆସି ହୋଇଗଲା । ଆଉ ବର୍ଷେ ଏଣିକି ସମୟକୁ—ଆହା, ବାପଘର ମୋର ପ୍ରାଣରେ ପିଞ୍ଜୁଳା ! ଅଭି କି ଦୁଃଖ ଅଛି, ଚାକରି; କୁଆଡ଼େ ଗଲା ? ଏତେଦିନରେ ସୁଦ୍ଧା ଥରେ ଦେଖିଲି ନାହିଁ । ଯା ଅବେଳରେ ଘରୁ ଗୋଡ଼ କାଢ଼ିଥିଲି, ସେ ଗୋଡ଼ ଆଉ ଲେଉଟିଲା ନାହିଁ ।

ଚାକରାଣୀ—ମହିମା, ମହାରାଜ ଏବେ ପୁରୁଷୋତ୍ତମରେ ଥିବେ । ଗୁଣ୍ଡିଚା ହେବ ପରା !

ଇନ୍ଦୁ—ହଁ, ପୁଅ ପୁରୁଷୋତ୍ତମ ଯାଉଛି । ପ୍ରଭୁ ଜଗନ୍ନାଥ ତାଙ୍କୁ ଦଣ୍ଡ ଦେଉଥାଇ ଋଚନ୍ତୁ, କେତେ ଯେ ଷକଟନ୍ତି ତାଙ୍କୁ ଭାବୁଛନ୍ତି । ଆହା, ପୁଅ ମୋର !

ପାର୍ବତୀ—ମହାରାଜା ଫେରିବେ କୁ' ଦିନ, ମଣିମା ?

ଇନ୍ଦୁ—ଗୁଣ୍ଡିଚା ସରିଲେ ଫେରିବେ, ପାର୍ବତୀ !

ପାର୍ବତୀ—ଏବର୍ଷ ଶୁଣୁଛି ଭଲ ରଥ ହୋଇଛି । କେମିତି ନନ୍ଦଘୋଷ ରଥ ହୋଇ ନ ଥିଲା, କ ହେବ ନାହିଁ ବୋଲି କହୁଛନ୍ତି !

ଇନ୍ଦୁ—ହୋଇଥିବ, ପାର୍ବତୀ ! ଏ ବର୍ଷ ଏ ନଗରରୁ ଭଲ ଭଲ କାଠ ଯାଇଛି ବୋଲି ସେ ସମୟରେ ଶୁଣା ଯାଉଥିଲା । ତୁ ଶୁଣିନାହୁଁ ?

ପାର୍ବତୀ—ହଁ ମଣିମା; ଶୁଣିଥିଲି । ଆହୁରି ମଧ୍ୟ ଲୋକେ କହୁଛନ୍ତି ଯେ, ଏ ବର୍ଷ ଅସୁମାରି ଲୋକ, ଟିମ୍ପୁ ଧାର ସରି ଲାଗିଛନ୍ତି ।

ଇନ୍ଦୁ—ହଉ, ପୁଅ ମୋର ଗୁଣ୍ଡିଚା ଯାତ୍ରା ବଢ଼ାଇ ସର୍ବସୁଖରେ ଫେରିଆସୁ । ଆଜି ମନ ଭାରି ହେଉଥିଲା ପାର୍ବତୀ ! ତତେ ଦେଖି ଟିକିଏ ଫେରଟାଇ ହୋଇଗଲା । ହଉ, ତୁ ଦୁଆରେ ଯାଉଥିଲୁ, ଯା, ମୁଁ ଯାଏ, ପାର୍ବତୀ !

ପାର୍ବତୀ—ଯାଉଛି, ମା ମଣିମା ! ଆଜି ଟିକିଏ ଛୁଟି କରି ଆସିବି ସନ୍ଧ୍ୟାବେଳକୁ ।

ଇନ୍ଦୁ—ହଉ, ଯା । (ଦୁଇଆଡ଼େ ପ୍ରସ୍ଥାନ)

---

## —ଚତୁର୍ଥ ଦୃଶ୍ୟ—

ସ୍ଥାନ—କଟକର ନଗରରେ

(ଶିକାରୀ ବେଶରେ ବସନ୍ତ, ନରସିଂହ ଦଣ୍ଡାୟମାନ )

ନର—ବାଜିଲୁ କାହିଁ !

ବସନ୍ତ—ଆଲୁଚେଲ ହବ ଚୁଢ଼ି ଚଲ । ଆଉ ଟିକିଏ ବାଜିଥାନ୍ତା, ନରସିଂହ ! ଅଚ୍ଛା, ତୁମେ ମାଇଲ ଦେଖି ।

ନର—ଆଜି ତ ଦିଶୁନାହିଁ, ବୁଢ଼ାଗଲେଣି ।

ବସନ—ହଁ ବୁଢ଼ାହେଲେଣି । ତେବେ ବାଜକୁଳ: ନରସିଂହ !

ନର—କେଜାଣି, ମତେ ଝପିଗଲା ପରି ଲାଗିଲା । ବାଜଥିବ ଅବା ।

ବସନ—ଆଚ୍ଛା, ବାଜ ନ ଥିଲେ ତ ଆଜୁଥରେ ଏତେଶୀ ମୁଣ୍ଡ କାଟିବ, ଦେଖିବା ।

ନର—ଏଇ ସେତେଲିଁ ଆଜୁତୋଟାଏ ମୁଣ୍ଡ କାଟିଚ । ତୁମେ ମାରିବ ?

ବସନ—କୁ' ଠେଇଁ, କାହିଁ ?

ନର—ଏଇ ସେତେଲି, ଦଶିଲା ? ଏଇ ଯେ ସେମା ଆଗା ଟି ନଜରଖ । ନାହିଁ ?

ବସନ—ହଁ ହଁ ହଁ ! (ତୃଳମାରି) ସା ଏ ନଜଟା ଝଟପଟ ହୋଇ-ଗଲେଣି, ନହେଲେ ଏଇଟା ବାଜ ଥାନ୍ତା ? ନିଶ୍ଚୟ !

ନର—ଓଃ ସେଥିପାଇଁ ପୁରୁଷୋତ୍ତମ ଦେବ ଯେ କାଶ୍ମୀରଟାକୁ ମାଗିଲେ । ଏନା ସ୍ୱୈଚ୍ଛେ ! କେତେକ କାଶ୍ମୀରଟାଏ ଯେ ! ସେଥିରୁ ନୂଆକ ଭେଣ୍ଡାଟାଏ ସେମିତି ବାହାରିଲା । ମାନସିକ ଗଲା ସେଥିରେ ।

ବସନ—ଏଇଟା ତ ଖୁବ୍ ବଡ଼ ଯେ ।

ନର—କେମୁଣ୍ଡିରେ କାଶ୍ମୀର ନାହାନ୍ତି । କାମସ୍ତାନରେ ଲ ଥିବେ ?

ବସନ—ସେ ରାଜ୍ୟରେ ଅନେକ । ରାମଚନ୍ଦ୍ର କହୁଥିଲେ, ସୋନପୁରରେ ଯଥା ଜୌଳସି କୌଶଳିପାରେ ଅଛନ୍ତି ।

( ସାଧାରଣ ବେଶରେ ରାମଚନ୍ଦ୍ର ଦେବଙ୍କର ପ୍ରବେଶ )

ବସନ—ଏଇ ତ ରାମଚନ୍ଦ୍ର ଆସିଲେଣି ! ଆସ, ରାମଚନ୍ଦ୍ର ! ଆମେ ଏଠାରେ କାଶ୍ମୀର ଶିକାର କରୁଛୁ । ତୁମେ ଇମିତିକା ଖାଲି, ହାତରେ ?

ନର—ରାମଚନ୍ଦ୍ର ଭାଇ, ତୁମର ଏତେ ବିଳମ୍ବ ଯେ ।

ରାମ—କେଉଁ କରୁଥିଲି ଜୁଆସରେ ବସି ।

ନର—ଆଜ ଯେ କାଞ୍ଚୀରୁ ଦୂତ ଫେରି ଆସିବାର ଥିଲା, ଆସିଲେଣି କି ?

ବସନ—ଏଇ ଆଜି ଗୋଟିଏ ମୁଣ୍ଡ କାଟିଲୁଣି ଦେଖ । ନରସିଂହ ! ଆହା, ପୁଣି ବାଢ଼ିଲା ।

ନର—ଆସିଲଣି ସେ, ରାମଚନ୍ଦ୍ର, ଭାଇ ?

ରାମ—ଏବେଳେ ଦୂତ ଆସି ପହଞ୍ଚିଲା, ତା ପରେ ତ ମୁଁ ଆସୁଛି ।

ନର—କଣ ସମ୍ବାଦ ?

ରାମ—କାଞ୍ଚୀରାଜା, ଶୁଣିଲ ତ ବଡ଼ ଦୁଃଖିତ, ଜୀର୍ଣ୍ଣ ଥିଲେ । ଏ ସମ୍ବାଦ ଶୁଣି ଚିନ୍ତାଏ ଅସ୍ଥିର ହେଲେ ।

ନର—ସୁମନ୍ତ୍ର ରାଜାଙ୍କ ଏକ ପୁଅ ମରିଗଲେ, ପଦ୍ମାବତୀଙ୍କ ପରି କନ୍ୟାର ଚଣ୍ଡାଳ ସଙ୍ଗରେ ବିବାହ, ଏଥିରେ କାହାର ମନ ହର୍ଷ ନ ହେବ ?

ବାମନ—ଆଜିଠାରେ ସେତିକି ମୁକ୍ତି କାହିଁକି, ଏହା ହେଉଥିବ ଏଥର ହାଜିର । ଶୁଣିଲ ନରସିଂହ, କୁଁଠି ଦେଖୁଛ ଟୋକାଏ ?

ନର—ନା ମତେ ତ ଜଣା ନାହିଁ । ଆଚ୍ଛା ରାମଚନ୍ଦ୍ର ଭାଇ, ରାଜା କେବେ ଆସିବେ ?

ରାମ—ଶୁଣିଲି, ଦୁଇ ଦିନ ପରେ ଆସି ପହଞ୍ଚିବେ । ମନ୍ତ୍ରୀ ଆସିଲେଣି । ମନ୍ତ୍ରୀର ବୁଦ୍ଧି ଭାରି, ନରସିଂହ !

ବାମନ—କା'ର ବୁଦ୍ଧି କହିଲ, ରାମଚନ୍ଦ୍ର ?

ରାମ—ଏ ମନ୍ତ୍ରୀ······ର ।

ବାମନ—ତା ନ ହେଲେ ଏତେ ବଡ଼ ଯୁଦ୍ଧରେ ପୁରୁଷୋତ୍ତମ ଜିଣିଥାନ୍ତା ? ଖୁବ ଚାଲାକ ମନ୍ତ୍ରୀ । ଦେଖିଲ ଯେ ପୁରୁଷୋତ୍ତମ ଏପରି ଟୋକାଏ ପ୍ରତିଜ୍ଞା କରୁଛି । ଜଗନ୍ନାଥଙ୍କ ଆଗରେ ଛେରାପହଁରା କରିଲେ ମଧ୍ୟ ଯେ ରାଜା ସେ କେବେ କଣ ଚଣ୍ଡାଳ ହୋଇଯିବ ? ସେତିକି ବେଳକୁ ପଦ୍ମାବତୀକୁ ନେଇ ପୁରୁଷୋତ୍ତମ ହାତରେ ଦେଉଛି, ଭେଟି ଚାଲାକ ମନ୍ତ୍ରୀ ।

ରାମ—ରାଜା ଛିଡ଼ିଥି, ସେ ପୁଣି ଚଣ୍ଡାଳ ହେବ କପରି ?

ବାମନ—ପୁରୁଷୋତ୍ତମ ମଧ୍ୟ ସେଥିରେ ଭୁଲିଗଲା । ସେହିଁ ପଦ୍ମାବତୀକି ଚଣ୍ଡାଳ ହାତରେ ଦେବାକୁ ମନସ୍ଥ କରିଥିଲା, ତାଙ୍କୁ ପୁଣି ନିଜେ ବିବାହ ହେବ । ବେଶ୍ ତ !

ରାମ—ଏ ଏକପ୍ରକାର ମିଥ୍ୟାଚାରର ଭିତର, ଭାଇ ?

ନର—ନା, ମିଥ୍ୟାଚାର କାହିଁକି ? ଏହା ରାଜୋଚିତ କର୍ମ । ଏ ଏକ ଉଚିତ, ଉନ୍ନତ ହୃଦୟର ଭାବ ପ୍ରାଣର !

ରମ—କାହାକୁ କଣ ଜଣା ପଡ଼େ । ନର ଦେଖନ୍ତି କ ଅନ୍ଧପରି, ଏକଟି ସାଧାରଣ ଚକ୍ଷୁକୁ, କିନ୍ତୁ ତାଙ୍କୁ ଦେଖିଲେ ମୁଗ୍ଧ । ତୁମେ ଏ କଥା ବୁଝ। ବୁଝିପାଅ, ନରସିଂହ! ତେବେ ଚିକ୍ ଆଖିରେ ସବୁ ଦେଖି ପାରିବ ।

ନର—କାହିଁକି, ପୁରୁଷୋତ୍ତମ ଦେବଙ୍କ ପ୍ରାଣରେ ଉଦାରତା ନାହିଁ ?

ବିକ୍ରମ—ଉଦାରତା ପ୍ରାଣରେ ନ ଥାଇ ମନୁଷ୍ୟ ଅଛି ?

ରମ—ଉଦାରତା କଣ ଆମ ପ୍ରାଣରେ ନାହିଁ, ନରସିଂହ ? ଆଜ ଡାକିଲେ ତ ପୁନରସ୍ତୁ ଯୁଦ୍ଧ କରି ପାରନ୍ତେ । ଥାଉ, ଆଜି କାହିଁକି ପୁଣି ?

ନର—ଆଜ ଯେ କାରାବାସରେ ଥାଆନ୍ତେ । ମନେ ଅଛି ସେକଥା ? "ଜନମେ ଯାହା ଚିନ୍ତ କରମେ ଥିବ ଲେଖା ।" ଗୀତ ପଦକ ମୋ ମନରୁ ଯିବନାହିଁ ।

ବିକ୍ରମ—ତା ବୁଝିହ କଣ ! ଏଇ ବାହାରିଲୁ, ନରସିଂହ, ବାହାରିଲୁ, ବାହାରିଲୁ ।

ନର—ମାର ତୁମେ, ହଇ !

ବିକ୍ରମ—ଆହା, ପୁଣି ତ ବୁଢ଼ି ଗଲୁ !

ନର—ଆଜ କି ଅବସ୍ଥା ହୋଇ ନ ଥାନ୍ତା । ମାଳବାର ଅଛି । ପୁରୁଷୋତ୍ତମ ଦେବ ଉଦାର ଯେପରି, ବୁଦ୍ଧିମାନ ମଧ୍ୟ ସେହିପରି । ସେଥିପାଇଁ ପିତା ତାଙ୍କ ହସ୍ତରେ ରାଜ୍ୟଭାର ଦେଇଛନ୍ତି । ସେ କଣ୍ଠ ଭ୍ରମ ବୁଝି ।

ରମ—ସେ କଥା ଆଉ ବିସ୍ତାର କରି କଣ ହେବ ? ଏବେ ଅନ୍ୟ ପ୍ରକାର ଜୀବନ ହୋଇଗଲା ।

ବିକ୍ରମ—କାହିଁ, ବୁଢ଼ି ତ ଗଲୁ । କେତେକାଳ ପାଗଳ !

ରମ—ନା, ଏବେ ଯେ ଏପରି ଭିନ୍ନଜୀବନ ହୋଇଗଲା, ସେହି କଥା ।

ବିକ୍ରମ—ହଁ, ସମସ୍ତେ ଅଲଗା ଅଲଗା ହୋଇ ରହିଲେ, କିଏ କୁଆଡ଼େ । ଆମେ ତିନିହେଁ ଏପରି ରହିଲେ । ତା ପରେ କିଏ ବନ୍ଧୁ, କିଏ ବଡ଼େଇ, କିଏ ବେଢ଼ାଗୋଳରେ ଯାଇ ରହିଲେ । ଏତିକ, ଖଣ୍ଡି ଖଣ୍ଡି ରାଜ୍ୟ ଚଳାଉଛନ୍ତି ।

ନର—କ ଉଦାରତା ପୁରୁଷୋତ୍ତମ ଦେବଙ୍କର । ଆମେମାନେ ଏତେ ଥର ବିଦ୍ରୋହ କଲୁ, ତଥାପି ସେ ମୁକ୍ତି ଦେଲେ ।

କେବଳ ସେତିକି ନୁହେଁ, ବୃଦ୍ଧ ଦେଇ ରାଜା ମଧ୍ୟ କହୁଅଛନ୍ତି।
ବୁଢ଼ା ହେବାର ଅଛି କଣ !

ବଳରାମ—କାହିଁ, ଆଉ ତ ବାହାରୁ ନାହାନ୍ତି ?

ନର—ମୁଁ ଟିକିଏ ଯାଏ, ଭାଇ, ଶୁଣିବା କାଞ୍ଚୀ ରାଜାଙ୍କର କି ସମ୍ବାଦ।

ବଳରାମ—ଆମେ ମଧ୍ୟ ଯିବା ଚାଲ। ଆସ, ରାମଚନ୍ଦ୍ର !

ରାମ—ଚାଲ, ଭାଇ ! କାହିଁ କିଛି ମାରୁ ତ ନାହିଁ ?

ବଳରାମ—ଟୋକିଏ ମାରୁଛି ଯେ ଭୂମି ଯାଉଛି। କାଲି ଫେରୁ ଆସିବା।
ବିଳମ୍ବ ହୋଇଗଲାଣି ଚାଲ। (ପ୍ରସ୍ଥାନ)

---

## —ପଞ୍ଚମ ଦୃଶ୍ୟ—

ସ୍ଥାନ—କଟକର ରାଜପ୍ରାସାଦ

[ ପୁରୁଷୋତ୍ତମ ଦେବ, ଚନ୍ଦ୍ରାବତୀ କଳେବରେଶ୍ୱର, ମନ୍ତ୍ରୀ, ସେନାପତି,
ଅର୍ଜୁନସିଂହ, ବଳରାମ ଦେବ, ରାମଚନ୍ଦ୍ର ଦେବ,
ନରସିଂହ ଦେବ, ପ୍ରଭୃତି ଉପସ୍ଥିତ ]

ନର୍ତ୍ତକୀ— ଆସ ହେ ନିମିଷେ ସ୍ୱର୍ଗ ଦେବତା
ଅବତରି ମର୍ତ୍ତ୍ୟ-ଭୁବନେ,
ପୁଲକ ପରଶେ ପ୍ରେମିକ ପ୍ରେମିକା
ବସିଛନ୍ତି ମଧୁ ମିଳନେ। ଶୋଭା !
ଏ ତ ଅତି ମଧୁମୟ ଯାମିନୀ ଶରତର ଶତ ସମ୍ପଦ ଜିଣି,
ଫେରିବେ ନ ହୁଏ ସତେ, ଅବା
ଆସି ବସିଯାଏ କିଣି ସପନେ।
ଆଜି ଅଳି ଖେଳେ କୁସୁମ ବନେ, ଫୁଲରେଣୁ ମିଶିଯାଏ ଅଞ୍ଚଳେ,
ନିଶାମଣି ଆଜି କୁମୁଦିନୀ ମୁଖେ
ପରଶେ ପୀୟୂଷ ଗୋପନେ,
ମଳୟ ଗାଇ ତା ପ୍ରେମ-ଗୀତ ତାନ
ଶୋଭିଲୁ ସୁମନେ ସୁମନେ। (ପ୍ରସ୍ଥାନ)

ମନ୍ତ୍ରୀ—ଉତ୍କଳ ଦେଶରେ ପରମ ସୌଭାଗ୍ୟର କଥା ଯେ, କାଞ୍ଚୀର କାଞ୍ଚନ, ପ୍ରେମ ସୋହାଗ-ଲୁପ୍ତ ସୁବର୍ଣ୍ଣ ସୂତ୍ରରେ ଉତ୍କଳ ଆଉ କାଞ୍ଚୀ ଆଜି ଏକ ମାଳାରେ ଗୁନ୍ଥା ।

କପିଳ—ପରମ ଆହ୍ଲାଦର ସାମଗ୍ରୀ, ଆର୍ଯ୍ୟ ! ଏ ଦୃଶ୍ୟ ବୃଦ୍ଧ ନୟନରେ ଦେଖିବି, ସ୍ୱପ୍ନରେ ସୁଦ୍ଧା ଭାବିଥି ନ ଥିଲି ! ଏ ଯେପରି ପଙ୍କସାଗରରୁ ପଦ୍ମର ଜନ୍ମ, ନିଶୀଥିନୀର ବିକଟ ତମୋମଧ୍ୟରୁ ଉଜ୍ଜ୍ୱଳ ଅରୁଣର ପ୍ରକାଶ । ଆଜି ଏ ପ୍ରାଣ ପୁରି ଉଠୁଅଛି । ଚତୁର୍ଦ୍ଦିଗରେ ଆଜି ଆକାଶ ପବନରେ ଆହ୍ଲାଦର କି ମଧୁର ଉଦ୍‌ବେଳନ ! ଅହା ପ୍ରଭୁଦେବଙ୍କର କି କମନୀୟ ଲୀଳା !

ରାଜା—( ପ୍ରଣାମ କରି ) କ୍ଷମା କରିବେ ପିତା !

ବଧୂ—( ପ୍ରଣାମ କରି ) ।

କପିଳ—ଚିରଜୀବୀ ହୁଅ, ପୁତ୍ର କନ୍ୟା ମୋର ! ବାବା ପୁରୁଷୋତ୍ତମ, ଏ ପୁଣ୍ୟ ଉତ୍କଳଭୂମିର ତୁମେ ସମ୍ରାଟ୍ । ଉତ୍କଳଦେଶ ତୁମ୍ଭ ପରି ରାଜପୁରୁଷପାଇ ଆଜି ଧନ୍ୟ । ମୁଁ ରଣଭୂମିରେ ତୁମ୍ଭର ବୀରତ୍ୱ ଦେଖିଅଛି, ଶାନ୍ତିବେଳେ ତୁମ୍ଭର ଉଦାରତା ଅନୁଭବ କରୁଅଛି । ବାବୁ, ତୁମ୍ଭଭଳି ମହାପୁରୁଷଙ୍କ ହସ୍ତରେ ମୋର କନ୍ୟା ପଦ୍ମାବତୀକି ଦେଇ ଆଜି ମୁଁ ଧନ୍ୟ । ମା ପଦ୍ମ ସୁଖ ଦୁଃଖର ଚିରସମ୍ପଦ ମୋର, ପ୍ରାଣରେ ଏହାର ଶତାଂଶ ଶାନ୍ତି ଲଭି ନଥାନ୍ତି, ଯଦି ପୁରୁଷୋତ୍ତମ ଦେବଙ୍କ ପରି ବୀର, ଉଦାର ପୁରୁଷଙ୍କ ଜୀବନର ସହଚରୀ, ସହଧର୍ମିଣୀ କରି ତୋତେ ଆଜି ନ ଦେଖିଥାନ୍ତି । ଏ ଦ୍ରୁମ, ତଟିନୀ, ସାଗର, ପ୍ରାନ୍ତର, ଗିରିବନମୟ ପୁରୁ ଶୋଭା ମଧ୍ୟରେ, ମା ମୋର, ଜୀବନର ଅନନ୍ତ ବାସନା ପୂରାଇ ସୁଖ, ଶାନ୍ତିରେ କାଳ ଯାପନ କରିବୁ । ଭଗବାନ୍, ତୁମ୍ଭର ଅସୀମ କରୁଣା ଏ ଯୁଗଳ ହୃଦୟରେ ଢାଳିଦିଅ । ଅନନ୍ତ ଦୟା ତୁମ୍ଭର, ଅନନ୍ତ ତୁମ୍ଭର ମଙ୍ଗଳ-ବିଧାନ, ପ୍ରଭୁ !